79th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

# The Prajatantra

ଝଙ୍କାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୩୩୪ ● କଟକ ● ଗୁରୁବାର ● ୦୯ ଜୁଲାଇ-୨୦୨୬ ● କର୍କଟ-୦୯ ● ସାଲ୍-୧୪୩୧

CUTTACK ● THURSDAY ● 09 JULY-2026 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

## ମହାନଦୀ ବନ୍ୟାଜଳ ପରିଚାଳନା ନେଇ ମନ୍ଥନ

# ଓଡ଼ିଶା-ଛତିଶଗଡ଼ ଆଲୋଚନା

**ସମ୍ବଲପୁର,(ପିପିଏସ୍):**

ବର୍ଷାଦିନରେ ମହାନଦୀ ଏବଂ ହୀରାକୁଦ ଡ୍ୟାମ୍‌ର ବନ୍ୟା ଜଳ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ। ସମ୍ବଲପୁରରେ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ଅଧ୍ୟକ୍ଷତାରେ ଓଡ଼ିଶା ଏବଂ ଛତିଶଗଡ଼ ଜଳସମ୍ପଦ ବିଭାଗ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଉଭୟ ରାଜ୍ୟ ମଧ୍ୟରେ ବର୍ଷା ସମୟରେ ସୂଚନା ଆଦାନ ପ୍ରଦାନ ନେଇ ଆଲୋଚନା ହୋଇଛି। ତେବେ ଆଗକୁ ହୀରାକୁଦ ଡ୍ୟାମ୍‌ର ବନ୍ୟା ଜଳ ପରିଚାଳନା ସହଜ ହେବ ବୋଲି ଆଶା କରାଯାଉଛି। ଏନେଇ ହୀରାକୁଦ ଡ୍ୟାମ୍‌ର ମୁଖ୍ୟଯନ୍ତ୍ରୀ ପ୍ରତାପ ଚୌଧୁରୀ ସୂଚନା ଦେଇ କହିଛନ୍ତି ଯେ ବୁର୍ଲା ଅଶୋକ ନିବାସ ଠାରେ ବନ୍ୟା ବିପର୍ଯ୍ୟୟ ପରିଚାଳନା ନେଇ ଛତିଶଗଡ଼ ଓ ଓଡ଼ିଶାର ଜଳସମ୍ପଦ ବିଭାଗର ଅଧିକାରୀଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଡବ୍ଲ୍ୟୁସି ଏହି ବୈଠକ ପାଇଁ ଆଗୁଆ ସମୟ ଓ ସ୍ଥାନ ଧାର୍ଯ୍ୟ କରି ଉଭୟ ରାଜ୍ୟର ଜଳ ସମ୍ପଦ ବିଭାଗର ଅଧିକାରୀଙ୍କୁ ବୈଠକ ନେଇ ଆଗୁଆ ସୂଚନା ଦେଇଥିଲେ। ଏହି ବୈଠକରେ ବହୁତ ଭଲ ଭାବେ ଆଲୋଚନା ହୋଇଥିଲା। ବୈଠକରେ ଏହି ବର୍ଷା ଦିନେ ଛତିଶଗଡ଼ ଓ ଓଡ଼ିଶା ରାଜ୍ୟ ମଧ୍ୟରେ ବୃଷ୍ଟିପାତ ସମ୍ପର୍କିତ ତଥ୍ୟ, ବନ୍ୟା ଜଳ କେତେ ପ୍ରବାହିତ ହେଉଛି ସେନେଇ ତଥ୍ୟ ଆଦାନ ପ୍ରଦାନ କିପରି ଭଲ ଭାବେ ହୋଇ ପାରିବ ସେନେଇ ଆଲୋଚନା ହୋଇଛି। ଏହି ବୈଠକରେ ଓଡିଶା ସରକାରଙ୍କ ଇଆଇସି ସିଶୀଳ ବେହେରା, ହୀରାକୁଦର ମୁଖ୍ୟଯନ୍ତ୍ରୀଙ୍କ ସହ ଚିଫ୍ ଇଞ୍ଜିନିଅର, ଡ୍ୟାମ୍ ସେଫଟି ଅଫିସର ଥିବା ବେଳେ ଛତିଶଗଡ଼ ସରକାରଙ୍କ ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରଣବ ପାଲ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ ଆସିଷ୍ଟାଣ୍ଟ ଇଞ୍ଜିନିଅର ଯୋଗ ଦେଇଥିଲେ। ମହାନଦୀ ଆଣ୍ଡ ଇଷ୍ଟର୍ନ ରିଭର୍ସ ଅର୍ଗାନାଇଜେସନ, ଭୁବନେଶ୍ୱର, ସିଡବ୍ଲ୍ୟୁସି ମୁଖ୍ୟଯନ୍ତ୍ରୀ ନାଗା ମୋହନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସିଡବ୍ଲ୍ୟୁସିର ମୁଖ୍ୟଯନ୍ତ୍ରୀ କହିଛନ୍ତି, ଉଭୟ ଛତିଶଗଡ଼ ଓ ଓଡ଼ିଶା ରାଜ୍ୟର ଜଳ ସମ୍ପଦ ବିଭାଗ ଅଧିକାରୀଙ୍କୁ ଡାକି ଆଲୋଚନା କରିଛୁ । ଏହି ବୈଠକରେ ବନ୍ୟା ଜଳ ପ୍ରବାହ ଓ ବୃଷ୍ଟିପାତ ସମ୍ପର୍କିତ ତଥ୍ୟ ଆଦାନ ପ୍ରଦାନ କରିବାକୁ ଉଭୟ ରାଜ୍ୟକୁ କହିଥିଲୁ, ଯେଉଁଥିରେ ଉଭୟ ରାଜ୍ୟ ସହମତ ହୋଇଛନ୍ତି। ହୀରାକୁଦର ଉପର ମୁଣ୍ଡରେ ଥିବା ମହାନଦୀର ଅବବାହିକା ଓ ହୀରାକୁଦ ତଳ ମୁଣ୍ଡର ଅବବାହିକାର ବୃଷ୍ଟି ପାତ, ଛତିଶଗଡ଼ ପଟୁ କେତେ ପରିମାଣର ବନ୍ୟା ଜଳ ଆସୁଛି, କେଉଁ ଡ୍ୟାମ୍‌ରୁ କେତେ ବନ୍ୟା ଜଳ ଛଡ଼ାଯାଉଛି ଏହାର ଆଗୁଆ ସୂଚନା ଆଦାନ ପ୍ରଦାନ ବିଷୟରେ ଆଲୋଚନା ହୋଇଛି। ଏହାଦ୍ୱାରା ଓଡ଼ିଶାରେ ହୀରାକୁଦ ଡ୍ୟାମ୍‌ର ବନ୍ୟା ଜଳ ପରିଚାଳନା ଓ ବନ୍ୟା ନିୟନ୍ତ୍ରଣ ସହଜ ହୋଇ ପାରିବ। ଏହାସହ ବର୍ତ୍ତମାନ ଆଇଏମ୍‌ଡିରୁ ବୃଷ୍ଟି ପାତର ତଥ୍ୟ ସିଡବ୍ଲ୍ୟୁସିର ଗେଜ୍ ଡିସଚାର୍ଜ ସେଣ୍ଟରରୁ ତଥ୍ୟ ନିଆଯିବା ସହ ଦୁଇରାଜ୍ୟର ଗେଜ ଡିସଚାର୍ଜ ସେଣ୍ଟରରୁ ତଥ୍ୟ ସଂଗ୍ରହ କରାଯାଇ ସମସ୍ତେ ଆଦାନ ପ୍ରଦାନ କରିବେ ଯାହା ଦ୍ୱାରା ବନ୍ୟା ପରିଚାଳନା ସହଜ ହେବ। ତେଣୁ ଆମେ ମିଳିମିଶି କାମ କରିବାକୁ ଗୁରୁତ୍ୱ ଦେଉଛୁ। ଅନ୍ୟପଟେ ଛତିଶଗଡ଼ ରାଜ୍ୟର ଜଳ ସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରଣବ ପାଲ କହିଛନ୍ତି ଯେ ପ୍ରତ୍ୟେକ ବର୍ଷ ମୌସୁମୀ ପୂର୍ବରୁ ଏହି ବୈଠକ ଅନୁଷ୍ଠିତ ହୋଇଥାଏ। ମୁଖ୍ୟତଃ ବର୍ଷା ଦିନେ ଅତ୍ୟଧିକ ବର୍ଷା ହେଲେ ଡ୍ୟାମ୍ ଓ ବ୍ୟାରେଜ୍‌ଗୁଡିକର ଗେଟ ଖୋଲିଲେ ଯେମିତି ଆଗୁଆ ସୂଚନା ଆଦାନ ପ୍ରଦାନ କରାଯିବ ସେନେଇ ଆଲୋଚନା ହୋଇଛି। କେମିତି ବନ୍ୟାଦ୍ୱାରା ଧନ ଜୀବନ ନଷ୍ଟ ନହେବ ସେନେଇ ଆଲୋଚନା କରିଛୁ। ସୂଚନା ଆଦାନ ପ୍ରଦାନ ନେଇ ଉଭୟ ରାଜ୍ୟର ଅଧିକାରୀମାନଙ୍କୁ ନେଇ ଏକ ହ୍ୱାଟ୍ସ ଆପ୍ ଗ୍ରୁପ ମଧ୍ୟ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ମହାନଦୀ ବେସିନକୁ ମୋଟ୍ ତିନୋଟି ବୃହତ୍ ଭାଗରେ ବିଭକ୍ତ କରାଯାଇ ବନ୍ୟା ନିୟନ୍ତ୍ରଣର ସମୀକ୍ଷା କରାଯାଉଛି। ଏଥିମଧ୍ୟରୁ ସିଷ୍ଟମ-୨ର ସଂପୂର୍ଣ୍ଣ କାର୍ଯ୍ୟକାରିତା ହୀରାକୁଦ ଡ୍ୟାମ ଅଞ୍ଚଳରେ ହେଉଥିବା ବେଳେ ଆସନ୍ତା ମାସରେ ଛତିଶଗଡ଼ର ରାୟପୁରଠାରେ ସିଷ୍ଟମ-୧କୁ ନେଇ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ବୈଠକରେ ଆଲୋଚନା ହୋଇଛି।



## ଖୋଲିବ ୪ ଗେଟ୍, ପ୍ରତି ସେକେଣ୍ଡରେ ଛଡ଼ାଯିବ ୧ ଲକ୍ଷ କ୍ୟୁସେକ୍

## ଆଜି ହୀରାକୁଦରୁ ନିଷ୍କାସନ ହେବ ପ୍ରଥମ ବନ୍ୟାଜଳ

**ସମ୍ବଲପୁର,(ପିପିଏସ୍):**


ରାଜ୍ୟରେ ବର୍ଷାର ପରିମାଣ କମୁଥିବା ବେଳେ ଉପରମୁଣ୍ଡରୁ ଆସୁଥିବା ପ୍ରବଳ ଜଳପ୍ରବାହ ଯୋଗୁଁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଗୁରୁବାର ସକାଳ ୧୧ଟାରେ ହୀରାକୁଦ ବନ୍ଧର ୪ଟି ଗେଟ୍ ଖୋଲି ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ। ପ୍ରଥମ ପର୍ଯ୍ୟାୟରେ ପ୍ରତି ସେକେଣ୍ଡରେ ୧ ଲକ୍ଷ କ୍ୟୁସେକ ଜଳ ଛଡ଼ାଯିବାର ଯୋଜନା ରହିଛି । ସନ୍ଧ୍ୟା ସୁଦ୍ଧା ସ୍ଥିତିର ସମୀକ୍ଷା ପରେ ଆବଶ୍ୟକ ପଡ଼ିଲେ ଆଉ ୨ଟି ଗେଟ୍ ଖୋଲାଯିବ ବୋଲି ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୧.୨୩ ଫୁଟ୍ ରହିଥିବା ବେଳେ ପ୍ରତି ସେକେଣ୍ଡରେ ୨ଲକ୍ଷ ୬୨ହଜାର କ୍ୟୁସେକ ଜଳ ଜଳଭଣ୍ଡାରକୁ ପ୍ରବେଶ କରୁଛି। ଏହି ପରିସ୍ଥିତିକୁ ନଜରରେ ରଖି ମହାନଦୀରେ ବନ୍ୟା ନିୟନ୍ତ୍ରଣ ଓ ଜଳ ପରିଚାଳନା ନେଇ ହୀରାକୁଦରେ ଫ୍ଲଡ୍ କ୍ରାଇସିସ୍ ମ୍ୟାନେଜମେଣ୍ଟ ଟିମ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି। କେନ୍ଦ୍ରୀୟ ଜଳ ଆୟୋଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ବରିଷ୍ଠ ଯନ୍ତ୍ରୀମାନେ ଯୋଗଦେଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କୌଣସି ବନ୍ୟା ଆଶଙ୍କା ନଥିବା ସର୍ବୋଚ୍ଚ ଯନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଏପଟେ ମୁଣ୍ଡଳୀଠାରେ ବର୍ତ୍ତମାନ ୪ ଲକ୍ଷ ୮୦ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି।



# ଇରାନ ସହିତ ଯୁଦ୍ଧବିରତି ଶେଷକଲେ ଟ୍ରମ୍ପ୍

## ରାତିରେ ପ୍ରଚଣ୍ଡ ଆକ୍ରମଣ କରିବାକୁ ଚେତାବନୀ

## ଇରାନ୍‌କୁ ପରମାଣୁ ଅସ୍ତ୍ର ହାସଲ କରିବାକୁ ଦେବୁନି



## ● ଇରାନର ଆକ୍ରମଣ କ୍ଷମତାକୁ ସମ୍ପୂର୍ଣ୍ଣ ନଷ୍ଟ କରିବୁ

**ଅଙ୍କାରା,(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର କହିଛନ୍ତି ଯେ ଇରାନ ସହିତ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିର ମିଆଦ ଶେଷ ହୋଇଯାଇଛି, କିନ୍ତୁ ସେ ଆଲୋଚନା ଜାରି ରଖିବାକୁ ଅନୁମତି ଦେବେ । ମୋ ପାଇଁ ମୁଁ ଭାବୁଛି ଏହା ଶେଷ ହୋଇଯାଇଛି। ଅଙ୍କାରାରେ ସାମରିକ ମେଣ୍ଟର ବାର୍ଷିକ ଶିଖର ସମ୍ମିଳନୀରେ ନାଟୋ ସଚିବ ଜେନେରାଲ ମାର୍କ ରୁଟେଙ୍କ ପାଖରେ ବସି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହା କହିଛନ୍ତି। ଯେପର୍ଯ୍ୟନ୍ତ ମୁଁ ଚିନ୍ତିତ, ଏହା କେବଳ ସମୟର ଅପଚୟ ବୋଲି ଟ୍ରମ୍ପ୍ ଆହୁରି କହିଛନ୍ତି। ତୁର୍କୀର ଅଙ୍କାରାରେ ଦୁଇ ଦିନିଆ ଉତ୍ତର ଆଟଲାଣ୍ଟିକ୍ ଚୁକ୍ତି ସଂଗଠନ(ନାଟୋ) ଶିଖର ସମ୍ମିଳନୀ ଅବସରରେ ସେ ଏହି ମନ୍ତବ୍ୟ ଦେଇଛନ୍ତି। ବୁଧବାର ସକାଳେ ଆମେରିକା ସେନା ଇରାନ ଉପରେ ଆକ୍ରମଣ କରିବାର କିଛି ଘଣ୍ଟା ପରେ ତାଙ୍କର ମନ୍ତବ୍ୟ ଆସିଛି, ଯେତେବେଳେ ଆମେରିକା କହିଥିଲା ଯେ ତେହେରାନ ହର୍ମୁଜ ପ୍ରଣାଳୀରେ ତିନିଟି ଜାହାଜ ଉପରେ ଆକ୍ରମଣ କରିଛି । ଇରାନ, ବାହାରିନ ଏବଂ କୁଏ୍ୱେତରେ ଥିବା ଆମେରିକୀୟ ଘାଟି ଉପରେ ବହୁ ଆକ୍ରମଣ କରି ପ୍ରତିଶୋଧ ନେଇଛି। ଆମେରିକାର ଆକ୍ରମଣ ପରେ, ତେହେରାନ ତୁରନ୍ତ ୱାଶିଂଟନକୁ ଚେତାବନୀ ଦେଇଥିଲା ଯେ ଏହା ଯାହା ଆବଶ୍ୟକ ମନେ ହେବ ତାହା କରିବ। ଫଳରେ ଯୁଦ୍ଧ ବନ୍ଦ କରିବା ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମା ଭାଙ୍ଗିପାରେ, ଯାହା ମଧ୍ୟପ୍ରାଚ୍ୟରେ ଏକ ବଡ଼ ସଂଘର୍ଷର ଆଶଙ୍କା ସୃଷ୍ଟି କରିଛି। ଆମେରିକା ନୌସେନାର ୫ମ ଫ୍ଲିଟ୍ ନୌବାହିନୀର ଘର ବାହାରିନ ଏବଂ ଆମେରିକୀୟ ସେନାର ଘର କୁଏ୍ୱେତ, ଉଭୟ ବୁଧବାର ସକାଳେ ଇରାନ ଉପରେ ଆମେରିକାର ଆକ୍ରମଣ ପରେ କ୍ଷେପଣାସ୍ତ୍ର ସତର୍କତା ଜାରି କରିଥିଲେ। ଜାହାଜ ଚଳାଚଳ ଉପରେ ଆକ୍ରମଣ ଏବଂ ଇରାନ ଉପରେ ପ୍ରଭାବଶାଳୀ ଆକ୍ରମଣ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ଦିନବ୍ୟାପୀ ଅନ୍ତିମ ସଂସ୍କାର ସମୟରେ ଘଟିଥିଲା। ଯିଏ ଫେବୃଆରୀ ୨୮ ତାରିଖରେ ଯୁଦ୍ଧର ପ୍ରାରମ୍ଭିକ ଆକ୍ରମଣରେ ୮୬ବର୍ଷ ବୟସରେ ପ୍ରାଣ ହରାଇଥିଲେ। ଗୁରୁବାର ଦିନ ଶେଷ ହେବାକୁ ଥିବା ଅନ୍ତିମ ସଂସ୍କାର କମ୍ ଉତ୍ତେଜନାର ସମୟ ହେବା କଥା ଥିଲା। ହେଲେ ଶୋକରେ ଥିବା ନାଗରିକମାନେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ହତ୍ୟା ପାଇଁ ବାରମ୍ବାର ଆହ୍ୱାନ ଦେଇଛନ୍ତି। ଖାମେନିଙ୍କ ଶବଦାହ ପରେ ଏକ ଚୂଡ଼ାନ୍ତ ଚୁକ୍ତିରେ ପହଞ୍ଚିବା ପାଇଁ ଆଲୋଚନା ଆରମ୍ଭ ହେବାର ଥିଲା, ଯେଉଁଥିରେ ହର୍ମୁଜ୍ ପ୍ରଣାଳୀକୁ ସମ୍ପୂର୍ଣ୍ଣ ପୁନଃଖୋଲିବା ଏବଂ ତେହେରାନର ବିବାଦୀୟ ପରମାଣୁ କାର୍ଯ୍ୟକ୍ରମକୁ ଫେରାଇ ଆଣିବା ସମେତ ସବୁଠାରୁ କଷ୍ଟକର ପ୍ରସଙ୍ଗ ଉପରେ ଧ୍ୟାନ ଦିଆଯିବା କଥା ଥିଲା। କିନ୍ତୁ ନୂତନ ଆକ୍ରମଣ ଏହା ଉପରେ ପ୍ରଶ୍ନ ଉଠାଇଛି। ଇରାନର ସଂସଦ ବାଚସ୍ପତି, ମହମ୍ମଦ ବାଘେର ଗାଲିବାଫ ଟ୍ୱିଟରରେ ଲେଖିଛନ୍ତି, 'ଧମକ ଏବଂ ଚାନ୍ଦା ଆଦାୟର ଯୁଗ ଶେଷ ହୋଇଛି। ଏହା କିଛି ହାସଲ କରିବ ନାହିଁ । ଆମେ ମୁଣ୍ଡ ନୁଆଁଇବୁ ନାହିଁ।'

## ଆଜି ଆସୁଛନ୍ତି ଉପରାଷ୍ଟ୍ରପତି

**ଭୁବନେଶ୍ୱର,(ପିପିଏସ୍):**

ଗୁରୁବାର ଓଡ଼ିଶା ଆସିବେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରୀଷ୍ଣନ। ଦିନିକିଆ ଗସ୍ତକାଳରେ ସେ ରାଜଧାନୀ ଭୁବନେଶ୍ୱରରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ। ଓୟୁଏଟି ପରିସରରେ ଗଭୀର ସମୁଦ୍ରରେ ମତ୍ସ୍ୟଚାଷ ପାଇଁ ଅନୁମତି ପତ୍ର ପ୍ରଦାନର ଶୁଭାରମ୍ଭ କରିବା ସହ ଓଡ଼ିଶା ଡିପ୍ ସି ଫିସିଂ ମିଶନ'କୁ ଉନ୍ମୋଚନ କରିବେ। ଏହାପରେ ଉପରାଷ୍ଟ୍ରପତି ଜଟଣୀରେ ଥିବା ଜାତୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥାନ (ନାଇଜର)ର ୧୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାବରେ ଅଭିଭାଷଣ ପ୍ରଦାନ କରିବା କାର୍ଯ୍ୟକ୍ରମ ରହିଛି। ଉପରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଆପଣାଯାଇଛି।



## ପ୍ରକାଶ ପାଇଲା +୨ ପ୍ରଥମ ପର୍ଯ୍ୟାୟ ନାମଲେଖା ମେରିଟ୍ ଲିଷ୍ଟ

# କଟ୍-ଅଫ୍ ମାର୍କରେ ରେଭେନ୍ସା ଶୀର୍ଷ

*ପ୍ରକାଶ ପାଇଲା ଯୁକ୍ତ ଦୁଇ ପ୍ରଥମ ପର୍ଯ୍ୟାୟ ନାମଲେଖା ମେରିଟ ଲିଷ୍ଟ। ପ୍ରଥମ ପର୍ଯ୍ୟାୟରେ ୪,୨୯,୨୧୯ ଛାତ୍ରଛାତ୍ରୀ ମନୋନୀତ।*

**ଭୁବନେଶ୍ୱର,(ପିପିଏସ୍):** ପ୍ରକାଶ ପାଇଲା ଯୁକ୍ତ ଦୁଇ (+୨) ପ୍ରଥମ ପର୍ଯ୍ୟାୟ ନାମଲେଖା ମେରିଟ୍ ଲିଷ୍ଟ। ପ୍ରଥମ ପର୍ଯ୍ୟାୟରେ ୪,୨୯,୨୧୯ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ସିଲେକ୍ସନହାର ପ୍ରାୟ ୯୩.୦୪% ରହିଛି। କଳାରେ ୨,୭୬,୯୨୫ ଓ ବିଜ୍ଞାନରେ ୧,୨୧,୪୯୪ ଜଣ ଶିକ୍ଷାର୍ଥୀ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାପାଇଁ ମନୋନୀତ ହୋଇଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଯୁକ୍ତଦୁଇ ଇ-ନାମଲେଖାର ପ୍ରଥମ ପର୍ଯ୍ୟାୟ ମନୋନୟନ ପ୍ରକ୍ରିୟା ଶେଷହୋଇଛି। ଏଥିରେ ମୋଟ୍ ୪,୬୧,୩୨୫ ଆବେଦନକାରୀଙ୍କ ମଧ୍ୟରୁ ପ୍ରାୟ ୯୩.୦୪ ପ୍ରତିଶତ ଅର୍ଥାତ୍ ୪,୨୯,୨୧୯ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ମନୋନୀତ ଶିକ୍ଷାର୍ଥୀଙ୍କ ମଧ୍ୟରେ କଳାରେ ୨,୭୬,୯୨୫, ବିଜ୍ଞାନରେ ୧,୨୧,୪୯୪, ବାଣିଜ୍ୟରେ ୧୯,୮୪୪, ଉପଶାସ୍ତ୍ରୀରେ ୬,୧୩୪, ଧନ୍ଦାମୂଳକ ଶିକ୍ଷାରେ ୪,୮୨୨ ଜଣ ଛାତ୍ର ଛାତ୍ରୀ ରହିଛନ୍ତି । ସେହିଭଳି ଭାବରେ ଏଥିମଧ୍ୟରୁ ୨,୦୦,୪୯୩ ଜଣ ଛାତ୍ର ଥିବାବେଳେ ୨,୨୮,୬୭୫ ଜଣ ଛାତ୍ରୀ ଏବଂ ୫୧ ଜଣ ତୃତୀୟଲିଙ୍ଗୀ ବର୍ଗର ବିଦ୍ୟାର୍ଥୀ ଅଛନ୍ତି । ଏଥିସହ ମୋଟ ମନୋନୀତଙ୍କ ମଧ୍ୟରୁ ୨,୭୪,୪୫୪ ଜଣଙ୍କୁ ସେମାନଙ୍କର ପ୍ରଥମ ପସନ୍ଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମିଳିଥିବା ବେଳେ ୩୨,୧୦୬ ଜଣ ପ୍ରଥମ ପର୍ଯ୍ୟାୟରେ ବାଦ ରହିଥିବା ବେଳେ ଦ୍ୱିତୀୟ ଓ ସ୍ପଟ୍ ସିଲେକ୍ସନ ପାଇଁ ସୁଯୋଗ ପାଇବେ। ବିଭିନ୍ନ ବିଭାଗର କଟ୍-ଅଫ୍ ମାର୍କକୁ ଦେଖିଲେ, କଟକର ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାରେ ୮୧%, ବାଣିଜ୍ୟରେ ୮୨.୪୦% ଏବଂ ବିଜ୍ଞାନରେ ସର୍ବାଧିକ ୯୩.୪୦% କଟ୍-ଅଫ୍ ସହ ଶୀର୍ଷରେ ରହିଛି। ଯେଉଁଠି ଧନ୍ଦାମୂଳକ ଶିକ୍ଷାରେ କଳାହାଣ୍ଡି ଧର୍ମଗଡ଼ର ସରକାରୀ ଭୋକେସନାଲ୍ ବିଦ୍ୟାଳୟ ୭୪.୬୭%, ଉପଶାସ୍ତ୍ରୀରେ କନ୍ଧମାଳ ଚକାପାଦର ଗୁରୁକୁଳ ସଂସ୍କୃତ ବିଦ୍ୟାଳୟ ୫୭% କଟ୍-ଅଫ୍ ସହ ଶୀର୍ଷରେ ରହିଛନ୍ତି। ଏହା ସହ ବିଏସଇ ଓଡ଼ିଶାରୁ ଆବେଦନ କରିଥିବା ୪,୨୬,୪୦୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩,୯୫,୬୮୧ ଜଣ ଏହି ରାଉଣ୍ଡରେ ସ୍ଥାନ ପାଇଛନ୍ତି । ଆସନ୍ତା ଜୁଲାଇ ୨୩ ତାରିଖରୁ ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଶ୍ରେଣୀ ଗୃହ ପାଠପଢ଼ା ଆରମ୍ଭ ହେବାକୁ ଯାଉଥିବା ଜଣାପଡ଼ିଛି।




## ପିନାକା ଏଲ୍‌ଆର୍‌ଜି ରକେଟ୍ ପରୀକ୍ଷଣ ସଫଳ

**ନୂଆଦିଲ୍ଲୀ/ବାଲେଶ୍ୱର,(ପିପିଏସ୍):** ଭାରତ ସ୍ୱଦେଶୀ ପ୍ରତିରକ୍ଷା ଜ୍ଞାନକୌଶଳ କ୍ଷେତ୍ରରେ ଆଉ ଏକ ବଡ଼ ସଫଳତା ହାସଲ କରିଛି। ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆର୍‌ଡିଓ) ବୁଧବାର ଓଡ଼ିଶାର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର୍)ରୁ 'ପିନାକା ଲଙ୍ଗ୍ ରେଞ୍ଜ୍ ଗାଇଡେଡ୍ ରକେଟ୍'ର ସଫଳ ପରୀକ୍ଷଣ କରିଛି। ଏହି ପରୀକ୍ଷଣ ସମୟରେ ରକେଟ୍‌ଟି ଆକାଶରେ ସମସ୍ତ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରିବା ସହ ୬୦ କିଲୋମିଟର ଦୂରରେ ଥିବା ଲକ୍ଷ୍ୟସ୍ଥଳକୁ ଅତି ସଠିକ୍ ଭାବେ ଭେଦ କରିଛି। ଭାରତୀୟ ସେନା ପକ୍ଷରୁ ଡିଆର୍‌ଡିଓ ନିକଟରେ ଏଭଳି ଏକ ରକେଟ୍ ପ୍ରଣାଳୀ ବିକଶିତ କରିବାକୁ ଦାବି ହୋଇଥିଲା, ଯାହା ଅତିକମରେ ୬୦ କିଲୋମିଟର ଦୂରରେ ଥିବା ଶତ୍ରୁ ଶିବିରକୁ ସଫଳତାର ସହ ଧ୍ୱଂସ କରିପାରିବ। ଏହାପରେ 'ହାଇ ଏନର୍ଜି ମ୍ୟାଟେରିଆଲ୍ସ ରିସର୍ଚ୍ଚ ଲାବୋରେଟୋରୀ' ଏବଂ 'ଆର୍ମାମେଣ୍ଟ ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ' ମିଳିତ ଭାବେ ଏହାକୁ ପ୍ରସ୍ତୁତ କରିଛନ୍ତି। ଏହାସହ 'ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ ଲାବୋରେଟୋରୀ' ଏବଂ 'ରିସର୍ଚ୍ଚ ସେଣ୍ଟର ଇମାରତ' ମଧ୍ୟ ଏହି ପ୍ରୋଜେକ୍ଟରେ ବୈଷୟିକ ସହାୟତା ପ୍ରଦାନ କରିଛନ୍ତି। ସେନାରେ ପୂର୍ବରୁ ସାମିଲ ଥିବା ପିନାକା ଲଞ୍ଚର୍ ମାଧ୍ୟମରେ ହିଁ ଏହି ରକେଟ୍‌ର ଉତ୍କ୍ଷେପଣ କରାଯାଇଛି। ଏହି ବଡ଼ ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବୈଜ୍ଞାନିକ ଓ ସେନାକୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ ଏହି ସଫଳତା ଭାରତର ସ୍ୱଦେଶୀ ଡିଜାଇନ୍ ଏବଂ ପ୍ରତିରକ୍ଷା ନିର୍ମାଣ କ୍ଷମତା କ୍ଷେତ୍ରରେ ଏକ ବଡ଼ ମାଇଲଖୁଣ୍ଟ। ଏହା ଦେଶକୁ ରକ୍ଷା କ୍ଷେତ୍ରରେ 'ଆତ୍ମନିର୍ଭର' କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାପୂର୍ବରୁ ଡିସେମ୍ବର ୨୦୨୫ରେ ଉଜଉଡ଼ଙ୍ଗ ଏହି ରକେଟ୍‌ର ପ୍ରଥମ ପରୀକ୍ଷଣ କରିଥିଲା, ଯେଉଁଥିରେ ଏହା ୧୨୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାର କ୍ଷମତା ପ୍ରଦର୍ଶନ କରିଥିଲା। ସେହି ପରୀକ୍ଷଣ ମଧ୍ୟ ଚାନ୍ଦିପୁରରୁ ହିଁ ହୋଇଥିଲା। ଏହି ସଫଳ ପରୀକ୍ଷଣ ପରେ ଏବେ 'ପିନାକା ଲଙ୍ଗ୍ ରେଞ୍ଜ୍ ଗାଇଡେଡ୍ ରକେଟ୍'ର ପ୍ରଭାବଶାଳୀ ମାରକ କ୍ଷମତା ୬୦ରୁ ୧୨୦ କିଲୋମିଟର ମଧ୍ୟରେ ବୋଲି ପ୍ରମାଣିତ ହୋଇଛି, ଯାହା ଭାରତୀୟ ସଶସ୍ତ୍ର ବାହିନୀର ରଣନୈତିକ ଶକ୍ତିକୁ ଏକ ନୂଆ ଉଚ୍ଚତା ପ୍ରଦାନ କରିବ।

## ସମ୍ପାଦକୀୟ

### ଶୋକ ଓ ଉପହାସ

## ବାଟେଘାଟେ



ବିଜେଡିକୁ ଛାଡ଼ି ପଦ୍ମ ଧରିଲେ
କଟକର ବଡ଼ ନେତା
ବିଜେଡିର ଭାଡ଼ି ଖାଲି ହୋଇଗଲା
ରହିବନି ଅତାପତା
ଥିଲେ ଥିଲେ ଥିଲେ ପ୍ରଭାତ ବିଶ୍ୱାଳ
ପଦ୍ମ ଧରିବାକୁ ରେଡି
ବାର ତାରିଖରେ ଦଳବଳ ସହ
ରାଜଧାନୀ ଯିବେ ମାଡ଼ି
ବାଙ୍କୀ ତ୍ରିପାଠୀଙ୍କ ରାଜନୀତି ରଥ
ରହିଛି ପଛରେ ଯିବ
ନୀଳ ସବୁଜ ବାଙ୍କୀଗଡ଼ଟା
ଶେଷକୁ ଗେରୁଆ ହେବ।

-ରାହୀ

# ସ୍କୁଲ୍‌କୁ ଜମି ହସ୍ତାନ୍ତରରେ ବିଳମ୍ବକୁ ନେଇ ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ

## ୯ ମାସ ମଧ୍ୟରେ ନିର୍ମାଣ ହେବ ୨୨୦୦ ସ୍କୁଲ୍

**ଭୁବନେଶ୍ୱର,(ପିପିଏସ୍):**

ରାଜ୍ୟର ବିଜେପି ସରକାରଙ୍କ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ସ୍କୁଲ' ଫ୍ଲାଗସିପ୍ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୨୦୦ ସ୍କୁଲ ନିର୍ମାଣ ହେବ। ଏନେଇ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨୨୦୦କୋଟି ଟଙ୍କାରୁ ଅଧିକ ବ୍ୟୟବରାଦ କରିଛନ୍ତି ଓ ୨୦୨୭ ମାର୍ଚ୍ଚ ସୁଦ୍ଧା ଏହି ସ୍କୁଲଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ତେବେ ସ୍କୁଲଗୁଡ଼ିକ ପାଇଁ ଜମି ଚିହ୍ନଟ ଓ ହସ୍ତାନ୍ତର ପ୍ରକ୍ରିୟାରେ ବିଳମ୍ବକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ଷୁବ୍ଧ ହୋଇଛନ୍ତି। ବୁଧବାର ଉଚ୍ଚସ୍ତରୀୟ ବୈଠକରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ସ୍କୁଲ ଯୋଜନାର ସମୀକ୍ଷାବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଜମି ପାଇବାରେ କିଛି ସମସ୍ୟା ଥାଇପାରେ। କିନ୍ତୁ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ଜମି ମିଳିବାରେ କୌଣସି ଅସୁବିଧା ହେବା କଥା ନୁହେଁ। ସ୍କୁଲର ମେଗା କ୍ୟାମ୍ପସ ନିର୍ମାଣ ପାଇଁ ୫ଏକର ଜମିର ଆବଶ୍ୟକତା ରହିଛି। ପଞ୍ଚାୟତ ମଧ୍ୟରେ ଏହି ଗ୍ରୀନ ଫିଲଡ୍ ପ୍ରକଳ୍ପ ପାଇଁ ୫ଏକର ଜମି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଯେଉଁ ସ୍କୁଲଗୁଡ଼ିକରେ ୫ଏକରରୁ କମ୍ ଜମି ଥିବ ସେଠାରେ ସ୍କୁଲକୁ ଲାଗି ରହିଥିବା ସରକାରୀ କିମ୍ବା ବେସରକାରୀ ଜମିକୁ କିଣି ବ୍ୟବହାର କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଏହି ଫ୍ଲାଗସିପ୍ ଯୋଜନାରେ ମୋଟ ୭ହଜାର ଆଦର୍ଶ ପ୍ରାଥମିକ ସ୍କୁଲ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆସନ୍ତାବର୍ଷ ମାର୍ଚ୍ଚ ସୁଦ୍ଧା ୨୨୦୦ଟି ସ୍କୁଲ ନିର୍ମାଣ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ସମୟସୀମା ଧାର୍ଯ୍ୟ କରିଛନ୍ତି। ଏହି ପ୍ରକଳ୍ପର ସଫଳତା ପାଇଁ ଜିଲ୍ଲାପାଳମାନଙ୍କ ଆନ୍ତରିକତା ଓ ସହଯୋଗ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିବା ସହ ସମସ୍ତେ ଏହାକୁ ଗୁରୁତ୍ୱର ସହ ନେଇ ଧାର୍ଯ୍ୟ ଟାର୍ଗେଟ୍ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍କୁଲ ନିର୍ମାଣ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତିର ତଦାରଖ ଜିଲ୍ଲାପାଳମାନେ ପ୍ରତି ସପ୍ତାହରେ କରିବେ ଓ ସାପ୍ତାହିକ ରିପୋର୍ଟ ମଧ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ପଠାଇବେ। ମୁଖ୍ୟମନ୍ତ୍ରୀ ନିଜେ ପ୍ରତି ମାସରେ ଏହାର ସମୀକ୍ଷା କରିବେ। ଜମି ସମସ୍ୟା ଥିଲେ ସ୍ଥାନୀୟ ବିଧାୟକମାନଙ୍କ ସହଯୋଗ ଲୋଡ଼ିବାକୁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।



## ସାମ୍ସ ପୋର୍ଟାଲ୍‌ରୁ ହଟିବ ଫି'ବ୍ୟବସ୍ଥା

ଅନ୍ୟପକ୍ଷରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚମାଧ୍ୟମିକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜ୍ଞାନୋଦୟ- ଶିକ୍ଷାରୁ ସମୃଦ୍ଧି ଯୋଜନାରେ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ପାଠପଢ଼ା ଚଳିତ ଶିକ୍ଷାବର୍ଷରୁ ହେବ ବୋଲି ସୂଚନା ଦିଆଯିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରୁ ହିଁ ନାମଲେଖା ସମୟରେ ଛାତ୍ରଛାତ୍ରୀଙ୍କଠୁ କୌଣସି ପ୍ରକାରର ଆଡମିଶନ ଫି' ନନେବା ପାଇଁ ସମସ୍ତ କ୍ଷେତ୍ରୀୟ ଅଧିକାରୀ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହି ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟର ଅନଲାଇନ୍ ନାମଲେଖା ପୋର୍ଟାଲ 'ସାମସ୍'ରେ ତୁରନ୍ତ ଆବଶ୍ୟକୀୟ ବୈଷୟିକ ପରିବର୍ତ୍ତନ କରିବାକୁ କୁହାଯାଇଛି। ଯେପରି କୌଣସି ପିଲାଙ୍କଠୁ ସିଷ୍ଟମ ଅନୁସାରେ ମଧ୍ୟ ଭୁଲରେ ଫି' ଆଦାୟ ନହୁଏ ତାହା ସୁନିଶ୍ଚିତ କରିବେ। ସେହିପରି ସରକାରୀ ସ୍କୁଲ ସମେତ ସମସ୍ତ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ମାଧ୍ୟମିକ ସ୍କୁଲ ସମେତ ୪୮୮ ଓ ୬୬୨ ବର୍ଗର ସମସ୍ତ ସହାୟତାପ୍ରାପ୍ତ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକୁ ମଧ୍ୟ ଏହି ଫି' ଛାଡ଼ ପରିସରଭୁକ୍ତ କରାଯାଇଛି। ଚଳିତ ଶିକ୍ଷାବର୍ଷରୁ ହିଁ ବାସ୍ତବରେ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ପାଠପଢ଼ା କାର୍ଯ୍ୟକାରୀ ହେବାକୁ ଯାଉଛି।

## ଭିଜିଲାନ୍ସ ପଞ୍ଝାରେ ରେଞ୍ଜର୍

***କଟକ,(ପିପିଏସ୍):***

ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଫରେଷ୍ଟ ରେଞ୍ଜର ରବୀନ୍ଦ୍ର କୁମାର ନାୟକ। କଟକ ଫରେଷ୍ଟ ଡିଭିଜନ ଅନ୍ତର୍ଗତ କେନ୍ଦ୍ରାପଡ଼ା ଫରେଷ୍ଟ ରେଞ୍ଜରେ କାର୍ଯ୍ୟରତ ଥିବା ଶ୍ରୀ ନାୟକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ତାଙ୍କର ୪ଟି ଠିକଣାରେ ଚଢ଼ଉ କରିଛି। ଚଢ଼ଉ ଜାରି ରହିଥିବା ବେଳେ ଶ୍ରୀ ନାୟକ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଥିବା ବହୁ ସମ୍ପତ୍ତି ଠାବକରିଛି ଭିଜିଲାନ୍ସ। ରେଞ୍ଜର ଶ୍ରୀ ନାୟକ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଥିବା ସମ୍ପତ୍ତି ମଧ୍ୟରେ ରହିଛି ଏକ ଚାରି ମହଲା କୋଠା। ଏହି କୋଠା କଟକର ବାରଙ୍ଗର ମୁଣ୍ଡଳୀଠାରେ ଅଛି। ଏହା ପ୍ରାୟ ୬୪୦୦ ବର୍ଗଫୁଟ୍ ଜାଗାରେ ନିର୍ମାଣ ହୋଇଛି। ସେହିପରି କଟକ ଜିଲ୍ଲା ବାଙ୍କୀର ସାହାଡ଼ାପଡ଼ାରେ ଏକ କୋଠା ଅଛି। କଟକର ବାରଙ୍ଗ ଅଞ୍ଚଳରେ ତାଙ୍କର ୬ଟି ମୂଲ୍ୟବାନ ପ୍ଲଟ୍ ରହିଛି। ଏହି କୋଠା ଓ ପ୍ଲଟ୍‌ଗୁଡ଼ିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ପକ୍ଷରୁ ମାପଚୁପ ଓ ମୂଲ୍ୟାଙ୍କନ କାର୍ଯ୍ୟ ଜାରି ରହିଛି। ଭିଜିଲାନ୍ସ ଚଢ଼ଉ ବେଳେ ରେଞ୍ଜର ଶ୍ରୀ ନାୟକଙ୍କ ଘରୁ ନଗଦ ୨ଲକ୍ଷ ୧୪ହଜାର ଟଙ୍କା ଓ ସୁନା ଗହଣା ଜବତ କରାଯାଇଛି। ଖବର ଲେଖାଯିବା ସୁଦ୍ଧା, ତାଙ୍କ ଘରୁ ମିଳିଥିବା ସୁନାଗହଣାଗୁଡ଼ିକର ଓଜନ କରାଯାଇ ନଥିଲା। ସେହିପରି ସେ ୪୩ ଲକ୍ଷ ଟଙ୍କା ଜମା ରଖିଛନ୍ତି। ତାଙ୍କର ଗୋଟିଏ କାର୍ ଓ ଗୋଟିଏ ଦୁଇଚକିଆ ଗାଡ଼ି ଅଛି। ଚଢ଼ଉ ଜାରି ରହିଥିବା ବେଳେ ତାଙ୍କର ଆହୁରି ସମ୍ପତ୍ତି ଥିବା ସନ୍ଦେହ କରୁଛି ଭିଜିଲାନ୍ସ ଟିମ୍। ସୂଚନାଯୋଗ୍ୟ, ଜଣେ ଲିଜ୍‌ଧାରୀଙ୍କଠାରୁ ୨ଲକ୍ଷ ଟଙ୍କା ଲାଞ୍ଚ ନେଇ ଧରାପଡ଼ିଥିବା କୋରାପୁଟ ଜିଲ୍ଲା ଜୟପୁର ଖଣି ଉପନିର୍ଦ୍ଦେଶକ ତଥା ଭୂତତ୍ତ୍ୱ ଉପନିର୍ଦ୍ଦେଶକ ସତ୍ୟଜିତ ରାଉତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ୨ଲକ୍ଷ ଟଙ୍କାର ଲାଞ୍ଚ ଅର୍ଥ ସମେତ ତାଙ୍କଠାରୁ ନଗଦ ମୋଟ ୬ଲକ୍ଷ ୯୦ ହଜାର ଟଙ୍କା ଜବତ କରାଯାଇଛି।



ପ୍ରଜାତନ୍ତ୍ର




# ଘର ନା ଓଲଟା ଡ଼ଙ୍ଗା



ଏଇ ପୃଥିବୀରେ ଅଜବ ସ୍ଥାନର ଅଭାବ ନାହିଁ। ଯେମିତିକି ଉତ୍ତର ଫ୍ରାନ୍ସ ର ଇଂଲିଶ ଚ୍ୟାନେଲ୍ ତଟରେ ଥିବା ଏକ ଛୋଟିଆ ସମୁଦ୍ର କୂଳିଆ ଗାଁ 'ଇକ୍ୱିହେନ ପ୍ଲାଜ୍'। ପ୍ରାୟ ୩୦୦୦ ଅଧିବାସୀ ଥିବା ଏହି ଗ୍ରାମର ବିଶେଷତ୍ୱ ହେଉଛି ଯେ, ଏଠାକାର ସବୁ ଘର ଓଲଟା ଡଙ୍ଗା ସଦୃଶ। ତେଣୁ ଉକ୍ତ ଗାଁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି। ବିଂଶ ଶତାବ୍ଦିର ପ୍ରାରମ୍ଭରେ ଏହି ଗାଁ କେବଳ ଏକ ମାଛଧରାଳୀଙ୍କ ଗାଁ ଥିଲା। ଏହି ଗାଁକୁ ଡ୍ରାଏ ହାର୍ବର ବି କୁହାଯାଉଥିଲା। ତେବେ ପରବର୍ତ୍ତୀ ସମୟରେ ସେଠାକାର ଅଧିବାସୀ ଅଦରକାରୀ ବଡ଼ ବଡ଼ ଡ଼ଙ୍ଗାକୁ ଟାଣି ଟାଣି ନେଇ ଉଚ୍ଚ ସ୍ଥାନରେ ଓଲଟା କରି ରଖି ତା'ଉପରେ ଆଲକାତାରା ଢାଳି ଡ଼ଙ୍ଗାଗୁଡିକୁ ୱାଟରପ୍ରୁଫ୍ କରିଥିଲେ। ଆଉ ଦୁଇ ପାର୍ଶ୍ୱକୁ କାଟି କବାଟ ଓ ଝରକା କରି ଡ଼ଙ୍ଗାକୁ ଘର କରିଥିଲେ। ଏହି ଡ଼ଙ୍ଗା ଘର ଭିତରେ ଡ଼ଙ୍ଗା ଲମ୍ବର କୋଠରୀ ସହ ରୋଷେଇ ଘର, ଶୋଇବା ରୁମ୍ କରାଯାଉଥିଲା। ଫଳରେ ଡ଼ଙ୍ଗାଗୁଡିକ ରହିବାଯୋଗ୍ୟ ଘର ପାଲଟିଯାଉଥିଲା। ସେତେବେଳେ ଏମିତି ଅନେକ ଓଲଟା ଡ଼ଙ୍ଗା ଘର ଥିଲା। ହେଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ଘରଗୁଡିକ ନଷ୍ଟ ହୋଇଗଲା। ତେବେ ୧୯୯୦ରେ ଏଠାକାର ଅଧିବାସୀ ପୁରୁଣା ପରମ୍ପରାକୁ ପୁନର୍ଜିବୀତ କରିବାକୁ ନିଷ୍ପତ୍ତି ନେଲେ। ଆଉ ଅନେକ ଓଲଟା ଡ଼ଙ୍ଗାର ଘର ତିଆରି କଲେ। ଯଦ୍ୱାରା ଇକ୍ୱିହେନ ପ୍ଲାଜ୍ ଗାଁ ପୁଣିଥରେ ଓଲଟା ଡ଼ଙ୍ଗାର ଗାଁ ପାଲଟିଗଲା। ଏବେ ଏହି ଗାଁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି।

# ବୟଫ୍ରେଣ୍ଡ ଜିନ୍ସ ଫ୍ୟାଶନ୍ ...



ବିଭିନ୍ନ ପ୍ରକାର ଜିନ୍ସ ମଧ୍ୟରେ ଫ୍ୟାଶନେବଲ୍ ଲୁକ୍ ସାଙ୍ଗକୁ କମ୍ଫର୍ଟେବଲ୍ ଲାଗୁଥିବାରୁ ବର୍ତ୍ତମାନ ବୟଫ୍ରେଣ୍ଡ ଜିନ୍ସ ପାଲଟିଛି ଲାଟେଷ୍ଟ ଟ୍ରେଣ୍ଡ। ଯଦି ଆପଣ ବି ଏହାକୁ ବ୍ୟବହାର କରିବାକୁ ଚାହୁଁଛନ୍ତି ଜାଣିରଖନ୍ତୁ ଟିପ୍ସ...

ବୟଫ୍ରେଣ୍ଡ ଜିନ୍ସର ସାଇଜ୍ ସାଧାରଣ ଜିନ୍ସଠାରୁ ସାମାନ୍ୟ ବଡ଼ ଏବଂ ଢିଲା ହୋଇଥିବାରୁ ଏହାକୁ ପିନ୍ଧିବା ଯେତିକି ସହଜ, ସେତିକି ଆରାମଦାୟକ ମଧ୍ୟ। ଆଇସ୍ ବ୍ଲୁ କଲର ଆଙ୍କେଲ୍ ଲେନ୍ଥ ବୟଫ୍ରେଣ୍ଡ ଜିନ୍ସ ସହିତ ଫୁଲ୍ ସ୍ଲିଭ୍ ଟପ୍ସ ଏବଂ ହ୍ୱାଇଟ୍ ସ୍ନିକର୍ ପିନ୍ଧିଲେ ଟ୍ରେଣ୍ଡି ଲୁକ୍ ପାଇପାରିବେ। ତା'ଛଡା ଏହି ଆଉଟ୍‌ଫିଟ୍ ଆପଣଙ୍କୁ ସ୍ମାର୍ଟ ଲୁକ୍ ମଧ୍ୟ ଦେବ। ଏହିଭଳି ପ୍ୟାଣ୍ଟ ସହ ଲୁଜ୍ ଷ୍ଟ୍ରାଇପ୍ ଶାର୍ଟର କମ୍ବିନେଶନ ଆଟ୍ରାକ୍ଟିଭ୍ ଲାଗିଥାଏ। ଖରାଦିନେ ଟାଇଟ୍‌ଫିଟ୍ ଜିନ୍ସ ଅନେକଙ୍କୁ ପିନ୍ଧିବାରେ ଅସୁବିଧା ହେଉଥିବା ବେଳେ ଏଭଳି ଢିଲା ପ୍ୟାଣ୍ଟ କମ୍ଫର୍ଟେବଲ ଲାଗିବା ସହ କ୍ଲାସି ଲୁକ୍ ଦିଏ। ବୟଫ୍ରେଣ୍ଡ ଜିନ୍ସ ସହିତ ପ୍ଲେନ୍ ଶାର୍ଟ, ଫ୍ଲାଟ୍ ସ୍ଲିପର୍ ଏବଂ ସ୍ଲିଙ୍ଗ୍ ବ୍ୟାଗ୍ସ ଟିମ୍‌ଅପ୍ କଲେ ଆପଣ ଟ୍ରେଣ୍ଡି ଏବଂ ଫ୍ୟାଶନେବଲ୍ ଲାଗିବେ। କ୍ରପ୍ ଟପ୍ ମଧ୍ୟ ଏହା ସହ ଟ୍ରେଣ୍ଡି ଲୁକ୍ ଦେଇଥାଏ। ସମର ଫ୍ୟାଶନ୍‌ରେ ଏହା ସହ ହ୍ୱାଇଟ୍ କଟନ୍ ଶାର୍ଟ କିମ୍ବା ଟପ୍ସ ଟ୍ରାଏ କରନ୍ତୁ, ଟ୍ରେଣ୍ଡି ଲାଗିବେ। ଏହା ସହ ଟି ଏବଂ ରେଡ୍ ଷ୍ଟେଟ୍‌ମେଣ୍ଟ ଜ୍ୟାକେଟ୍ ମଡର୍ନ ଲୁକ୍ ଦେଇଥାଏ।

# ଆଜିର ରାଶିଫଳ

**ମେଷ**
ବନ୍ଧୁ ସହିତ ବାହାରକୁ ବୁଲି ଯିବାର ଯୋଜନା କରିବେ। କାମକୁ ଭଲ ଦିଶା ଦେବାକୁ ଚେଷ୍ଟା କରିବେ। ପ୍ରିୟଜନଙ୍କ ସହିତ ଜିନିଷ କିଣିବାକୁ ଯିବେ। ଛାତ୍ରଛାତ୍ରୀ ଲେଖାପଢ଼ାରେ ମନୋଯୋଗ ଦିଅନ୍ତୁ।

**ବୃଷ**
ଚାକିରିରେ ମନ ମୁତାବକ ପ୍ରୋଜେକ୍ଟ ପାଇବା ଯୋଗୁଁ ପ୍ରସନ୍ନ ରହିବେ। ଜୀବନସାଥୀ ସହ ରାତ୍ରିଭୋଜନ ପାଇଁ ଯୋଜନା କରିବେ। ପରିବାରରେ ପରିବେଶ ଆନନ୍ଦମୟ ରହିବ।

**ମିଥୁନ**
ଆପଣ କାହାରିଙ୍କୁ ସାହାଯ୍ୟ କରିବା ଯୋଗୁଁ ମନକୁ ଶାନ୍ତି ମିଳିବ। ଇସ୍ପାତ ବ୍ୟବସାୟୀଙ୍କ ହାତକୁ ବଡ଼ କାମ ଆସିବ। ଆପଣ ଯେଉଁ କାମ ଆରମ୍ଭ କରିବେ ନିର୍ଦ୍ଧାରିତ ସମୟ ପୂର୍ବରୁ ପୂରା କରିଦେବେ।

**କର୍କଟ**
ନୂଆ ଯୋଜନା ବନାଇବାରେ ସଫଳ ହେବେ। ମିଡିଆ କ୍ଷେତ୍ରରେ ଥିବା ଲୋକଙ୍କ ଲାଗି ଦିନଟି ଲାଭକାରୀ ହେବ। ଶତ୍ରୁପକ୍ଷ ଆପଣଙ୍କ ଠାରୁ ଦୂରତ୍ୱ ବନାଇ ରହିବେ। ଛାତ୍ରଛାତ୍ରୀ ଲେଖାପଢ଼ାରେ ବ୍ୟସ୍ତ ରହିବେ।

**ସିଂହ**
ପ୍ରଭୁଙ୍କ ଆରାଧନାରେ ମନ ଲଗାଇବେ। ଅଫିସରେ ସବୁ ଲୋକ ଆପଣଙ୍କ ଉପରେ ଖୁସି ରହିବେ। ବନ୍ଧୁ ଲାଗି ସାହାଯ୍ୟକାରୀ ସାବ୍ୟସ୍ତ ହେବେ। ବେପାରୀଙ୍କ ଲାଗି ଦିନଟି ଲାଭପ୍ରଦ ରହିବ।

**କନ୍ୟା**
ଆପଣଙ୍କ ଯୋଜନାରେ ସକାରାତ୍ମକ ଜବାବ ମିଳିବା ଯୋଗୁଁ ଖୁସି ହେବେ। କାମରେ ଜୀବନସାଥୀର ପୂରା ସହଯୋଗ ପାଇବେ। କେ ?ଣସି ଅନ୍ୟର କାମରେ ନିଜକୁ ଦୂରରେ ରଖନ୍ତୁ।

**ତୁଳା**
ବେପାରରେ ବୃଦ୍ଧି ହେବ। ଲକ୍ଷ୍ୟ ହାସଲ ପାଇଁ ଲୋକଙ୍କ ସହଯୋଗ ପାଇବେ। ବନ୍ଧୁ ସହିତ ବାହାରକୁ ବୁଲି ଯିବେ। କେ ?ଣସି ଉଦ୍ୟୋଗରେ ସାକ୍ଷାତ୍କାର ଲାଗି ଡାକରା ଆସିପାରେ।

**ବିଛା**
କାମ ପାଇଁ ନୂଆ ପଦ୍ଧତି ଉପରେ ବିଚାର କରିବେ। କେ ?ଣସି ଆହ୍ୱାନର ସାମନା କରିବେ। ପରିଶ୍ରମ ଭଲ ଫଳ ଅତିଶୀଘ୍ର ପାଇବେ। ପ୍ରିୟଜନଙ୍କ ସହିତ ସମ୍ବନ୍ଧ ମଜଭୁତ ବଜାୟ ରହିବ।

**ଧନୁ**
ଆପଣ ସମାଜରେ ମାନସମ୍ମାନ ପାଇବେ। ଅଫିସରେ କାମର ବୋଝ ଅଧିକ ହୋଇପାରେ। ବେ ?ବାହିକ ଜୀବନରେ ପ୍ରସନ୍ନତା ବଜାୟ ରହିବ। ବିଦ୍ୟାର୍ଥୀ ଶିକ୍ଷକଙ୍କର ସହଯୋଗ ପାଇବେ।

**ମକର**
ଆପଣଙ୍କ କ୍ୟାରିୟରରେ ଅଚାନକ କିଛି ପରିବର୍ତ୍ତନ ଆସିପାରେ। ପୁରୁଣା ଜମିରୁ ଆପଣଙ୍କ ଧନଲାଭ ହେବ। ବ୍ୟବସାୟରେ କରି ଆସୁଥିବା କାମର ସଫଳତା ପାଇବେ। ପ୍ରେମ ଜୀବନ ମଧୁର ହେବ।

**କୁମ୍ଭ**
କେ ?ଣସି କାମରେ ଦୂରସ୍ଥାନକୁ ଯିବେ। ଇଂଜିନିୟରଙ୍କ ଲାଗି ଦିନଟି ଭଲ। ଘରର କିଛି ନୂଆ ଦାୟିତ୍ୱ ସମ୍ଭାଳିବେ। ଜୀବନସାଥୀ ଆପଣଙ୍କୁ କିଛି ଉପହାର ଦେଇପାରନ୍ତି। ବିଦ୍ୟାର୍ଥୀଙ୍କ ଲାଗି ଭଲ ଦିନଟିଏ।

**ମୀନ**
ଦିନଟି ଆପଣଙ୍କ ଲାଗି ବିଶେଷ ରହିବ। ନୂଆ ବ୍ୟବସାୟ ଲାଗି ପଦକ୍ଷେପ ନିଅନ୍ତୁ ଲାଭ ହେବ। ଅଫିସରେ କେ ?ଣସି ସହକର୍ମୀଙ୍କୁ ସାହାଯ୍ୟ କରିବେ। ପ୍ରିୟଜନଙ୍କ ସହିତ ରାତ୍ରିଭୋଜନର ଯୋଜନା କରିବେ।

# ଏମିତି କିଣନ୍ତୁ ଛତା...

**ବର୍ଷାଦିନେ ପାଣିରୁ ସୁରକ୍ଷା ପାଇବା ଲାଗି ଛତା ସଭିଙ୍କୁ ଲୋଡ଼ା। ତେବେ ଅନେକେ ଛତା କିଣିବା ବେଳେ ଏହାର କଲର ଏବଂ ଆକର୍ଷଣୀୟ ଡିଜାଇନ୍‌କୁ ଅଧିକ ଗୁରୁତ୍ୱ ଦେଇଥା'ନ୍ତି । ଫଳରେ ବର୍ଷା ସମୟରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ତେଣୁ ଛତା କିଣିବା ବେଳେ କେଉଁସବୁ ଦିଗ ପ୍ରତ୍ମାନ ଦେବା ଆବଶ୍ୟକ ସେ ସମ୍ପର୍କରେ କେତୋଟି ଟିପ୍ସ...**

ଛତା କିଣିବାର ମୂଳ ଲକ୍ଷ୍ୟ ହେଉଛି ବର୍ଷା ପାଣିରୁ ରକ୍ଷାପାଇବା। ତେଣୁ ଛତାଟି କିପରି ଆପଣଙ୍କୁ ସମ୍ପୂର୍ଣ୍ଣ ଘୋଡ଼ାଇ ହେଉଥିବ ସେଥିପ୍ରତ ଧ୍ୟନ ଦିଅନ୍ତୁ। ଏହା ବ୍ୟତୀତ ଏହାର କପଡ଼ା ଯେପରି ଭଲ କ୍ୱାଲିଟିର ଏବଂ ୱାଟରପ୍ରୁଫ୍ ହୋଇଥିବ ତାହା ଦେଖନ୍ତୁ। ନଚେତ୍ ଛତା ଭିଜିଯାଇ ପାଣି ପଡ଼ିବା ଦ୍ୱାରା ଆପଣଙ୍କୁ ଓଦା ହେବାକୁ ପଡ଼ିପାରେ।

ଛତା ଅଧିକ ଓଜନିଆ ହୋଇଥିଲେ ମଜଭୁତ ରହିବ ବୋଲି ଏଭଳି ଅନେକଙ୍କ ମନରେ ଧାରଣା ଥାଏ। ହେଲେ ଏଭଳି ଛତା ଅଧିକ ସମୟ ଧରିବା ଦ୍ୱାରା ହାତରେ କଷ୍ଟ ହୋଇଥାଏ। ତେଣୁ ଭଲ କ୍ୱାଲିଟିର ଲାଇଟ୍ ୱେଟ୍ ଛତା ବାଛନ୍ତୁ।

ସୁନ୍ଦର ଦେଖାଯାଉଥିବା ଛତା ସଭିଙ୍କୁ ପସନ୍ଦ। ହେଲେ ଏହାକୁ କିଣିବା ବେଳେ କପଡ଼ାର ସିଲେଇ ସ୍ଥାନଗୁଡ଼ିକରେ ଯେପରି ପାଣି ଭିତରକୁ ଆସୁଥିବା ଭଳି ଛୋଟ ଛୋଟ କଣା ନ ଥାଏ ପରଖି ନିଅନ୍ତୁ।

କେବଳ ଏତିକି ନୁହେଁ, ଛତାର ବେଣ୍ଟ ବା ହ୍ୟାଣ୍ଡେଲ୍ ମଧ୍ୟ ଅନେକଙ୍କ ପାଇଁ ଅନ୍ୟତମ ଆକର୍ଷଣ। ଏହାକୁ ଆଖି ଆଗରେ ରଖି କମ୍ପାନୀଗୁଡ଼ିକ ଭଳିକି ଭଳି ଡିଜାଇନ୍‌ର ହ୍ୟାଣ୍ଡେଲ୍ ଥିବା ଛତା ପ୍ରସ୍ତୁତ କରୁଛନ୍ତି। ତେବେ ଏହାକୁ ଦେଖି ଛତା ବାଛିବା ବଦଳରେ ତାହା ଧରିବା ଲାଗି କମ୍ଫର୍ଟେବଲ୍ କି ନୁହେଁ ଦେଖନ୍ତୁ। ନଚେତ୍ ଅଧିକ ସମୟ ଏହାକୁ ବ୍ୟବହାର କଲେ ହାତ ପାପୁଲି ଏବଂ ଆଙ୍ଗୁଠି ଦରଜ ହେବା, ବିନ୍ଧିବା ଭଳି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି।

ବର୍ତ୍ତମାନ ହାଲୁକା ଲାଗିବା ଲାଗି ପ୍ଲାଷ୍ଟିକ୍ କାଠି ଥିବା ଛତା ମାର୍କେଟ୍‌କୁ ଆସିଲାଣି। ତେବେ ଏହା କେତେ ମଜଭୁତ ଭଲ ଭାବେ ଦେଖିନିଅନ୍ତୁ। ନଚେତ୍ କେବେକେବେ ପବନରେ ଛତାର କାଠିଗୁଡ଼ିକ ଓଲଟି ପଡୁଥିବାରୁ ଏଭଳି ଛତା ଶୀଘ୍ର ଭାଙ୍ଗିଯିବାର ଆଶଙ୍କା ରହିଛି। ତେଣୁ ଯଥାସମ୍ଭବ ମଜଭୁତ ତଥା ଷ୍ଟିଲ୍ କାଠିଥିବା ଛତା ବାଛନ୍ତୁ।



ବ୍ୟାଗ୍ରେ କ୍ୟାରି କରିବା ସହଜ ହେଉଥିବାରୁ ୨-୩ ଫୋଲ୍ଡ ଛତା ଅନେକେ ପସନ୍ଦ କରନ୍ତି। ତା'ଛଡା ଏହା ଦେଖିବାକୁ ମଧ୍ୟ ବେଶ୍ ଆକର୍ଷଣୀୟ ଲାଗିଥାଏ। ହେଲେ ଏସବୁ ଶୀଘ୍ର ଭାଙ୍ଗିବାର ଆଶଙ୍କା ବେଶୀ। ତେଣୁ ଏଭଳି ଛତା କିଣିବା ବେଳେ ଏହାକୁ ଖୋଲି ଭଲ ଭାବେ ଏହାର କପଡ଼ା, ଷ୍ଟିକ୍ ଆଦି ଚେକ୍ କରିନିଅନ୍ତୁ।

ସେହିପରି ସ୍ପ୍ରିଙ୍ଗ୍ ବଟନ୍ ଛତା ମଧ୍ୟ ଶୀଘ୍ର ଖରାପ ହୋଇଯାଉଥିବା ଦେଖିବାକୁ ମିଳିଥାଏ। ଏହା ବଦଳରେ ମ୍ୟାନୁଆଲ୍ ବା ହାତରେ ଖୋଲୁଥିବା ଛତା କିଣିବା ଭଲ।

# ରୋଷେଇ ଘରର ଔଷଧ...



ଆପଣ ଜାଣନ୍ତି କି ରୋଷେଇ ଘରେ ନିତ୍ୟ ବ୍ୟବହୃତ ହେଉଥିବା ଏଭଳି କେତେକ ଖାଦ୍ୟଦ୍ରବ୍ୟ ରହିଛି, ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଏଥିରେ ଥିବା ଔଷଧୀୟ ଗୁଣ ପାଇଁ ଏହା ଆମର ଅନେକ ଉପକାରରେ ଆସିଥାଏ। ଯେମିତି କି:

**ଅଁଳା:** ଭିଟାମିନ୍ ସି, ଆଣ୍ଟିଅକ୍ସିଡାଣ୍ଟ ଓ ମିନେରାଲ୍ସରେ ଭରା ଅଁଳା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବ୍ରଣ ସମସ୍ୟାରୁ ମୁକ୍ତି, କ୍ୟାନ୍ସର ସହ ଲଢିବା ତଥା କେଶରେ ପ୍ରାକୃତିକ ଚମକ୍ ଆଣିବାରେ ବେଶ୍ ଉପକାରୀ ହୋଇଥାଏ।

**ଡାଲ୍ଚିନି:** କୋଲେଷ୍ଟରଲ୍ ଓ ବ୍ଲଡ୍ ସୁଗାର୍‌କୁ ନିୟନ୍ତ୍ରଣରେ ରଖିବା ସହ ଓଜନ କମାଇବାରେ ଏହା ସହାୟକ ହୋଇଥାଏ।


**ଅଦା-ରସୁଣ:** ସ୍ମରଣଶକ୍ତି ଓ ଭୋକ ବଢାଇବା, ଗ୍ୟାସ୍, ଆର୍ଥ୍ରାଇଟିସ୍, ସ୍ପଣ୍ଡିଲାଇଟ୍ସ, ଥଣ୍ଡା କାଶରୁ ଅଦା ଅନେକାଂଶରେ ମୁକ୍ତି ଦେଇଥାଏ। ରସୁଣ କୋଲେଷ୍ଟରଲ୍, ବ୍ଲଡ୍ ପ୍ରେସର୍‌କୁ ନିୟନ୍ତ୍ରଣରେ ରଖିବା ସହ ଥଣ୍ଡାଜନିତ ରୋଗରୁ ମଧ୍ୟ ସୁରକ୍ଷା ପ୍ରଦାନ କରିଥାଏ।

**ମହୁ:** ମହୁ ଓ ଅଦା ରସ ଖାଇଲେ ଥଣ୍ଡାକାଶରୁ କିଛି ମାତ୍ରାରେ ଉପଶମ ମିଳେ। ଏହା ହିମୋଗ୍ଲୋବିନ୍‌କୁ ବି ବଢ଼ାଇବାରେ ସାହାଯ୍ୟ କରେ। ଖଣ୍ଡିଆ କିମ୍ବା ପୋଡାଜଳା ସ୍ଥାନରେ ମହୁ ଲଗାଇଲେ ଆରାମ ମିଳେ।

**ଗୁଡ:** ଥଣ୍ଡା ସମସ୍ୟା ସହିତ ଗଳା ଓ ପେଟ ସମ୍ବନ୍ଧୀୟ ନାନାଦି ରୋଗରୁ ଏହା ଉପଶମ ଦେଇଥାଏ। ଥକ୍କାପଣ ବି ଦୂର କରିଥାଏ।

**ଲେମ୍ବୁ:** ଉଷୁମ ପାଣିରେ ଲେମ୍ବୁ ରସ ମିଶାଇ ପିଇଲେ, ଫ୍ରେଶ୍ ଲାଗେ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା, କୋଲେଷ୍ଟରଲ୍‌କୁ ନିୟନ୍ତ୍ରଣରେ ରଖିବାରେ ବି ଏହା ସାହାଯ୍ୟ କରେ।

# ପେଟ ସମସ୍ୟା ଦୂର କରେ ଅଦା ପାଣି



ଅଦାକୁ ଭାରତୀୟ ରୋଷେଇ ଘରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ବିବେଚନା କରାଯାଏ। ଏହାର ଔଷଧୀୟ ଗୁଣ ଏହାକୁ ଆୟୁର୍ବେଦ ଏବଂ ଘରୋଇ ଉପଚାରରେ ଏକ ମୂଲ୍ୟବାନ ସ୍ଥାନ ଦେଇଛି। ଅଦା ପାଣି ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାର ସମାଧାନ କରେ। ଏହା କେବଳ ପେଟକୁ ସୁସ୍ଥ ରଖେ ନାହିଁ ବରଂ ପାଚନ କ୍ରିୟାକୁ ମଜବୁତ କରିବାରେ ମଧ୍ୟ ସାହାଯ୍ୟ କରେ। ଆସନ୍ତୁ ଜାଣିବା ଅଦା ପାଣି ଦ୍ୱାରା ପେଟର କେଉଁ ସମସ୍ୟା ଦୂର ହୋଇପାରିବ ଏବଂ ଏହାକୁ କିପରି ସଠିକ ଭାବରେ ବ୍ୟବହାର କରିବେ।-

ଆଜିକାଲି ଗ୍ୟାସ ଏବଂ ବଦହଜମୀ ସମସ୍ୟା ସାଧାରଣ ହୋଇଗଲାଣି, ବିଶେଷକରି ଅସନ୍ତୁଳିତ ଖାଦ୍ୟ ଏବଂ ଅନିୟମିତ ଦିନଚର୍ଯ୍ୟା ଯୋଗୁ ଏପରି ସମସ୍ୟା ଦେଖାଦେଉଛି। ଅଦା ପାଣି ପେଟରେ ଗ୍ୟାସ ହ୍ୟାସ୍ କରେ ଏବଂ ବଦହଜମୀ ପାଇଁ ଏକ ପ୍ରାକୃତିକ ଉପଚାର।

ପେଟ ଗ୍ୟାସ, କୋଷ୍ଠକାଠିନ୍ୟ ଏବଂ କ୍ରାମ୍ପ୍ ଭଳି ସମସ୍ୟା ପାଇଁ ଅଦା ପାଣି ଏକ ପ୍ରାକୃତିକ ଏବଂ ପ୍ରଭାବଶାଳୀ ଉପଚାର। ଏହାକୁ ଠିକ ଭାବରେ ସେବନ କରି, ଆପଣ ଆପଣଙ୍କର ପାଚନ ପ୍ରକ୍ରିୟାକୁ ମଜବୁତ କରିପାରିବେ ଏବଂ ପେଟ ସମସ୍ୟାରୁ ମୁକ୍ତି ପାଇପାରିବେ।

# ମଟର କୋପ୍ତା



**ଆବଶ୍ୟକ ସାମଗ୍ରୀ:** ଏକ କପ୍ ଗ୍ରୀନ୍ ମଟର, ୨ ଚାମଚ ବେସନ, ୨-୩ଟି ମଧ୍ୟମ ଆକାରର ଟମାଟୋ, ୨ଟି ପିଆଜ, କଞ୍ଚା ଲଙ୍କା, ରସୁଣ, ଅଦା, ଲଙ୍କାଗୁଣ୍ଡ, ଧନିଆ ଗୁଣ୍ଡ, ହଳଦୀ, ହେଙ୍ଗୁ, ଗରମ ମସଲା, ଡାଲଚିନି, ଲବଙ୍ଗ, ତେଜପତ୍ର, ଆବଶ୍ୟକ ଅନୁସାରେ ତେଲ, ଲୁଣ ଓ ଧନିଆ ପତ୍ର।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମଟରକୁ ଭଲଭାବରେ ଧୋଇ ଦିଅନ୍ତୁ। ପରେ ଏହାକୁ ଗ୍ରାଇଣ୍ଡିଂ କରନ୍ତୁ। ବାଓ୍ୱେଲରେ ମଟର ପେଷ୍ଟକୁ କାଢି ସେଥିରେ ଲଙ୍କାଗୁଣ୍ଡ, ଲୁଣ ଓ ବେସନ ପକାଇ ଗୋଳାନ୍ତୁ। ସେହି ମିଶ୍ରଣରୁ ଗୋଲ ଗୋଲ ଗୁଳା ତିଆରି କରନ୍ତୁ। କଡେଇରେ ତେଲ ଗରମ କରନ୍ତୁ। ସଥିରେ ଗୁଳାକୁ ପକାଇ ଭାଜନ୍ତୁ। ମଟର କୋପ୍ତା ଲାଲ ପଡିଗଲେ ତାହାକୁ କାଢି ରଖି ଦିଅନ୍ତୁ। ଆଉ ଗୋଟିଏ କଡେଇରେ ତେଲ ଗରମ କରି ସେଥିରେ ସମସ୍ତ ଶୁଖିଲା ମସଲା ଏବଂ ହେଙ୍ଗୁ ପକାଇ ଭାଜନ୍ତୁ। ସେଥିରେ ପୂର୍ବରୁ ପ୍ରସ୍ତୁତ କରିଥିବା ଅଦା, ରସୁଣ, ପିଆଜ ଓ ଟମାଟୋ ପେଷ୍ଟ ପକାଇ ଗୋଳାନ୍ତୁ। ତାହା ଭଲ ଭାବେ ଗାଢ଼ ହୋଇଗଲେ ଅଳ୍ପ ପାଣି ଦେଇ ଗୋଳାନ୍ତୁ। ଏହା ଫୁଟିବା ଆରମ୍ଭ ହେଲେ ପୂର୍ବ ପ୍ରସ୍ତୁତ ମଟର କୋପ୍ତା ପକାନ୍ତୁ। ସେଥିରେ ଅଳ୍ପ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ ଏବଂ ଚୁଲା ବନ୍ଦ କରିଦିଅନ୍ତୁ। ଏହା ଉପରେ କଟା ଧନିଆ ପତ୍ର ପକାଇ ଗାର୍ନିସ୍ କରନ୍ତୁ। ପ୍ରସ୍ତୁତ ହୋଇଗଲା ମଟର କୋପ୍ତା। ଏହାକୁ ଭାତ କିମ୍ବା ରୁଟି ସହ ଗରମ ଗରମ ପରଷି ଦିଅନ୍ତୁ।

# ସାମନ୍ଥା ରୁଥ ପ୍ରଭୁ 'ମା ଇଣ୍ଟି ବାଙ୍ଗାରାମ'



ସାମନ୍ଥା ରୁଥ ପ୍ରଭୁ 'ମା ଇଣ୍ଟି ବାଙ୍ଗାରାମ' ସହିତ ତେଲୁଗୁ ସିନେମାରେ ସବୁଠାରୁ ବଡ଼ ସଫଳତା କାହାଣୀ ମଧ୍ୟରୁ ଗୋଟିଏ ଦେଇଛନ୍ତି। ବି.ଭି. ନନ୍ଦିନୀ ରେଡ୍ଡୀଙ୍କ ନିର୍ଦ୍ଦେଶିତ ଏହି ଆକ୍ସନ୍-କମେଡି ବକ୍ସ ଅଫିସ୍ ଘଟଣାରେ ପରିଣତ ହୋଇଛି, ଯାହା ଭାରତ ଏବଂ ବିଦେଶରେ ପ୍ରଭାବଶାଳୀ କଲେକସନ୍ କରିଛି। ସାମନ୍ଥାଙ୍କ ବକ୍ସ ଅଫିସ୍ ବ୍ୟତୀତ, ଏହି ଚଳଚ୍ଚିତ୍ରଟି ମହିଳା-କେନ୍ଦ୍ରିକ ତେଲୁଗୁ ମନୋରଞ୍ଜନ ପାଇଁ ମାନଦଣ୍ଡକୁ ମଧ୍ୟ ବୃଦ୍ଧି କରିଛି।ଏହି ପ୍ରକଳ୍ପରେ ଆଉ ଏକ ମାଇଲଖୁଣ୍ଟ ଯୋଡି, 'ମା ଇଣ୍ଟି ବାଙ୍ଗାରାମ' ସାମନ୍ଥା ରୁଥ ପ୍ରଭୁ ଏବଂ ତାଙ୍କ ସ୍ୱାମୀ ରାଜ ନିଡିମୋରୁଙ୍କ ମଧ୍ୟରେ ପ୍ରଥମ ତେଲୁଗୁ ସହଯୋଗକୁ ଚିହ୍ନିତ କରେ। ସାମନ୍ଥା ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଥିବାବେଳେ, ରାଜ ଏହି ପ୍ରକଳ୍ପର ସହ-ପ୍ରଯୋଜନା କରିଛନ୍ତି।୨୦ କୋଟି ଟଙ୍କାର ଆନୁମାନିକ ବଜେଟରେ ନିର୍ମିତ ଏହି ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ଏହାର ନାଟକୀୟ ପ୍ରଦର୍ଶନ ମଧ୍ୟମରେ ଖର୍ଚ୍ଚ ହେଇଥିବା ବଜେଟର ପ୍ରାୟ ଚାରି ଗୁଣା କଲେକସନ୍ କରିସାରିଛି। ଏହାର ବିଶ୍ୱବ୍ୟାପୀ ମୋଟ ଆୟ ପ୍ରାୟ ୯୦.୧୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ଚଳଚ୍ଚିତ୍ରକୁ ୧୦୦ କୋଟି ଟଙ୍କାର ନିକଟତର କରିଛି। ଘରୋଇ ବଜାର ପ୍ରାୟ ୫୬.୧୦ କୋଟି ଟଙ୍କା ନେଟ୍ ଯୋଗଦାନ କରିଛି। ଯାହା ପ୍ରାୟ ୬୪.୯୫ କୋଟି ଟଙ୍କାର ମୋଟ ସଂଗ୍ରହରେ ପରିଣତ ହୋଇଛି। ଆନ୍ତର୍ଜାତୀୟ ଅଞ୍ଚଳଗୁଡ଼ିକ ଏହି ତାଲିକାରେ ପ୍ରାୟ ୨୫.୨୦ କୋଟି ଟଙ୍କା ଯୋଡିଛନ୍ତି। ଉତ୍ତର ଆମେରିକା ଚଳଚ୍ଚିତ୍ରର ସବୁଠାରୁ ଶକ୍ତିଶାଳୀ ବିଦେଶୀ ବଜାର ମଧ୍ୟରୁ ଗୋଟିଏ ଭାବରେ ପରିଣତ ହୋଇଛି। ଯେଉଁଠାରେ ଏହା ଥିଏଟରରେ ଏହାର ତୃତୀୟ ସପ୍ତାହ ଶେଷରେ ୨ ମିଲିୟନ ଡଲାରର ମାଇଲଖୁଣ୍ଟ ଅତିକ୍ରମ କରିଛି।

# ପିଏମ୍-ସୂର୍ଯ୍ୟ ଘରକୁ ପିଏମ୍-ଆବାସ ସହ ସଂଯୋଜନ କରାଯିବ: ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିପିଏସ୍): ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଶକ୍ତି କ୍ଷେତ୍ରର ସୁଧାର, ସୁରକ୍ଷା ଏବଂ କେନ୍ଦ୍ର ଓ ରାଜ୍ୟ ଯୋଜନାର କାର୍ଯ୍ୟକାରିତା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି।

ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ, ଶ୍ରୀ ବିଶାଳ କୁମାର ଦେବ ଓପିଟିସିଏଲ୍ ର ସିଏମ୍ଡି ଶ୍ରୀ ଭାସ୍କର ଜ୍ୟୋତି ଶର୍ମା, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଏସ୍ ଏନ୍ ଗିରୀଶ ଏବଂ ଶକ୍ତି ବିଭାଗ ଓ ବିଦ୍ୟୁତ ବିତରଣ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




ନବୀକରଣୀୟ ଶକ୍ତି ଏବଂ ସୁଲଭ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ଘୋଷଣା କରିଛନ୍ତି ଯେ ପିଏମ୍-ସୂର୍ଯ୍ୟ ଘର ଯୋଜନାକୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଯଥା ପିଏମ-ଆବାସ ଯୋଜନା ସହ ସଂଯୋଜନ କରାଯିବ। ଏହା ସେମାନଙ୍କ ଇଚ୍ଛାଧୀନ ରହିବ। ଆମର ଲକ୍ଷ୍ୟ ହେଉଛି ପିଏମ୍ ଆବାସ ଏବଂ ଅନ୍ୟାନ୍ୟ ଗୃହ ଯୋଜନାର ପ୍ରତ୍ୟେକ ହିତାଧିକାରୀ ମଧ୍ୟ ସୌର ଶକ୍ତିର ସୁବିଧା ପାଇପାରନ୍ତୁ। ରାଜ୍ୟ ଗୃହ ଯୋଜନା ସହ ପିଏମ୍-ସୂର୍ଯ୍ୟ ଘରକୁ ସଂଯୋଜନ କରି ଆମେ ଲୋକଙ୍କୁ ୨୪ ଘଂଟିଆ ପରିଷ୍କାର ଏବଂ ସୁଲଭ ବିଜୁଳି ଯୋଗାଇ ଦେବା ସହ ସେମାନଙ୍କ ବିଜୁଳି ବିଲ୍ ମଧ୍ୟ ହ୍ରାସ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି।

ଏହି ଯୋଜନା ଅଧୀନରେ ସହରାଂଚଳରେ ୧ କିଲୋ ୱାଟ ବିଶିଷ୍ଟ ଛାତ ଉପର ସୌର ଶକ୍ତି ପ୍ୟାନେଲ ସ୍ଥାପନ ପାଇଁ କେନ୍ଦ୍ରରୁ ?୩୦୦୦୦ ଟଙ୍କା ଏବଂ ରାଜ୍ୟରୁ ?୨୫୦୦୦ ଟଙ୍କା ସବସିଡି ସହାୟତା ଦିଆଯାଉଛି। ହିତାଧିକାରୀଙ୍କୁ ମାତ୍ର ?୧୮୭୫ ଟଙ୍କା ବ୍ୟୟରେ ଏହି ସୁବିଧା ମିଳିବ।

ସହରାଂଚଳ ଏବଂ ଗ୍ରାମାଂଚଳରେ ଜନ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଡିସ୍କମ୍ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।ଓଡ଼ିଶାର ସମସ୍ତ ୪ଟି ବିଦ୍ୟୁତ ବିତରଣ କମ୍ପାନୀ ଅଧୀନରେ ?୩୭୦୮ କୋଟି ବ୍ୟୟରେ ଭୂତଳ କେବୁଲ ତାର ବିଛାଯିବ। ଏହା ଦ୍ୱାରା ବାତ୍ୟା କିମ୍ବା କାଳବୈଶାଖୀ ସମୟରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବ ନାହିଁ। ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ ପାଇଁ ଏକ ସମଗ୍ର ସୁରକ୍ଷା ଡିପିଆର ପ୍ରସ୍ତୁତ କରାଯାଉଛି। ବିପଜ୍ଜନକ ଖୋଲା, ତଳକୁ ଝୁଲୁଥିବା ତାର ସ୍ଥାନାନ୍ତର, ଖାଲି କଣ୍ଡକ୍ଟର ସ୍ଥାନରେ ଇନସୁଲେଟେଡ୍ କଣ୍ଡକ୍ଟର(ଆବରଣ ଥିବା), ବିତରଣ ସବଷ୍ଟେସନ୍ ରେ ଫେନ୍ସିଂ(ତାର ଜାଲି) ସ୍ଥାପନ, ପାୱାର ସବଷ୍ଟେସନ ବାଉଣ୍ଡ୍ରି ୱାଲ୍ ଏବଂ ସୁରକ୍ଷା ପାଇଁ କ୍ରେଡେଲ୍/ଗାର୍ଡ ତାର ବ୍ୟବସ୍ଥା କରାଯିବ।

ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ଓ ୟୁଟିଲିଟି ଲେଡ୍ ଆଗ୍ରିଗେସନ ମଡେଲ୍ ର କାର୍ଯ୍ୟାନ୍ୱୟନର ମଧ୍ୟ ସମୀକ୍ଷା କରାଯାଇଛି।

ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଓଡ଼ିଶାର ପ୍ରତ୍ୟେକ ଘରକୁ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ବିଜୁଳି ଯୋଗାଇବା ପାଇଁ ରାଜ୍ୟ ସରକାର ଅହରହ ଚେଷ୍ଟିତ। ଶକ୍ତି,ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ଆଦି ବିଭାଗ ଗୁଡ଼ିକର ସମନ୍ୱୟରେ ଏହି ସୁଧାର କାର୍ଯ୍ୟ ଗୁଡ଼ିକ ପର୍ଯ୍ୟାୟକ୍ରମେ ସମ୍ପାଦନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଜୁଳି ବିଲ୍ ରୁ ମୁକ୍ତି ସହିତ ସୁରକ୍ଷିତ ଓଡ଼ିଶା ଗଠନ ଦିଗରେ ଏହା ଏକ ପ୍ରଶଂସନୀୟ ପଦକ୍ଷେପ।

## ଭୁବନେଶ୍ୱରରେ ମତ୍ସ୍ୟଚାଷ ଓ ଆକ୍ୱାକଲଚର ଯୋଜନାର ସମୀକ୍ଷାକଲେ ମନ୍ତ୍ରୀ

ଭୁବନେଶ୍ୱର, (ପିପିଏସ୍): ଓଡ଼ିଶାରେ ମତ୍ସ୍ୟଚାଷ ଓ ଆକ୍ୱାକଲଚର କ୍ଷେତ୍ରର ବିକାଶ ନେଇ ଭୁବନେଶ୍ୱରରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଗୋପାଳନ ମନ୍ତ୍ରୀ ଲଲନ ସିଂହ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଷ୍ଟ୍ର ମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବଘେଲ ଏବଂ ଓଡ଼ିଶାର ମତ୍ସ୍ୟ, ପଶୁପାଳନ ବିକାଶ ଓ ଏମଏଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉପସ୍ଥିତ ଥିଲେ। ଏହି ବୈଠକରେ ମତ୍ସ୍ୟଚାଷ କ୍ଷେତ୍ର ସମ୍ପର୍କିତ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସ୍ଥିତି ନେଇ ଆଲୋଚନା କରାଯାଇଛି ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋସିଆଲ ମିଡିଆ ମାଧ୍ୟମରେ ସୂଚନା ଦେଇ କହିଛନ୍ତି ଯେ, ବୈଠକରେ ମତ୍ସ୍ୟଚାଷ କ୍ଷେତ୍ରରେ ଭାରତ ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନମୂଳକ ଯୋଜନା ଏବଂ ଓଡ଼ିଶାରେ ସେଗୁଡ଼ିକର କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯାଇଛି।

ସେ କହିଛନ୍ତି ଯେ, ଡବଲ ଇଞ୍ଜିନ ସରକାରର ମିଳିତ ପ୍ରୟାସରେ ଗ୍ରାମୀଣ ଅଂଚଳର ମାଛ ଉତ୍ପାଦକୁ ଦେଶ ଓ ବିଦେଶର ବଜାରରେ ପହଂଚାଇବା ସହ ମତ୍ସ୍ୟଜୀବୀମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି।

ଏହାସହ ରାଜ୍ୟରେ ଡିପ ସି ଫିସିଂ ପଲିସିର ବିକାଶ, ଯୁବବର୍ଗ ଓ ଷ୍ଟାର୍ଟଅପମାନଙ୍କୁ ଆର୍ଥିକ ସହାୟତା ଏବଂ ଋଣ ସୁବିଧା ଯୋଗାଇ ଦେବା ଉପରେ ମଧ୍ୟ ଆଲୋଚନା ହୋଇଥିବା ସେ କହିଛନ୍ତି। ସରକାର ମତ୍ସ୍ୟ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା, ରପ୍ତାନି ବୃଦ୍ଧି କରିବା ଏବଂ ମତ୍ସ୍ୟଜୀବୀ ସମୁଦାୟର ଆୟ ବୃଦ୍ଧି ପାଇଁ ପ୍ରତିବଦ୍ଧ ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

## ଖୁବଶୀଘ୍ର ଓଡ଼ିଶାରେ ଲାଗୁ ହେବ ପେଶା ଆଇନ: ମନ୍ତ୍ରୀ

ଭୁବନେଶ୍ୱର, (ପିପିଏସ୍): ଓଡ଼ିଶାରେ ଖୁବଶୀଘ୍ର କାର୍ଯ୍ୟକାରୀ ହେବ ପେଶା ଆଇନ । ଏନେଇ ଆସନ୍ତା କ୍ୟାବିନେଟ ବୈଠକରେ ପ୍ରସ୍ତାବ ଆଗତ କରାଯିବ ବୋଲି ପଂଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ପେଶା ଆଇନ କାର୍ଯ୍ୟକାରୀ କରିବା ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି। ଆଇନଟିକୁ ସଠିକ୍ ଭାବେ ଲାଗୁ କରିବା ପାଇଁ ସମସ୍ତ ଷ୍ଟେକ୍‌ହୋଲ୍ଡରଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଛି।

ସେ କହିଛନ୍ତି ଯେ, ପେଶା ଆଇନ ଲାଗୁ ହେବା ପରେ ଏହା ଯେପରି ସମସ୍ତଙ୍କ ପାଇଁ ସୁବିଧାଜନକ ଓ ପ୍ରଭାବଶାଳୀ ହୋଇପାରିବ, ସେଥିପାଇଁ ବିଭିନ୍ନ ପକ୍ଷଙ୍କ ମତାମତ ନିଆଯାଇଛି। ଆଇନରେ କୌଣସି ତ୍ରୁଟି ଯେପରି ନ ରହିବ, ସେଥିପାଇଁ ବିଭାଗ ପକ୍ଷରୁ ଯାଂଚ ଓ ସମୀକ୍ଷା ପରେ ଚୂଡ଼ାନ୍ତ ପ୍ରସ୍ତୁତି କରାଯାଇଛି।

## ଗୁଜୁରାଟରେ ଓଡ଼ିଆ ଦାଦନ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ



ଭଦ୍ରକ:ଗୁଜୁରାଟର ସୁରଟରେ କାମ କରୁଥିବା ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତକ ହେଲେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ କଂସାରୀପୁର ଗାଁର ଗୟାଧର ସେନାପତିଙ୍କ ୨୮ ବର୍ଷୀୟ ପୁଅ ଅମର ସେନାପତି ।ଠିକାଦାରଙ୍କ କହିବା ଅନୁଯାୟୀ, ଅମର ରହୁଥିବା ଘରେ ଆତ୍ମହତ୍ୟା କରିଥିଲେ। କିନ୍ତୁ ଏହି ଦାବିକୁ ପରିବାର ଖଣ୍ଡନ କରି ଅମରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଏନେଇ ସେମାନେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି ।ସୂଚନା ଅନୁସାରେ, ଅମର ଗତ ୧୦ ବର୍ଷ ଧରି ଗୁଜୁରାଟର ଏକ କମ୍ପାନୀରେ ଶାଢ଼ୀ ଡିଜାଇନର୍ ଭାବେ କାମ କରୁଥିଲେ। ତିନି ଦିନ ପୂର୍ବରୁ ତାଙ୍କ ମୃତ୍ୟୁ ସମ୍ପର୍କରେ ଠିକାଦାର ପରିବାରକୁ ସୂଚନା ଦେଇଥିଲେ। ଖବର ପାଇବା ପରେ ପରିବାର ଲୋକେ ଶୋକରେ ଭାଙ୍ଗି ପଡ଼ିଛନ୍ତି।

ତେବେ ସୁରଟରୁ ମୃତଦେହ ଗାଁକୁ ପଠାଯାଇଥିଲେ ମଧ୍ୟ ଦୁଇ ଦିନ ବିତିଯାଇଥିଲେ ସୁଦ୍ଧା ପରିବାର ହାତକୁ ଶବ ହସ୍ତାନ୍ତର ହୋଇନାହିଁ। ଶବ ଆଣିଥିବା ଗାଡ଼ି ଥାନା, ଡାକ୍ତରଖାନା ଓ ଗାଁ ମଧ୍ୟରେ ବୁଲୁଥିବାରୁ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

**ଭୁବନେଶ୍ୱର ସୁନ୍ଦରପଦା ବିସ୍ଫୋରଣ ମାମଲା**

## ସାତ ମାସ ପରେ ଆଉ ଜଣେ ଅଭିଯୁକ୍ତଙ୍କୁ ଏନ୍ଆଇଏ ଗିରଫ କଲା

ଭୁବନେଶ୍ୱର, ୦୮ ଜୁଲାଇ (ହି.ସ.) ଭୁବନେଶ୍ୱରର ସୁନ୍ଦରପଦାସ୍ଥିତ ଆଜାଦ ନଗର ବିସ୍ଫୋରଣ ମାମଲାରେ ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ବୁଧବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାର ପ୍ରାୟ ସାତ ମାସ ପରେ ହୋଇଥିବା ଏହି କାର୍ଯ୍ୟାନୁଷ୍ଠାନକୁ ତଦନ୍ତରେ ଏକ ବଡ଼ ସଫଳତା ଭାବେ ଦେଖାଯାଉଛି। ଗିରଫ ଅଭିଯୁକ୍ତଙ୍କ ନାମ ରୋହନ ରଞ୍ଜନ ରାଉତରାୟ। ଏନଆଇଏ ସୂଚନା ଅନୁଯାୟୀ, ସେ ଭୁବନେଶ୍ୱରର ପଟିଆ ଅଂଚଳର ବାସିନ୍ଦା। ତାଙ୍କୁ ଉତ୍ତରପ୍ରଦେଶରୁ ଗିରଫ କରାଯାଇଛି। ବିସ୍ଫୋରଣ ସହ ଜଡ଼ିତ ଷଡ଼ଯନ୍ତ୍ରରେ ତାଙ୍କ ଭୂମିକା ନେଇ ପ୍ରମାଣ ମିଳିବା ପରେ ତାଙ୍କୁ ହେପାଜତକୁ ନିଆଯାଇଥିବା ଏନଆଇଏ ପକ୍ଷରୁ କୁହାଯାଇଛି।



ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୭ ତାରିଖରେ ସୁନ୍ଦରପଦାର ଆଜାଦ ନଗରସ୍ଥିତ ଏକ ଘରେ ବେ ବୋମା ପ୍ରସ୍ତୁତ କରାଯାଉଥିବା ସମୟରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ଏହି ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣାର ଗୁରୁତ୍ୱକୁ ଦେଖି ପରେ ମାମଲାର ତଦନ୍ତ ଦାୟିତ୍ୱ ଏନଆଇଏ କୁ ହସ୍ତାନ୍ତର କରାଯାଇଥିଲା। ତଦନ୍ତ ସମୟରେ ଏନଆଇଏଟିମ୍ ଆଜାଦ ନଗରରେ ପହଂଚି ଘଟଣାସ୍ଥଳର ବିସ୍ତୃତ ଯାଂଚ କରିଥିଲା ଏବଂ ଫୋରେନସିକ୍ ପ୍ରମାଣ ଆଧାରରେ ତଦନ୍ତକୁ ଆଗକୁ ବଢ଼ାଇଥିଲା। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଶେହନବାଜ ମଲ୍ଲିକ ଓରଫ ମାଫି ଏବଂ ତାଙ୍କ ମାଆ ବିସ୍ଫୋରଣରେ ଗୁରୁତର ଆହତ ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା।

ଏନଆଇଏତଦନ୍ତ ସମୟରେ ଏହି ମାମଲାରୁ ବିପୁଳ ପରିମାଣର (ଆରଡିଏକ୍ସ) ବିସ୍ଫୋରକ ଜବତ କରାଯାଇଥିଲା। ଏତେ ବଡ଼ ପରିମାଣର ଉଚ୍ଚ କ୍ଷମତାସମ୍ପନ୍ନ ବିସ୍ଫୋରକ କେଉଁ ଉଦ୍ଦେଶ୍ୟରେ ରଖାଯାଇଥିଲା ଏବଂ ଏହା ପଛରେ କି ପ୍ରକାର ଷଡ଼ଯନ୍ତ୍ର ରହିଥିଲା, ସେ ନେଇ ଏଜେନ୍ସି ତଦନ୍ତ ଜାରି ରଖିଛି। ତଦନ୍ତକାରୀ ସଂସ୍ଥା ଏହି ମାମଲାରେ ଅନେକ ବ୍ୟକ୍ତିଙ୍କୁ ପଚରାଉଚରା କରିଛି। ଜବତ ହୋଇଥିବା ଆରଡିଏକ୍ସ ର ଉତ୍ସ, ଏହାର ସମ୍ଭାବ୍ୟ ବ୍ୟବହାର, ଯୋଗାଣ ଶୃଙ୍ଖଳା ଏବଂ ସମ୍ପୂର୍ଣ୍ଣ ନେଟୱର୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ତଦନ୍ତ ଚାଲିଛି।

ବିସ୍ଫୋରଣ ପଛରେ କୌଣସି ସଂଗଠିତ ଅପରାଧିକ ଗୋଷ୍ଠୀ କିମ୍ବା ଆତଙ୍କବାଦୀ ନେଟୱର୍କର ସମ୍ପୃକ୍ତି ରହିଛି କି ନାହିଁ, ସେ ଦିଗରେ ମଧ୍ୟ ଏନଆଇଏତଦନ୍ତ କରୁଛି।

**ଗଞ୍ଜାମରେ ବେଆଇନ ଅସ୍ତ୍ର କାରବାର**

## ପୋଲିସର ଚଢ଼ାଉ; ୫ ଗିରଫ, ବନ୍ଧୁକ ଓ ଗୁଳି ଜବତ

ବ୍ରହ୍ମପୁର:ବେଆଇନ ଅସ୍ତ୍ର କାରବାର ଓ ସଙ୍ଗଠିତ ଅପରାଧ ବିରୋଧରେ ଗଞ୍ଜାମ ପୋଲିସର ସ୍ୱତନ୍ତ୍ର ଅଭିଯାନରେ ବଡ଼ ସଫଳତା ମିଳିଛି। ଜିଲ୍ଲାର ଦୁଇଟି ପୃଥକ୍ ମାମଲାରେ ମୋଟ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ବେଆଇନ ବନ୍ଧୁକ, ମାଗାଜିନ୍ ଏବଂ ଜୀବନ୍ତ ଗୁଳି ଜବତ କରାଯାଇଛି ।ଭଞ୍ଜନଗର ଥାନା ଅଞ୍ଚଳରେ ଅନିଲ କୁମାର ସ୍ୱାଇଁ, ପିଣ୍ଟୁ ସେଠୀ, ସୁବାଶ ଚନ୍ଦ୍ର ପାଢ଼ୀ ଓ ବାଳକୃଷ୍ଣ ବିଷୋୟୀଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ଗୋଟିଏ ୯ ଏମ୍.ଏମ୍. ପିସ୍ତଲ, ଗୋଟିଏ ମାଗାଜିନ୍, ଦୁଇଟି ଜୀବନ୍ତ ଗୁଳି ଓ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଛି ।ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି,ଅଭିଯୁକ୍ତମାନେ ବନ୍ଧୁକ ଦେଖାଇ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରି ଜବରଦସ୍ତି ଅର୍ଥ ଆଦାୟ କରୁଥିଲେ।

ସେହିପରି କୋଦଳା ଥାନା ଅଞ୍ଚଳରେ ଫାସି ଗ୍ରାମର ୨୧ ବର୍ଷୀୟ ଓମ୍ ସ୍ୱାଇଁଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଓ ତିନୋଟି ଜୀବନ୍ତ ଗୁଳି ଜବତ କରାଯାଇଛି।

# ମତ୍ସ୍ୟଚାଷ ଓ ଜଳଜୀବ ପାଳନ ବିକାଶ ଯୋଜନାର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ ରାଜୀବରଞ୍ଜନ

ଭୁବନେଶ୍ୱର, (ପିପିଏସ୍): ଭାରତ ସରକାରଙ୍କ ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ପକ୍ଷରୁ ୮ ଜୁଲାଇ ୨୦୨୬ରେ ଓଡ଼ିଶାର ଭୁବନେଶ୍ୱରଠାରେ 'ଓଡ଼ିଶାରେ ମତ୍ସ୍ୟ ଏବଂ ଜଳଜୀବ ପାଳନ କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ରୂପାୟନ' ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ଏବଂ ପଂଚାୟତିରାଜ ମନ୍ତ୍ରୀ ଶ୍ରୀ ରାଜୀବ ରଞ୍ଜନ ସିଂହ ଅଧ୍ୟକ୍ଷତା କରିଥିଲେ।

ଏହି ବୈଠକରେ ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମତ୍ସ୍ୟପାଳନ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ଏବଂ ପଂଚାୟତିରାଜ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବଘେଲ ଏବଂ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହା ସହିତ ଭାରତ ସରକାରଙ୍କ ମତ୍ସ୍ୟଚାଷ ବିଭାଗ, ଓଡ଼ିଶା ରାଜ୍ୟ ମତ୍ସ୍ୟଚାଷ ବିଭାଗ, ଜାତୀୟ ମତ୍ସ୍ୟଚାଷ ବିକାଶ ବୋର୍ଡ , ଆଇସିଏଆର ପ୍ରତିଷ୍ଠାନ ସମୂହ, ଏନସିଡିସିର ଅଧିକାରୀବୃନ୍ଦ ଏବଂ ପାରାଦୀପ ପୋର୍ଟ ଟ୍ରଷ୍ଟର ପ୍ରତିନିଧିମାନେ ମଧ୍ୟ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ।

ଏହି ବୈଠକ ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ ଓଡ଼ିଶାର ପ୍ରଶଂସା କରି କହିଛନ୍ତି ଯେ, ବିବିଧ ପ୍ରକାରର ମଧୁର ଜଳ, ଲୁଣା ଜଳ ଏବଂ ସାମୁଦ୍ରିକ ମତ୍ସ୍ୟ ସମ୍ପଦକୁ ନେଇ ଓଡ଼ିଶା ଏକ ପ୍ରମୁଖ ମତ୍ସ୍ୟପାଳନ କେନ୍ଦ୍ର ଭାବେ ଉଭା ହୋଇଛି। ରାଜ୍ୟରେ ୨୦୨୫-୨୬ ବର୍ଷରେ ୧୨.୭୦ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦନ ହୋଇଛି। ଏହି କ୍ଷେତ୍ର ପ୍ରାୟ ୧୬ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀଙ୍କୁ ଜୀବିକା ଯୋଗାଇ ଦେଉଛି ଏବଂ ଏହାଦ୍ୱାରା ୫,୪୨୯ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନି ସମ୍ଭବ ହୋଇପାରିଛି।

ସେ କହିଥିଲେ ଯେ 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା' ଅଧୀନରେ ଓଡ଼ିଶାକୁ ବ୍ୟାପକ ସହାୟତା ମିଳିଛି। ଏଥିରେ ୧,୩୦୧ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି, ଯାହା ମାଛ ଉତ୍ପାଦନ ବୃଦ୍ଧି, ଭିତ୍ତିଭୂମି ବିକାଶ, ଆଧୁନିକ ଜ୍ଞାନକୌଶଳର ବ୍ୟବହାର, ମତ୍ସ୍ୟଜୀବୀଙ୍କ କଲ୍ୟାଣ ଏବଂ ଅମଳ ପରବର୍ତ୍ତୀ ସୁବିଧା ସୁଯୋଗ କ୍ଷେତ୍ରକୁ ସାମିଲ କରୁଛି।

କେନ୍ଦ୍ରମନ୍ତ୍ରୀ ଓଡ଼ିଶା ସରକାରଙ୍କୁ ମତ୍ସ୍ୟପାଳନର ମୂଲ୍ୟଶୃଙ୍ଖଳକୁ ଅଧିକ ମଜବୁତ କରିବାକୁ ଏବଂ ମତ୍ସ୍ୟଜୀବୀ, ମାଛ ଚାଷୀ, ରପ୍ତାନିକାରୀ, ସମବାୟ ସମିତି, ମତ୍ସ୍ୟ ଚାଷୀ ଉତ୍ପାଦକ ସଂଗଠନ ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ରପ୍ତାନିର ଅପୂର୍ଣ୍ଣ ସମ୍ଭାବନାର ସୁଯୋଗ ନେବାକୁ ଅନୁରୋଧ କରିଛନ୍ତି। ଏହା ସହିତ ସେ ଦକ୍ଷତା ବୃଦ୍ଧି, ଆଧୁନିକ ପ୍ରକ୍ରିୟାକରଣ ଜରିଆରେ ମୂଲ୍ୟ ସଂଯୋଜନକୁ ପ୍ରୋତ୍ସାହନ ଏବଂ ବଜାରରେ ପ୍ରତିଯୋଗିତା ମନୋଭାବ ବଢ଼ାଇବା ସହ ରପ୍ତାନିର ସୁଯୋଗ ସୃଷ୍ଟି କରିବା ଏବଂ ମତ୍ସ୍ୟ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ମାଛର ପ୍ରଜାତି ଓ ମତ୍ସ୍ୟଜାତ ଦ୍ରବ୍ୟରେ ବିବିଧତା ଆଣିବା ଉପରେ ଗୁରୁତ୍ୱ ଦେଇଥିଲେ।



ଭାରତ ସରକାରଙ୍କ ମତ୍ସ୍ୟପାଳନ ବିଭାଗର ସଚିବ (ମତ୍ସ୍ୟପାଳନ) ଡକ୍ଟର ଅଭିଲକ୍ଷ ଲିଖି ମତ୍ସ୍ୟପାଳନ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବକୁ ବହୁଗୁଣିତ କରିବା ପାଇଁ କେନ୍ଦ୍ରୀୟ ଯୋଜନା, ରାଜ୍ୟର ବିଭିନ୍ନ ପଦକ୍ଷେପ, ଆର୍ଥିକ ଅନୁଷ୍ଠାନ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଏକ ପ୍ରଭାବଶାଳୀ ସମନ୍ୱୟ ରକ୍ଷା କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେ ଓଡ଼ିଶାରେ ମତ୍ସ୍ୟପାଳନ କ୍ଷେତ୍ରର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ସମୟାନୁବର୍ତ୍ତୀ ପ୍ରକଳ୍ପ ରୂପାୟନ, ପରିଣାମ-ଆଧାରିତ ଅନୁଧ୍ୟାନ ଏବଂ ନବସୃଜନ, ସ୍ଥିରତା ଓ ଅନୁଷ୍ଠାନିକ ସୁଦୃଢ଼ୀକରଣ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି।

ଏହି ସମୀକ୍ଷା ବୈଠକର ପ୍ରାରମ୍ଭରେ ଏନଏଫଡିବିର ମୁଖ୍ୟ କାର୍ଯ୍ୟନିର୍ବାହୀ ଡକ୍ଟର ବିଜୟ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ। ସେ ଓଡ଼ିଶାରେ ଜୀବିକା ନିର୍ବାହ, ପୋଷଣ ନିରାପତ୍ତା ଏବଂ ରପ୍ତାନି ବୃଦ୍ଧି କ୍ଷେତ୍ରରେ ମତ୍ସ୍ୟଚାଷ ଓ ଜଳଜୀବପାଳନର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ।

ଏହାପରେ ଭାରତ ସରକାରଙ୍କ ମତ୍ସ୍ୟପାଳନ ବିଭାଗର ଯୁଗ୍ମ ସଚିବ ଡକ୍ଟର ସୁରଭି ରାୟଙ୍କ ଦ୍ୱାରା ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରାଯାଇଥିଲା। ସେ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ କେନ୍ଦ୍ରୀୟ ଯୋଜନା, ଯେପରିକି 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା', ମତ୍ସ୍ୟପାଳନ ଓ ଜଳଚର ଜୀବପାଳନ ଭିତ୍ତିଭୂମି ବିକାଶ ପାଣ୍ଠି, କିଷାନ କ୍ରେଡିଟ୍ କାର୍ଡ , ଏବଂ ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହ-ଯୋଜନାର ରୂପାୟନ ସ୍ଥିତିର ସମୀକ୍ଷା କରିଥିଲେ। ଏହି ଉପସ୍ଥାପନାରେ ପିଏମଏମଏସ-ୱାଇ ଅଧୀନରେ ହୋଇଥିବା ପ୍ରଗତି, ମତ୍ସ୍ୟପାଳନ ଭିତ୍ତିଭୂମିର ବିକାଶ, ମତ୍ସ୍ୟ ଅବତରଣ କେନ୍ଦ୍ର/ଜେଟି, ହାଚେରୀ, ଫିଡ୍ ମିଲ୍, ଜଳାଶୟରେ କେଜ୍ କଲ୍ଚର, ଜଳବାୟୁ-ସହନଶୀଳ ଉପକୂଳ ମତ୍ସ୍ୟଜୀବୀ ଗ୍ରାମ, କୃତ୍ରିମ ସାମୁଦ୍ରିକ ପାହାଡ଼, ମତ୍ସ୍ୟପାଳନ ସମବାୟ ସମିତି ଏବଂ ଏଫଏଫପିଓର ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ କେସିସି ସୁବିଧାର ସମ୍ପ୍ରସାରଣ, ଟ୍ରେସେବିଲିଟି, ପ୍ରକଳ୍ପ ରୂପାୟନ ଏବଂ ରପ୍ତାନି-ଭିତ୍ତିକ ମୂଲ୍ୟ ଶୃଙ୍ଖଳା ବିକାଶ ଭଳି ବିଶେଷ ଧ୍ୟାନ ଦେବାକୁ ଥିବା କ୍ଷେତ୍ରଗୁଡ଼ିକୁ ମଧ୍ୟ ଚିହ୍ନଟ କରାଯାଇଥିଲା।

ଏହି ଅବସରରେ ଆଇସିଏଆର-କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ସଂସ୍ଥାନ (ଆଇସିଏଆର-ସିଫା), ନାବାର୍ଡ ଏବଂ ଏନସିଡିସିର ପ୍ରତିନିଧିମାନେ ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ, ସଂସ୍ଥାଗତ ଋଣ ସୁବିଧାର ବୃଦ୍ଧି, ସମବାୟ ସମିତିଗୁଡ଼ିକର ବିକାଶ, ଭିତ୍ତିଭୂମି ନିର୍ମାଣ, ମୂଲ୍ୟ ଶୃଙ୍ଖଳର ସୁଦୃଢ଼ୀକରଣ ଏବଂ ବଜାର ସଂଯୋଗୀକରଣ ମାଧ୍ୟମରେ ଓଡ଼ିଶାର ମତ୍ସ୍ୟପାଳନ କ୍ଷେତ୍ରକୁ ଅଧିକ ମଜବୁତ କରିବା ପାଇଁ ଚାଲିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। ସେମାନେ ଉତ୍ପାଦନ, ଲାଭଦାୟକତା ଏବଂ ରପ୍ତାନି ପ୍ରତିଯୋଗିତା ବୃଦ୍ଧି କରିବା ପାଇଁ ହାଚେରୀ, ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଜେଟି, ଅଧିକ କୋଲ୍ଡ ଚେନ୍ ଏବଂ ପ୍ରକ୍ରିୟାକରଣ କେନ୍ଦ୍ର ଭଳି ମତ୍ସ୍ୟପାଳନ ଭିତ୍ତିଭୂମିର ସମ୍ପ୍ରସାରଣ ଓ ସୁଦୃଢ଼ୀକରଣର ସୁଯୋଗ ଉପରେ ଆଲୋକପାତ କରିଥିଲେ। ଏଥିସହ ଅଧିକ ମୂଲ୍ୟଯୁକ୍ତ ପ୍ରଜାତି ଯେପରିକି- ଗଲଦା ଚିଙ୍ଗୁଡ଼ି, ଭେକ୍ଟି, ପୋମ୍ପାନୋ ଏବଂ ତିଲାପିଆ ଚାଷର ବିବିଧତାକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରତିନିଧିମାନେ ରାଜ୍ୟର ମତ୍ସ୍ୟପାଳନ କ୍ଷେତ୍ରର ସମ୍ପୂର୍ଣ୍ଣ ସମ୍ଭାବନାକୁ କାର୍ଯ୍ୟରେ ଲଗାଇବା ପାଇଁ ଆଧୁନିକ ଜ୍ଞାନକୌଶଳର ବ୍ୟବହାର, ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟ ଏବଂ ପୁଞ୍ଜିନିବେଶ ବୃଦ୍ଧି ଉପରେ ବିଶେଷ ଜୋର୍ ଦେଇଥିଲେ।

ଏସବୁ ଆଲୋଚନା ଓଡ଼ିଶାକୁ ଏକ ପ୍ରମୁଖ ମତ୍ସ୍ୟପାଳନ ଏବଂ ଜଳଚର ଜୀବପାଳନ କେନ୍ଦ୍ରରେ ପରିଣତ କରିବା ସହ ଭାରତର ନୀଳ ଅର୍ଥନୀତି ଅଭିଳାଷକୁ ସାକାର କରିବାରେ ବଡ଼ ଯୋଗଦାନ ଦେବା ପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର, ବିଭିନ୍ନ ଗବେଷଣା ପ୍ରତିଷ୍ଠାନ, ଆର୍ଥିକ ଅନୁଷ୍ଠାନ ଏବଂ ମତ୍ସ୍ୟପାଳନ ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କ ମିଳିତ ତଥା ସମନ୍ୱିତ ପ୍ରୟାସକୁ ଦର୍ଶାଉଛି।

## ବାର୍ହା ଫାଶରେ ପଡ଼ି ବାଘର ମୃତ୍ୟୁ: ମନ୍ତ୍ରୀ ଗଣେଶରାମ

ଭୁବନେଶ୍ୱର, (ପିପିଏସ୍): ଗଛ ଉପରୁ ବାଘର ମୃତଦେହ ମିଳିବା ଘଟଣାରେ ପ୍ରାଥମିକ ତଦନ୍ତ ଆଧାରରେ ର୍ବାହା ଫାଶରେ ପଡ଼ି ବାଘର ମୃତ୍ୟୁ ହୋଇଥିବା ସୂଚନା ଦେଇଛନ୍ତି ରାଜ୍ୟର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଂଟିଆ ।


ମନ୍ତ୍ରୀ କହିଛନ୍ତି ଯେ, ଡିଏଫ୍ଓଙ୍କ ସୂଚନା ଅନୁଯାୟୀ ର୍ବାହା ଶିକାର ପାଇଁ ଲଗାଯାଇଥିବା ଫାଶରେ ପଡ଼ି ବାଘର ଜୀବନ ଯାଇଛି। ଫାଶରେ ଫସିବା ପରେ ବାଘ ଗଛ ଉପରକୁ ଚଢ଼ିବାକୁ ଚେଷ୍ଟା କରିଥିବା ମଧ୍ୟ ଜଣାପଡ଼ିଛି।

ଘଟଣାରେ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ମାମଲାରେ ୩ ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ସମଗ୍ର ଘଟଣା ଉପରେ ବନ ବିଭାଗ ନଜର ରଖିଛି।

ମନ୍ତ୍ରୀ କହିଛନ୍ତି ଯେ, ତଦନ୍ତରେ ଯେଉଁମାନେ ଦୋଷୀ ପ୍ରମାଣିତ ହେବେ, ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଢେଉ ସହ ଯୁଦ୍ଧରେ ହାରି କୂଳରେ ଲାଗିଲା ସମୁଦ୍ର ଦୂତ

# ଅସ୍ତରଙ୍ଗ ଗୁଣ୍ଡଳବାରେ ପୁଣି ଲାଗିଲା ରହସ୍ୟମୟ ବୁଆ



ଅସ୍ତରଙ୍ଗ, (ପିପିଏସ୍): ସମୁଦ୍ର କିଛି କହିବାକୁ ଚାହୁଁଛି କି? ବୁଧବାର ସକାଳୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଗୁଣ୍ଡଳବା ସମୁଦ୍ର କୂଳରେ ପୁଣି ଥରେ ଢେଉ ସହିତ ଭାସି ଆସିଛି ଏକ ବିରାଟ ଲୁହା ବୁଆ। ଉପରେ ସ୍ପଷ୍ଟ ଭାବେ ୯ ନମ୍ବର ଲେଖା ହୋଇଥିବା ବେଳେ ମୁଣ୍ଡ ଉପରେ ଥିବା ଲାଇଟ ଫ୍ରେମ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଜଙ୍ଗ ଓ ସିପି ଲାଗି ଏହି ବୁଆ କହୁଛି ସେ ଦିନକ ପାଇଁ ସମୁଦ୍ର ସହ ଯୁଦ୍ଧ କରିସାରିଛି।

ଆଶ୍ଚର୍ଯ୍ୟର କଥା ହେଉଛି, ଗତ ୩ରୁ ୪ ବର୍ଷ ଭିତରେ ଏହି ଗୁଣ୍ଡଳବା କୂଳରେ ଏହା ତୃତୀୟ ଥର ପାଇଁ ବୁଆ ଲାଗିଲା। ସକାଳୁ ଖବର ପାଇ ଶହ ଶହ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକ ସେଲଫି ନେବା ପାଇଁ କୂଳକୁ ଦୌଡ଼ି ଆସିଥିଲେ। ଏହି ବୁଆଟି ହେଉଛି ସମୁଦ୍ରର ଆଖି। ନୌ-ସଙ୍କେତ ବୁଆ ନାଁରେ ପରିଚିତ ଏହି ଯନ୍ତ୍ର ସମୁଦ୍ର ଭିତରେ ଜାହାଜ ଓ ମାଛ ଧରା ନୌକାଙ୍କୁ ରାସ୍ତା ଦେଖାଏ। କେଉଁଠି ଗଭୀରତା ଅଧିକ, କେଉଁଠି ବାଲିଚର ଅଛି, କେଉଁଠି ବିପଦ ଅଛି ସେ ସବୁ ରାତିରେ ଜଳୁଥିବା ଲାଇଟ ଜରିଆରେ ବୁଝାଏ। ଉପରେ ଥିବା ୯ ନମ୍ବର ହେଉଛି ତାର ପରିଚୟ।

ଭୁବନେଶ୍ୱରରୁ ପରିବାର ସହ ବୁଲିବାକୁ ଆସିଥିବା ପର୍ଯ୍ୟଟକ ରଂଜିତ ରାଉତ କହିଛନ୍ତି , 'ଏତେ ବଡ ଲୁହା ବସ୍ତୁ ଆମେ ପ୍ରଥମ ଥର ଦେଖିଲୁ। ଦେଖି ପ୍ରଥମେ ଡରିଯାଇଥିଲୁ କିଛି ଦୁର୍ଘଟଣା ହୋଇଛି କି ବୋଲି। ପରେ ଜଣାପଡିଲା ଏଇଟା ସମୁଦ୍ର ବୁଆ। ସମୁଦ୍ର କେତେ ଶକ୍ତିଶାଳୀ ତାହା ଏହି ବୁଆ ହିଁ ବୁଝାଇ ଦେଲା। ପ୍ରଶାସନ ଏହାକୁ ଶୀଘ୍ର ଉଠାଇ ନେଲେ ଭଲ, ନଚେତ ଛୋଟ ପିଲାଙ୍କ ପାଇଁ ବିପଦ। ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି ପରିବେଶବିତ ତଥା ସ୍ଥାନୀୟ ବାସିନ୍ଦା ବିଚିତ୍ର ବିଶ୍ୱାଳ। ସେ କହିଛନ୍ତି 'ଏହା କେବଳ ଗୋଟେ ବୁଆ ନୁହେଁ, ଏହା ବଙ୍ଗୋପସାଗରର ଗୋଟେ ଚେତାବନୀ। ୪ ବର୍ଷରେ ୩ ଥର ବୁଆ ଲାଗିବା ମାନେ ସମୁଦ୍ର ଅଧିକ ଅଶାନ୍ତ ହେଉଛି। ଜଳବାୟୁ ପରିବର୍ତନ ଯୋଗୁଁ ଲଘୁଚାପ ଓ ବାତ୍ୟା ବଢୁଛି। ଢେଉର ଶକ୍ତି ବଢୁଛି। ଯୋଗୁଁ ସମୁଦ୍ର ଭିତରେ ଲାଗିଥିବା ବୁଆ ମୁରିଙ୍ଗରୁ ଖିଆ ହୋଇ କୂଳକୁ ଆସୁଛି। ଏହା ଆମ ପାଇଁ ଗୋଟେ ସତର୍କ ସଙ୍କେତ। ସ୍ଥାନୀୟ ପ୍ରଶାସନ, ବୁଆଟିକୁ ଉଦ୍ଧାର କରିବା ପାଇଁ ପୋର୍ଟ ଅଥରିଟିକୁ ଚିଠି ଲେଖା ହୋଇଛି। ବିଶେଷଜ୍ଞଙ୍କ ମତରେ ଏଭଳି ବୁଆକୁ ଛୁଇଁବା ଉଚିତ ନୁହେଁ। ଭିତରେ ବ୍ୟାଟେରୀ ବା ଅନ୍ୟ ରାସାୟନିକ ପଦାର୍ଥ ଥାଇପାରେ। ସମୁଦ୍ର କେବେ କେମିତି ନିଜ ସଙ୍କେତ ପଠାଇଦିଏ କେହି ଜାଣିପାରିବେ ନାହିଁ। ଗୁଣ୍ଡଳବା କୂଳରେ ଲାଗିଥିବା ଏହି ୯ ନମ୍ବର ବୁଆ କ'ଣ ଆମକୁ କିଛି ବୁଝାଇବାକୁ ଚାହୁଁଛି ତାହା ଏବେ ବଡ ପ୍ରଶ୍ନ।

## ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବାର୍ଷିକୋତ୍ସବ



କେନ୍ଦ୍ରାପଡ଼ା,(ପିପିଏସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ଉଚ୍ଚ ବିଦ୍ୟାଳୟ ଓ ପୁରାତନ ଛାତ୍ର ସଂସଦର ମିଳିତ ଆନୁକୂଲ୍ୟରେ ବୁଧବାର ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଜ୍ଞାନ ମିଶନ ଅଧକ୍ଷ ପୂଜ୍ୟ ଶ୍ରୀପରମହଂସ ପ୍ରଜ୍ଞାନାନନ୍ଦ ଗିରି ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଉପାଦେୟ ତଥ୍ୟମାନ ପ୍ରଦାନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଭାରତରେ ଭ୍ରଷ୍ଟାଚାର କରୁଥିବା ଅଧିକ ଲୋକ ଉଚ୍ଚ ଶିକ୍ଷିତ, କୁନି କୁନି ପିଲାମାନେ ଚାହିଁଲେ ସମାଜକୁ ବଦଳାଇ ଦେଇ ପାରିବେ, ସେ ଆହୁରି ମଧ୍ୟ କହିଲେ ଯେ ପିଲାମାନେ ବାହ୍ୟ ଚାକ ଚକ୍ୟରେ ନ ପଡ଼ି ନିଜକୁ ସଂଯତ ରଖ, ନିଜର ଚରିତ୍ର ଠିକ ରଖ ଓ ସମୟ ନଷ୍ଟ କରନାହିଁ, ଆମ ଦେଶରେ ଶିକ୍ଷକଙ୍କ ଅଭାବ ରହିଛି, ଏଣୁ ବିଦ୍ୟାର୍ଥୀ ମାନଙ୍କ ଏଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ, ଏଥିରେ ମୁଖ୍ୟ ବକ୍ତାଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗ ଦେଇ ତାଙ୍କ ବକ୍ତବ୍ୟରେ କହିଲେ ଯେ ଗୁରୁଜନ ମାନଙ୍କ ପ୍ରତି ସମ୍ମାନ ରଖିଥିବା ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ, ସେ ବିଦ୍ୟାଳୟର ଅର୍ଦ୍ଧନିର୍ମିତ ଭୋଜନାଳୟ ଓ ଭାଙ୍ଗି ଯାଇଥିବା ପାଚେରୀ ପାଇଁ ଆର୍ଥିକ ଅନୁଦାନ ବରାଦ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦ ସଭାପତି ସୁଧାଂଶୁ ଶେଖର ଦାସ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଆଲୋକ ରଞ୍ଜନ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଇନ୍ଦୁପୁର ର ଶାଖା ପରିଚାଳକ ସଞ୍ଜୟ କୁମାର ନାୟକ ଓ ଇନ୍ଦୁପୁର ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ, ଅତିଥି ମାନଙ୍କ ଦ୍ୱାରା ଉତ୍ସବର ଉଦଘାଟନ ପରେ ବିଦ୍ୟାଳୟ ର ଛାତ୍ରୀ ମାନଙ୍କ ଦ୍ୱାରା ଜାତୀୟ ସଂଗୀତ ଓ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା, ଏହି କାର୍ଯ୍ୟକ୍ରମ ରେ ଶିକ୍ଷକ ଗୌରବ ଭାବେ ପୁରାତନ ଶିକ୍ଷିକା ସୁଶ୍ରୀ ଆରତି ରଞ୍ଜନା ନାୟକ ଓ ଛାତ୍ର ଗୌରବ ଭାବେ ଡ଼ ଶ୍ରୀବଲ୍ଲ ଲାଞ୍ଛନ ଜେନାଙ୍କୁ ସମ୍ମାନିତ କରାଯାଇଥିଲା, ଏଥିରେ ଗତ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟରୁ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ବିଦ୍ୟାରାଣୀ ନାୟକ ଓ ପାଖ ଆଖ ସାତ ଗୋଟି ହାଇସ୍କୁଲର ମାଟ୍ରିକ ଟପରମାନଙ୍କୁ ସାର୍ଟିଫିକେଟ୍ ଓ ଅର୍ଥ ରାଶି ସହ ପୁରସ୍କୃତ କରାଯାଇଥିଲା, ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ବହୁ ପୁରାତନ ଛାତ୍ର ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଶେଷରେ ପୁରାତନ ଛାତ୍ର ସଂସଦର ଉପସଭାପତି ଡ଼ କାଳୀପ୍ରସନ୍ନ ଶତପଥୀ ଧନ୍ୟବାଦ ଦେଇଥିଲେ, କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ତ୍ରିଲୋଚନ ଜେନା, ବ୍ରଜ କିଶୋର ପତି, ସାମ୍ବାଦିକ ପରୀକ୍ଷିତ ପାତ୍ର,ଙ୍କ ଶତ୍ରୁଘ୍ନ ଦାସ, ଦେବେନ୍ଦ୍ର ରାଉତ, ଚିରଞ୍ଜନ ରାଉତ, ମଦନ ମୋହନ ସ୍ୱାଇଁ, ଅକ୍ଷୟ କୁମାର ସ୍ୱାଇଁ, ସରୋଜ କୁମାର ସ୍ୱାଇଁ, ନରଗାମ ଜେନା, ରାଜନ ଆଟୋଲ, ଡ଼ ପ୍ରମୋଦ କୁମାର ରାଉତ, ଦେବାଶିଷ ସାମଲ ଓ ଶୁଚିସ୍ମିତା ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ, ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଟ୍ରେନ୍‌ରୁ ସୁନା ଅଳଙ୍କାର ଚୋରି ଘଟଣାରେ ୨ ଗିରଫ



ବ୍ରହ୍ମପୁର, (ପିପିଏସ୍): ଗତ ୧ ତାରିଖ ଦିନ କେଦାରନାଥ ଶବର ଓ ତାଙ୍କ ପରିବାର ଭୁବନେଶ୍ୱରରୁ ରାୟଗଡ଼ା ଟ୍ରେନରେ ଯାତ୍ରା କରିବା ସମୟରେ ତାଙ୍କର ସୁନା ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଥିବା ଭ୍ୟାନିଟି ବ୍ୟାଗଟି ଚୋରି ହୋଇଥିଲା। କେଦାରନାଥ ଏନେଇ ବ୍ରହ୍ମପୁର ଜିଆର୍‌ପି ଥାନାରେ ଅଭିଯୋଗ କରିଥିଲେ। ଜିଆର୍‌ପି ଅଧିକାରୀ ବି.ଏଚ୍. ମଲ୍ଲିକଙ୍କ ନେତୃତ୍ୱରେ ବ୍ରହ୍ମପୁର ଜିଆରପି ଟିମ୍ ଏବଂ ଆରପିଏଫ୍ ଇନ୍ସପେକ୍ଟର ବିବେକ କୁମାରଙ୍କ ସହଯୋଗରେ ସିସିଟିଭି ଫୁଟେଜ୍‌ରୁ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଥିଲା। ଉଭୟ ଟିମ୍ ଖୋର୍ଦ୍ଧା ରୋଡ ଯାଇ ସେଠାରେ ତଦନ୍ତ ଚଳାଇ ଖୋର୍ଦ୍ଧା ଜିଲ୍ଲା ଜଟଣୀ ସ୍ଥିତ ଲୋକୋ କଲୋନୀରେ ଚଢ଼ାଉ କରାଯାଇ ମୁଖ୍ୟ ଅଭିଯୁକ୍ତ ସୁରଜ କୁମାର ପ୍ରସାଦଙ୍କୁ ଗିରଫ କରାଯାଇଥିଲା। ତାଙ୍କ ସୂଚନା ଆଧାରରେ ଅନ୍ୟ ଅଭିଯୁକ୍ତ ସଞ୍ଜୟ କୁମାର ନାୟକଙ୍କୁ ମଧ ଗିରଫ କରାଯାଇଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ପ୍ରାୟ ୬୩.୬୨ ଗ୍ରାମ ଚୋରି ହୋଇଥିବା ସୁନା ଅଳଙ୍କାର ଉଦ୍ଧାର କରାଯାଇ ଜବତ କରାଯାଉଛି। ଯାହାର ମୂଲ୍ୟ ବର୍ତମାନ ୭,୨୮,୨୧୬ ଟଙ୍କା ହେବ ବୋଲି ତଦନ୍ତରୁ ଜଣାପଡ଼ିଛି। ସୁରଜ କୁମାର ପ୍ରସାଦ ଏହି ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ହୋଇଥିବା ବେଳେ ସଞ୍ଜୟ କୁମାର ନାୟକ ଚୋରି ସାମଗ୍ରୀ ବିକ୍ରି କରିବାକୁ ଉଦ୍ୟମ କରୁଥିଲା। ଅବଶିଷ୍ଟ ଚୋରି ସାମଗ୍ରୀ ଉଦ୍ଧାର ଓ ଏହି ଚୋରୀ ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି ନା ନାହିଁ ସେ ସମ୍ପର୍କରେ ତଦନ୍ତ ଜାରି ରହିଛି।

## ସାମ୍ବାଦିକଙ୍କ ପିତୃ ବିୟୋଗ: ବିଭିନ୍ନ ମହଲରେ ଶୋକ



ଯାଜପୁର (ପିପିଏସ): ଦାନଗଦୀ ବ୍ଲକ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ଜେନାଙ୍କ ପିତା ବ୍ରହ୍ମାନନ୍ଦ ଜେନା (୭୬)ଙ୍କର ବ୍ୟାସନଗର ପୌରାଞ୍ଚଳ ଅନ୍ତର୍ଗତ ସାପଗଡ଼ିଆସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କପତ୍ନୀ ମନୋରମା, ପୁତ୍ର ପ୍ରଦୀପ, ପ୍ରଶାନ୍ତ, ପ୍ରଭାତ, ଝିଅ, ଜୋଇଁ ଓ ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ଜଣେ ପରୋପକାରୀ, ମିଷ୍ଟଭାଷୀ ତଥା ସମାଜସେବୀଭାବେ ପରିଚିତ ସ୍ୱର୍ଗତ ଜେନା ଅଞ୍ଚଳର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବ୍ୟାସନଗର ପୌରପାଳ ସୁବାସ ବଳ, କାଉନସିଲର ଶିବାନନ୍ଦ ନାୟକ, ପୂର୍ବତନ କାଉନସିଲର ଅନୁପ ନାୟକ ଏବଂ ବରିଷ୍ଠ ସାମ୍ବାଦିକ ହାରାଧନ ବାନାର୍ଜୀ ପ୍ରମୁଖ ସ୍ୱର୍ଗତ ଜେନାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅନ୍ତିମ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ସ୍ୱର୍ଗତ ଜେନାଙ୍କ ପରଲୋକରେ ସାମ୍ବାଦିକ ଆଶୁତୋଷ ବଳ, ଚିନ୍ତାମଣି ପାଢ଼ୀ,ରଙ୍ଗବଲ୍ଲଭ ସାହୁ, ବିମଳେନ୍ଦୁ ବେହୁରା, ଶରତ ପୋଥାଳ, ପ୍ରକାଶ ରାଉତ, ଶୁଭାଶିଷ ରାଉତ, ବିପ୍ଳବ ପଣ୍ଡା, ଅକ୍ଷୟ କୁମାର ଧଳ, ଅବିନାଶ ମିଶ୍ର ସଂଜୀବ ବାରିକ, ବିଜୟ ବାରିକ, ପ୍ରତାପ ବାରିକ, ସ୍ୱରୂପ ନାୟକ, ସରୋଜ ନାୟକ, ପ୍ରକାଶ ପରିଡ଼ା ଓ ପ୍ରଦୀପ ଚାନ୍ଦଙ୍କ ସମେତ କଳିଙ୍ଗନଗର ଓ ବ୍ୟାସନଗର ଅଞ୍ଚଳର ବହୁ ଗଣମାଧ୍ୟମ ପ୍ରତିନିଧି ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଭଦ୍ରକରେ ନାବାଳିକା ଭାଣିଜୀକୁ ବଳାତ୍କାର କରି ମାମୁଁ ଗିରଫ



ଭଦ୍ରକ, (ପିପିଏସ୍): ଓଡ଼ିଶାର ଭଦ୍ରକ ଜିଲ୍ଲାରେ ତାଙ୍କ ନାବାଳିକା ଭାଣିଜୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଓଡ଼ିଶା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ପୋଲିସର କହିବା ଅନୁଯାୟୀ, ପୀଡିତାଙ୍କ ପରିବାରର ଅନୁପସ୍ଥିତିର ସୁଯୋଗ ନେଇ ସିନୁ ମୁର୍ମୁ ଗତ କିଛି ଦିନ ମଧ୍ୟରେ ନାବାଳିକାଙ୍କୁ ଦୁଇଥର ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଭଦ୍ରକ ଟାଉନ୍ ପୋଲିସର ଇନସ୍ପେକ୍ଟର ଇନଚାର୍ଜ (ଆଇଆଇସି) ପ୍ରଭାଂଶୁ ମିଶ୍ର କହିଛନ୍ତି ଯେ ପୀଡିତାଙ୍କ ବାପାମାଆ ଢୁବୁରୀରେ କାମ କରନ୍ତି। ସେମାନେ ତାଙ୍କ ୧୪ ବର୍ଷୀୟ ଝିଅକୁ ତାଙ୍କ ମାମୁଁଙ୍କ ପାଖରେ ଘରେ ଛାଡି ଦେଇଥିଲେ। ତାଙ୍କ ବାପାମାଆ ଅନୁପସ୍ଥିତ ଥିବା ସମୟରେ କାକା ତାଙ୍କୁ ଦୁଇଥର ବଳାତ୍କାର କରିଥିଲେ। ଘରକୁ ଫେରିବା ପରେ ପୀଡିତା ତାଙ୍କ ବାପାମାଆଙ୍କୁ ଅପରାଧ ବିଷୟରେ କହିବା ପରେ ହିଁ ଘଟଣାଟି ଜଣାପଡ଼ିଥିଲା। ଏହା ପରେ, ପୀଡିତା ଏବଂ ତାଙ୍କ ପରିବାର ଭଦ୍ରକ ଟାଉନ୍ ପୋଲିସକୁ ଘଟଣା ବିଷୟରେ ଜଣାଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଛି। ପଚରାଉଚରା ସମୟରେ, ଅଭିଯୁକ୍ତ ଅପରାଧ ସ୍ୱୀକାର କରିଛି ବୋଲି ଆଇଆଇସି କହିଛନ୍ତି। ପୋଲିସ ପୀଡିତାଙ୍କ ଡାକ୍ତରୀ ପରୀକ୍ଷା ମଧ କରିଛି ଏବଂ ତାଙ୍କ ବୟାନ ରେକର୍ଡ କରିଛି। ଏହା ବ୍ୟତୀତ, ବୁଧବାର ଅଭିଯୁକ୍ତଙ୍କୁ କୋର୍ଟକୁ ପଠାଇବା ପାଇଁ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି। ପୋଲିସ ଅଭିଯୁକ୍ତ ସିନୁ ମୁର୍ମୁ (୪୪) ବୋଲି ଚିହ୍ନଟ କରିଛି। ସେ ଭଦ୍ରକ ଟାଉନ ଥାନା ଅଂଚଳ ଜଗନ୍ନାଥପୁରର ମୂଳ ବାସିନ୍ଦା। ପୀଡିତାଙ୍କ ପରିବାର ଅଭିଯୋଗ କରିବା ପରେ ମଙ୍ଗଳବାର ରାତିରେ ତାଙ୍କୁ ଗିରଫ କରାଯାଇଛି ବୋଲି ଅଧିକାରୀ କହିଛନ୍ତି।

## ନୟାଗଡ଼ ପିଟିଏସ ଠାରେ ପୁଲିସ ଯାନ ଚାଳକମାନଙ୍କ ଦୀକ୍ଷାନ୍ତ ସମାରୋହ



ନୟାଗଡ, (ପିପିଏସ୍): ଆଜି ନୟାଗଡ ପୋଲିସ ଟ୍ରେନିଂ ସ୍କୁଲଠାରେ ଦ୍ୱିତୀୟ ବ୍ୟାଚ। କ୍ୟାଡ଼ର ଯାନ ଚାଳକ ପ୍ରଶିକ୍ଷାର୍ଥୀମାନଙ୍କର ଦୀକ୍ଷାନ୍ତ ସମାରୋହ ଏବଂ ପଞ୍ଚମ ବ୍ୟାଚ ଊଓଉ ଶିକ୍ଷାର୍ଥୀମାନଙ୍କର ସମାପନ କାର୍ଯକ୍ରମ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଦୀକ୍ଷାନ୍ତ ସମାରୋହରେ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ ଶୁଭେନ୍ଦୁ କୁମାର ପାତ୍ର, ଜିଲ୍ଲା ଆରକ୍ଷୀ ଅକ୍ଷକ, ନୟାଗଡ। ପିଟିଏସର ସମସ୍ତ କର୍ମକର୍ତା ତଥା ଯେଉଁମାନଙ୍କ ପାଇଁ ଆଜିର ଏହି ଭବ୍ୟ ଉତ୍ସବର ଆୟୋଜନ,୧୯୬୨ ମସିହାରୁ ପ୍ରତିଷ୍ଠିତ ଏହି ପ୍ରଶିକ୍ଷଣ ବିଦ୍ୟାଳୟ, ରକ୍ଷୀ ପାହାଡ଼ର ପାଦଦେଶର ଅବସ୍ଥିତ। ଏଠାରୁ ତାଲିମ ନେଇ ଓଡ଼ିଶାର କୋଣ ଅନୁକୋଣରେ କେତେ ଯେ ବୀରଯବାନ ନିୟୋଜିତ ହୋଇଛନ୍ତି ତାର ହିସାବ ନାହିଁ ଯାନ ଚାଳକମାନେ ହେଉଛନ୍ତି ପୋଲିସ ବିଭାଗର ଅବିଚ୍ଛେଦ୍ୟ ଅଙ୍ଗ ତଥା ହୃତପିଣ୍ଡ ସଦୃଶ। ସେମାନଙ୍କର ଦୂରଦୃଷ୍ଟି, ସମୟୋଚିତ ବୁଦ୍ଧି, ବିଭାଗୀୟ ଅଙ୍ଗୀକାର ପ୍ରତିବଦ୍ଧତା ବିଭାଗୀୟ କ୍ଷେତ୍ରରେ ଏକ ପ୍ରମୁଖ ଉପାଦାନ।

## ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ସାତଦିନିଆ ବନ ମହୋତ୍ସବ




ବ୍ରହ୍ମପୁର, (ପିପିଏସ୍): ଜୁଲାଇ ମାସର ପ୍ରଥମ ସପ୍ତାହ ଅବସରରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ସାତଦିନିଆ ବନ ମହୋତ୍ସବ ସପ୍ତାହ ବିଭିନ୍ନ ସ୍ଥାନରେ ପାଳନ କରାଯାଇଛି। ଏହି ଅବସରରେ ବିଭିନ୍ନ ସାମାଜିକ ସଙ୍ଗଠନ, ଶିକ୍ଷାନୁଷ୍ଠାନ, ଆଶ୍ରମ ଓ ସ୍ୱାସ୍ଥ୍ୟ ଅନୁଷ୍ଠାନର ସହଯୋଗରେ ବୃକ୍ଷରୋପଣ, ବୃକ୍ଷ ସୁରକ୍ଷା ଏବଂ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ 'ବୃକ୍ଷ ହିଁ ଜୀବନ', ଡୋରୁ ଟୁ ଡୋର ଟ୍ରି, ଅଡପ୍ଟ ଏ ଟ୍ରି, ପ୍ଲାଣ୍ଟେସନ୍ ଡ୍ରାଇଭ ଭଳି ଅଭିଯାନ ମାଧ୍ୟମରେ ଜନସାଧାରଣ, ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ବୃକ୍ଷରୋପଣ, ବୃକ୍ଷ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅଭିଯାନ ସମୟରେ ଅନେକ ବ୍ୟକ୍ତି ବୃକ୍ଷକୁ ପୋଷ୍ୟ ଭାବେ ଗ୍ରହଣ କରି ତାହାର ଯତ୍ନ ନେବାକୁ ସଂକଳ୍ପବଦ୍ଧ ହୋଇଥିଲେ। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ବ୍ରହ୍ମପୁରର ମୁଖ୍ୟ ରାକେଶ ପୃଷ୍ଟି, ୟୁଥ୍ ହଷ୍ଟେଲ ଆସୋସିଏସନ୍ ଅଫ୍ ଇଣ୍ଡିଆ (ବ୍ରହ୍ମପୁର ଶାଖା)ର ପଦ୍ମନାଭ ଦାଢେ, ଆଇସିଏଆଇ(ସି.ଏ.) ବ୍ରହ୍ମପୁର ଶାଖାର ସୀତାରଜନୀ, ହରିପୁର ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରି ରାଧାରାଣୀ ବେହେରା, ସାବରୀମାତା ଆଶ୍ରମର ନଗେନ୍ଦ୍ରନାଥ ମହାରଣା ଏବଂ ରୁବୀ ହସ୍ପିଟାଲ, ଚିକିଟିର ଡ଼ଃ ବି. ନାଗେଶ୍ୱର ରାଓ ସୁବୁଦ୍ଧିଙ୍କ ସମେତ ବିଭିନ୍ନ ସଂସ୍ଥା ଓ ସଙ୍ଗଠନର ପ୍ରତିନିଧିମାନେ ସକ୍ରିୟ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ସାଗର ପ୍ରସାଦ ପାତ୍ର, ସଦସ୍ୟ ପି.ଭିନୋଦ, ଏ.ପ୍ରକାଶ, ସୋହନ କୁମାର, ଦୀପକ ପାତ୍ର, ସବ୍ୟସାଚୀ ପଣ୍ଡା, ରବି କୁମାର ସାହାଣୀ, ଅଜୟ କୁମାର ସାହୁ, ବିରାଜ ପ୍ରସାଦ ପାତ୍ର, ସଞ୍ଜୟ କୁମାର ସାମନ୍ତରାୟ ଏବଂ ସ୍ନେକ୍ ହେଲ୍ପଲାଇନର ସଦସ୍ୟ ସ୍ୱାଧୀନ କୁମାର ସାହୁ ପ୍ରମୁଖ ସକ୍ରିୟ ଭାବେ ସହଭାଗୀ ହୋଇଥିଲେ। ଏହି ଅବସରରେ ସଭାପତି ଶିବରାମ ପାଣିଗ୍ରାହୀ କହିଥିଲେ ଯେ, ପରିବେଶ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ ବରଂ ପ୍ରତ୍ୟେକ ନାଗରିକଙ୍କର ସାମାଜିକ ଦାୟିତ୍ୱ। ତେଣୁ ପ୍ରତ୍ୟେକ ପରିବାର ଅତି କମରେ ଗୋଟିଏ ବୃକ୍ଷ ରୋପଣ କରି ତାହାର ଯତ୍ନ ନେବା ସହ ସବୁଜ ପରିବେଶ ଗଠନରେ ସହଯୋଗ କରିବାକୁ ସେ ଆହ୍ୱାନ କରିଥିଲେ।

### ଶ୍ରୀଶ୍ରୀ ଆଖଣ୍ଡଳେଶ୍ୱର ମହାଦେବ ବିଜେ

## ଆରଡ଼ି ୨୦୨୬ ଶ୍ରାବଣୀ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ



ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବ -ବିଜେ ଆରଡ଼ିଙ୍କ ପବିତ୍ର ଶ୍ରାବଣ ଉତ୍ସବ- ୨୦୨୬ ର ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ପରିଚାଳନା ନିମନ୍ତେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ,ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଡି ଆଇ ବି ଅଂଶୁମାନ୍ ଦ୍ୱିବେଦି ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ ଓ ମନ୍ଦିର ସେବାୟତ ମାନେ ମଧ ପ୍ରସ୍ତୁତି ବୈଠକ ରେ ଯୋଗ ଦେଇଥିଲେ। ଚଳିତ ବର୍ଷ ଶ୍ରାବଣ ଜଳାଭିଷେକ ପର୍ବ ୨୦.୦୭.୨୦୨୬ ସୋମବାର ଠାରୁ ଆରମ୍ଭ ହୋଇ ୨୪.୦୮.୨୦୨୬ ସୋମବାର ପର୍ଯ୍ୟନ୍ତ କ୍ରମାଗତ ୬ଟି ସୋମବାର ଅନୁଷ୍ଠିତ ହେବ। ଏହା ବ୍ୟତୀତ ଜୁଲାଇ ୧୯, ୨୬ ଏବଂ ଅଗଷ୍ଟ ୨, ୯, ୧୬ ଓ ୨୩ ତାରିଖ ରବିବାର ଦିନମାନଙ୍କରେ ମଧ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆଜିର ଏହି ପ୍ରସ୍ତୁତି ବୈଠକ ରେ ଆଇନ ଶୃଙ୍ଖଳା, ପୋଲିସ ଫୋର୍ସ ଓ ସ୍ୱେଚ୍ଛାସେବୀ ମାନଙ୍କୁ ନିଯୁକ୍ତି,ସୁରକ୍ଷାକର୍ମୀ ଙ୍କ ରହିବା ପାଇଁ ବ୍ୟବସ୍ଥା ,ଭକ୍ତମାନଙ୍କ ସୁବିଧା ପାଇଁ ଦର୍ଶନ ଲାଇନ୍ ନିୟନ୍ତ୍ରଣ ଓ ବ୍ୟାରିକେଡିଂ, ଆବଶ୍ୟକ ସ୍ଥଳେ ଡ଼.ଉ.ଜ.ଇ.ର ବାହିନୀ ନିଯୁକ୍ତି ଓ ନଦୀଘାଟରେ ଉଦ୍ଧାରକାରୀ ଦଳ ମୁତୟନ,ଅତିରିକ୍ତ ପାର୍କିଂ ସ୍ଥଳ ନିର୍ଦ୍ଧାରଣ ଓ ଆବଶ୍ୟକ ସ୍ଥଳେ ରାସ୍ତା ମରାମତି, ଭକ୍ତମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା, ମନ୍ଦିର ଓ ଉତ୍ସବ ସ୍ଥଳର ସଜ୍ଜା ଓ ଆଲୋକୀକରଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ,ଭକ୍ତଙ୍କ ବିଶ୍ରାମ ପାଇଁ ରହିବା ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା ହୋଇଥିଲା। ପ୍ରତିବର୍ଷ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏହି ପବିତ୍ର ପୀଠକୁ ଆସିଥାନ୍ତି। ତେଣୁ ଭକ୍ତମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି ବୈଠକରେ ସ୍ପଷ୍ଟ କରାଯାଇଛି।

## ପୁରୀ ଜିଲ୍ଲା ଯୋଜନା କମିଟି ସଦସ୍ୟଭାବେ ନିର୍ବାଚିତ ହେଲେ ପ୍ରମୋଦ ରାୟ

ଗୋପ (ପିପିଏସ): ଗୋପ ବ୍ଲକ ଅଧୀନସ୍ଥ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ ପୁରୀ ଜିଲ୍ଲା ଯୋଜନା କମିଟିର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର ଗୋପ ବ୍ଲକ ତଥା ଆଖପାଖ ଅଞ୍ଚଳରେ ଏବେ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସୂଚନା ଅନୁଯାୟୀ, ଗତ ଜୁନ୍ ମାସ ୨୨ ତାରିଖରେ ପୁରୀ ଜିଲ୍ଲା ଯୋଜନା କମିଟି ସଦସ୍ୟ ପଦ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ଗୋପ ବ୍ଲକର ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ ସଦସ୍ୟ ଭାବେ ବିଜୟୀ ହୋଇଥିବା ନେଇ ନିର୍ବାଚନ ଦାୟିତ୍ୱରେ ଥିବା ରିଟର୍ଣ୍ଣିଂ ଅଧିକାରୀ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ପ୍ରମୋଦ କୁମାର ରାୟ ଜଣେ ଜନପ୍ରିୟ ଏବଂ ନିଷ୍ଠାପର ନେତା ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ। ପୂର୍ବରୁ ସେ ଗୋପ ବ୍ଲକ ଅଧୀନସ୍ଥ ଗଣେଶ୍ୱରପୁର ଗ୍ରାମ ପଞ୍ଚାୟତର ଦୁଇ ଦୁଇ ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇ ସଫଳତାର ସହ କାର୍ଯ୍ୟ କରିଛନ୍ତି। କେବଳ ସେତିକି ନୁହେଁ, ସେ ଥରେ ସମିତି ସଭ୍ୟ ଭାବେ ମଧ ନିର୍ବାଚିତ ହୋଇ ଲୋକଙ୍କ ସେବା କରିଥିଲେ। ବର୍ତମାନ ସେ ଗୋପ ବ୍ଲକ ଅଧୀନସ୍ଥ ଜିଲ୍ଲା ପରିଷଦ ସଭ୍ୟ ଭାବେ କାର୍ଯ୍ୟରତ ଅଛନ୍ତି। ସରପଞ୍ଚଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ସଭ୍ୟ ପର୍ଯ୍ୟନ୍ତ ତାଙ୍କର ଏହି ଦୀର୍ଘ ଦିନର ରାଜନୈତିକ ଅଭିଜ୍ଞତା ଓ ଜନସେବା ତାଙ୍କୁ ଆଜି ଏହି ସଫଳତା ଆଣିଦେଇଛି।

## ଗନ୍ଧାପୁର କାଡାନାଳି ଉପରେ ନିର୍ମାଣ ହେଉଛି ପକ୍କାଗୃହ

## ତଳମୁଣ୍ଡକୁ ପାଣି ଯିବାନେଇ ଅନିଶ୍ଚିତତା, ଜିଲ୍ଲାପାଳଙ୍କୁ ଅଭିଯୋଗ



ରଘୁନାଥପୁର, (ପିପିଏସ): ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତ ଗନ୍ଧାପୁର ସ୍ଥିତ ଖାତା ନଂ ୫୩୮ ଓ ପ୍ଲଟ ନଂ ୧୬୭୦ ଚାଷ ପାଇଁ ଉଦ୍ଦିଷ୍ଟ କାଡାନାଳି ଉପରେ ନିର୍ମାଣ ହେଉଛି ପକ୍କାଗୃହ। ଫଳରେ ୮ ନଂ କେନାଲ ୬୦ ଆର ସୋଠ ଦେଇ ଉକ୍ତ କାଡାନାଳିରେ ଚାଷଜମିକୁ ପାଣି ଯିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ସ୍ଥାନୀୟ ଚାଷୀ ପିତାମ୍ବର ଖୁଣ୍ଟିଆ ସୋମବାର ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ କି ସ୍ଥାନୀୟ ଗ୍ରାମର ସୁକାନ୍ତ ଦ୍ୱିବେଦୀ କାଡା ନାଳି ଉପରେ ତିନୋଟି ପିଲର ଖୋଳା କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଉପର ମୁଣ୍ଡରୁ ତଳମୁଣ୍ଡକୁ ପାଣି ଯିବାରେ ପ୍ରତିବନ୍ଧକ ସୃଷ୍ଟି ହେବାସହ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ବ୍ୟାଘାତ ହେବ ବୋଲି ବ୍ରହ୍ମାନନ୍ଦ ମିଶ୍ର ଓ ରବିନ୍ଦ୍ରନାଥ ବିଶ୍ୱାଳ ଅଭିଯୋଗ କରିଛନ୍ତି। ପୂର୍ବରୁ ଏ ସମ୍ପର୍କରେ କଟକ ସ୍ଥିତ ଡ୍ରେନେଜ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ହୋଇଥିଲା। ଚାଷ କାର୍ଯ୍ୟ ଆରମ୍ଭ ପୂର୍ବରୁ ଉକ୍ତ କାଡାନାଳୀ ଉପରେ ଥିବା ଅବରୋଧକୁ ମୁକ୍ତ କରି ପାଣି ନିଷ୍କାସନକୁ ସ୍ୱାଭାବିକ କରିବା ପାଇଁ ରଞ୍ଜନ ନାୟକ, ଗୁରୁଚନ୍ଦ୍ର ନାୟକ, ସନାତନ ମହାନ୍ତି, ରଶ୍ମି ରଞ୍ଜନ ନାୟକ, ନିତ୍ୟାନନ୍ଦ ସାହୁ, ସୁବାଷ ନାୟକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି ରଖିଛନ୍ତି।

## ଅସ୍ତରଙ୍ଗର ସୁଶାସନ ମଡେଲ୍, ତେଣୁ କାକଟପୁରର ଅତିରିକ୍ତ ଭରସା

ଅସ୍ତରଙ୍ଗ, (ପିପିଏସ୍): 'ବିକଶିତ ଗାଁ ବିକଶିତ ଓଡିଶା'- ମୁଖ୍ୟମନ୍ତ୍ରୀଙ୍କ ଏହି ସ୍ୱପ୍ନକୁ କ୍ଷେତ୍ର ରେ ବାସ୍ତବ ରୂପ ଦେବା ପାଇଁ ଆବଶ୍ୟକ ହୁଏ କିଛି ନିଷ୍ଠାବାନ ଓ କର୍ମଠ ଅଧିକାରୀ। ପୁରୀ ଜିଲ୍ଲାର ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ସେହି ଦାୟିତ୍ୱ ଅତି ସୁଚାରୁ ରୂପେ ନିର୍ବାହ କରୁଛନ୍ତି ଜଣେ ବ୍ୟକ୍ତି - ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସନ୍ତୋଷ କୁମାର ସେଠୀ। ତାଙ୍କ କାହାଣୀ ହେଲା କାମର କାହାଣୀ। ଦୀର୍ଘ ବର୍ଷ ଧରି ସେ ଅସ୍ତରଙ୍ଗ ବ୍ଲକର ୧୫ ଟି ପଞ୍ଚାୟତରେ ସେବା କରୁଛନ୍ତି। ଏଠାରେ ପ୍ରତି ରାସ୍ତା, ପ୍ରତି ଡ୍ରେନ, ପ୍ରତି ମନ୍ଦିର ଓ କମ୍ୟୁନିଟି ସେଣ୍ଟର କାମ ତାଙ୍କ ତଦାରଖରେ ହୋଇଛି। ଗୁଣବତ୍ତା ଓ ସମୟସୀମା – ଦୁଇଟିକୁ ସେ ସମାନ ଗୁରୁତ୍ୱ ଦେଇଆସିଛନ୍ତି। ଫଳରେ ଅସ୍ତରଙ୍ଗ ଆଜି ଜିଲ୍ଲାର ଏକ ବିକାଶମୂଳକ ମଡେଲ୍ ବ୍ଲକ ଭାବେ ପରିଚିତ। ତାଙ୍କର ଏହି ସ୍ୱଚ୍ଛ କାର୍ଯ୍ୟଶୈଳୀ, ସ୍ୱଳ୍ପ ସମୟରେ ଅଧିକ କାମ କରିବାର ଦକ୍ଷତା ଓ ଜନସାଧାରଣଙ୍କ ସହ ସମନ୍ୱୟ ଦେଖି ରାଜ୍ୟ ପ୍ରଶାସନ ତାଙ୍କ ଉପରେ ଆହୁରି ବଡ ଭରସା ରଖିଛି। କାକଟପୁର ବ୍ଲକରେ ପଦବୀ ଖାଲି ଥିବାରୁ ସେଠାକାର ୧୬ ଟି ପଞ୍ଚାୟତର ଅତିରିକ୍ତ ଦାୟିତ୍ୱ ମଧ ତାଙ୍କୁ ଅର୍ପଣ କରାଯାଇଛି।

ଅର୍ଥାତ ବର୍ତମାନ ସେ ମୋଟ ୩୧ଟି ପଞ୍ଚାୟତର ବିକାଶର ସାରଥୀ। କାକଟପୁରର ୧୬ ଟି ଓ ଅସ୍ତରଙ୍ଗର ୧୫ ଟି। 'ବିକଶିତ ଗାଁ ବିକଶିତ ଓଡିଶା' ଯୋଜନା, ବିଧାୟକ ପାଣ୍ଠି, ମହାତ୍ମା ଗାନ୍ଧୀ ମନରେଗା - ସମସ୍ତ ଯୋଜନାର କାର୍ଯ୍ୟକାରିତା ଓ ଗୁଣବତ୍ତା ତଦାରଖ ତାଙ୍କ କାନ୍ଧରେ। ଅସ୍ତରଙ୍ଗର ବରିଷ୍ଠ ନାଗରିକ କହୁଛନ୍ତି, 'ସନ୍ତୋଷ ବାବୁ ଆସିବା ପରେ ଆମ ବ୍ଲକର କାମର ଗତି ବଢ଼ିଛି। ସେ ନିଜେ ଫିଲ୍ଡକୁ ଯାଇ କାମ ଦେଖନ୍ତି। ଅଭିଯୋଗ ଶୁଣନ୍ତି ଓ ତୁରନ୍ତ ସମାଧାନ କରନ୍ତି। କାକଟପୁର ଜଣେ ସରପଞ୍ଚ କହିଛନ୍ତି , 'ଖାଲି ପଦବୀ ଥିବା ସମୟରେ ସେ ଯେମିତି ଦାୟିତ୍ୱ ନେଇଛନ୍ତି, ତାହା ପ୍ରଶଂସନୀୟ। ଆମକୁ ବିଶ୍ୱାସ ଅଛି ତାଙ୍କ ନେତୃତ୍ୱରେ ଆମ ବ୍ଲକରେ ମଧ ବିକାଶ ହେବ। ନିଶ୍ଚିତ ଭାବେ ୩୧ ଟି ପଞ୍ଚାୟତ ଦାୟିତ୍ୱ ନେବା ସହଜ ନୁହେଁ। ଏହା ହେଉଛି ଦାୟିତ୍ୱର ପର୍ବତ। କିନ୍ତୁ ଜଣେ ପ୍ରକୃତ ଯୋଦ୍ଧା ପରି ସେ ଏହି ଚାଲେଞ୍ଜକୁ ସ୍ୱୀକାର କରିଛନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସେ ଫିଲ୍ଡରେ ଦୌଡୁଛନ୍ତି। କେତେବେଳେ ଅସ୍ତରଙ୍ଗ, କେତେବେଳେ କାକଟପୁର। ଲକ୍ଷ୍ୟ ଗୋଟିଏ- ଗାଁ ଗାଁରେ ବିକାଶ ପହଞ୍ଚାଇବା।

ସାମାଜିକ କର୍ମୀମାନେ କହୁଛନ୍ତି, 'ସରକାରଙ୍କୁ ଏମିତି ଅଧିକାରୀଙ୍କୁ ସମ୍ମାନ ଦେବା ସହ ଆହୁରି ଜନବଳ ଯୋଗାଇ ଦେବା ଦରକାର। କାରଣ ଜଣେ ଭଲ ଅଧିକାରୀ ଥିଲେ ସମଗ୍ର ବ୍ଲକର ଚିତ୍ର ବଦଳିଯାଏ। ବିଶେଷ ସୂତ୍ରରୁ ଜଣା ପଡିଛି,ଶ୍ରୀ ସେଠୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯିବାର ମୁଖ୍ୟ କାରଣ ହେଲା ତାଙ୍କର ପୂର୍ବ ରେକର୍ଡ। ଅସ୍ତରଙ୍ଗରେ ତାଙ୍କ କାର୍ଯ୍ୟକାଳରେ ହୋଇଥିବା ସମସ୍ତ କାମର ଅଡିଟ ରିପୋର୍ଟ ସ୍ୱଚ୍ଛ। ତାଙ୍କ ବିରୋଧରେ ଗୋଟିଏ ବି ଅଭିଯୋଗ ନାହିଁ। ତେଣୁ ପ୍ରଶାସନ ତାଙ୍କ ଉପରେ ଆଖି ବୁଜି ଭରସା କରିଛି।

## ଝାରସୁଗୁଡ଼ା ପୁଲିସ୍‌ର ବଡ଼ ସଫଳତା

# ଆନ୍ତରାଜ୍ୟ ଡିକି ଚୋର ଗ୍ୟାଙ୍ଗ୍‌ର ୩ ସଦସ୍ୟ ଗିରଫ, ଚୋରି ଟଙ୍କା ଉଦ୍ଧାର

ଝାରସୁଗୁଡ଼ା: ଝାରସୁଗୁଡ଼ା ପୁଲିସ ଏକ ଆନ୍ତଃରାଜ୍ୟ ବାଇକ୍ ଡିକି ଚୋରି ଗ୍ୟାଙ୍ଗର ୩ ଜଣ ସଦସ୍ୟଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ୧ ଲକ୍ଷ ଟଙ୍କାକୁ ଶତପ୍ରତିଶତ ଉଦ୍ଧାର କରି ବଡ଼ ସଫଳତା ହାସଲ କରିଛି। ଗତ ୬ ଜୁଲାଇରେ ଜଣେ ବ୍ୟକ୍ତି ଏଚଡିଏଫସି ବ୍ୟାଙ୍କରୁ ୧ ଲକ୍ଷ ଟଙ୍କା ଉଠାଇ ସୁନାରୀମୁଣ୍ଡା ସ୍ଥିତ ସାଦିଷ୍ଟ ହୋଟେଲ ନିକଟରେ ମୋଟରସାଇକେଲ ରଖିଥିବା ବେଳେ ତାଙ୍କ ଗାଡ଼ିର ଡିକିରୁ ଟଙ୍କା ଚୋରି ହୋଇଥିଲା। ଏହାକୁ ନେଇ ଝାରସୁଗୁଡ଼ା ଟାଉନ୍ ଥାନାରେ ମାମଲା ରୁଜୁ ହେବା ପରେ ଏସ୍ପିଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଥିଲା। ସିସିଟିଭି ଫୁଟେଜ, ବୈଜ୍ଞାନିକ ପ୍ରମାଣ, ଟେକ୍ନିକାଲ ସର୍ଭେଲାନ୍ସ ଏବଂ ଗୁଇନ୍ଦା ସୂଚନା ଆଧାରରେ ପୁଲିସ ମାତ୍ର ୧୨ ଘଂଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ବି. ଜୀବରନ୍ମ (୩୫), ସି. ବାବୁ (୪୪) ଓ ପି. ଜାକ୍ରାୟା (୪୫)। ସେମାନେ ତାମିଲନାଡୁର ଚେନ୍ନାଇ ଜିଲ୍ଲାର ଭିଲ୍ଲିଭାକ୍କମ ଅଂଚଳର ବାସିନ୍ଦା ଏବଂ ଏକ ଆନ୍ତଃରାଜ୍ୟ ଡିକି ଚୋର ଗ୍ୟାଙ୍ଗର ସଦସ୍ୟ ବୋଲି ପୁଲିସ ସନ୍ଦେହ କରୁଛି। ଅଭିଯୁକ୍ତମାନଙ୍କ ନିକଟରୁ ଚୋରି ହୋଇଥିବା ୧ ଲକ୍ଷ ଟଙ୍କା ସହ ୨ଟି ମୋଟରସାଇକେଲ, ଚୋରିରେ ବ୍ୟବହୃତ ସ୍ୱତନ୍ତ୍ର ଲୁହା ଉପକରଣ, ୨ଟି ମୋବାଇଲ ଫୋନ, ୨ଟି ବ୍ୟାକପ୍ୟାକ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ପୁଲିସ କହିଛି, ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ଘଟିଥିବା ସମାନ ପ୍ରକାରର ଚୋରି ଘଟଣା ସହ ଏହି ଗ୍ୟାଙ୍ଗର ସମ୍ପୃକ୍ତି ନେଇ ତଦନ୍ତ ଜାରି ରହିଛି। ସଂଗଠିତ ଆନ୍ତଃରାଜ୍ୟ ଅପରାଧ ଦମନ ପାଇଁ ଗୁଇନ୍ଦା ତଥ୍ୟ ଆଧାରିତ ପୁଲିସିଂ ଓ ବୈଜ୍ଞାନିକ ତଦନ୍ତକୁ ଆଗାମୀ ଦିନରେ ଆହୁରି ସୁଦୃଢ଼ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି ସମ୍ପର୍କିତ କର୍ମଶାଳା



ରାୟଗଡ଼ା(ପିପିଏସ୍): ରାୟଗଡ଼ା ବ୍ଲକ ସଦଭାବନା ସଭାଗୃହ ଠାରେ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି ସମ୍ପର୍କିତ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର, ବ୍ଲକ୍ ଉପାଧ୍ୟକ୍ଷ ହରପ୍ରସାଦ ହିପୃକା, ରାଜ୍ୟ ସ୍ତରୀୟ ସମ୍ବଳ ବ୍ୟକ୍ତିତ୍ୱ ରବି ନାରାୟଣ ଶତପଥୀ, ଜିପିଡିଓ ସ୍ମୃତିରେଖା ନାୟକ, ପେସା ସଂଯୋଜକ ଯୋଗେନ୍ଦ୍ର ନାୟକ ଓ ବରିଷ୍ଠ ଶିକ୍ଷକ ନିଳାଞ୍ଚଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାରେ ପିତାମହଲ ସରପଞ୍ଚ ଟୁଟୁ ତାଡ଼ିଙ୍ଗି, କତାପେଟା ସରପଞ୍ଚ ମମିତା ହୁଇକା, କୁମୁଟିପେଣ୍ଠ ସରପଞ୍ଚ ହରି କାଡ୍ରାକା ସମେତ କତାପେଟା, କୁମୁଟିପେଣ୍ଠ , ପିତମହଲ ଓ କାମ୍ପ ମାଲିଗାଁ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ , ୱାର୍ଡସଦସ୍ୟ, ନିର୍ବାହୀ ଅଧିକାରୀ, ଏଡିଇଓ, ଜିଆର୍‌ଏସ୍ ତଥା ଶିକ୍ଷା, ସ୍ୱାସ୍ଥ୍ୟ, ପଶୁଧନ, ଯୋଗାଣ, ଜଙ୍ଗଲ,ମହିଳା ଓ ଶିଶୁ ବିକାଶ, ଜୀବିକା ମିଶନ ଆଦି ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏକ ବିକଶିତ ଓଡ଼ିଶା ଗଠନ ନିମନ୍ତେ ଗ୍ରାମ୍ୟ ଓ ଗ୍ରାମ ପଞ୍ଚାୟତ ସ୍ତରରୁ ଦୀର୍ଘସ୍ଥାୟୀ ବିକାଶ ଯୋଜନା ପ୍ରସ୍ତୁତିର ଆବଶ୍ୟକତା ରହିଛି । ଷଷ୍ଠ ଓ ଷୋଡ଼ଶ ଅର୍ଥ କମିଶନ ଯୋଜନାରେ ଆଗାମୀ ପାଞ୍ଚବର୍ଷ ନିମନ୍ତେ ଏଭଳି ଯୋଜନା ପ୍ରସ୍ତୁତ କରିବା ଯେପରି ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସ୍ୱୟଂ ସମ୍ପୂର୍ଣ୍ଣ ହେବା ସହିତ ଦୀର୍ଘସ୍ଥାୟୀ ନ୍ୟୁନତମ ଆବଶ୍ୟକତା ପୂରଣ କରିପାରିବ । ବିଭିନ୍ନ ବିଭାଗୀୟ ବିଷୟ ଓ ଯୋଜନା ସମ୍ପର୍କିତ ଆଲୋଚନା ଏଥିରେ ସ୍ଥାନ ପାଇଥିଲା । ସାତୋଟି ପର୍ଯ୍ୟାୟରେ ଚାରୋଟି ଲେଖାଏଁ ଗ୍ରାମ ପଞ୍ଚାୟତକୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହେବ। ମୁଖ୍ୟ ଉନ୍ନୟନ ଅଧିକାରୀ, ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ବ୍ଲକରେ ଏହି କର୍ମଶାଳା ଅନୁଷ୍ଠିତ ହେଉଛି। ଏକ ସନ୍ତୁଳିତ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି ନିମନ୍ତେ ଗ୍ରାମ୍ୟ ଓ ଗ୍ରାମ ପଞ୍ଚାୟତ ସ୍ତରୀୟ ପ୍ରତିନିଧି ଓ କର୍ମକର୍ତ୍ତା ଏଥିପାଇଁ ସଚେତନ ହେବା ଜରୁରୀ ବୋଲି ବିଡିଓ ସୁଜିତ କୁମାର ମିଶ୍ର ପ୍ରକାଶ କରିଛନ୍ତି ।

## ବସ୍ ଦୁର୍ଘଟଣାଗ୍ରସ୍ତ ୪ ଆହତ

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ନେତାଜୀ ଛକ ନିକଟରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ବେଳେ ଏକ ସଡ଼କ ଦୁର୍ଘଟଣା ଘଟିଛି। ବୁର୍ଲାରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ପରିସର ବାଡ଼ାରେ ପିଟି ହୋଇଥିଲା। ଏହି ଦୁର୍ଘଟଣାରେ ବସ୍ରେ ଯାଉଥିବା ୪ ଜଣ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ଖବର ପାଇ ବୁର୍ଲା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ମେଡିକାଲକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବସ୍‌ଟିକୁ ଜବତ କରି ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ ଜାରି ରଖିଛି।

# ପଶ୍ଚିମ ଓଡ଼ିଶା ମହିଳା ସଂଗଠନ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ବଲାଙ୍ଗିର,(ପିପିଏସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଘୁଷୁରାମୁଣ୍ଡା ଗ୍ରାମର ଅଙ୍ଗନୱାଡ଼ି ପାଚିକା ଭାବେ ମନୋନୀତ ପୂଣ୍ୟା ହରପାଲଙ୍କ ନିଯୁକ୍ତି ସୁନିଶ୍ଚିତ କରିବା ଓ ଜାତିଭିତ୍ତିକ ଭେଦଭାବ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ ପୁଣ୍ୟା ହରପାଲି ନିର୍ଦ୍ଧାରିତ ସରକାରୀ ନିୟମାବଳୀ ଏବଂ ମେରିଟ୍ ଆଧାରରେ ଉକ୍ତ ପଦବୀ ପାଇଁ ମନୋନୀତ ହୋଇଥିବା ସତ୍ତ୍ୱେ ଘୁଷୁରାମୁଣ୍ଡା ଗ୍ରାମର ଆଦିବାସୀ ଜନସାଧାରଣ ତାଙ୍କ ନିଯୁକ୍ତିକୁ ବିରୋଧ କରୁଥିବା ଅଭିଯୋଗ ମିଳିଛି । ଯଦି ଏହି ବିରୋଧ ତାଙ୍କର ଜାତିକୁ ଆଧାର କରି କରାଯାଇଛି, ତେବେ ଏହା ଭାରତୀୟ ସମ୍ବିଧାନର ସମାନତା, ସାମାଜିକ ନ୍ୟାୟ ଓ ମାନବୀୟ ମର୍ଯ୍ୟାଦାର ମୂଳ ଆଦର୍ଶ ବିରୋଧୀ ବୋଲି ସଂଗଠନ ମତ ପ୍ରକାଶ କରିଛି। ଏହି ପରିପ୍ରେକ୍ଷିରେ ପଶ୍ଚିମ ଓଡିଶା ମହିଳା ସଂଗଠନ ଜିଲ୍ଲା ପ୍ରଶାସନକୁ ପୁଣ୍ୟା ହରପାଲଙ୍କ ଆଇନସମ୍ମତ ନିଯୁକ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଜାତିଭିତ୍ତିକ ଭେଦଭାଗ କିମ୍ବା ଧମକ ବିରୋଧରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରିବା ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ ଶାନ୍ତି, ସମ୍ପ୍ରୀତି ଓ ଆଇନର ଶାସନ ବଜାୟ ରଖିବା ପାଇଁ ଦାବି କରିଛି ସଂଗଠନର ସବିତା ନାଗ, ଅମ୍ବିକା କୁମ୍ଭାର, ମିନା ସୁନା, ମମତା ବରିହା, ସୀମାରାଣୀ ଗଡତ୍ୟା ଏବଂ ସମସ୍ତ ସଭ୍ୟା ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ମାର୍କାପାଲ୍ଲୀ ପଞ୍ଚାୟତ ଗସ୍ତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କଲେ ସମୀକ୍ଷା

ମାଲକାନଗିରି: ମାଲକାନଗିରି ବ୍ଲକ ଅନ୍ତର୍ଗତ ମାର୍କାପାଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ, ଜିଲ୍ଲା ବନଖଣ୍ଡ ଅଧିକାରୀ ସାଇ କିରଣ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ। ଏହି ଶିବିରରେ ମୋଟ ୭୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ଏବଂ ୫୬ଟି ସାମୁଦାୟିକ ସମସ୍ୟା ଭିତିକ ରହିଥିଲା। ଅଭିଯୋଗ ଶୁଣାଣି ସହ ମାଲକାନଗିରି ଜିଲ୍ଲାପାଳ ମାର୍କାପାଲ୍ଲୀ ପଂଚାୟତର ବିଭିନ୍ନ ଅଂଚଳ ଗସ୍ତ କରି ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ନିକଟରୁ ଅନୁଧ୍ୟାନ କରିଛନ୍ତି। ଏହି ଗସ୍ତ ସମୟରେ ଜିଲ୍ଲାପାଳ ମାର୍କାପାଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ 'ପ୍ରଗତି ପଥେ ଯୁବ ମାଲକାନଗିରି' କେନ୍ଦ୍ରରେ ପହଂଚି ସେଠାକାର ପରିଚାଳନା ବ୍ୟବସ୍ଥାକୁ ତଦାରଖ କରିଥିଲେ। ଏହା ସହିତ ସେ ପୋଡ଼ଭଟ୍ଟା ସ୍ଥିତ ଓଡ଼ିଶା ଜୀବିକା ମିଶନ ଅଧୀନରେ ଚାଲିଥିବା ଗୁରୁପ୍ରିୟା ସିଲେଇ ଉତ୍ପାଦକ ଗୋଷ୍ଠୀ କେନ୍ଦ୍ର ବୁଲିଦେଖିବା ସହ ସେଠାକାର ଆତ୍ମନିର୍ଭରଶୀଳ ମା'ମାନଙ୍କ ସହ ସିଧାସଳଖ ଭାବବିନିମୟ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହାପରେ କଉଡ଼ିଗୁଡ଼ାର ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ତଥା ସିନ୍ଧ୍ରିମାଲ ସ୍କୁଲର ଭିତିଭୂମି ଓ ପାନୀୟ ଜଳ ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରିଥିଲେ। ଗସ୍ତ ସମୟରେ ଜିଲ୍ଲାପାଳ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରି ସମସ୍ତଙ୍କ ସୁବିଧା ଅସୁବିଧାକୁ ଶୁଣିବା ସହ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଛନ୍ତି।

# ରାଜ୍ୟସ୍ତରୀୟ ଜୁନିଅର ରେଡ୍‌କ୍ରସ୍ ଅଣ ତାଲିମପ୍ରାପ୍ତ କାଉନ୍‌ସେଲରଙ୍କ ତାଲିମ୍ ଶିବିର

ସମ୍ବଲପୁର: ଭାରତୀୟ ରେଡକ୍ରସ ସୋସାଇଟି ଅଧୀନ ରାଜ୍ୟ ଜୁନିଅର ରେଡକ୍ରସ ଅଣ ତାଲିମ ପ୍ରାପ୍ତ କାଉନସେଲର୍‌ଙ୍କ ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ଏବଂ ଜୁନିଅର ରେଡକ୍ରସ ସୋସାଇଟି, ଓଡିଶା ସହଯୋଗରେ ଧନକଉଡ଼ା ଉଚ୍ଚ ବିଦ୍ୟାଳୟ ଠାରେ ଏହି ଶିବିର ଜୁଲାଇ ୭ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବ। ଶିବିରରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ ୬୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ କାଉଂସେଲର୍ ତାଲିମ୍ ଶିବିରରେ ଯୋଗଦାନ କରିଥିବା ବେଳେ ସେମାନଙ୍କୁ ୬ ଜଣ ସାଧନକର୍ମୀ ତାଲିମ୍ ଦେଉଛନ୍ତି। ଆଜିର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ସମ୍ବଲପୁରର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ଓ ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ତଥା ଝାରସୁଗୁଡାର ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଶୋବନ୍ତ ସାହୁ ଯୋଗ ଦେଇ ଜୁନିଅର ରେଡକ୍ରସ ର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ପଟେଲ, ଧନକଉଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୁ ଅଗ୍ରୱାଲ ଅତିଥି ଭାବେ ମଂଚାସୀନ ରହି ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ବିଶ୍ୱାମିତ୍ର ଦୀପ୍ ପ୍ରାରମ୍ଭିକ ସ୍ୱାଗତ ଭାଷଣ ଦେଇଥିଲେ। ସାଧନ କର୍ମୀ ଭାବେ ସତ୍ୟ ନାରାୟଣ ସାହୁ, ସମୀର କୁମାର ଭୋଇ, ପ୍ରତାପ ସେନାପତି, ଆନନ୍ଦ ଡନସ୍ୱେନା, ଦୀପିକା ପ୍ରଧାନ ପ୍ରମୁଖ ଯୋଗ ଦେଇଥିବାବେଳେ ଆନନ୍ଦ ଡନସ୍ୱେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସତ୍ୟ ନାରାୟଣ ସାହୁ ସଂଯୋଜନା କରିଥିଲେ। ଶିକ୍ଷକ ଭୀମସେନ ବାରିକ ଏବଂ ଯୁଗଳ କିଶୋର ପେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଧର୍ମଗଡ଼ ( ପିପିଏସ୍ ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅଧୀନସ୍ଥ ମୋଟେର ଫାଣ୍ଡି ଅନ୍ତର୍ଗତ ଉହଗାଁ ପଞ୍ଚାୟତର ନାଗପଡ଼ା ଗ୍ରାମରେ ଜଣେ ୨୨ ବର୍ଷୀୟ ଯୁବକଙ୍କ ଝୁଲନ୍ତା ମୃତଦେହ ଏକ ବରଗଛରୁ ଉଦ୍ଧାର କରାଯାଇଛି। ମୃତକ ହେଲେ ନାଗପଡ଼ା ଗ୍ରାମର ଲକ୍ଷ୍ମଣ ନାଗଙ୍କ ପୁଅ କିଶୋର ନାଗ (୨୨)। ସୂଚନା ଅନୁଯାୟୀ, କିଶୋର ନବରଙ୍ଗପୁର ଜିଲ୍ଲାର ଇନ୍ଦ୍ରାବତୀ ଅଞ୍ଚଳରେ ରାଜମିସ୍ତ୍ରୀ ଭାବେ କାମ କରୁଥିଲେ। ତିନି ଦିନ ପୂର୍ବରୁ ସେ ନିଜ ଗାଁକୁ ଫେରିଥିଲେ। ସୋମବାର ରାତିରେ ଭୋଜନ କରିବା ପରେ ମା'ଙ୍କୁ କିଛି ସମୟ ପରେ ଫେରି ଆସିବି ବୋଲି କହି ଘରୁ ବାହାରିଥିଲେ। କିନ୍ତୁ ସେ ଆଉ ଘରକୁ ଫେରିନଥିଲେ। ମଙ୍ଗଳବାର ସକାଳେ ପରିବାର ଲୋକେ ତାଙ୍କୁ ଘରେ ନପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପରେ ଗାଁ ନିକଟସ୍ଥ କରଡ଼ା ଡଙ୍ଗରର ଏକ ବରଗଛରେ କିଶୋରଙ୍କ ଝୁଲନ୍ତା ମୃତଦେହ ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ମୋଟେର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏହା ଆତ୍ମହତ୍ୟା ନା ମୃତ୍ୟୁ ପଛରେ ଅନ୍ୟ କୌଣସି କାରଣ ରହିଛି, ତାହା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ପୁଲିସ ସୂଚନା ଦେଇଛି। ଏହି ଘଟଣାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଚୋରି ପିକ୍‌ଅପ୍ ଉଦ୍ଧାର, ଜଣେ ଗିରଫ

ଝାରସୁଗୁଡା: ଝାରସୁଗୁଡା ଜିଲ୍ଲା ବେଲପାହାଡ ଥାନା ପୁଲିସ ଏକ ଚୋରି ହୋଇଥିବା ବୋଲେରୋ ପିକ୍-ଅପ୍ ଗାଡ଼ିକୁ ମାତ୍ର ୨୪ ଘଂଟା ମଧ୍ୟରେ ଉଦ୍ଧାର କରିବା ସହ ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏହି ଘଟଣାରେ ବେଲପାହାଡ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଗତ ୬ ତାରିଖରେ ବେଲପାହାଡ ଥାନା ଅନ୍ତର୍ଗତ ଗୁମାଡେରା ଅଂଚଳରୁ ଓଡ଼ି-୨୩ଡି-୭୯୯୦ ନମ୍ବର ବିଶିଷ୍ଟ ଏକ ବୋଲେରୋ ପିକ୍-ଅପ୍ ଗାଡ଼ି ଚୋରି ହୋଇଥିଲା। ଏନେଇ ୧୧୨ ଜରୁରୀକାଳୀନ ସେବା ମାଧ୍ୟମରେ ସୂଚନା ପାଇବା ପରେ ବେଲପାହାଡ ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ଗାଡ଼ିରେ ଲାଗିଥିବା ଜିପିଏସ୍ ବ୍ୟବସ୍ଥାକୁ ଆଧାର କରି ପୁଲିସ ମହିଜୋର ଅଂଚଳରେ ଚଢ଼ାଉ କରିଥିଲା। ସେଠାରୁ ଚୋରି ହୋଇଥିବା ବୋଲେରୋ ପିକ୍-ଅପ ଉଦ୍ଧାର କରିବା ସହ ବେଲପାହାଡ ଥାନା ଅନ୍ତର୍ଗତ ଲୁହୁରାପଡା ଗ୍ରାମର ସୂରଜ ବାଂଚୋର (୨୪)ଙ୍କୁ କାବୁ କରାଯାଇଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବାବେଳେ ଚୋରି ହୋଇଥିବା ଗାଡ଼ିକୁ ଜବତ କରାଯାଇଛି। ବେଲପାହାଡ ଥାନା କେସ୍ ନଂ-୧୩୦, ତାରିଖ ୦୬.୦୭.୨୦୨୬ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୩(୨) ଅନୁଯାୟୀ ମାମଲା ରୁଜୁ ହୋଇଛି। ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି। ଜିଲ୍ଲା ପୁଲିସ ପକ୍ଷରୁ କୁହାଯାଇଛି ଯେ, ଗୁରୁତର ଅପରାଧର ଶୀଘ୍ର ତଦନ୍ତ ଏବଂ ଅପରାଧୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

# ନଷ୍ଟ କରାଗଲା ଜବତ ୩ ଡିନାମାଇଟ୍



ବୌଦ୍ଧ(ପିପିଏସ୍) : ହରଭଙ୍ଗା ପୋଲିସ ପକ୍ଷରୁ ବୁଧବାର ସକାଳ ୮ ଘଣ୍ଟା ସମୟରେ ପ୍ରାପ୍ତ ସୂଚନା ଅନୁଯାୟୀ ଗତ ମାସରେ ମହାନଦୀରେ ବିସ୍ଫୋଟକ ବ୍ୟବହାର କରି ମାଛ ମାରୁଥିବା ବେଳେ ହରଭଙ୍ଗା ପୋଲିସ ଦ୍ୱାରା ଜବତ କରା ଯାଇଥିବା ୩ ଡିନା ମାଇଟକୁ ନଷ୍ଟ କରିଛି ହରଭଙ୍ଗା ପୁଲିସ୍ । ମଙ୍ଗଳବାର ହରଭଙ୍ଗା ଥାନା ଆଇଆଇସି ସାରଦା ପ୍ରସନ୍ନ ଦାଶଙ୍କ ତତ୍ତ୍ୱାବଧାନରେ ମାଜିଷ୍ଟ୍ରେଟ୍ ଓ ବିସ୍ଫୋରକ ନିଷ୍କ୍ରିୟକ ଟିମ୍‌ର ସଦସ୍ୟମାନେ ପହଞ୍ଚି ହରଭଙ୍ଗା ଥାନା ସୁରୁଣ୍ଡି ନଦୀ ପଠା ନିକଟରେ ନଷ୍ଟ କରା ଯାଇଥିଲା ।

# ବୃକ୍ଷରୋପଣ କାର୍ଯ୍ୟକ୍ରମ

ମାଲକାନଗିରି : ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ. ଭି -୭୯ ଠାରେ ତାଲୁକ ଆଇନ ସେବା କମିଟି, ମୋଟୁ ଏମ୍.ଭି.-୭୯ ପକ୍ଷରୁ ସୋମବାର ଜେଏମ୍‌ଏଫସି, ମୋଟୁ ନ୍ୟାୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବେଶ ସୁରକ୍ଷା, ସବୁଜିମାର ବିକାଶ ଏବଂ ବୃକ୍ଷରୋପଣ ପ୍ରତି ସାମାଜିକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନ୍ୟାୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା।

କାର୍ଯ୍ୟକ୍ରମରେ ଜେଏମ୍‌ଏଫସି ମାଜିଷ୍ଟ୍ରେଟ ଅନୁପମ ଦାଶ, ସରକାରୀ ଓକିଲ ରାଜେଶ ପଟ୍ଟନାୟକ, ଆଇନଜୀବୀ ବିପ୍ଳବ ଦତ, ଜୟଦେବ କୁମାର ରଙ୍ଗ ସମେତ ନ୍ୟାୟାଳୟର କର୍ମଚାରୀ, ଆଇନଜୀବୀ ଓ ତାଲୁକ ଆଇନ ସେବା କମିଟିର ସଦସ୍ୟମାନେ ସକ୍ରିୟ ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ବନ ବିଭାଗ ପକ୍ଷରୁ ରେଞ୍ଜର ତନୁଜା କାର୍ତିକ, ଫରେଷ୍ଟର ମୋହନ ଗୁଡ଼ିଆ ଏବଂ ବନ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଚାରା ରୋପଣ ଓ ଏହାର ସଂରକ୍ଷଣ ସମ୍ପର୍କରେ ସହଯୋଗ କରିଥିଲେ। ଏହି ଅବସରରେ ବକ୍ତାମାନେ ପରିବେଶର ସନ୍ତୁଳନ ରକ୍ଷା, ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ଆଗାମୀ ପିଢ଼ି ପାଇଁ ସବୁଜ ପରିବେଶ ଗଠନରେ ବୃକ୍ଷରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶେଷରେ ସମସ୍ତଙ୍କୁ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହ ରୋପଣ କରାଯାଇଥିବା ଚାରାଗୁଡ଼ିକର ଯତ୍ନ ନେବା ଓ ସୁରକ୍ଷା କରିବାକୁ ଆହ୍ୱାନ ଜଣାଯାଇଥିଲା।

# ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ପାଳିତ




ବୌଦ୍ଧ(ପିପିଏସ୍) : ଭାରତ ସରକାରଙ୍କ ଯୁବ କଲ୍ୟାଣ ଓ କ୍ରୀଡା ବିଭାଗ ଅଧୀନ ମାଇ ଭାରତ ପକ୍ଷରୁ ବୌଦ୍ଧ ଅଭ୍ୟୁଦୋୟ ଉଚ୍ଚଶିକ୍ଷା ଅନୁଷ୍ଠାନ ପରିସରରେ ଡ଼ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଯୋଗଦେଇ ରାଷ୍ଟ୍ରର ସେବାରେ କାର୍ଯ୍ୟ କରିବା ସବୁଠାରୁ ମହାନ୍ କାର୍ଯ୍ୟ ବୋଲି ପ୍ରକାଶ କରିଥିଲେ । ଭାରତ ସରକାରଙ୍କ ଡିଜି ପ୍ରତିନିଧି ଦେବାଶିଷ ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ପ୍ରତ୍ୟେକ ମଣିଷ ପାଶ୍ଚାତ୍ୟ ସଂସ୍କୃତିକୁ ଭୁଲି ନିଜ ମା ମାଟି ନିଜ ସଂସ୍କୃତିକୁ ପ୍ରାଧାନ୍ୟ ଦେଲେ ତଥା ମୁଖାର୍ଜୀଙ୍କ ନିଷ୍ଠା ଓ ଦେଶ ସେବା ପ୍ରତି ଏକାଗ୍ରତା ଅନୁସରଣ କଲେ ରାଷ୍ଟ୍ରର ବିକାଶ ହେବ ବୋଲି ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧକ୍ଷ ଡ. ବିଭୂତି ଭୂଷଣ ସାହୁ ଓ ସଂଯୋଜକ ଉତ୍ତମ ମହାକୁଡ ଯୋଗଦେଇ ଡ଼ ମୁଖାର୍ଜୀଙ୍କ ଜୀବନୀ ଓ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଥିଲେ କ୍ଷ ଆସନ୍ତା ଦିନରେ ମାଇ ଭାରତ ପକ୍ଷରୁ ବିଭିନ୍ନ କାଯ୍ୟକ୍ରମ ଆୟୋଜନ କରିବା ପାଇଁ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଶେଷରେ ସ୍ମୃତି ପ୍ରଜ୍ଞା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଗୋବରରୁ ତିଆରି ହେଉଛି ଉତ୍କୃଷ୍ଟ କାଠ

ବଲାଙ୍ଗିର(ପିପିଏସ୍) : ବଲାଙ୍ଗିର ପୃଥ୍ୱୀରାଜ ଗୋଶାଳା ଠାରେ ମେସିନ ସାହାଯ୍ୟରେ ଗୋବରରୁ ଜାଳେଣି କାଠ ତିଆରି କରୁଛନ୍ତି। ଗୋ କାଷ୍ଟ ମେସିନ ଓ ପରିବେଶର ସଂରକ୍ଷଣ ଉପରେ ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନର ପ୍ରାନ୍ତୀୟ ଅଧକ୍ଷା ବବିତା ଅଗ୍ରୱାଲ ଓ ବରିଷ୍ଠ ସଦସ୍ୟା ମୀରା କେଜରିୱାଲ, ସରଳା ଅଗ୍ରୱାଲ, ବଲାଙ୍ଗିର ମାରୱାଡ଼ି ମହିଳା ସମିତି ର ସଭାପତି ଲକ୍ଷ୍ମୀ ଅଗ୍ରୱାଲ ସମ୍ପାଦିକା ଜ୍ୟୋତି ଅଗ୍ରୱାଲ କୋଷାଧକ୍ଷ ସୁଧା ଅଗ୍ରୱାଲ ଏବଂ ଗୋଶାଳା କମିଟିର ପ୍ରଫୁଲ୍ଲ ଜୈନ, ଜୟରାମ ଅଗ୍ରୱାଲ ରବି କୁମାର ଅଗ୍ରୱାଲ, ପୱନ୍ ଅଗ୍ରୱାଲ ସମେତ ବହୁ ସଂଖ୍ୟାରେ ମହିଳା ସମିତିର ସଦସ୍ୟା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମାରୱାଡ଼ି ମହିଳା ସମ୍ମେଳନ ପକ୍ଷରୁ ବଲାଙ୍ଗିର ଠିକାଦାର ପଡ଼ା ଠାରେ ଥିବା ପୃଥ୍ୱୀରାଜ ଗୋଶାଳାରେ ହରିଦ୍ୱାରରୁ ଆସିଥିବା ପୂଜ୍ୟ ସ୍ୱାମୀ ପ୍ରମାର୍ଥ ଦେବ ଓ ତାଙ୍କ ଟିମ, ମହିଳା ସମ୍ମେଳନର ସଦସ୍ୟା ମାନେ ଏହାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଓ ଗୋ ପୂଜନ ସହ ଗୋ କାଷ୍ଟ ମେସିନ ବାବଦରେ ଓ ପରିବେଶ ସୁରକ୍ଷା ଉପରେ ଦିଗଦର୍ଶନ ଦେଇଥିଲେ। ଜଙ୍ଗଲ ଏବଂ ପରିବେଶ ସୁରକ୍ଷା ପାଇଁ ଏହା ଅଭିନବ ପ୍ରୟାସ ବୋଲି କୁହାଯାଉଛି। ପୂର୍ବ କାଳରେ କୃଷି ପାଇଁ ବହୁଳ ଭାବରେ ଗୋପାଳନ କରାଯାଉଥିଲା। କିନ୍ତୁ, ବର୍ତମାନର ଆଧୁନିକ ଯୁଗରେ କୃଷି କ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତିର ପ୍ରୟୋଗ ଯୋଗୁ ଗୋରୁ ଗାଇ ସଂଖ୍ୟା କମିବାରେ ଲାଗିଲା। ଗୋରୁଗୋବର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ କୃଷକମାନଙ୍କ ଅଭିବୃଦ୍ଧି ସହିତ ପରିବେଶ ସଂରକ୍ଷଣରେ ସହାୟକ ହେଉଛି। ଆଧୁନିକ ଯୁଗରେ କାଠର ବିକଳ୍ପ ରୂପେ ଗୋବରରୁ ଗୋବର କାଠ ତିଆରି ହେଉଛି। ଜଙ୍ଗଲ ସଂରକ୍ଷଣରେ ପ୍ରମୁଖ ଭୂମିକା ନେବା ସହିତ ପ୍ରଦୂଷଣ ନିୟନ୍ତ୍ରଣ କରିଥାଏ। ହିନ୍ଦୁ ସମାଜରେ ମୃତଦେହ ଦାହ ପାଇଁ କାଠ ବ୍ୟବହାର ହୋଇଥାଏ। ବର୍ତମାନ ଯୁଗରେ ଜଙ୍ଗଲ କ୍ଷୟ ଯୋଗୁ କାଠର ଘୋର ଅଭାବ ଦେଖାଦେଇଛି। ଏହାର ବିକଳ୍ପ ଭାବେ ଗୋ-କାଷ୍ଟକୁ ବ୍ୟବହାର କରିବାକୁ ମହିଳା ସମ୍ମେଳନର ସଦସ୍ୟା ମାନେ ମତ ଦେଇଛନ୍ତି। ତେବେ ଏହି ସବୁ କାରଣକୁ ଆଖିଆଗରେ ଗୋକାଷ୍ଟ ତିଆରି ମେସିନ ଲଗାଇ ଗୋକାଷ୍ଟ ତିଆରି କରୁଛନ୍ତି। ଗୋଶାଳାରୁ ବାହାରୁ ଥିବା ଗୋବର ଜମାହୋଇ ନଷ୍ଟ ହେଉଥିଲା। ଗୋବର ଠିକ ବ୍ୟବହାର ବିଷୟରେ ମୋବାଇଲରେ ଖୋଜୁଥିବା ବେଳେ ଏ ଗୋକାଷ୍ଟ ତିଆରି ମେସିନ ବିଷୟରେ ଜାଣିବାକୁ ପାଇଲେ। ଏହି ମେସିନକୁ ବ୍ୟବହାର କରି ସେମାନେ ଗୋକାଷ୍ଟ ତିଆରି କରୁଛନ୍ତି। ଏହା ବର୍ତମାନ ଲୋକଙ୍କ କାମରେ ଲାଗୁଛି ବୋଲି ସେମାନେ କହିଛନ୍ତି। ଏହାର ବ୍ୟବହାର ଦ୍ୱାରା ପରିବେଶ ସନ୍ତୁଳିତ ହେବା ସହ ପ୍ରଦୂଷଣ କମିଥାଏ। ଗୋକାଠ ଉପରେ ସମସ୍ତେ ନିର୍ଭର କଲେ ଏହାର ଚାହିଦା ବଢନ୍ତା। ଜଙ୍ଗଲକାଠ ଉପରେ ଲୋକେ ନିର୍ଭର ନ କରି ଗୋକାଷ୍ଟ ଉପରେ ନିର୍ଭର କଲେ ଜଙ୍ଗଲ ସୁରକ୍ଷା ସହ ପରିବେଶ ସୁରକ୍ଷା ହୋଇପାରିବ।

## କୋଲାବିରାରେ ୧୦୫.୬ ମି.ମି. ବର୍ଷା

ଝାରସୁଗଡ଼ା: ଝାରସୁଗୁଡ଼ା ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ବ୍ୟାପକ ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲାର ପାଂଚଟି ବ୍ଲକରେ ମୋଟ୍ ୩୩୪.୮ ମିଲିମିଟର ବର୍ଷା ହୋଇଥିବା ବେଳେ ହାରାହାରି ବର୍ଷା ପରିମାଣ ୬୬.୯୬ ମିଲିମିଟର ରହିଛି। କୋଲାବିରା ବ୍ଲକରେ ସର୍ବାଧିକ ୧୦୫.୬ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ା ସଦରରେ ୭୭.୩ ମିଲିମିଟର, କିର୍ମିରାରେ ୬୫.୨ ମିଲିମିଟର, ଲଇକେରାରେ ୬୧.୧ ମିଲିମିଟର ଏବଂ ଲଖନପୁରରେ ୨୫.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର, ଝାରସୁଗୁଡ଼ା ପକ୍ଷରୁ ମଙ୍ଗଳବାର ଏହି ସୂଚନା ମିଳିଛି।

# ଗୋଆକୁ ଦାଦନ ଯାଇ ଫସିଛନ୍ତି ଯୁବକ

## ଉଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅସହାୟ ବାପାଙ୍କ ନିବେଦନ

ଝାରସୁଗୁଡ଼ା: ରୋଜଗାରର ଆଶାରେ ଗୋଆ ଯାଇଥିବା ଝାରସୁଗୁଡ଼ା ଜିଲ୍ଲାର ଜଣେ ଯୁବକ ଦୀର୍ଘଦିନ ଧରି ସେଠାରେ ଅଟକି ରହିଥିବା ଅଭିଯୋଗ ସାମ୍ନାକୁ ଆସିଛି। ପୁଅକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଓଡ଼ିଶା ଫେରାଇ ଆଣିବା ପାଇଁ ଅସହାୟ ପିତା ମଧୁସୂଦନ ବାଗ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଆବେଦନ କରିଛନ୍ତି। ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ଅନ୍ତର୍ଗତ ଜଲଡ଼ିହି ଗ୍ରାମର ରିଙ୍କୁ ବାଗ ପ୍ରାୟ ଦୁଇ ବର୍ଷ ପୂର୍ବେ ସୁନ୍ଦରଗଡ଼ ଅଞ୍ଚଳର ଜଣେ ଦଲାଲଙ୍କ ପ୍ରଲୋଭନରେ ପଡ଼ି ମାଛଧରା କାମ କରିବାକୁ ଗୋଆ ଯାଇଥିଲେ। ତାଙ୍କ ସହ ସେହି ଗ୍ରାମର ସୁଜିତ ବାଗ, ସୁରେନ୍ଦ୍ର ବାଗ, ଚତୁର୍ଭୁଜ ବାଗ ଓ ଭଜନ ବାଗ ମଧ୍ୟ ଯାଇଥିଲେ। ସେମାନେ ଭାସ୍କୋ-ଡା-ଗାମା ନିକଟସ୍ଥ ଜୁଆରି ଅଞ୍ଚଳରେ 'ୱେଲକମ୍' ଓ 'ବିନ୍ଧା' ନାମକ ଦୁଇ ଜଣ ବ୍ୟକ୍ତିଙ୍କ ଅଧୀନରେ କାମ କରୁଥିଲେ। ପ୍ରାୟ ଏକ ବର୍ଷ ପରେ ଅନ୍ୟ ସମସ୍ତ ଶ୍ରମିକ ନିଜ ଗାଁକୁ ଫେରି ଆସିଥିବା ବେଳେ ରିଙ୍କୁ ଏପର୍ଯ୍ୟନ୍ତ ଘରକୁ ଫେରିପାରି ନାହାନ୍ତି। ପରିବାରର ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ମାଲିକମାନେ ତାଙ୍କୁ ଛାଡୁନଥିବା ସହ ପ୍ରାପ୍ୟ ମଜୁରି ମଧ୍ୟ ଦେଉନାହାନ୍ତି। ତାଙ୍କୁ ଏକ ପ୍ରକାର ନଜରବନ୍ଦୀ କରି ରଖାଯାଇଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ମୋବାଇଲ ଫୋନ୍ ଯୋଗେ ସମ୍ପୃକ୍ତ ମାଲିକଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କଲେ ଦୁର୍ବ୍ୟବହାରର ସମ୍ମୁଖୀନ ହେଉଥିବା ସହ ପୁଅକୁ ଫେରାଇ ଦେବାକୁ କହିଲେ ଜୀବନରୁ ମାରିଦେବାର ଧମକ ମିଳୁଥିବା ପରିବାର ପକ୍ଷରୁ ଦାବି କରାଯାଇଛି। ଏପରିକି ରିଙ୍କୁଙ୍କ ସହ ସିଧାସଳଖ କଥା ହେବାର ସୁଯୋଗ ମଧ୍ୟ ଦିଆଯାଉନଥିବାରୁ ସେ ମାନସିକ ଓ ଶାରୀରିକ ନିର୍ଯାତନାର ଶିକାର ହେଉଥିବା ଆଶଙ୍କା ପ୍ରକାଶ କରିଛନ୍ତି ପରିବାର ସଦସ୍ୟ। ଏହି ଘଟଣାରେ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ବେଳେ ମଧୁସୂଦନ ବାଗ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଆବେଦନରେ ଗୋଆ ପୋଲିସ ଓ ରାଜ୍ୟ ପ୍ରଶାସନର ସହଯୋଗରେ ତୁରନ୍ତ ରିଙ୍କୁଙ୍କୁ ଉଦ୍ଧାର କରି ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବାକୁ ନିବେଦନ କରିଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଉଦ୍‌ବେଗ ପ୍ରକାଶ ପାଇଛି।

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାହିଁ, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୦୯।୦୭।୨୦୨୬ ■ ଗୁରୁବାର

# ଶୋକ ଓ ଉପହାସ

ଇରାନରେ ଶୋକ ଓ ଅସନ୍ତୋଷର ପରିବେଶ । ନିଜର ସର୍ବୋଚ୍ଚ ନେତା ଅୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କୁ ଅନ୍ତିମ ବିଦାୟ ଦେଲାବେଳେ ଇରାନବାସୀ ଯେତେବେଳେ ରୋଦନ କରୁଥିଲେ, ସମ ଭାବରେ ପ୍ରଚଣ୍ଡ ଅସନ୍ତୋଷ ସେଇ ଆମେରିକା ପ୍ରତି ବ୍ୟକ୍ତ କରୁଥିଲେ, ଯାହା ଯୋଗୁଁ ଇରାନ ଆଜି ଏତେ ସରି ହୋଇଛି । ତେହରାନର ସଡ଼କମାନଙ୍କରେ ଶୋକର ଜୁଆର ଏପରି ଭାବେ ସୃଷ୍ଟି ହୋଇଥିଲା ଯେ ସମଗ୍ର ବିଶ୍ୱ ସ୍ତବ୍ଧ ହୋଇଯାଇଛି । ୮୬ ବର୍ଷ ବୟସ୍କ ଅୟାତୁଲ୍ଲା ଅଲ୍ଲୀ ଖାମେନେଇଙ୍କ ପ୍ରଭାବର ଅନୁମାନ ଏ ଶୋକଚ୍ଛ୍ୱାସରୁ ଆକଳନ କରାଯାଇପାରେ । ୧୯୮୯ ମସିହାରୁ ଚଳିତବର୍ଷ ୨୮ ଫେବୃଆରୀ ମାସ ଯାଏ ଖାମେନେଇ ଦୃଢ଼ତାର ସହ ଇରାନର ନେତୃତ୍ୱ କରି ଆସୁଥିଲେ । ଇରାନବାସୀ ବାରମ୍ବାର ସ୍ମରଣ କରୁଛନ୍ତି କିପରି ଆମେରିକା-ଇସ୍ରାଏଲୀ ଆକ୍ରମଣ ପ୍ରଥମ ଦିନ ହିଁ ତାଙ୍କ ନେତା ନିହତ ହେଲେ । ବହୁତ ଧୈର୍ଯ୍ୟର ସହ ଇରାନୀୟ ପ୍ରଶାସନ ଖାମେନେଇଙ୍କୁ ଶେଷ ବିଦାୟ ଲାଗି ଅପେକ୍ଷା କଲା । ଏବେ ଯୁଦ୍ଧ ବିରତି ଚାଲିଛି । ସେତେବେଳେ ଇରାନ ନିଜର ସର୍ବୋଚ୍ଚ ନେତାଙ୍କୁ ସସମ୍ମାନେ ବିଦାୟ ଦେଇଛି । ଭାରତ ସମେତ ବିଶ୍ୱର ବହୁ ନେତା ଓ ପ୍ରତିନିଧି ଇରାନର ଏ ଦୁଃଖରେ ସାମିଲ ହୋଇଛନ୍ତି ।

ଅବଶ୍ୟ ଇରାନ ଓ ତାହାର ନୀତିକୁ ନେଇ ଅନେକଙ୍କର ଅସହମତି ରହିପାରେ, ସବୁ ମୁସଲମାନ ଦେଶମାନେ ମଧ୍ୟ ଇରାନ ସହିତ ନାହାନ୍ତି, କିନ୍ତୁ କୌଣସି ବଡ଼ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂରା ଶାନ୍ତିର ସହ କରାଯିବା କଥା । ଏପରି ସମୟରେ, ବିଶ୍ୱର ପ୍ରତ୍ୟେକ ନେତାଙ୍କୁ ସଂଯମ ଓ ବିବେଚନାର ପରିଚୟ ଦେବା ଦରକାର, କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯେଉଁ ବୟାନ ଦେଇଛନ୍ତି, ତାହାକୁ ଆଦୌ ସମର୍ଥନ କରାଯାଇ ପାରିବ ନାହିଁ । ସେ ଏକପକ୍ଷରେ ଶୋକର ଉପହାସ ହିଁ କରିଛନ୍ତି । ସେ କହିଛନ୍ତି ଇରାନୀ ନେତା ଯେ ଏତେ ଲୋକପ୍ରିୟ ଥିଲେ ତାହା ତାଙ୍କୁ ଜଣାନଥିଲା । ବରଂ ସେ କହିବା କଥା ଯେ ଖାମେନେଇଙ୍କ ଲୋକପ୍ରିୟତା ପଛରେ ଟ୍ରମ୍ପଙ୍କର ବଡ଼ ଯୋଗଦାନ ରହିଛି । ଡିସେମ୍ବରରୁ ଫେବୃଆରୀ ଯାଏ ଯେଉଁ ଇରାନୀୟମାନେ ଆମେରିକା ସହିତ ଥିଲେ, ଯେଉଁମାନେ ନିଜ ଜୀବନକୁ ପାଣି ଛଡ଼ାଇ ସଡ଼କ ଉପରକୁ ଆସି ବିଦ୍ରୋହର ଧ୍ୱଜା ଉଡ଼ାଉଥିଲେ, ସେମାନେ ବି ଆମେରିକାର ଆକ୍ରମଣ ପରେ ଖାମେନେଇଙ୍କ ସମର୍ଥକ ହୋଇଗଲେ । ଇରାନର ଯେପରି ଭାବେ ସାଧାରଣ ଲୋକଙ୍କୁ ଓ ସ୍କୁଲଗୁଡ଼ିକୁ ଟାର୍ଗେଟ କରାଗଲା, ତା’ଫଳରେ ଆମେରିକା ପ୍ରତି ଜନଆକ୍ରୋଶ ତୀବ୍ର ଭାବେ ବଢ଼ିଲା । ଏବେ ସେଠାରେ ଆମେରିକା ପ୍ରତି ଯେପ୍ରକାର ଘୃଣାଭାବ ପ୍ରକଟିତ ହେଉଛି, ତାହା ଅତ୍ୟନ୍ତ ଅଶୁଭ ସଂକେତ ।

କୌଣସି ପୀଡ଼ିତ ଲୋକେ ନିଜ ଦେଶରେ ପରିବର୍ତ୍ତନ ପାଇଁ ଆମେରିକାର ସହଯୋଗ କାମନା କରିବା ପ୍ରଥମଥର ଘଟି ନାହିଁ । କିନ୍ତୁ ଆମେରିକା ଦ୍ୱାରା ନୃଶଂସ ନରସଂହାର ସବୁକିଛି ବିଗାଡ଼ି ଦେଇଛି । ଖାମେନେଇଙ୍କ ଲୋକପ୍ରିୟତା ସଂପର୍କରେ ଡୋନାଲ୍ଡ ଟ୍ରମ୍ପ ଆଗରୁ ଜାଣିଥିଲେ ହୁଏତ ଯୁଦ୍ଧ ବିଗ୍ରହ ଘଟି ନଥାନ୍ତା । ଏବେ ଯେପ୍ରକାର ଧ୍ୱଂସଲୀଳା ହୋଇଗଲା, ତାହାକୁ କ’ଣ ଇରାନ ଭୁଲିପାରିବ ? ଇରାନରେ ଶୋକ ପାଳନ ଲାଗି ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ନେତାମାନେ ଯାଇଛନ୍ତି । ଆମେରିକା ରାଷ୍ଟ୍ରପତି ଏଭଳି ସ୍ଥିତିରେ ଯାହା କହିଛନ୍ତି, ତାହାକୁ ଅଣଦେଖା କରାଯାଇ ପାରିବ ନାହିଁ । ସେ କହିଛନ୍ତି, ଏହି ହେଉଛି ସୁଯୋଗ, ଇରାନର ସବୁ ନେତା ଏକାଠି ହୋଇଛନ୍ତି, ଗୋଟିଏ ଝଟକାରେ ସେମାନଙ୍କୁ ନିପାତ କରାଯାଇପାରେ । ଅବଶ୍ୟ ତା’ ପର ବାକ୍ୟରେ ଟ୍ରମ୍ପ କହିଛନ୍ତି ସେ ଏପରି କରିବେ ନାହିଁ, କାରଣ ବୁଝାମଣା ପାଇଁ କଥାବାର୍ତ୍ତା ଚାଲିଛି । ବଡ଼ ବିଚିତ୍ର ଏ ସ୍ୱଭାବ । ଶତ୍ରୁ ପ୍ରତି ଏପ୍ରକାର ଭାଷା ପ୍ରୟୋଗ କରାଯାଏ ନାହିଁ । ବରଂ ଇରାନ ପକ୍ଷରୁ ଭଦ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଆମେରିକା ପାଖରେ ନା ସଭ୍ୟତା ଅଛି ନା ଇତିହାସ । ଏପ୍ରକାର ଆମେରିକାକୁ ବିଶ୍ୱାସ କରିବ କିଏ ? ଆଜି ବିଶ୍ୱରେ ଶୋକର ଉପହାସ ରୋକିବା ଆବଶ୍ୟକ ଥିବାବେଳେ, ରୋଷରେ ନିଜ ମନମସ୍ତିଷ୍କକୁ ହରାଇବା ବି ଉଚିତ ନୁହେଁ । ▫▫

# ଜଗନ୍ନାଥେ ନ ଥିଲେ ଜଗେ କିଏ ?

ଜଗନ୍ନାଥ କିଏ ? ସେ କ’ଣ ଆମ ଭାଇ ବନ୍ଧୁ କୁଟୁମ୍ବ, ସେ ଆମର ଆମେ ତାଙ୍କର ଏହା ହିଁ ଆମର ତାଙ୍କୁ ନେଇ ବଡ଼ ପରିଚୟ । ଜଗନ୍ନାଥଙ୍କୁ ନେଇ ସବୁଠି ଓଡ଼ିଆମାନେ ନିଜକୁ ପରିଚିତ କରିଥାନ୍ତି । ଜଗନ୍ନାଥଙ୍କୁ ଅନେକ ନାମରେ ଅନେକ ଜାଣନ୍ତି । ସେ ଦାରୁ ଦେବତା, ସେ କଳିଆର ଭୂଜ, ସେ ହେଉଛି ସମଗ୍ର ବ୍ରହ୍ମାଣ୍ଡର ନାୟକ । ସେ ରାଜାଧିରାଜ ପୁରୁଷୋତ୍ତମ ।

ଏହା ଏକ ଏକ ରହସ୍ୟମୟ ପ୍ରଶ୍ନ । କାରଣ, ଶ୍ରୀମନ୍ଦିର ବା ନୀଳାଚଳ ହେଉଛି ଶ୍ରୀଜଗନ୍ନାଥଙ୍କର ନିତ୍ୟସ୍ଥଳ । ସ୍କନ୍ଦ ପୁରାଣ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ (ଅଧ୍ୟାୟ ୨୯)ରେ ‘ଶ୍ରୀପ୍ରତିମା’ ବା ଶ୍ରୀଜଗନ୍ନାଥ ନିଜେ କହିଛନ୍ତି – ‘ହେ ରାଜେନ୍ଦ୍ର ଇନ୍ଦ୍ରଦ୍ୟୁମ୍ନ ତୁମ୍ଭେ ଯେତେବେଳେ କୋଟି କୋଟି ରତ୍ନ ଉତ୍ସର୍ଗ କରି ମୋର ମନ୍ଦିର ସ୍ଥାପନ କରିଅଛ, ମୁଁ ତୁମ୍ଭଙ୍କୁ ଏହି ବର ଦେଉଛି ଯେ, ମୋ ପ୍ରତି ତୁମ୍ଭର ଭକ୍ତି ଅଚଳା ହେବ । ଏହି ମନ୍ଦିର ଭଗ୍ନ ହୋଇଗଲେ ମଧ୍ୟ ମୁଁ କଦାପି ଏହି ସ୍ଥାନ ପରିତ୍ୟାଗ କରିବି ନାହିଁ । ଏହି ପ୍ରାସାଦ ମନ୍ଦିର ଭୂମିସାତ୍ ହେଲେ ମଧ୍ୟ ମୁଁ ଏହି ଦାରୁମୟ ଦେହରେ ପଦ୍ମଯୋନି ବ୍ରହ୍ମାଙ୍କ ଦ୍ୱିତୀୟ ପରାର୍ଦ୍ଧକାଳ ପରିସମାପ୍ତି ପର୍ଯ୍ୟନ୍ତ ଅବସ୍ଥାନ କରିବି । ମୁଁ ତୁମ୍ଭ ନିକଟରେ ଏହା ଚତୁର୍ବାର ସତ୍ୟ କରି କହୁଛି । ତାହେଲେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ନୂଆ ରଥ ଚଢ଼ି ସେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଚାଲିଯାଆନ୍ତି କିପରି ? ଏହା କ’ର ତାଙ୍କର ସତ୍ୟଭଙ୍ଗ ନୁହେଁ? ବିଶ୍ୱ ବିସ୍ତୃତ ଜଗନ୍ନାଥଙ୍କ ଧାମ ଓ ପୀଠସ୍ଥ ଦେବତାଙ୍କ ଆବିର୍ଭାବ ଧାମର ପ୍ରାଚୀନତା ମୂର୍ତ୍ତି ତତ୍ତ୍ୱ ସେମାନଙ୍କର ଅବସ୍ଥିତି ସର୍ବୋପରି ବିବିଧ ଯାତ୍ରା ସକଳ ବିଷୟ ରହସ୍ୟାବୃତ୍ତ । ସାରଳା ଦାସଙ୍କ ଭାଷାରେ – ‘ଅର୍ଜୁନ ବୋଇଲା ଯେଥକୁ ଦେବ ନକର ଚିନ୍ତା । ବଡ଼ ବଳବନ୍ତ ପୁରୁଷେକ ଯେ ଅଛଇ ରଖନ୍ତା । ସେହି ଖଡ଼ି ଘେନି ଲେଖନ କଲାକ ପିତୁଳୀ । ସେହି ପିତୁଳୀ ବିଦାରି ବାହାର ହୋଇଲା ପ୍ରଚଣ୍ଡ ବଳୀ ।’ ଦିବ୍ୟବୃକ୍ଷ ଓ ଦିବ୍ୟ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ସେହି ପିତୁଳୀ ଜଗି ରହିଲା । ସାରଳା ଦାସଙ୍କ ବର୍ଣ୍ଣନାରେ ତାହାର ରୂପ ଏହି ପରି – ‘କର ଚରଣ ନାହିଁ ଯେ ନାହିଁ ତାର ମୁଣ୍ଡ । ପେଟ ପିଠି ନାହିଁ ଅଙ୍ଗ ମେଦ ମୃତ୍ପିଣ୍ଡ । ଅଦଉଡିରେ ଅବଂଧନେ ଲାଗିଲା ତାର କାୟୋ, ବୃକ୍ଷର ଉପରେ ବୁଲିଲା ସେ ତମ୍ଭାଚକ୍ର ପ୍ରାୟେ ।’ ଶାସ୍ତ୍ରୀୟ ପରମ୍ପରା ବିଧିରେ ମାନବ ଜାତିର ଐତିହ୍ୟରେ ଶୀର୍ଷ ଆସନ ଅଳଙ୍କୃତ କରିଥିବା ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରା ଜନପ୍ରିୟ ପ୍ରସାରଣ ଶୀଳତାରେ ବୈଦିକ ସଂସ୍କୃତିକୁ ବିଶ୍ୱ ସଂସ୍କୃତିରେ ରୂପାନ୍ତିରତ କରିପାରିଛି ।

ସିଏ ମୁକ୍ତ – ଚିର ମୁକ୍ତ । ତେଣୁ ସେ ପତିତର ବନ୍ଧୁ ଦଳିତର ବନ୍ଧୁ,ଦରିଦ୍ରର ବନ୍ଧୁ । ଯଥାର୍ଥରେ ସେ ଗଣବନ୍ଧୁ । ରଥଯାତ୍ରା ପରି ଏକ ଜାତୀୟ ଗଣପର୍ବ ଯେ କେତେ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ବୁଝାଇ କହିବାର ନାହିଁ । ଏହି ଗଣଦେବତା ଓ ଗଣଉତ୍ସବକୁ ନେଇ ଓଡ଼ିଶାର ପରିଚିତି, ଓଡ଼ିଆ ଜାତିର ପରିଚିତି ।

**କବୀର କୁମାର ଜେନା**
ବରୀ, ଯାଜପୁର

# ଭାଷା ଓ ଓଡ଼ିଆ ଅସ୍ମିତା

ପ୍ରକାଶ ଚନ୍ଦ୍ର ମିଶ୍ର

ଭାଷା କେବଳ ଭାବ ବିନିମୟର ମାଧ୍ୟମ ନୁହେଁ, ଭାଷା ହେଉଛି ଗୋଟିଏ ଜାତିର ପରିଚୟ, ଇତିହାସ, ସଂସ୍କୃତି, ପରମ୍ପରା, ଚିନ୍ତାଧାରା ଓ ସାମୂହିକ ସ୍ମୃତିର ବାହକ । ଯେଉଁ ଜାତି ନିଜ ଭାଷାକୁ ଭଲପାଏ, ସେ ଜାତି ନିଜ ସଂସ୍କୃତିକୁ ବଞ୍ଚାଇ ରଖିପାରେ । ଯେଉଁ ଜାତି ନିଜ ମାତୃଭାଷାକୁ ଅବହେଳା କରେ, ସେ ଧୀରେ ଧୀରେ ନିଜର ଅସ୍ମିତାକୁ ହରାଇବାକୁ ଲାଗେ । ଓଡ଼ିଆ ଭାଷା ସେହିଭଳି ଏକ ସମୃଦ୍ଧ ଭାଷା । ଭାରତର ୧୨୧ଟି ପ୍ରମୁଖ ଭାଷା ମଧ୍ୟରୁ ମାତ୍ର ୨୨ଟି ଭାଷା ସମ୍ବିଧାନର ସ୍ୱୀକୃତି ପାଇଛି ଏବଂ ଓଡ଼ିଆ ସେଥିରେ ଗୋଟିଏ । ନିଜସ୍ୱ ଲିପି, ହଜାର ବର୍ଷର ଐତିହ୍ୟ, ସମୃଦ୍ଧ ସାହିତ୍ୟ ଓ ସାଂସ୍କୃତିକ ପରମ୍ପରା ଓଡ଼ିଆ ଭାଷାକୁ ଅନ୍ୟ ଭାଷାଠାରୁ ସ୍ୱତନ୍ତ୍ର ପରିଚୟ ଦେଇଛି । ଏହି ଭାଷା କେବଳ ଆମର କଥାବାର୍ତ୍ତାର ମାଧ୍ୟମ ନୁହେଁ; ଏହା ଆମର ସଭ୍ୟତାର ଆଧାର । ଫକୀର ମୋହନ ସେନାପତି ଓଡ଼ିଆ ଗଦ୍ୟକୁ ନୂଆ ଦିଗ ଦେଇଥିଲେ । ଗୋପୀନାଥ ମହାନ୍ତି ଓଡ଼ିଆ ସାହିତ୍ୟକୁ ବିଶ୍ୱସ୍ତରରେ ପରିଚିତ କରିଥିଲେ । କାଳିନ୍ଦୀଚରଣ ପାଣିଗ୍ରାହୀ, ସୁରେନ୍ଦ୍ର ମହାନ୍ତି, ପ୍ରତିଭା ରାୟଙ୍କ ଭଳି ଅନେକ ସାହିତ୍ୟିକ ଓଡ଼ିଆ ଭାଷାକୁ ଗୌରବାନ୍ୱିତ କରିଛନ୍ତି । ସେମାନଙ୍କ ସାହିତ୍ୟ କେବଳ ଓଡ଼ିଆଙ୍କ ସମ୍ପଦ ନୁହେଁ, ଭାରତୀୟ ସାହିତ୍ୟର ମଧ୍ୟ ଏକ ଅମୂଲ୍ୟ ଐଶ୍ୱର୍ଯ୍ୟ । ଏତେ ସମୃଦ୍ଧ ଐତିହ୍ୟର ଉତ୍ତରାଧିକାରୀ ହୋଇ ମଧ୍ୟ ଆଜି ଆମେ କେଉଁଠି ଛିଡ଼ା ହୋଇଛୁ ? ପ୍ରଶ୍ନଟି ଅସ୍ୱସ୍ତିକର, କିନ୍ତୁ ଏହାର ଉତ୍ତର ଖୋଜିବା ଆବଶ୍ୟକ ।

ଦୁଃଖର ବିଷୟ, ଆଜି ଅନେକ ଶିକ୍ଷିତ ଓଡ଼ିଆ, ବିଶେଷକରି ଓଡ଼ିଶା ବାହାରେ ବସବାସ କରୁଥିବା ଓଡ଼ିଆମାନେ, ସାର୍ବଜନୀନ ସ୍ଥାନରେ ଓଡ଼ିଆରେ କଥା କହିବାକୁ ସଙ୍କୋଚ ବୋଧ କରନ୍ତି । ଅନେକଙ୍କ ପାଇଁ ଇଂରାଜୀ କିମ୍ବା ହିନ୍ଦୀରେ କଥା କହିବା ସାମାଜିକ ମର୍ଯ୍ୟାଦାର ପ୍ରତୀକ, କିନ୍ତୁ ଓଡ଼ିଆରେ କଥା କହିବା ଯେପରି ପଛୁଆପଣର ଚିହ୍ନ । ଏହି ମାନସିକତା କେବଳ ଭାଷା ପ୍ରତି ନୁହେଁ, ନିଜ ମୂଳ ପରିଚୟ ପ୍ରତି ମଧ୍ୟ ଏକ ପ୍ରକାର ଅବହେଳା । ପୃଥିବୀର ଅନେକ ଦେଶର ଲୋକ ବିଦେଶରେ ରହିଲେ ମଧ୍ୟ ନିଜ ଭାଷାରେ କଥା କହିବାକୁ ଗର୍ବ ବୋଲି ମନେ କରନ୍ତି । କିନ୍ତୁ ଆମ ମଧ୍ୟରେ ଅନେକେ ନିଜ ଭାଷା କହିବାକୁ ଏଡ଼ାଇବାର ଚେଷ୍ଟା କରନ୍ତି । ଭାଷା ପ୍ରତି ଏହି ହୀନମନ୍ୟତା ଆମ ସମାଜ ପାଇଁ ଚିନ୍ତାର ବିଷୟ ।

ଏହି ମାନସିକତାର ପ୍ରଭାବ ଆମ ସାହିତ୍ୟ ଓ ସଂସ୍କୃତି ଉପରେ ମଧ୍ୟ ସ୍ପଷ୍ଟ ଭାବେ ପଡୁଛି । ଆଜି ଓଡ଼ିଆ ଖବରକାଗଜ, ସାହିତ୍ୟ ପତ୍ରିକା, ଉପନ୍ୟାସ, କବିତା ଓ ଗଳ୍ପ ପଢ଼ିବାର ଅଭ୍ୟାସ ଦିନକୁ ଦିନ କମୁଛି । ପୂର୍ବରୁ ଘରେ ଘରେ ଖବରକାଗଜ ଓ ସାହିତ୍ୟ ପତ୍ରିକା ଆସୁଥିଲା; ନୂଆ ପୁସ୍ତକ ପ୍ରକାଶ ପାଇଲେ ପାଠକମାନେ ଅପେକ୍ଷା କରୁଥିଲେ । ଆଜି ସେହି ସଂସ୍କୃତି କ୍ରମେ କ୍ଷୀଣ ହେଉଛି । ଅନେକ ଯୁବପିଢ଼ି ଓଡ଼ିଆରେ ଗୋଟିଏ ସମ୍ପୂର୍ଣ୍ଣ ପୁସ୍ତକ ପଢ଼ିବାକୁ ମଧ୍ୟ ଆଗ୍ରହ ଦେଖାଉନାହାନ୍ତି ।ସାହିତ୍ୟ ପ୍ରତି ଆଗ୍ରହ କମିଲେ ତାହାର ପ୍ରଭାବ ଅନ୍ୟ କ୍ଷେତ୍ରରେ ମଧ୍ୟ ପଡ଼େ । ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଦୀର୍ଘ ଦିନ ଧରି ସଂଘର୍ଷ କରୁଛି । ଏହାର ପଛରେ ଅର୍ଥନୈତିକ କାରଣ ଥିଲେ ମଧ୍ୟ ନିଜ ଭାଷା ପ୍ରତି କମୁଥିବା ଆଗ୍ରହ ମଧ୍ୟ ଏକ ପ୍ରମୁଖ କାରଣ । ଯେତେବେଳେ ଆମେ ନିଜ ଭାଷାର ସାହିତ୍ୟ ପଢ଼ିବା ବନ୍ଦ କରିଦେଉ, ନିଜ ଭାଷାର ସିନେମା ଦେଖିବାକୁ ଅନାଗ୍ରହ ପ୍ରକାଶ କରୁ, ସେତେବେଳେ ସେହି ଭାଷାର ସୃଜନଶୀଳ ଜଗତ ମଧ୍ୟ ଦୁର୍ବଳ ହୋଇପଡ଼େ । ଭାଷା କେବଳ ବଞ୍ଚି ରହିଲେ ହେବ ନାହିଁ; ତାହାକୁ ବ୍ୟବହାର କରିବାକୁ ପଡ଼ିବ, ପଢ଼ିବାକୁ ପଡ଼ିବ, ଲେଖିବାକୁ ପଡ଼ିବ, ଗବେଷଣା କରିବାକୁ ପଡ଼ିବ ଏବଂ ନୂଆ ପିଢ଼ି ମଧ୍ୟରେ ଗର୍ବର ସହିତ ପହଞ୍ଚାଇବାକୁ ପଡ଼ିବ । ନଚେତ୍ ଭାଷା ସମ୍ବିଧାନର ପୃଷ୍ଠାରେ ରହିଯିବ, କିନ୍ତୁ ଲୋକଙ୍କ ହୃଦୟରୁ ଧୀରେ ଧୀରେ ଲୋପ ପାଇବ ।

ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସଂଖ୍ୟା ଅଭୂତପୂର୍ବ ଭାବରେ ବୃଦ୍ଧି ପାଇଛି । ସହରଠାରୁ ଗାଁ ପର୍ଯ୍ୟନ୍ତ ପ୍ରାୟ ସବୁଠି ନୂଆ ନୂଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗଢ଼ିଉଠୁଛି । ଆକର୍ଷଣୀୟ ନାମ, ଚକଚକିଆ ବିଜ୍ଞାପନ, ସୁନ୍ଦର ୟୁନିଫର୍ମ ଓ ଆଧୁନିକ ଭବନ ଦେଖି ଅଭିଭାବକମାନେ ବିଶ୍ୱାସ କରୁଛନ୍ତି ଯେ ଇଂରାଜୀ ମାଧ୍ୟମରେ ପଢ଼ିଲେ ସେମାନଙ୍କ ପିଲା ନିଶ୍ଚିତ ଭାବରେ ସ୍ମାର୍ଟ ହେବ, ଭବିଷ୍ୟତରେ ଭଲ ଚାକିରି ପାଇବ ଏବଂ ଜୀବନରେ ସଫଳ ହେବ । ଇଂରାଜୀ ଶିଖିବା ନିଶ୍ଚିତ ଭାବରେ ସମୟର ଆବଶ୍ୟକତା । ବାସ୍ତବତା ହେଉଛି, ଓଡ଼ିଶାର ଅଧିକାଂଶ କଥିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପ୍ରକୃତ ଇଂରାଜୀ ମାଧ୍ୟମରେ ପାଠପଢ଼ା ହୁଏ ନାହିଁ । ଶ୍ରେଣୀଗୃହରେ ଅନେକ ସମୟରେ ପାଠ ପଢ଼ାଯାଏ ଓଡ଼ିଆ ଓ ଇଂରାଜୀ ମିଶ୍ରିତ ଭାଷାରେ, କିମ୍ବା କଥିତ ‘ହିଙ୍ଗ୍ଲିଶ’ରେ । ଏହାକୁ ବ୍ୟଙ୍ଗ କରି ଅନେକେ ‘ଅଙ୍ଗ୍ଲିଶ’ ମଧ୍ୟ କହନ୍ତି । ଫଳରେ ଛାତ୍ରଛାତ୍ରୀମାନେ ନା ଶୁଦ୍ଧ ଇଂରାଜୀ ଶିଖୁଛନ୍ତି, ନା ନିଜ ମାତୃଭାଷାରେ ଦୃଢ଼ ଦଖଲ ସୃଷ୍ଟି କରିପାରୁଛନ୍ତି । ଏହାର ଅନ୍ୟତମ କାରଣ ହେଉଛି ପ୍ରଶିକ୍ଷିତ ଶିକ୍ଷକଙ୍କ ଅଭାବ । ଇଂରାଜୀ ମାଧ୍ୟମରେ ପାଠଦାନ କରିବା ପାଇଁ କେବଳ ଇଂରାଜୀ କହିପାରିଲେ ହେବ ନାହିଁ; ବିଷୟବସ୍ତୁକୁ ଇଂରାଜୀରେ ସହଜ ଭାବେ ବୁଝାଇବାର କୌଶଳ ଓ ଯଥୋଚିତ ପ୍ରଶିକ୍ଷଣ ମଧ୍ୟ ଆବଶ୍ୟକ । ଦୁର୍ଭାଗ୍ୟର ବିଷୟ, ଅନେକ ବିଦ୍ୟାଳୟରେ ଏହି ଦକ୍ଷତାସମ୍ପନ୍ନ ଶିକ୍ଷକଙ୍କ ଘୋର ଅଭାବ ରହିଛି । କେବଳ ଶିକ୍ଷକ ନୁହେଁ, ଅନେକ ବିଦ୍ୟାଳୟରେ ମୌଳିକ ଭିତ୍ତିଭୂମି ମଧ୍ୟ ନାହିଁ । ଖେଳ ପଡ଼ିଆ ନାହିଁ, ଖେଳ ଶିକ୍ଷକ ନାହାନ୍ତି, ପାଠାଗାର ନାହିଁ, ପରୀକ୍ଷାଗାର ନାହିଁ । ଶିକ୍ଷା କେବଳ ପୁସ୍ତକ ଓ ପରୀକ୍ଷାରେ ସୀମିତ ହୋଇଯାଉଛି । ସାର୍ବଜନୀନ ବିକାଶ ପାଇଁ ଯେଉଁ ପରିବେଶ ଦରକାର, ତାହା ଅନେକ ସ୍ଥାନରେ ଦୃଷ୍ଟିଗୋଚର ହେଉନାହିଁ । ନିଶ୍ଚୟ ଓଡ଼ିଶାରେ କେତେକ ପୁରାତନ ଓ ସୁପ୍ରତିଷ୍ଠିତ ବିଦ୍ୟାଳୟ ରହିଛି, ଯେଉଁଠାରେ ଉଚ୍ଚମାନର ଶିକ୍ଷା ଦିଆଯାଉଛି । କିନ୍ତୁ ସେହି କିଛି ବିଦ୍ୟାଳୟକୁ ଆଧାର କରି ସମଗ୍ର ବ୍ୟବସ୍ଥାକୁ ବିଚାର କରିହେବ ନାହିଁ । ଅନେକ ନୂଆ ବିଦ୍ୟାଳୟରେ ‘ଇଂରାଜୀ ମାଧ୍ୟମ’ କେବଳ ଏକ ଆକର୍ଷଣୀୟ ମୋହରା ହୋଇ ରହିଯାଇଛି ।

ଅଭିଭାବକଙ୍କ ମନରେ ଆଉ ଏକ ଭୁଲ ଧାରଣା ଗଢ଼ିଉଠିଛି- ଯେତେ ଅଧିକ ଫି, ସେତେ ଭଲ ଶିକ୍ଷା । ପ୍ରକୃତରେ ଶିକ୍ଷାର ଗୁଣବତ୍ତା କେବେ ମଧ୍ୟ କେବଳ ଅର୍ଥ ଉପରେ ନିର୍ଭର କରେନାହିଁ । ଭଲ ଶିକ୍ଷା ନିର୍ଭର କରେ ଭଲ ଶିକ୍ଷକ, ସୁସ୍ଥ ଶିକ୍ଷା ପରିବେଶ, ମୂଲ୍ୟବୋଧ, ଶୃଙ୍ଖଳା ଓ ଛାତ୍ରର ଚିନ୍ତନଶକ୍ତିର ବିକାଶ ଉପରେ । ଏହାଠାରୁ ମଧ୍ୟ ବଡ଼ ଚିନ୍ତାର ବିଷୟ ହେଉଛି, ଇଂରାଜୀ ମାଧ୍ୟମରେ ପଢୁଥିବା ଅନେକ ପିଲା ପ୍ରକୃତରେ କେତେ ଭଲ ଇଂରାଜୀ ଶିଖୁଛନ୍ତି, ତାହା ମଧ୍ୟ ପ୍ରଶ୍ନବାଚୀ । ଶୁଦ୍ଧ ଇଂରାଜୀରେ କଥା କହିବା, ଲେଖିବା କିମ୍ବା ଚିନ୍ତା କରିବାର ଦକ୍ଷତା ଗଢ଼ିଉଠିବା ପରିବର୍ତ୍ତେ ଅନେକ ପିଲା ଇଂରାଜୀର କେତେକ ଅଶ୍ଳୀଳ ଶବ୍ଦ ଓ ଗାଳିକୁ ଦୈନନ୍ଦିନ କଥାବାର୍ତ୍ତାର ଅଂଶ କରିଦେଉଛନ୍ତି । ଘରେ, ବାହାରେ, ବନ୍ଧୁମାନଙ୍କ ମଧ୍ୟରେ ଏପରି ଶବ୍ଦ ବ୍ୟବହାର କରିବାକୁ ସେମାନେ ଆଧୁନିକତା ଓ ସ୍ମାର୍ଟନେସର ପ୍ରତୀକ ବୋଲି ଭାବୁଛନ୍ତି ।

ଏହାର ପରିଣାମ ଆହୁରି ଗମ୍ଭୀର । ଯେଉଁ ପିଲାମାନେ ଦୁର୍ବଳ ଭିତ୍ତିଭୂମି ଓ ଅପ୍ରଶିକ୍ଷିତ ଶିକ୍ଷକ ଥିବା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢୁଛନ୍ତି, ସେମାନେ ନା ଭଲ ଇଂରାଜୀ ଶିଖିପାରୁଛନ୍ତି, ନା ଭଲ ଓଡ଼ିଆ । ଓଡ଼ିଆ ଏକ ବିଷୟ ଭାବେ ପଢୁଥିଲେ ମଧ୍ୟ ଅନେକଙ୍କ ପାଇଁ ଶୁଦ୍ଧ ଓଡ଼ିଆ ପଢ଼ିବା କିମ୍ବା ଲେଖିବା କଷ୍ଟକର ହୋଇପଡୁଛି । କବିତା, ଉପନ୍ୟାସ, ପ୍ରବନ୍ଧ କିମ୍ବା ଉଚ୍ଚମାନର ଓଡ଼ିଆ ସାହିତ୍ୟ ପଢ଼ିବା ତ ଦୂରର କଥା, ଏଭଳି ଏକ ପିଢ଼ି ତିଆରି ହେଉଛି, ଯେଉଁମାନେ ଦୁଇଟି ଭାଷାର ମଝିରେ ଝୁଲି ରହିଛନ୍ତି-ଇଂରାଜୀରେ ନୁହେଁ, ଓଡ଼ିଆରେ ମଧ୍ୟ ନୁହେଁ । ଏହି ପ୍ରବୃତ୍ତି କେବଳ ଶିକ୍ଷାର ସମସ୍ୟା ନୁହେଁ; ଏହା ଆମର ଭାଷାଗତ ଓ ସାଂସ୍କୃତିକ ଭବିଷ୍ୟତ ସହ ଜଡ଼ିତ ଏକ ଗଭୀର ପ୍ରଶ୍ନ ।

ଆଜିର ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି, ଆମେ ମାତୃଭାଷାକୁ ନେଇ ଯେତିକି ଉଦାସୀନ, ଅଭାଷାକୁ ନେଇ ସେତିକି ସଚେତନ । ଓଡ଼ିଆ ଭାଷାକୁ ଶୁଦ୍ଧ ଭାବେ କହିବା, ଲେଖିବା କିମ୍ବା ପଢ଼ିବା ପାଇଁ ଯେଉଁଠାରେ ଆମର ଆଗ୍ରହ କମିଯାଉଛି, ସେଠାରେ ଅଶ୍ଳୀଳ ଶବ୍ଦ ଓ ଗାଳିଗୁଲଜ ଶିଖିବାରେ କିନ୍ତୁ ଆମେ ଅଦ୍ଭୁତ ପାରଙ୍ଗମତା ଦେଖାଉଛୁ । ଦୁଇ ଅକ୍ଷରିଆ, ତିନି ଅକ୍ଷରିଆ, ଚାରି ଅକ୍ଷରିଆ—ସବୁ ପ୍ରକାରର ଅଭାଷା ଆମ ଜିଭ ଅଗରେ ଅଛି । କଥାର ଆରମ୍ଭରେ, ମଝିରେ ଓ ଶେଷରେ ମଧ୍ୟ ଅଭାଷା ର ବ୍ୟବହାର ବହୁଳ ଭାବେ ଦେଖା ଯାଉଛି । ଏହି ବିଦ୍ୟା ଶିଖିବା ପାଇଁ କୌଣସି ଗୁରୁ ଦରକାର ପଡୁନାହିଁ । ପରିବେଶ, ସାଙ୍ଗସାଥୀ, ସୋସିଆଲ ମିଡ଼ିଆ ଓ ଚଳଚ୍ଚିତ୍ରରୁ ଏହା ଅତି ସହଜରେ ଆତ୍ମସାତ୍ ହୋଇଯାଉଛି । ଯେତେ ସହଜରେ ଅଭାଷା ଶିଖାଯାଉଛି, ସେତେ ସହଜରେ ଯଦି ଶୁଦ୍ଧ ଓଡ଼ିଆ ଶିଖାଯାଉଥାନ୍ତା, ତେବେ ଭାଷାର ଅବସ୍ଥା ଆଜି ଏପରି ହୋଇନଥାନ୍ତା । ସବୁଠାରୁ ଅଧିକ ଦୁଃଖର ବିଷୟ ହେଉଛି, ଏହି ଗାଳିଗୁଡ଼ିକର ବଡ଼ ଅଂଶ ମା’ଙ୍କୁ କେନ୍ଦ୍ର କରି ରଚିତ । ଯେଉଁ ମା’ ଦଶମାସ ଦଶଦିନ ଗର୍ଭରେ ଧାରଣ କରି, ଅସହାୟ ଶିଶୁକୁ ଅସୀମ ସ୍ନେହ, ମମତା ଓ ତ୍ୟାଗରେ ମଣିଷ କରନ୍ତି, ସେହି ମା’ଙ୍କ ନାମକୁ ଅପମାନର ଭାଷାରେ ବ୍ୟବହାର କରିବା ଆମ ସମାଜର ନୈତିକ ଅବକ୍ଷୟର ପ୍ରତୀକ । ଯେଉଁ ସଂସ୍କୃତି ‘ମାତୃଦେବୋ ଭବ’ର ମନ୍ତ୍ର ଶିଖାଏ, ସେହି ସଂସ୍କୃତିର ସନ୍ତାନମାନେ ଯଦି ମା’ଙ୍କୁ ନେଇ ଗାଳି ଦିଅନ୍ତି, ତାହାଠାରୁ ବଡ଼ ବିରୋଧାଭାସ ଆଉ କ’ଣ ହୋଇପାରେ ?

ଭାଷା କେବଳ ଶବ୍ଦର ସମଷ୍ଟି ନୁହେଁ; ଏହା ମଣିଷର ଚରିତ୍ର ଓ ସଂସ୍କାରର ଦର୍ପଣ । ଆମର କଥାବାର୍ତ୍ତାରେ ଯେଉଁ ଶବ୍ଦର ବ୍ୟବହାର ହୁଏ, ତାହା ଆମର ଶିକ୍ଷା, ରୁଚି ଓ ମୂଲ୍ୟବୋଧର ପରିଚୟ ଦିଏ । ତେଣୁ ଅଭାଷାକୁ ସ୍ୱାଭାବିକ ବୋଲି ଗ୍ରହଣ କରିବା ନୁହେଁ, ବରଂ ତାହାକୁ ସାମାଜିକ ଭାବରେ ନିରୁତ୍ସାହିତ କରିବା ଆବଶ୍ୟକ । ଆଜି ଆମକୁ ନିଜକୁ କିଛି କଠିନ ପ୍ରଶ୍ନ ପଚାରିବାକୁ ପଡ଼ିବ । ଆମେ ସତରେ ଆମ ପିଲାମାନଙ୍କୁ ଭାଷା ଶିଖାଉଛୁ, ନା କେବଳ ଭାଷାର ନାମରେ ଏକ ମୋହ ବିକ୍ରି କରୁଛୁ ? ଆମେ ସେମାନଙ୍କୁ ପୁସ୍ତକ ସହ ଯୋଡୁଛୁ, ନା କେବଳ ପରୀକ୍ଷା ଓ ନମ୍ବରରେ ସୀମିତ କରିଦେଉଛୁ ? ଆମେ ସେମାନଙ୍କୁ ନିଜ ମାତୃଭାଷାକୁ ଭଲ ପାଇବା ଶିଖାଉଛୁ, ନା ତାହାକୁ ହୀନ ବୋଲି ଭାବିବାକୁ ବାଧ୍ୟ କରୁଛୁ ?

ଇଂରାଜୀ ଶିଖନ୍ତୁ, ହିନ୍ଦୀ ଶିଖନ୍ତୁ, ଦରକାର ପଡ଼ିଲେ ଆହୁରି ଅନେକ ଭାଷା ଶିଖନ୍ତୁ । ଯେତେ ଅଧିକ ଭାଷା ଜାଣିବେ, ସେତେ ଅଧିକ ଜ୍ଞାନର ଦ୍ୱାର ଖୋଲିବ । କିନ୍ତୁ ସେଥିପାଇଁ ନିଜ ମାତୃଭାଷାକୁ ଭୁଲିଯିବା, ତାହାକୁ ହୀନ ମନେ କରିବା କିମ୍ବା ତାହାର ବ୍ୟବହାରକୁ ଲଜ୍ଜାର ବିଷୟ ବୋଲି ଭାବିବା କେବେ ମଧ୍ୟ ଉଚିତ ନୁହେଁ । ବହୁଭାଷୀ ହେବା ଏକ ଶକ୍ତି, କିନ୍ତୁ ମାତୃଭାଷାବିମୁଖ ହେବା ଏକ ଦୁର୍ବଳତା । ଓଡ଼ିଆ ଅସ୍ମିତା କେବଳ ସ୍ଲୋଗାନରେ ସୀମିତ ରହିଲେ ଚାଲିବ ନାହିଁ । ଘରେ ଓଡ଼ିଆ କହିବାକୁ ପଡ଼ିବ, ପିଲାମାନଙ୍କୁ ଓଡ଼ିଆ ପୁସ୍ତକ ପଢ଼ିବାକୁ ଉତ୍ସାହିତ କରିବାକୁ ପଡ଼ିବ, ଓଡ଼ିଆ ସିନେମା, ନାଟକ ଓ ସାହିତ୍ୟକୁ ପ୍ରୋତ୍ସାହନ ଦେବାକୁ ପଡ଼ିବ । ବିଦ୍ୟାଳୟରେ ଭଲ ଓଡ଼ିଆ ଶିକ୍ଷାର ବ୍ୟବସ୍ଥା କରିବାକୁ ପଡ଼ିବ । ସରକାର, ଶିକ୍ଷକ, ଅଭିଭାବକ, ସାହିତ୍ୟିକ, ଗଣମାଧ୍ୟମ ଓ ସମାଜ—ସମସ୍ତଙ୍କର ସମାନ ଦାୟିତ୍ୱ ରହିଛି । ମନେ ରଖିବା ଦରକାର, ଭାଷାର ମୃତ୍ୟୁ ହଠାତ୍ ହୁଏ ନାହିଁ । ଓଡ଼ିଆ ଭାଷା ଆମର ଗର୍ବ, ଆମର ପରିଚୟ ଓ ଆମର ଉତ୍ତରାଧିକାର । ତାହାକୁ ବଞ୍ଚାଇ ରଖିବା କେବଳ ସରକାରର କାମ ନୁହେଁ; ପ୍ରତ୍ୟେକ ଓଡ଼ିଆର ନୈତିକ ଦାୟିତ୍ୱ । ଆମେ ଯଦି ନିଜ ଭାଷାକୁ ସମ୍ମାନ ଦେବା, ତେବେ ଭାଷା ଆମକୁ ପରିଚୟ ଦେବ । ଆଉ ଯଦି ଆମେ ତାହାକୁ ଅବହେଳା କରିବା, ଇତିହାସ ମଧ୍ୟ ଆମକୁ କ୍ଷମା କରିବ ନାହିଁ ।

ଦାଣ୍ଡମୁକୁନ୍ଦପୁର, ପୁରୀ
ମୋ-୮୦୭୪୮୯୩୭୭୮

# ପାଠ୍ୟପୁସ୍ତକ ତ୍ରୁଟି

ସୌଭାଗ୍ୟ ରଂଜନ ମହାନ୍ତି

ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର । ଶିକ୍ଷା ହେଉଛି ଜ୍ଞାନ, ଦକ୍ଷତା ଓ ଉନ୍ନତିର ପଥ ପ୍ରଦର୍ଶକ । ଆମ ଦେଶ ତଥା ରାଜ୍ୟରେ ବିଦ୍ୟାଳୟ ହେଉଛି ଶିକ୍ଷାର ସୋପାନ । କିନ୍ତୁ ଦେଶରେ ବିଦ୍ୟାଳୟ ଏବଂ ଶିକ୍ଷାର ବିପର୍ଯ୍ୟୟ ସ୍ଥିତି ବୋଧହୁଏ କାହାରିକୁ ଅଛପା ନୁହେଁ । କେଉଁଠି ବିଦ୍ୟାଳୟ ଅଛି ତ ଶିକ୍ଷକ ନାହାଁନ୍ତି, ଶିକ୍ଷକ ଅଭାବ ଆମ ରାଜ୍ୟରେ ଏକ ସଂକଟ ଭାବେ ଉଭା ହୋଇଛି । ଗତ ସରକାରଙ୍କ ସମୟରେ ଆମ ରାଜ୍ୟରେ ‘ମୋ ସ୍କୁଲ ଯୋଜନା’ରେ ରାଜ୍ୟ ସରକାର ସ୍କୁଲ ଗୁଡିକର ଚାକଚକ୍ୟ ପାଇଁ କୋଟି କୋଟି ଟଙ୍କା ପାଣି ପରି ଖର୍ଚ୍ଚ କରିଲେ, ମାତ୍ର ଶିକ୍ଷକ ଅଭାବ ପ୍ରତି ଦୃଷ୍ଟି ଦେଲେ ନାହିଁ । ରାଜ୍ୟରେ ଏବେ ହଜାର ହଜାର ଶିକ୍ଷକ ପଦବୀ ଖାଲି ପଡିଛି । ନିଯୁକ୍ତି ମେଳା ମାଧ୍ୟମରେ ସରକାର ନିଯୁକ୍ତି ଦେଉଛନ୍ତି । ତଥାପି ଶିକ୍ଷକ ଅଭାବକୁ ଦୂର କରାଯାଇପାରୁ ନାହିଁ । କେବଳ ଏତିକି ନୁହେଁ, ଶିକ୍ଷାର ମାନରେ ଏତେ ଅବନତି ଘଟିଛି ଯେ, ଅଷ୍ଟମ ଶ୍ରେଣୀର ପିଲା ତୃତୀୟ ଶ୍ରେଣୀର ଅଙ୍କ କରି ପାରୁନାହିଁ । ଇଂରାଜୀରେ ଧାଡିଟିଏ ନିର୍ଭୁଲ ଭାବେ ପଢିପାରୁନାହିଁ କିମ୍ବା ମାତୃଭାଷା ଓଡିଆରେ ନିର୍ଭୁଲ ଭାବରେ ଧାଡିଟିଏ ଲେଖିପାରୁ ନାହିଁ । କିଛି ପାଠ ନପଢି, କିଛି ନଜାଣି ଛାତ୍ରଛାତ୍ରୀମାନେ ଗୋଟିଏ ପରେ ଗୋଟିଏ ଉଚ୍ଚଶ୍ରେଣୀକୁ ପାସ୍ କରି ଚାଲିଛନ୍ତି । ଯେପରି କି ମାଗଣା ସଂସ୍କୃତି ସାଧାରଣ ଜ୍ଞାନ କଥା ଛାଡି କେବଳ ମେଧାବୀ ଛାତ୍ରଛାତ୍ରୀଙ୍କୁ ଛାଡି, ଯେଉଁମାନଙ୍କ ସଂଖ୍ୟା ଦଶ ପ୍ରତିଶତରୁ କମ୍, ଅନ୍ୟ କେହି ପାଠ ପଢନ୍ତି ନାହିଁ । କେବଳ ସ୍କୁଲରେ ଉପସ୍ଥାନ ସଂଖ୍ୟା ବଢାଇବା ପାଇଁ, ମାଗଣା ମଧ୍ୟାହ୍ନ ଭୋଜନ, ଜୋତା, ୟୁନିଫର୍ମ ପୋଷାକ ପାଇଁ ସ୍କୁଲ ଯାଆନ୍ତି । ଇଏ ହେଉଛି ଏବେର ଶିକ୍ଷା ବ୍ୟବସ୍ଥା ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ । ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ନୂତନ ଜାତୀୟ ଶିକ୍ଷା ନୀତି -୨୦୨୦କୁ ରାଜ୍ୟ ସରକାର ଗତବର୍ଷ ଲାଗୁ କରିଛନ୍ତି । ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ପୁରୁଣା ବହିକୁ ବଦଳାଇ ରାଜ୍ୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ ଦ୍ୱାରା ପ୍ରସ୍ତୁତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ୨୦୦୦ରୁ ଊର୍ଦ୍ଧ୍ୱ ତୃଟି ଯୋଗୁଁ କେବଳ ପିଲାଙ୍କ ପାଠପଢା ବ୍ୟାହତ ହୋଇନାହିଁ, ପାଠ୍ୟପୁସ୍ତକ ପ୍ରସ୍ତୁତ କରିଥିବା ଶିକ୍ଷକମାନଙ୍କ ପାରଦର୍ଶିତା, ଜ୍ଞାନ ଓ ଦକ୍ଷତା ଏବଂ ସରକାରଙ୍କ ଶିକ୍ଷାନୀତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇପାରିବ । ଯାହାକୁ ନେଇ ଆଲୋଚନା, ସମାଲୋଚନା, ବିକ୍ଷୋଭ, ଶୋଭାଯାତ୍ରା, ଘେରାଉ ଜାରି ରହିଛି । ପୁସ୍ତକରେ ବ୍ରହ୍ମପୁର ଏକ ଜିଲ୍ଲା, ଆଇନଷ୍ଟାଇନ ଜଣେ ପାଇଲଟ, ନେମୁଡା ନେମୁଡା ଗୀତ, ଗଣିତର ସମାଧାନ ସୂତ୍ର ଭୁଲ ବ୍ୟାଖ୍ୟା ବନାନଗତ ତୃଟି ଏହିପରି ୧୭୬୬ଟି ତୃଟି ପରିଲିଖିତ ହୋଇଛି । ସରକାରଙ୍କ ପକ୍ଷରୁ ସଂଶୋଧିତ ତୃଟି ଜାରି ହୋଇଥିଲେ ବି ଏଥିରେ ଅଧିକାଂଶ ଭୁଲ ରହିଛି । ସାଧାରଣତଃ ପାଠ୍ୟ ପୁସ୍ତକ ପ୍ରସ୍ତୁତିରେ ଅଭିଜ୍ଞ, ଦକ୍ଷ ଶିକ୍ଷକଙ୍କୁ ନିୟୋଜିତ କରାଯାଇଥାଏ । ମାତ୍ର ଏଥର ପାଠ୍ୟ ପୁସ୍ତକ ଏକ ଘରୋଇ ଶିକ୍ଷା ସଂସ୍ଥାର ସ୍କୁଲମାନଙ୍କର ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ନିଯୁକ୍ତି ଦିଆଯାଇଥିଲା । ଯେଉଁମାନଙ୍କର ଶିକ୍ଷାଦୀକ୍ଷା, ସାଧାରଣ ଜ୍ଞାନ ନଥିବା ପାଠ୍ୟପୁସ୍ତକରେ ଥିବା ବ୍ୟାପକ ତୃଟି ସନ୍ଦେଶ ପ୍ରଦାନ କରେ ନାହିଁ, ମାଙ୍କଡ ହାତରେ ଶାଳଗ୍ରାମ ବୋଲି କୁହାଯାଇପାରିବ । ଅବଶ୍ୟକ ମୁଖ୍ୟମନ୍ତ୍ରୀ ପାଠ୍ୟପୁସ୍ତକ ପ୍ରସ୍ତୁତିରେ ଷଡଯନ୍ତ୍ର ହୋଇଥିବା ଦର୍ଶାଇ ଏସସିଇଆରଟିର ନିର୍ଦ୍ଦେଶିକଙ୍କ ସମେତ ଅନ୍ୟ ତିନିଜଣ ସରକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବନ କରିବା ସହ ଅନ୍ୟ ୬ଜଣ ସହକାରୀ ନିର୍ଦ୍ଦେଶକ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି । ତେବେ ଷଡଯନ୍ତ୍ର ପଛରେ କି, ତାହା ରାଜ୍ୟବ୍ୟାପୀ ଜାଣିବା ଅଧିକାର ରହିଛି । ମୁଖ୍ୟମନ୍ତ୍ରୀ ଷଡଯନ୍ତ୍ର ସମ୍ପର୍କରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବେ ବୋଲି ଆଶା କରୁ । ଉଲ୍ଲେଖଯୋଗ୍ୟ ଯେ, ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ପ୍ରସ୍ତୁତ ଏସସିଇଆରଟି ଦ୍ୱାରା ପ୍ରସ୍ତୁତ ପାଠ୍ୟ ପୁସ୍ତକ ନୁହେଁ, କେନ୍ଦ୍ର ସରକାରଙ୍କ ଅଧିନସ୍ଥ ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ (ଏନସିଇଆରଟି) ଦ୍ୱାରା ପ୍ରସ୍ତୁତ ପାଠ୍ୟପୁସ୍ତକରେ ବ୍ୟାପକ ମନଗଢା ଓ ତୃଟି ସାରାଦେଶରେ ହଇଚଇ ସୃଷ୍ଟି କରିଥିଲା । ସୁପ୍ରିମକୋର୍ଟ ତୀବ୍ର ଭର୍ତ୍ସନା କରିବା ପରେ ଏନସିଇଆରଟି କର୍ତ୍ତୃପକ୍ଷ ସମ୍ପୃକ୍ତ ପାଠ୍ୟପୁସ୍ତକ ପ୍ରତ୍ୟାହାର କରିନେବା ସଙ୍ଗେ ସଙ୍ଗେ ନିସର୍ତ୍ତ କ୍ଷମା ଭିକ୍ଷା କରିଥିଲେ । ଏବେ ପୁନର୍ବାର ଏନସିଇଆରଟି ଦ୍ୱାରା ପ୍ରକାଶିତ ସଂଶୋଧିତ ପାଠ୍ୟ ପୁସ୍ତକରେ କେତେକ ବିବାଦୀୟ ବିଷୟ ବସ୍ତୁ ଏବଂ ବିବାଦୀୟ ପ୍ରସଙ୍ଗ ସ୍ଥାନ ପାଇଛି, ଯାହାକି ନେଇ ଏନସିଇଆରଟିର ସମ୍ମାନ ଏବେ ପୁଣି କାଠଗଡାରେ । ନବମ ଶ୍ରେଣୀ ସାମାଜିକ ପାଠ୍ୟ ପୁସ୍ତକରେ ଏକ ବିଷୟରେ ନିର୍ବାଚନ କମିଶନଙ୍କ ନିରପେକ୍ଷ ଭୂମିକା ଓ ଭୋଟର ତାଲିକା ଯାଂଚ ପାଇଁ ସ୍ପେଶାଲ ଇଟେଂନସିଭ ସ୍ଥାନ ପାଇଛି ଯାହାକି କେବଳ ନାଗରିକମାନଙ୍କୁ ଭୋଟ ଅଧିକାର ଦେଇଥିବା ନିଶ୍ଚିତ କରିଥିବା ଦର୍ଶାଯାଇଛି । କିନ୍ତୁ ପଶ୍ଚିମବଙ୍ଗରେ ବହୁ ଯୋଗ୍ୟ ଭୋଟଦାତା ବଂଚିତ ହୋଇଥିବା ଏବଂ ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବା ସମ୍ପର୍କରେ ପୁସ୍ତକରେ କିଛି ପ୍ରକାଶ ପାଇନାହିଁ । ନିର୍ବାଚନ କମିଶନଙ୍କ ପକ୍ଷପାତିତା ଏବଂ ଯୋଗ୍ୟ ଭୋଟର ମତଦାନ ଅଧିକାରରୁ ବାଦ ପଡିଥିବା ନେଇ ବିରୋଧି ଦଳର ଅଭିଯୋଗ ସ୍ଥାନ ପାଇନାହିଁ । କଥାରେ ଅଛି କୋମଳମତି ଶିଶୁ ଭଲ କଥା ଅପେକ୍ଷା ଖରାପ କଥା ଶୀଘ୍ର ମନେ ରଖିଥାଏ ଏବଂ ଉଚ୍ଚାରଣ କରିଥାଏ । ପ୍ରଥମରୁ ଅଷ୍ଟମ ପାଠ୍ୟ ପୁସ୍ତକରେ ତୃଟି ପାଇଁ ଦାୟୀ ଥିବା ଅଫିସରଙ୍କୁ ନିଲମ୍ବନ ନୁହେଁ ଚାକିରିରୁ ବହିଷ୍କାର କରାଯିବା ଯଥାର୍ଥ ପଦକ୍ଷେପ ହେବ । ଜାତୀୟ ଶିକ୍ଷାନୀତି-୨୦୨୦ରେ ପ୍ରସ୍ତୁତ ପାଠ୍ୟପୁସ୍ତକରକୁ ମୂର୍ତି ଗଢୁ ଗଢୁ, ବାନର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଜ୍ୟ ସରକାର ପୁସ୍ତକକୁ ପ୍ରତ୍ୟାହାର କରି ପିଲାଙ୍କୁ ସଂଶୋଧିତ ପୁସ୍ତକ ଯୋଗାଇ ଦେବା ଉଚିତ ପଦକ୍ଷେପ ହେବ ।

ଭୁବନେଶ୍ୱର
ମୋ:୯୪୩୭୯୯୪୩୭୯

# ଆମର ଦାୟିତ୍ୱବୋଧ

ଡଃ ଅମୂଲ୍ୟ କୁମାର ପଣ୍ଡା

‘ପରିବେଶ ହିଁ ଜୀବନ’, ଏହି ଚିରନ୍ତନ ସତ୍ୟକୁ ଆଧାର କରି ପୃଥିବୀ ପୃଷ୍ଠରେ ସମସ୍ତ ସୃଷ୍ଟିର ବିକାଶ ହୋଇଛି । ପରିବେଶ ହେଉଛି ପ୍ରକୃତିର ଏକ ଅମୂଲ୍ୟ ଉପହାର, ଯାହା ମଧ୍ୟରେ ବାୟୁ, ଜଳ, ମୃତ୍ତିକା, ଉଦ୍ଭିଦ ଓ ପ୍ରାଣୀଜଗତ ଅନ୍ତର୍ଭୁକ୍ତ । ଆମର ଚତୁଃପାର୍ଶ୍ୱରେ ଥିବା ଏହି ସଜୀବ ଓ ନିର୍ଜୀବ ଉପାଦାନଗୁଡ଼ିକର ସମାହାରକୁ ଆମେ ପରିବେଶ ବୋଲି କହିଥାଉ । ମାନବ ସଭ୍ୟତାର ଆରମ୍ଭରୁ ପ୍ରକୃତି ଓ ମଣିଷ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଆସିଛି । ମାତ୍ର ବର୍ତ୍ତମାନର ଆଧୁନିକ ଓ ସ୍ୱାର୍ଥପର ମଣିଷ ନିଜର ସୁଖ-ସୁବିଧା ପାଇଁ ଏହି ସୁନ୍ଦର ପରିବେଶକୁ ଧ୍ୱଂସ କରିବାରେ ଲାଗିଛି । ଫଳରେ ସମଗ୍ର ବିଶ୍ୱ ଆଜି ଗୁରୁତର ପରିବେଶ ସଙ୍କଟର ସମ୍ମୁଖୀନ । ଏଭଳି ପରିସ୍ଥିତିରେ ପରିବେଶର ସୁରକ୍ଷା କରିବା କେବଳ ସରକାରଙ୍କର ନୁହେଁ, ବରଂ ଆମ ପ୍ରତ୍ୟେକ ନାଗରିକର ପରମ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଅଟେ । ପରିବେଶର ଗୁରୁତ୍ୱ ଓ ପ୍ରକୃତି ସହ ମାନବର ସମ୍ପର୍କ

ପରିବେଶ ଆମକୁ ବଞ୍ଚିବା ପାଇଁ ଅମ୍ଳଜାନ, ପିଇବା ପାଇଁ ଜଳ ଏବଂ କ୍ଷୁଧା ନିବାରଣ ପାଇଁ ଅନ୍ନ ଯୋଗାଇଥାଏ । ଆମର ପ୍ରତ୍ୟେକ ମୌଳିକ ଆବଶ୍ୟକତା ପ୍ରକୃତି ଉପରେ ନିର୍ଭର କରେ । ପ୍ରାଚୀନ ଭାରତୀୟ ସଂସ୍କୃତିରେ ପ୍ରକୃତିକୁ ଦେବତା ଭାବେ ପୂଜା କରାଯାଉଥିଲା । ଗଛଲତାକୁ ମା’ ଏବଂ ନଦୀକୁ ପବିତ୍ର ଗଙ୍ଗା ମାତା ଭାବେ ସମ୍ମାନ ଦିଆଯାଉଥିଲା । ବର୍ତ୍ତମାନ ସମୟରେ ପରିବେଶ ମୁଖ୍ୟତଃ ଚାରୋଟି ଉପାୟରେ ପ୍ରଦୂଷିତ ହେଉଛି । ପ୍ରଥମ, ବାୟୁ ପ୍ରଦୂଷଣ । କଳକାରଖାନା ଏବଂ ଗାଡ଼ି ମୋଟରରୁ ନିର୍ଗତ କଳାଧୂଆଁ ବାୟୁମଣ୍ଡଳକୁ ବିଷାକ୍ତ କରୁଛି । ଯାହାଫଳରେ ଶ୍ୱାସକ୍ରିୟା ଜନିତ ରୋଗ ବଢ଼ିବାରେ ଲାଗିଛି ।ଦ୍ୱିତୀୟ ହେଉଛି ଜଳ ପ୍ରଦୂଷଣ ।ସହରର ବର୍ଜ୍ୟବସ୍ତୁ ଏବଂ କାରଖାନାର ଦୂଷିତ ରାସାୟନିକ ଜଳ ନଦୀ, ପୋଖରୀ ଓ ସମୁଦ୍ରରେ ମିଶି ଜଳକୁ ବ୍ୟବହାର ଅନୁପଯୋଗୀ କରୁଛି । ତୃତୀୟରେ ହେଉଛି ମୃତ୍ତିକା ପ୍ରଦୂଷଣ । କୃଷି କ୍ଷେତ୍ରରେ ଅତ୍ୟଧିକ ରାସାୟନିକ ସାର ଏବଂ କୀଟନାଶକର ପ୍ରୟୋଗ ଯୋଗୁଁ ମାଟିର ଉର୍ବରତା ନଷ୍ଟ ହେଉଛି । ଚତୁର୍ଥରେ ହେଉଛି ଶବ୍ଦ ପ୍ରଦୂଷଣ ।ଯାନବାହନର ହର୍ଣ୍ଣ ଏବଂ ଉଚ୍ଚ ସ୍ୱରରେ ବାଜୁଥିବା ଲାଉଡ଼ସ୍ପିକର ମାନସିକ ଚାପ ଓ ବଧିରତା ସୃଷ୍ଟି କରୁଛି । ଯଦି ଆମେ ଏବେଠାରୁ ସଚେତନ ନ ହେବା, ତେବେ ପ୍ରକୃତିର କୋପରୁ କେହି ବଞ୍ଚିପାରିବେ ନାହିଁ । ଏହାର କେତେକ ଭୟାବହ ପରିଣାମ ନିମ୍ନଭାବେ ଦେଖାଦେଇଛି । ପୃଥିବୀର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯାହାଦ୍ୱାରା ମେରୁ ଅଞ୍ଚଳର ବରଫ ତରଳି ସମୁଦ୍ର ପତନ ବଢୁଛି । ସମୟରେ ବର୍ଷା ନହେବା, ଅତ୍ୟଧିକ ଗରମ ଏବଂ ବାରମ୍ବାର ବାତ୍ୟା ଓ ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ଏହାର ଜ୍ୱଳନ୍ତ ଉଦାହରଣ ।

ଗୋଟିଏ ଗଛ କାଟିଲେ ତା’ ବଦଳରେ ପାଞ୍ଚଟି ନୂଆ ଗଛ ଲଗାଇବା ଉଚିତ । ପ୍ରତ୍ୟେକ ବ୍ୟକ୍ତି ନିଜ ଜନ୍ମଦିନ କିମ୍ବା କୌଣସି ଶୁଭ ଅବସରରେ ଅତିକମରେ ଗୋଟିଏ ଗଛ ଲଗାଇବାକୁ ସଂକଳ୍ପ ନେବା ଆବଶ୍ୟକ । ପ୍ଲାଷ୍ଟିକ ଓ ପଲିଥିନ୍ ମାଟିରେ ସହଜରେ ମିଶେ ନାହିଁ ଏବଂ ଏହା ଶହ ଶହ ବର୍ଷ ପର୍ଯ୍ୟନ୍ତ ପରିବେଶକୁ ଦୂଷିତ କରି ରଖେ । ବଜାରକୁ ଗଲାବେଳେ ସଦାସର୍ବଦା କପଡ଼ା କିମ୍ବା ଝୋଟ ବ୍ୟାଗ ବ୍ୟବହାର କରିବା ଉଚିତ । ଜଳର ଅପଚୟ ରୋକିବା ଆମର ପରମ କର୍ତ୍ତବ୍ୟ । ବର୍ଷା ଜଳ ଅମଳ ପଦ୍ଧତି ଆପଣାଇ ଭୂତଳ ଜଳ ସ୍ତରକୁ ବୃଦ୍ଧି କରାଯାଇପାରିବ । ପରିବେଶ ସୁରକ୍ଷା କେବଳ ଏକ ସ୍ଲୋଗାନ ବା ସଭାସମିତି ମଧ୍ୟରେ ସୀମିତ ନରହି ଏହାକୁ କାର୍ଯ୍ୟକାରୀ କରିବାର ସମୟ ଆସିଯାଇଛି । ଆମର ଆଜିର ଛୋଟ ପଦକ୍ଷେପ ଆସନ୍ତାକାଲିର ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ଓ ସୁସ୍ଥ ପୃଥିବୀ ଉପହାର ଦେଇପାରିବ । ଆସନ୍ତୁ ସମସ୍ତେ ମିଶି ଏ ପଦକ୍ଷେପ ଗୁଡ଼ିକୁ ନେଲେ ପରିବେଶ ସୁରକ୍ଷିତ ହୋଇପାରିବ । ଏହା ତ୍ୱରାନ୍ୱିତ ଭାବେ କରିବା ଉଚିତ୍, କାରଣ ପ୍ରକୃତିର ସୁରକ୍ଷା ହିଁ ପ୍ରକୃତରେ ମାନବ ଜାତିର ସୁରକ୍ଷା ଅଟେ ।

ଅରଙ୍ଗାବାଦ ବରୀ ଯାଜପୁର
ମୋ:୮୨୪୯୫୦୨୭୭୬

## ସଂପାଦକଙ୍କୁ ପତ୍ର

### ବନ ସଂରକ୍ଷଣର ଚେତନା ଜାଗ୍ରତ ହେଉ

ମହାଶୟ,

ଜଙ୍ଗଲ କେବଳ ଗଛର ସମାହାର ନୁହେଁ; ଏହା ଜୀବନର ଶ୍ୱାସ, ପରିବେଶର ସନ୍ତୁଳନ, ଜୈବ ବିବିଧତାର ଭଣ୍ଡାର ଏବଂ ପୃଥିବୀର ସବୁଜ ହୃଦୟ । ଯେଉଁଠାରେ ବନ ଧ୍ୱଂସ ହୁଏ, ସେଠାରେ ଧୀରେ ଧୀରେ ଜୀବନ ମଧ୍ୟ ବିପନ୍ନ ହୋଇପଡ଼େ । ଆଜି ବିଶ୍ୱ ଏକ ଗୁରୁତର ପରିବେଶ ସଙ୍କଟର ସମ୍ମୁଖୀନ । ଜଳବାୟୁ ପରିବର୍ତ୍ତନ, ଅସହ୍ୟ ଉତ୍ତାପ, ଅନିୟମିତ ବର୍ଷା, ଘୂର୍ଣ୍ଣିଝଡ଼, ବନ୍ୟା, ମରୁଡ଼ି, ଭୂସ୍ଖଳନ, ବାୟୁ ପ୍ରଦୂଷଣ ଓ ଜୈବ ବିବିଧତାର କ୍ଷୟ ଇତ୍ୟାଦି ଏସବୁ ମଣିଷର ଅବିବେକୀ କାର୍ଯ୍ୟର ଫଳ । ବିକାଶ ନାମରେ ଯେଉଁଭଳି ଅବାଧ ବୃକ୍ଷଚ୍ଛେଦନ ଚାଲିଛି, ତାହା ପ୍ରକୃତିର ସନ୍ତୁଳନକୁ ଭୟଙ୍କର ଭାବେ ପ୍ରଭାବିତ କରିଛି । ଯେଉଁ ଗଛ ମଣିଷକୁ ଅମ୍ଳଜାନ ଦେଉଛି, ସେହି ଗଛକୁ ମଣିଷ ନିଜ ସ୍ୱାର୍ଥ ପାଇଁ କାଟି ଚାଲିଛି । ଆଜିର ବିଶ୍ୱବ୍ୟାପୀ ପରିବେଶ ସଙ୍କଟ ସେହି ଅବହେଳାର ଫଳ ଆଜି ମଣିଷ ଭୋଗୁଛି । ଏହି ପରିସ୍ଥିତିରେ ବନ ମହୋତ୍ସବର ପ୍ରାସଙ୍ଗିକତା ଆହୁରି ବଢ଼ିଯାଇଛି । ପ୍ରତିବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହରେ ପାଳିତ ବନ ମହୋତ୍ସବ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ; ଏହା ପ୍ରକୃତି ପ୍ରତି ଆମର ଦାୟିତ୍ୱବୋଧର ଉତ୍ସବ । ଏହାର ଉଦ୍ଦେଶ୍ୟ ଥିଲା ଦେଶବ୍ୟାପୀ ବୃକ୍ଷରୋପଣକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ଏବଂ ପ୍ରତ୍ୟେକ ନାଗରିକଙ୍କ ମନରେ ବନ ସଂରକ୍ଷଣର ଚେତନା ଜାଗ୍ରତ କରିବା । କିନ୍ତୁ ପ୍ରଶ୍ନ ଉଠେ, ବନ ମହୋତ୍ସବ କେବଳ ଚାରା ଲଗାଇବା ପାଇଁ ପାଳନ କରାଯାଏ କି ? ତାହା ନୁହେଁ । ବୈଜ୍ଞାନିକମାନଙ୍କ ମତରେ, ଗୋଟିଏ ପରିପକ୍ୱ ବୃକ୍ଷ ଅଙ୍ଗାରକାମ୍ଳ ଶୋଷଣ କରି ପରିବେଶକୁ ବିଶୁଦ୍ଧ କରିଥାଏ । ଗଛ ଭୂତଳର ଉତ୍ତାପ କମାଏ, ମାଟିର କ୍ଷୟ ଅଟକାଏ, ଭୂତଳ ଜଳ ସଂରକ୍ଷଣ କରେ, ବର୍ଷାକୁ ନିୟନ୍ତ୍ରଣ କରେ ଏବଂ ଅସଂଖ୍ୟ ପକ୍ଷୀ, ପଶୁ ଓ କୀଟପତଙ୍ଗଙ୍କୁ ଆଶ୍ରୟ ପ୍ରଦାନ କରେ । ତେଣୁ ଗୋଟିଏ ଗଛ କେବଳ ଗଛ ନୁହେଁ; ସେ ଗୋଟିଏ କ୍ଷୁଦ୍ର ପରିବେଶ ବ୍ୟବସ୍ଥାର ଆଧାର ।

ସୁବ୍ରତ କୁମାର ଦାସ, ଭଦ୍ରକ




ଲୋକ ସମସ୍ୟା
ପ୍ରଜାତନ୍ତ୍ର
ପୃଷ୍ଠା: ୭
୯.୦୭.୨୦୨୬

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପୀଠର ଉନ୍ନତୀକରଣରେ ବିଳମ୍ବ

ରାଇରଙ୍ଗପୁର: ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପୀଠର ଉନ୍ନତୀକରଣ ପାଇଁ ୧୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ତତ୍କାଳୀନ ୫ଟି ସଚିବ ମୟୂରଭଞ୍ଜ ଗସ୍ତରେ ଆସିଥିବା ବେଳେ ରାଇରଙ୍ଗପୁର ବ୍ଲକ୍ ଦାଣ୍ଡବୋଷ ଗ୍ରାମରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧିପୀଠକୁ ଯାଇଥିଲେ। ସମାଧିପୀଠର ବିକାଶ ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ସାନ୍ତାଳୀ ଲୋକଙ୍କୁ ପ୍ରତିଶ୍ରୁତି ମଧ ଦେଇଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମାଧିପୀଠର ଉନ୍ନତୀକରଣ କାର୍ଯ୍ୟ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରସ୍ତାବ ଦିଆ ଯାଇଥିଲା। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୯ତମ ଜନ୍ମ ଜୟନ୍ତୀ ଅବସରରେ ୨୦୨୩ ମସିହା ମେ' ୬ ତାରିଖ ଦିନ ଦାଣ୍ଡବୋଷ ଗ୍ରାମରେ ବିଜେଡି ପକ୍ଷରୁ ଏକ କାର୍ଯ୍ୟକ୍ରମର ଆୟୋଜନ କରା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶହଶହ ଲୋକଙ୍କର ଉପସ୍ଥିତିରେ ତତ୍କାଳୀନ ଓଡିଶା ସରକାରଙ୍କ କିଛି ମନ୍ତ୍ରୀ, ବିଧାୟକ ଯୋଗ ଦେଇଥିବା ବେଳେ ନବୀନ ପଟ୍ଟନାୟକ ଭାର୍ଚୁଆଲ ମାଧ୍ୟମରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧିପୀଠର ଉନ୍ନତୀକରଣ ଓ ଗ୍ରାମର ବିକାଶ ନିମନ୍ତେ ୧୦ କୋଟି ଟଙ୍କା ଅନୁଦାନ ରାଶି ଘୋଷଣା କରିଥିଲେ। ଉକ୍ତ ଅନୁଦାନ ରାଶିରେ ଦାଣ୍ଡବୋଷ ଗ୍ରାମର କପିଡୁଙ୍ଗରିଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧିପୀଠର ଉନ୍ନତିକରଣ ସହିତ ଏକ ଧ୍ୟାନ କେନ୍ଦ୍ର ପ୍ରତିଷ୍ଠା,କାପିଡୁଙ୍ଗରିରେ ପାଚେରୀ ନିର୍ମାଣ,ସେଠାକୁ ଯିବା ପାଇଁ ରାସ୍ତା ନିର୍ମାଣ,ଏକ ଅଡିଟୋରିୟମ, ଗବେଷଣା କେନ୍ଦ୍ର, ଶ୍ରଦ୍ଧାଳୁ ମାନଙ୍କ ପାଇଁ ଶୟନକକ୍ଷ,କାପିଡୁଙ୍ଗରିର ସୌନ୍ଦର୍ଯ୍ୟୀକରଣ, ସ୍ୱାଗତ ତୋରଣ, ବିନ୍ଦୁ ଚନ୍ଦନ ବାହାଗାଳର ବିକାଶ, ପାନୀୟ ଜଳ ବ୍ୟବସ୍ଥା ଓ ବିଦ୍ୟୁତୀକରଣ କରିବା କାର୍ଯ୍ୟ ରହିଥିଲା।

ତେବେ ସମାଧିପୀଠର ଉନ୍ନତୀକରଣ ନିମନ୍ତେ ୨୦୨୩ ମସିହା ନଭେମ୍ବର ୦୨ ତାରିଖ ଦିନ ଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ୨୦୨୪ ଅକ୍ଟୋବର ମାସ ସୁଦ୍ଧା କାର୍ଯ୍ୟ ସମାପନ ହେବାର ଥିଲା। ହେଲେ ଲଗାଣ ବର୍ଷା ଓ ଜମିଜମା ବିବାଦ ଯୋଗୁଁ କାର୍ଯ୍ୟରେ ବିଳମ୍ବ ହୋଇଥିଲା। ପରେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପରେ ଜମିଜମା ସମସ୍ୟାର ସମାଧାନ ହୋଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେଣୁ ସମାଧିପୀଠର ଉନ୍ନତୀକରଣରେ ଏକ ବର୍ଷ ବିଳମ୍ବ ହୋଇଛି। ୬କୋଟି ୮୫ ଲକ୍ଷ ୩୯ହଜାର ୧୦୫ ଟଙ୍କା ଅଟକଳ ବ୍ୟୟରେ ଅତି ସୁନ୍ଦର ଭାବରେ ଅଡିଟୋରିୟମ, ଡର୍ମିଟୋରି, ଗଜଓ୍ୱା, ପାଚେରୀ, ମୁଖ୍ୟ ଗେଟ୍, ବଗିଚା ଓ ଧ୍ୟାନ କେନ୍ଦ୍ର ନିର୍ମାଣ ହୋଇଥିବା ବେଳେ ପାନୀୟ ଜଳ ବ୍ୟବସ୍ଥା ଓ ଶୌଚାଳୟ ମଧ ନିର୍ମାଣ କରା ଯାଇଛି। ବଳକା ରହିଥିବା ଅନୁଦାନ ରାଶିରେ ଜନ୍ମସ୍ଥଳୀ ଓ ସମାଧି ସ୍ଥଳୀର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାତି ଚୁନିୟାନ ମୁର୍ମୁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ ପଣ୍ଡିତ ରଘୁନାଥ ମୁର୍ମୁ ଙ୍କ ଚଳିତ ବର୍ଷ ଜନ୍ମ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦାନ କରି ୫୦ କୋଟି ଟଙ୍କା ଅନୁଦାନ ରାଶି ଘୋଷଣା କରିଛନ୍ତି। ଯେଉଁ ଅନୁଦାନ ରାଶିରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ରଚିତ ସମସ୍ତ ପୁସ୍ତକ ଗୁଡିକୁ ଜନାଦୃତ କରାଇବା ପାଇଁ ବାରିପଦା ରେ ଅଲଚିକି ଲାଇବ୍ରେରୀ ପ୍ରତିଷ୍ଠା, ପଣ୍ଡିତ ରଘୁନାଥ ମୁର୍ମୁ ଓପନ ଥିଏଟର -



ସଂଗ୍ରହାଳୟ ଓ ପଣ୍ଡିତଙ୍କ କର୍ମ ଭୂମିଠାରେ ଐତିହ୍ୟ ଭବନ ପ୍ରତିଷ୍ଠା କରାଯିବ।

## ସଂକ୍ଷେପରେ ପଣ୍ଡିତ ରଘୁନାଥ ମୁର୍ମୁ

ପଣ୍ଡିତ ରଘୁନାଥ ମୁର୍ମୁ, ସାରା ଦେଶରେ ଏକ ଜଣାଶୁଣା ନାମ। ସେ ୫ ମେ' ୧୯୦୫ ମସିହାରେ ମୟୂରଭଞ୍ଜ ଜିଲ୍ଲାର ଦାଣ୍ଡବୋଷ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଦାଣ୍ଡବୋଷ ଗ୍ରାମ ନିକଟସ୍ଥ ଗମ୍ଭାରିଆ ଗ୍ରାମ ସ୍କୁଲରେ ସାତ ବର୍ଷ ବୟସରୁ ପାଠ ପଢା ଆରମ୍ଭ କରିଥିଲେ। ଛୋଟ ବେଳରୁ ତାଙ୍କ ମାତୃଭାଷା ପ୍ରତି ବିଶେଷ ଆଗ୍ରହ ରହିଥିଲା। ସେତେବେଳେ ଓଡ଼ିଆରେ ପାଠ ପଢ଼ା ହେଉଥିଲା ବେଳେ ସାନ୍ତାଳୀ ଭାଷାର କୌଣସି ଲିପି ନଥିଲା। ନିଜ ମାତୃଭାଷାର ପ୍ରେମ ପାଇଁ ଶେଷରେ ୧୯୨୫ ମସିହାରେ ସାନ୍ତାଳୀ ବର୍ଣ୍ଣମାଳା 'ଅଲଚିକି ଲିପି' ପ୍ରସ୍ତୁତ କରିଥିଲେ। ତେଣୁ ତାଙ୍କୁ ଅଲଚିକି ଲିପିର ସ୍ରଷ୍ଟା ବା ଅଲଚିକି ଲିପିର ଜନକ କୁହାଯାଏ। ୧୯୨୮ ମସିହାରେ ପଣ୍ଡିତ ରଘୁନାଥ ମୁର୍ମୁ ପାଟନା ବିଶ୍ୱବିଦ୍ୟାଳୟରୁ ମ୍ୟାଟ୍ରିକ ପାସ କରିଥିଲେ। ୧୯୩୩ ମସିହାରେ ପଣ୍ଡିତ ବଡାମତଳିଆ ସ୍ଥିତ ଏକ ବିଦ୍ୟାଳୟରେ ଶିକ୍ଷକ ଭାବରେ ନିଯୁକ୍ତି ହୋଇ ସେହିଠାରୁ ସେ ଅଲଚିକି ଲିପିରେ ପାଠ ପଢାଇବା ଆରମ୍ଭ କରିଥିଲେ। ୨୦୦୩ ମସିହାରେ ଭାରତ ସରକାର ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ୍ କରିଥିଲେ। ସାନ୍ତାଳୀ ଜନ ଜୀବନରେ ଉନ୍ନତି ଆଣିବା ପାଇଁ ଓଡିଶା, ଝାଡଖଣ୍ଡ, ବିହାର,ପଶ୍ଚିମବଙ୍ଗର ସାନ୍ତାଳୀ ସମ୍ପ୍ରଦାୟ ପାଇଁ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ କରିଥିଲେ। ତେଣୁ ସେଠାକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗୁଡ଼ିକରେ ଥିବା ସ୍କୁଲରେ ସାନ୍ତାଳୀ ଭାଷାରେ ପାଠପଢ଼ା ହୋଇ ପାରୁଛି। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମୃତିରେ ପଶ୍ଚିମବଙ୍ଗର ବାଙ୍କୁଡା ଜିଲ୍ଲା ଜାମବଣୀଠାରେ ପଣ୍ଡିତ ରଘୁନାଥ ମୁର୍ମୁ ସ୍ମୃତି ମହାବିଦ୍ୟାଳୟ ଓ ମୁର୍ଶିଦାବାଦଠାରେ କଲ୍ୟାଣୀ ବିଶ୍ୱବିଦ୍ୟାଳୟ ଅଧୀନରେ ଏକ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଛି। ଓଡିଶା ସରକାର ମଧ ବାରିପଦାସ୍ଥିତ ମେଡିକାଲ କଲେଜକୁ ତାଙ୍କ ନାଁରେ ନାମିତ କରିଛନ୍ତି। ସାନ୍ତାଳୀ ସମାଜର ଉନ୍ନତି ପାଇଁ ପଣ୍ଡିତ ରଘୁନାଥ ମୁର୍ମୁ ତାଙ୍କ ସାରା ଜୀବନକୁ ଉତ୍ସର୍ଗ କରି ଦେଇଥିଲେ। ତେଣୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ସାନ୍ତାଳୀ ସମ୍ପ୍ରଦାୟର ଲୋକେ ଗୁରୁ ଗୋମକେ ବୋଲି ସମ୍ବୋଧନ କରନ୍ତି। ୧୯୮୨ ମସିହା ମାଘ ସପ୍ତମୀରେ ତାଙ୍କର ତିରୋଧାନ ହୋଇଥିଲା।ପରେ ୧୯୮୩ ମସିହା ପାଖରୁ ତାଙ୍କ ଶ୍ରାଦ୍ଧ ଦିବସକୁ ସାନ୍ତାଳୀ ସମ୍ପ୍ରଦାୟର ଲୋକେ 'ଗୁରୁ ଦର୍ଶନ ଦିବସ' ଭାବରେ ପାଳନ କରି ଆସୁଛନ୍ତି। ଉକ୍ତ ଗୁରୁ ଦର୍ଶନ ଦିବସରେ ଭାରତର କୋଣ ଅନୁକୋଣରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ ତାଙ୍କ ସ୍ମୃତିଚାରଣ ଓ ଆଶିର୍ବାଦ ନିମନ୍ତେ। ସାନ୍ତାଳୀ ସମାଜ ପାଇଁ ତାଙ୍କ ଅତୁଳନୀୟ ଅବଦାନ ଓ ତ୍ୟାଗକୁ ସବୁଦିନ ମନେ ରଖିଥିବ ସାନ୍ତାଳୀ ସମ୍ପ୍ରଦାୟ।

# ଓଡିଆମୁଣ୍ଡାରେ କିଡନୀ ରୋଗ ନେଲାଣି ଅନେକଙ୍କ ଜୀବନ

କର୍ଲାମୁଣ୍ଡା: କଳାହାଣ୍ଡିଜିଲ୍ଲା କର୍ଲାମୁଣ୍ଡା ବ୍ଲକ କର୍ଲାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଓଡିଆମୁଣ୍ଡା ଗ୍ରାମର ଭୟଙ୍କର ଭାବେ ବ୍ୟାପୁଛି କିଡନୀ ରୋଗ। ଏଥିପାଇଁ ଗ୍ରାମବାସୀ ପାନୀୟ ଜଳକୁ ଦାୟୀ କରିଛନ୍ତି। ଏହି ଗ୍ରାମର ଅନୁସୂଚିତ ଜାତି ପଡା ଯାହାକି ଏକ ପଥର ଚଟାଣରେ ଅବସ୍ଥିତ, ସେଠାରେ ବିଶେଷକରି ଏହି ରୋଗ ବ୍ୟାପୁଥିବା ଅଭିଯୋଗ ହୋଇଛି। ଏହି ପଡାରେ ନଳକୂଅ ଖୋଳାଗଲେ ମଧ ପଥର ପଡୁଥିବାରୁ ସଫଳତା ମିଳୁନାହିଁ। ପିଇବା ପାଣି ଏଠାରେ ମିଳୁନାହିଁ। ଗୋଟିଏ ସୋଲାର ନଳକୂଅ ଥିଲେ ମଧ ଏହି ପଡାକୁ ପାଣି ଯାଇପାରୁନାହିଁ। ପାନୀୟ ଜଳ ଯୋଗାଣ ପାଇଁ ଓଭରହେଡ ଟାଙ୍କି ନିର୍ମାଣର ଦେଢବର୍ଷ ବିତିଯାଇଥିଲେ ମଧ କାର୍ଯ୍ୟକ୍ଷମ ହୋଇନାହିଁ। ଅଦ୍ୟାବଧି ଏହି ପଡାର ଚକ୍ର ବାଗ, ଧନମତ ବାଗ, ମାଲବୁଟୁ ବାଗ, କରୁଣା ବାଗ, ଦୟାନିଧି ବାଗ, ସାର ବାଗ, ଲକ୍ଷ୍ମୀ ବାଗ, ଦୁର୍ଯ୍ୟୋଧନ ବାଗ, ମହେନ୍ଦ୍ର ବାଗ, ଟିକେଟ ବାଗଙ୍କର କିଡନୀ ରୋଗରେ ମୃତ୍ୟୁ ହୋଇଥିବା ବେଳେ ଏବେ ବି ଇଶ୍ୱର ବାଗ, ଦୁର୍ଯ୍ୟୋଧନ ବାଗ, ଯଥା ଦୀପ, ଅନୁସ୍ୟା ବାଗ, ବିରାଟ ବାଗ



ପ୍ରମୁଖ ଆକ୍ରାନ୍ତ ଅଛନ୍ତି। ପ୍ରାୟ ଦୁଇଶହ ସଂଖ୍ୟା ବିଶିଷ୍ଟ ଏହି ପଡାକୁ ଅଗ୍ରାଧିକାର ଭିତ୍ତିରେ ବିଶୁଦ୍ଧ ପାଣି ଯୋଗାଇଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

ଏନେଇ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗକୁ ଯୋଗାଯୋଗ କରିବାରୁ ପାଣିର ନମୂନା ପରୀକ୍ଷା ପାଇଁ ପଠାଯାଇଛି ବୋଲି କହିବା ସହ ତେଲ ନଦୀ ଜଳଯୋଗାଣ ପାଇଁ ପାଇପ ଆସିଯାଇଛି ବହୁତ ଶୀଘ୍ର କାମ ଆରମ୍ଭ ହେବ ବୋଲି କହିଥିଲେ। ପ୍ରକାଶ ଥାଉକି ନର୍ଲାର କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ସେଠ ଏହି ବ୍ଲକର ଅତିରିକ୍ତ ଦାୟିତ୍ୱରେ ଥିବାରୁ ସେ ଠିକ ଭାବେ ସମୟଦେଇ ପାରୁନଥିବାରୁ ଏଠାରେ ସ୍ଥାୟୀ କନିଷ୍ଠଯନ୍ତ୍ରୀ ନିଯୁକ୍ତ ଦେବାକୁ ଦାବି ହେଉଛି। ଏନେଇ ଅଧିକ ସୂଚନା ପାଇଁ ସିଡିଏମଓ ଏବଂ କର୍ଲାମୁଣ୍ଡା ସିଏଚସି ମେଡିକାଲ ଅଫିସର ଆଶିଷ ଧରୁଆଙ୍କୁ ଯୋଗାଯୋଗ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇନାହିଁ। ଜିଲ୍ଲାପାଳ ଏଥିପ୍ରତି ଗୁରୁତ୍ୱ ଦେଇ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରିବାକୁ ତଥା କିଡନୀ ରୋଗର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବାକୁ ଦାବି ହେଉଛି।

# କାମରେ ଆସୁନି ବସ୍‌ଷ୍ଟାଣ୍ଡର ମାର୍କେଟ୍ କମ୍ପ୍ଲେକ୍ସ

ଖଣ୍ଡପଡ଼ା: ଆଜକୁ ୨୦ ମାସ ପୂର୍ବେ ବହୁ ଆଡ଼ମ୍ବର ସହକାରେ 'ଆମ ବସ୍‌ଷ୍ଟାଣ୍ଡ' ଉଦ୍‌ଘାଟିତ ହୋଇଥିଲା। ସମ୍ପ୍ରତି ଏହାର ସ୍ଥିତି ବଦଳି ଯାଇଛି। ବସ୍‌ଷ୍ଟାଣ୍ଡର ଅନେକ ସ୍ଥାନରୁ ରଙ୍ଗ ଛାଡ଼ିଯାଇଥିବା ବେଳେ କାନ୍ଥରେ ଫାଟ ସୃଷ୍ଟି ହେଉଛି। କେବଳ ଏହାନୁହେଁ ବସ୍‌ଷ୍ଟାଣ୍ଡ୍ ପରିସରରେ ଥିବା ମାର୍କେଟ୍ କମ୍ପ୍ଲେକ୍ସ ଏଯାଏଁ ବ୍ୟବହାର ହୋଇପାରିନାହିଁ। ରାଜ୍ୟ ପୁଲିସ ହାଉସିଂ ବୋର୍ଡ୍ ଦ୍ୱାରା ପ୍ରାୟ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ବସ୍‌ଷ୍ଟାଣ୍ଡଟି ୨୦୨୪ ଫେବ୍ରୁଆରି ୧୫ରେ ଉଦ୍‌ଘାଟିତ ହୋଇଥିଲା। ପରିସର ମଧ୍ୟରେ ଅତ୍ୟାଧୁନିକ ଆଲୋକ ବ୍ୟବସ୍ଥା ସାଙ୍ଗକୁ ଯାତ୍ରୀ ବିଶ୍ରାମଗାର, ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଚାଳକ ବିଶ୍ରାମ ଗୃହ, ବସ୍ ମରାମତି ସ୍ଥାନ, ବସ୍ ଟର୍ମିନାଲ ଓ କାଫେ ଆଦିର ବ୍ୟବସ୍ଥା ରହିଥିଲା। ପ୍ରାୟ ୨୦ ମାସ ପରେ ଏବେ ବସ୍‌ଷ୍ଟାଣ୍ଡଟି ଦୟନୀୟ ହୋଇପଡ଼ିଛି। ଏକାଧିକ ସ୍ଥାନରୁ ରଙ୍ଗ ଛାଡ଼ିଯାଇଥିବା ବେଳେ ଅନେକ ସ୍ଥାନରେ କାନ୍ଥ




ଓ ଛାତରେ ଫାଟ ଦେଖାଗଲାଣି। ବସ୍‌ଷ୍ଟାଣ୍ଡ ପ୍ରବେଶପଥରେ ଓ ପରିସର ମଧ୍ୟରେ ଥିବା ଦୋକାନ ଗୃହ ତଥା କାଫେଗୁଡ଼ିକ ଉଦ୍‌ଘାଟନ ପରଠାରୁ ବ୍ୟବହାର ହୋଇନାହିଁ। ସହର ଠାରୁ ଦୂରରେ ଉମାଦେବୀ ସାହି ନିକଟରେ ଏହାକୁ ସ୍ଥାପନ କରାଯାଇଛି, ଏଣୁ ଯାତାୟତର ସୁଗମତା ଦୃଷ୍ଟିରୁ ଏଠାକୁ ଆସିବାକୁ ଯାତ୍ରୀମାନେ ଇଚ୍ଛାପ୍ରକାଶ କରୁନାହାନ୍ତି। ଲକ୍ଷ୍ମୀ ବସ୍ ବ୍ୟତୀତ ଅନ୍ୟ ଘରୋଇ ବସ୍ ଏଠାକୁ ଆସୁନାହିଁ। ଅପରପକ୍ଷରେ, ଉଦ୍‌ଘାଟନ ସମୟରେ ଘରୋଇ ମୋଟର ମାଲିକ ସଂଘକୁ ଡକାଯାଇନଥିବାରୁ ସେସମୟରେ ମଧ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବସ୍‌ଷ୍ଟାଣ୍ଡରୁ କିଛି ନିର୍ଦ୍ଦିଷ୍ଟ ରୁଟ୍‌ରେ ଲକ୍ଷ୍ମୀ ବସ ଚଳାଚଳ ପାଇଁ ଦାବି ହେଉଥିଲେ ମଧ ଏନେଇ ପଦକ୍ଷେପ ନିଆଯାଇନାହିଁ। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ତଥା ନିମ୍ନମାନର କାମ ଯୋଗୁଁ କିଛି ମାସ ମଧ୍ୟରେ ଏହା ଭୂତକୋଠି ପାଲଟିବ ବୋଲି ସ୍ଥାନୀୟ ବାସିନ୍ଦା ମତ ଦେଇଛନ୍ତି।

# ସୀମାନ୍ତରେ ସଂକଟରେ ଓଡ଼ିଆ ଭାଷା

ପାରଳାଖେମୁଣ୍ଡି : ଓଡ଼ିଶାରେ ନାହିଁ ଓଡ଼ିଆ ଭାଷାର ଗୁରୁତ୍ୱ। ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଯାହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ତାଙ୍କରି ଅଞ୍ଚଳରେ ଓଡ଼ିଶା ଭାଷା ଗୁରୁତ୍ୱ ହରାଉଛି। ଆନ୍ଧ୍ର ସୀମାନ୍ତ ଅଞ୍ଚଳ ହୋଇଥିବାରୁ ତେଲୁଗୁ ଭାଷାର ପ୍ରଭାବ ବଢ଼ିଛି। ସରକାରଙ୍କ ଏଥିପାଇଁ ନିୟମ ରହିଥିବା ସତେ ଅନେକ ଏହାକୁ ପାଳନ କରୁନାହାନ୍ତି। ସୀମାନ୍ତରେ ଓଡ଼ିଆ ଅସ୍ମିତା ସଙ୍କଟରେ ପଡ଼ିଛି, ଓଡ଼ିଆ ଭାଷା ବଦଳରେ ତେଲୁଗୁ ଓ ଇଂରାଜି ଭାଷାର ବହୁଳ ବ୍ୟବହାର ହେଉଛି।

ଗଜପତି ଜିଲ୍ଲାରେ ସରକାରୀ ହେଉ କି ଘରୋଇ ଅନୁଷ୍ଠାନ ସବୁଠି ସମାନ ସ୍ଥିତି। କେଉଁଠି ନାମ ଫଳକରେ ଇଂରାଜିର ବ୍ୟବହାର ତ ଆଉ କେଉଁଠି ବ୍ୟବସାୟିକ ଅନୁଷ୍ଠାନରେ ତେଲୁଗୁ ଭାଷାରେ ଲେଖା ହେଉଛି ପ୍ରତିଷ୍ଠାନର ନାମ। ଏମିତି କି କେତକ ଅନୁଷ୍ଠାନରେ ଓଡ଼ିଆ ଭାଷାକୁ କଦର୍ଯ୍ୟ କରି ଲେଖା ଯାଉଛି। ସରକାରୀ ଅନୁଷ୍ଠାନରେ ମଧ ଓଡ଼ିଆ ଭାଷାକୁ ଉପେକ୍ଷା କରି ଇଂରାଜୀ ଭାଷାର ଫଳକ ଲାଗିଛି। ପ୍ରାୟତ ସମସ୍ତ ସରକାରୀ ଦପ୍ତରରେ ଚିଠି, ନିର୍ଦ୍ଦେଶାବଳୀ ସବୁ ଇଂରାଜିରେ ହିଁ ଲେଖା ହେଉଛି। ଏଭଳିକି ସରକାରୀ କାର୍ଯ୍ୟକ୍ରମ ଏବଂ ମନ୍ତ୍ରୀଙ୍କ ଉପସ୍ଥିତି ସମୟରେ ବୈଠକରେ ବି ଇଂରାଜି ଲେଖା ବ୍ୟାନର ଲାଗିବାକୁ ନେଇ ପୂର୍ବରୁ ସଚେତନ ନାଗରିକମାନେ ପ୍ରତିବାଦ କରିଛନ୍ତି। ତଥାପି ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବାରୁ କ୍ଷୋଭ ପ୍ରକାଶ କରିବା ସହ ଆଇନକୁ କଡ଼ାକଡ଼ି ପାଳନ କରିବା ପାଇଁ ଦାବି ରଖିଛନ୍ତି ବୁଦ୍ଧିଜୀବୀ ଉପାନ୍ତ ପ୍ରହରୀ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର। ଅପରପକ୍ଷରେ ବାରମ୍ବାର ତାଗିଦ ସତ୍ତ୍ୱେ ଆଇନକୁ ବେଖାତିର କରୁଛନ୍ତି। ତେଣୁ ଆଇନକୁ କଡାକଡି ପାଳନ କରିବା ସହ ଜରିମାନା ଆଦାୟ ଏବଂ ଅନ୍ୟ ପ୍ରମାଣ ପତ୍ର ଓ ପଞ୍ଜିକୃତ ସମୟରେ ସର୍ତ୍ତାବଳୀ ଗ୍ରହଣ କରିବା ଆବଶ୍ୟକ ବୋଲି ମତ ରଖିଛନ୍ତି ଆଇନଜୀବୀ ଉମାରଥ। ଆଇନ ତା ବାଟରେ ଯାଉ, ଓଡ଼ିଆ ଅସ୍ମିତା ତୁଲୁକି ଯାଉ ନାୟରେ ଚାଲିଛି ଭାଷା ଆଇନର କାର୍ଯ୍ୟକାରିତା। ତେବେ ଗଜପତି ଭଳି ସ୍ଥାନରେ ଓଡିଆ ଭାଷାର ଅପମାନ ସେହି ମହାପୁରୁଷଙ୍କ ଅପମାନ ସଦୃଶ୍ୟ ତେଣୁ ଏଦିଗରେ ପ୍ରଶାସନ ତତ୍ପରତା ପ୍ରକାଶ କରି ପଦକ୍ଷେପ ଗ୍ରହଣ କରିବା ଜରୁରି ହୋଇ ପଡ଼ିଛି।




# ସରକାରୀ ପ୍ରାଥମିକ ବିଦ୍ୟାଳୟର ସମସ୍ୟାକୁ ନେଇ ରାସ୍ତାରୋକ




ରୁପ୍ରା: କଳାହାଣ୍ଡିଜିଲ୍ଲା ନର୍ଲା ବ୍ଲକ୍ କର୍ମେ ଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନୂଆପଡା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ସୁରପଦରର ଦୁରାବସ୍ଥାକୁ ନେଇ ଆଜି ରାସ୍ତା ଅବରୋଧ କରିଥିଲେ ସ୍ଥାନୀୟ ବାସିନ୍ଦା। ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀମାନଙ୍କୁ ସାକ୍ଷାତ କରି ବାରମ୍ବାର ଲିଖିତ ଅଭିଯୋଗ କରିବା ପରେ ମଧ ସମସ୍ୟା ସମାଧାନ ନ ହେବାରୁ ପଲମ ଭାୟା ରୁପ୍ରା ଦେଇ ନର୍ଲାକୁ ସଂଯୋଗ କରୁଥିବା ରାସ୍ତାକୁ ଅବରୋଧ କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ୨୪ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଦୁଇ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଉକ୍ତ ବିଦ୍ୟାଳୟ ୧୯୬୧ ମସିହାରେ ପ୍ରତିଷ୍ଠା ହୋଇଥିବାବେଳେ ୧୯୮୪ ମସିହାରେ ବର୍ତ୍ତମାନର ସ୍କୁଲ ଘର ନିର୍ମାଣ ହୋଇଥିଲା। ତେବେ ନିର୍ମାଣର ୪୦ବର୍ଷ ପରେ ମଧ ସ୍କୁଲ ମରାମତି ନହେବାରୁ ବର୍ତ୍ତମାନ ବିପଦ ସଙ୍କୁଳ ଅବସ୍ଥାରେ ରହିଛି।

ସେହିପରି ବର୍ଷାହେଲେ ଛାତରୁ ପାଣି ଝରିବା ସହିତ ସିମେଣ୍ଟ ଖଣ୍ଡ ଝଡି ପଡୁଛି, ଫଳରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ଜୀବନ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାରୁ ବିଭାଗୀୟ ଅଧିକାରୀମାନଙ୍କୁ ସାକ୍ଷାତ କରି ନୂତନ କୋଠା ନିର୍ମାଣ ପାଇଁ ଲିଖିତ ଭାବେ ଅଭିଯୋଗ କରିଥିଲେ। ତେବେ କୌଣସି ସମସ୍ୟା ସମାଧାନ ହୋଇନଥିଲା। ସେହିପରି ପଞ୍ଚାୟତ ପକ୍ଷରୁ ଏକ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲେ ମଧ ହସ୍ତାନ୍ତର ହୋଇ ନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢା ବ୍ୟାଘାତ ହେଉଥିବା କହିଛନ୍ତି। ସେହିପରି ଉକ୍ତ ଗ୍ରାମରେ ପାନୀୟ ଜଳ ଓ ସ୍ନାନ ଶୌଚ ପାଇଁ ପାଇଁ ମଧ ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରି ରାସ୍ତା ଉପରେ ବାଲ୍ଟି ଓ ଗରିଆ ରଖି ରାସ୍ତା ଅବରୋଧ କରିଥିଲେ। ତେବେ ବିଭାଗୀୟ ଅଧିକାରୀ ପ୍ରମୁଖ ରାସ୍ତାରୋକ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଓ ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତାଙ୍କୁ ବୁଝାଇ ଲିଖିତ ପ୍ରତିଶୃତି ଦେବାପରେ ଦିନ ୧୨ଟାରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

# ଚିଚିଆ ପଞ୍ଚାୟତରେ ମନରେଗା କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ଭବାନୀପାଟଣା ( ପିପିଏସ୍ ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚିଚିଆ ଗ୍ରାମ ପଞ୍ଚାୟତରେ ମନରେଗା କାର୍ଯ୍ୟକ୍ରମକୁ ନେଇ ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସିଛି । ସ୍ଥାନୀୟସ୍ତରରେ ଉପଲବ୍ଧ ଅନଲାଇନ୍ ମନରେଗା ପେମେଣ୍ଟ ରେକର୍ଡ ଅନୁଯାୟୀ, ଚିଚିଆପଞ୍ଚାୟତର ସରପଞ୍ଚ ମଦନ ପଟେଲଙ୍କ ବ୍ୟାଙ୍କ ଖାତାରେ ୮ ନଭେମ୍ବର ୨୦୨୩ ତାରିଖରେ ମନରେଗା ଯୋଜନା ଅଧୀନରେ ଟଙ୍କା ଜମା ହୋଇଥିବା ଦର୍ଶାଯାଉଛି । ସେହିପରି ସରପଞ୍ଚଙ୍କ ସ୍ତ୍ରୀ ସଙ୍ଗୀତା ପଟେଲଙ୍କ ଖାତାରେ ମଧ ମନରେଗା ଅର୍ଥ ଜମା ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରଶ୍ନ ଉଠିଛି । ମନରେଗା ଯୋଜନାର ଉଦ୍ଦେଶ୍ୟ ଗ୍ରାମାଞ୍ଚଳର ଯୋଗ୍ୟ ଶ୍ରମିକଙ୍କୁ କାମ ଓ ମଜୁରି ପ୍ରଦାନ କରିବା ହୋଇଥିବାରୁ, ଜନପ୍ରତିନିଧି ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଖାତାକୁ ଟଙ୍କା ଯାଇଥିବା ଘଟଣା ନିୟମାନୁସାରେ ହୋଇଛି କି ନାହିଁ, ସେନେଇ ଯାଞ୍ଚର ଆବଶ୍ୟକତା


Job card
MAHATMA GANDHI NATIONAL RURAL EMPLOYMENT GUARANTEE ACT
Job card No: | Family Id:
Name of Head of Household: MADAN PATEL
Name of Father/Husband:
Category: OTH
Date of Registration:
Address:
Villages:
Panchayat: CHICHIA
Block: GOLAMUNDA
District: KALAHANDI(ODISHA)
Whether BPL Family: NO | Family Id:
Epic No.:

Details of the Applicants of the household willing to work


| S.No | Name of Applicant | Gender | Age | Bank/Postoffice | Worker Photo |
|---|---|---|---|---|---|
| 1 | MADAN PATEL | Male | 56 | State Bank of India | Worker Photograph |
| 2 | SANGITA PATEL | Female | 53 | UTKAL GRAMYA BANK | Worker Photograph |
| 3 | BHAGYA PATEL | Male | 26 | | Worker Photograph |

Signature/Thumb impression of Applicant | Seal & Signature of Registering Authority

ଅନୁଭବ କରାଯାଉଛି । ଏହି ପ୍ରସଙ୍ଗରେ ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ରାଉତ କହିଛନ୍ତି ଯେ, ସରପଞ୍ଚଙ୍କ ବ୍ୟାଙ୍କ ଖାତାରେ ମନରେଗା ଟଙ୍କା ପଡ଼ିପାରେ, ଯଦି ସମ୍ପୃକ୍ତ ବ୍ୟକ୍ତି ମନରେଗା ନିୟମ ଅନୁଯାୟୀ ଯୋଗ୍ୟ ଶ୍ରମିକ ଭାବେ କାମ କରିଥାନ୍ତି ଏବଂ ଆବଶ୍ୟକ ପ୍ରକ୍ରିୟା ପୂରଣ କରିଥାନ୍ତି । ଅନ୍ୟପକ୍ଷରେ, ସରପଞ୍ଚ ମଦନ ପଟେଲ କହିଛନ୍ତି ଯେ ତାଙ୍କ ବ୍ୟାଙ୍କ ଖାତାରେ ମନରେଗା ଟଙ୍କା ଜମା ହୋଇନାହିଁ । ତେବେ ତାଙ୍କ ପରିବାରର ଜଣେ ସଦସ୍ୟଙ୍କ ଖାତାରେ ମନରେଗା ଅର୍ଥ ଜମା ହୋଇଥିବା କଥା ସେ ସ୍ୱୀକାର କରିଛନ୍ତି । ଉଲ୍ଲେଖନୀୟ ଯେ, ସରପଞ୍ଚଙ୍କ ଦାବି ସତ୍ତ୍ୱେ ଉପଲବ୍ଧ ଅନଲାଇନ୍ ମନରେଗା ପେମେଣ୍ଟ ରେକର୍ଡରେ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପ୍ରଦାନ ହୋଇଥିବା ଦର୍ଶାଯାଉଛି । ଏହି ବିରୋଧାଭାସର ପ୍ରକୃତ କାରଣ ସମ୍ପୃକ୍ତ ସରକାରୀ ଦଲିଲ ଓ ରେକର୍ଡର ଯାଞ୍ଚ ପରେ ହିଁ ସ୍ପଷ୍ଟ ହୋଇପାରିବ । ସ୍ଥାନୀୟ ବାସିନ୍ଦାମାନେ ଜିଲ୍ଲା ପ୍ରଶାସନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏବଂ ସମ୍ପୃକ୍ତ ବିଭାଗକୁ ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ମଷ୍ଟର ରୋଲ, ଜବ୍ କାର୍ଡ, ପେମେଣ୍ଟ ରେକର୍ଡ ଓ ଦେୟ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସାର୍ବଜନୀନ କରିବାକୁ ଦାବି କରିଛନ୍ତି ।

## ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ

# ଟ୍ରାଫିକ୍ ନିୟମ କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱ



ବୌଦ୍ଧ,(ପିପିଏସ୍) : ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ସମୀକ୍ଷା ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଅଧ୍ୟକ୍ଷ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ କଲେକ୍ଟରେଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାର ସଡ଼କ ସୁରକ୍ଷା ବ୍ୟବସ୍ଥା, ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର, ମୋଟର ଭେହିକିଲ୍ ଆଇନ୍ର କଡ଼ାକଡ଼ି ପାଳନ, ପୂର୍ବ ବୈଠକର କାର୍ଯ୍ୟବିବରଣୀ ଓ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗର ସମୀକ୍ଷା କରାଯାଇଥିଲା । ବୈଠକ ଆରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ସୁଶମା ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ପାୱାର ପଏଣ୍ଟ ମାଧ୍ୟମରେ ବିଭାଗର କାର୍ଯ୍ୟକଳାପ ଉପସ୍ଥାପନ କରିଥିଲେ ।ଜିଲ୍ଲାପାଳ କହିଥିଲେ ଯେ ବୌଦ୍ଧ ଜିଲ୍ଲାବାସୀଙ୍କ ଧନ ଓ ଜୀବନର ସୁରକ୍ଷା ସର୍ବାଧିକ ପ୍ରାଥମିକତା ପାଇବ । ଏଥିପାଇଁ ପରିବହନ, ପୁଲିସ, ଅବକାରୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ଟ୍ରାଫିକ୍ ନିୟମ ପାଳନ ଓ ଏନ୍‌ଫୋର୍ସମେଣ୍ଟକୁ ଅଧିକ କଡ଼ାକଡ଼ି କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ରାସ୍ତା ପାର୍ଶ୍ୱରେ ହୋଇଥିବା ସମସ୍ତ ବେଆଇନ ଜବରଦଖଲ ଉଚ୍ଛେଦ କରିବା, ଟ୍ରକ୍ ଓ ଭାରୀ ଯାନବାହନକୁ ରାସ୍ତା ଉପରେ ପାର୍କିଂ ନ କରିବା, ବର୍ତ୍ତମାନ ଏଭଳି ପାର୍କିଂ ହେଉଥିବା ସ୍ଥାନଗୁଡ଼ିକର ତିନି ଦିନ ମଧ୍ୟରେ ଯାଞ୍ଚ କରି ରିପୋର୍ଟ ଦାଖଲ କରିବାକୁ ଏନ୍‌ଏଚ୍, ପରିବହନ ଓ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ନିର୍ମାଣାଧୀନ ରାସ୍ତା ଓ ସେତୁ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ କରିବା, ନିର୍ମାଣର ଗୁଣବତ୍ତା ଯାଞ୍ଚ, ସମସ୍ତ ଆବଶ୍ୟକୀୟ ସାଇନ୍ ?ବୋର୍ଡ, ସତର୍କତା ସଙ୍କେତ ଓ ରୋଡ୍ ମାର୍କିଂ ସ୍ଥାପନ କରିବା ସହ ରାସ୍ତା ଉପରକୁ ମାଡ଼ି ଆସିଥିବା ଗଛର ଡାଳ ଓ ବୁଦାକୁ ଛଟେଇ କରି ଦୃଶ୍ୟମାନତା ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା ମ୍ୟୁନିସିପାଲିଟି ଅଞ୍ଚଳରେ କୌଣସି ଭାରୀ ଯାନ ୧୦ ମିନିଟ୍ ?ରୁ ଅଧିକ ସମୟ ରାସ୍ତା ଉପରେ ରହିପାରିବ ନାହିଁ ଏବଂ ସମସ୍ତ ଲୋଡିଂ-ଅନଲୋଡିଂ କାର୍ଯ୍ୟ ରାତ୍ରି ସମୟରେ କରିବାକୁ କୁହାଯାଇଥିଲା । ସହର ଭିତରେ ଭାରୀ ଯାନବାହନ ପାଇଁ ଦୁଇଟି ଉପଯୁକ୍ତ ପାର୍କିଂ ସ୍ଥାନ ଚିହ୍ନଟ କରି ବ୍ୟବସ୍ଥା କରିବାକୁ ତହସିଲଦାର ଓ ମ୍ୟୁନିସିପାଲିଟିକୁ ନିର୍ଦ୍ଦେଶ ଦିଆଯାଇଥିଲା । ଆଗାମୀ ଚାଷ ଋତୁକୁ ଦୃଷ୍ଟିରେ ରଖି ରାସ୍ତାରେ ଟ୍ରାକ୍ଟରରେ କେଜ୍‌ହ୍ୱିଲ୍ ଲଗାଇ ଚଳାଚଳ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି । ଏହି ନିଷେଧାଦେଶକୁ ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ବିଭାଗ ମିଳିତ ଭାବେ କଡ଼ାକଡ଼ି ପାଳନ କରିବେ ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଳଦୀପ ମୀନା ବୈଠକରେ ସ୍ପଷ୍ଟ କରିଥିଲେ ।ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକୁ ଚିହ୍ନଟ କରି ସେଠାରେ ଆବଶ୍ୟକ ସୁରକ୍ଷାମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗ ପଦକ୍ଷେପ ନେବେ ବୋଲି ସେ କହିଥିଲେ । ସମୀକ୍ଷାରୁ ଜଣାପଡ଼ିଛି ଯେ ୨୦୨୬ ମସିହାର ପ୍ରଥମ ଛଅ ମାସରେ ଜିଲ୍ଲାରେ ମୋଟ ୫,୮୯୦ଟି ଚାଲାଣ କଟାଯାଇ ୧ କୋଟି ୬୫ ଲକ୍ଷ ୮୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଆରଟିଓ ପକ୍ଷରୁ ସିଟ୍‌ବେଲ୍ଟ ନ ପିନ୍ଧିବା ପାଇଁ ୭୭ଟି, ହେଲମେଟ୍ ନ ପିନ୍ଧିବା ପାଇଁ ୨,୨୩୩ଟି, ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା ପାଇଁ ୨,୨୧୯ଟି ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ପାଇଁ ୧୫୨ଟି ମାମଲା ରୁଜୁ ହୋଇଥିବା ବେଳେ ୮୯୭ଟି ଡ୍ରାଇଭିଂ ଲାଇସେନ୍ସ ସସ୍ପେଣ୍ଡ କରାଯାଇଛି । ପୋଲିସ ପକ୍ଷରୁ ଇ-ଚାଲାଣ ମାଧ୍ୟମରେ ହେଲମେଟ୍ ନ ପିନ୍ଧିବା ପାଇଁ ୯୦୧ଟି ଏବଂ ସିଟ୍‌ବେଲ୍ଟ ନ ପିନ୍ଧିବା ପାଇଁ ୩୩୫ଟି ଚାଲାଣ କରାଯାଇଛି ।ଚଳିତ ବର୍ଷର ପ୍ରଥମ ଚାରି ମାସରେ ସଡ଼କ ଦୁର୍ଘଟଣାରେ ୪୫ ଜଣଙ୍କ ମୃତ୍ୟୁ ଏବଂ ୩୭ ଜଣ ଗୁରୁତର ଆହତ ହୋଇଥିବା ସୂଚନା ବୈଠକରେ ଦିଆଯାଇଥିଲା । ଦୁର୍ଘଟଣାଗ୍ରସ୍ତଙ୍କୁ ୨୪ ଘଣ୍ଟା ମଧ୍ୟରେ ଆୟୁଷ୍ମାନ ଭାରତ ଯୋଜନାରେ ଅନୁବନ୍ଧିତ ହସ୍ପିଟାଲରେ ଭର୍ତ୍ତି କରାଇ ତୁରନ୍ତ ଚିକିତ୍ସା ସୁନିଶ୍ଚିତ କରିବା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର କୁମାର ସାହୁ, ଜିଲ୍ଲା ଅବକାରୀ ଅଧିକ୍ଷକ ଶାନ୍ତି ମାରାଣ୍ଡି, ଇ. ଓ ମ୍ୟୁନିସିପାଲିଟି ସତ୍ୟନାରାୟଣ ପ୍ରଧାନ, ଏମ୍ ?ଭିଆଇ ସଞ୍ଜୟ କୁମାର ବେହେରା, ଟ୍ରାଫିକ୍ ଇନ୍ସପେକ୍ଟର ଦେବାଶିଷ ନାୟକ, ଏସ୍‌ଡିଓ (ଏନ୍‌ଏଚ୍) ପ୍ରଶାନ୍ତ କୁମାର ସାହୁ, ଇ-ଡିଏଆରଏମ୍ ନିତ୍ୟବ୍ରତ ଗର୍ଡ଼ିଆ, ଜିଲ୍ଲା ଟ୍ରକ ମାଲିକ ସଂଘ ସଭାପତି ଶିବ ପ୍ରସାଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ଲାଇନ ବିଭାଗର ଅଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ପିତୃମାତୃହୀନ ଏବଂ ଏକକ ଅଭିଭାବକ ଶିଶୁଙ୍କ ଥଇଥାନ ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପ୍

ଜୟପୁର:କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ତତ୍ତ୍ୱାବଧାନରେ ଆଜି କୁନ୍ଦୁରା ବ୍ଲକର ମିଶନଶକ୍ତି ଗୃହ ପରିସରରେ ପିତୃମାତୃହୀନ ଏବଂ ଏକକ ଅଭିଭାବକ ଶିଶୁଙ୍କ ଉପଯୁକ୍ତ ଥଇଥାନ ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପର ଆୟୋଜନ କରାଯାଇଥିଲା । ଉକ୍ତ କ୍ୟାମ୍ପରେ ମୋଟ ୨୩୪ ଜଣ ସୁରକ୍ଷା ଏବଂ ଯତ୍ନ ଆବଶ୍ୟକ କରୁଥିବା ଶିଶୁଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନା କରାଯାଇଥିଲା । ଶିଶୁମଙ୍ଗଳ ସମିତିର ତଦନ୍ତ ସମାପ୍ତ ପରେ ସେହି ଶିଶୁମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାରେ ସାମିଲ କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କ ସର୍ବାଙ୍ଗୀନ ବିକାଶକୁ ସୁନିଶ୍ଚିତ କରାଯିବ । କୋରାପୁଟ ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, କୋରାପୁଟ ଏବଂ ଆଇସିଡିଏସ କୁନ୍ଦୁରାର ମିଳିତ ଆନୁକୂଲ୍ୟରେ ଉକ୍ତ କ୍ୟାମ୍ପର ଆୟୋଜନ କରାଯାଇଥିଲା । ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଡା. ଗାୟତ୍ରୀ ଦେବୀ ଏବଂ ସଦସ୍ୟ ସୁରେଶ କୁମାର ହୋତା /ସଦସ୍ୟା ସୁସ୍ମିତା ରଥ ଉପସ୍ଥିତ ରହି ଶିଶୁ ମାନଙ୍କ ଉପସ୍ଥାପନା ନେଇଥିଲେ । ଜିଲ୍ଲାଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା, ଚାଇଲ୍ଡ ହେଲ୍ପ ଲାଇନର କର୍ମକର୍ତ୍ତା, ଶୋଭା ଏନଜିଓ ର କର୍ମକର୍ତ୍ତା ଏବଂ ଅଙ୍ଗନବାଡି କର୍ମୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ । ଏହି ସ୍ୱତନ୍ତ୍ର କ୍ୟାମ୍ପ ଗୁଡିକ କୋରାପୁଟ ଜିଲ୍ଲାର ପ୍ରତ୍ୟକ ବ୍ଲକରେ ଜିଲ୍ଲାପାଳଙ୍କ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ବ୍ଲକର ସିଡ଼ିପିଓ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ଏବଂ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଉକ୍ତ କ୍ୟାମ୍ପଗୁଡିକରେ ଉପସ୍ଥିତ ରହି ତଦନ୍ତ ମାଧ୍ୟମରେ ଶିଶୁମାନଙ୍କ ଉପଯୁକ୍ତ ଥଇଥାନ ପାଇଁ ସହଯୋଗ କରିବେ । ପ୍ରଥମ ପର୍ଯ୍ୟାୟରେ ଉକ୍ତ କ୍ୟାମ୍ପ ଗୁଡିକ ୧୨.୦୫.୨୬ ରୁ ୩୧.୦୭.୨୦୨୬ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି ।

# ଶିକ୍ଷା ସମୀକ୍ଷା ବୈଠକ

ମାଲକାନଗିରି: ଜିଲ୍ଲା ପରିଷଦ ସଭାଗୃହ ଠାରେ ଜୁଲାଇ ମାସ ନିମନ୍ତେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମାଲକାନଗିରି ତରଫରୁ ଜିଲ୍ଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବର୍ଷା ଦିନରେ ପିଲାଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ଧ୍ୟାନ ଦେବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ନିମନ୍ତେ ଚାଲୁଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ' ଆଶ୍ୱାୟର ' ର ଲୋଗୋ ଓ ଜର୍ନାଲ ଅନାବରଣ ହେଲା ।

ଆବାହକ ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀ ବିଭାଗରେ ଚାଲୁଥିବା ସମଗ୍ର ଧାରଣା ଦେଲାବେଳେ ନାମଲେଖା ଅଭିଯାନ, ଡ୍ରପଆଉଟ୍ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା, ପାଠ୍ୟପୁସ୍ତକ ଓ ୟୁନିଫର୍ମ ବଣ୍ଟନ, ଶିକ୍ଷକ ଉପସ୍ଥାନ ଓ ପଦବୀ ପୂରଣ, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ସ୍କୁଲ ଭିତିଭୂମି ଶ୍ରେଣୀଗୃହ, ଶୌଚାଳୟ, ପାନୀୟ ଜଳ, ବିଜୁଳି, ବୋର୍ଡ ପରୀକ୍ଷାରେ ଭଲ ଫଳାଫଳ, ବ୍ୟୟ ଅଟକଳ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପିଏମଶ୍ରୀ ସ୍କୁଲ, ଛାତ୍ରାବାସ ଆଦି ମୁଖ୍ୟ ବିଷୟ ଆଲୋଚନା ହେଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରିନ୍ସିପାଲ, ସମଗ୍ର ଶିକ୍ଷାର ସମସ୍ତ ବିଭାଗୀୟ ମୁଖ୍ୟ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଯୋଗଦେବା ସହ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ସମସ୍ତ ବିଭାଗୀୟ କର୍ମଚାରୀ ମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିବା ସହ ପିଲାଙ୍କ ସୁରକ୍ଷା ଓ ସୁବିଧାକୁ ଧ୍ୟାନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ଶ୍ରଦ୍ଧାଳୁଙ୍କ ଶ୍ରୀକ୍ଷେତ୍ର ଯାତ୍ରା

ସମ୍ବଲପୁର: ନବରଙ୍ଗପୁର ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲାସ୍ତରୀୟ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ସମ୍ବଲପୁର ଜିଲ୍ଲା ସଦରମହକୁମା ସ୍ଥିତ ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଶୋକ କୁମାର ଭୋଇଙ୍କ ସମେତ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ତୀର୍ଥଯାତ୍ରୀ ପ୍ରମୁଖ ଉପସ୍ଥିତ ରହି ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ନିଜ ଅଭିଭାଷଣରେ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ଶ୍ରେଷ୍ଠ ଦର୍ଶନ, ଏ ସୌଭାଗ୍ୟ ଆଜି ଆମ ଜିଲ୍ଲାର ଆର୍ଥିକ ଅନଗ୍ରସର ୭୪ ଜଣ ବରିଷ୍ଠ ନାଗରିକଙ୍କୁ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ମାଧ୍ୟମରେ ସୁଯୋଗ ମିଳିପାରିଛି ବୋଲି କହିଥିଲେ । ସମସ୍ତଙ୍କ ଯାତ୍ରା ସୁଖମୟ ଓ ନିରାପଦମୟ ହେଉ ବୋଲି ପ୍ରଭୁଙ୍କ ଠାରେ ମନ୍ତ୍ରୀ ଶ୍ରୀ ପୂଜାରୀ କାମନା ମଧ୍ୟ କରିଥିଲେ । ସୂଚନାନୁଯାୟୀ ଏହି ଯୋଜନା ମାଧ୍ୟମରେ ସମ୍ବଲପୁରରୁ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ୭୪ଜଣ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପାଇଛନ୍ତି । ଯାତ୍ରୀ ମାନଙ୍କ ଯାତ୍ରା ପାଇଁ ଦୁଇଟି ବସର ବ୍ୟବସ୍ଥା ସହିତ ଖାଦ୍ୟ, ପାନୀୟ ଏବଂ ଆଶ୍ରୟସ୍ଥଳୀର ବ୍ୟବସ୍ଥା ମଧ୍ୟ କରାଯାଇଛି । ଏତଦ୍ ବ୍ୟତୀତ ଏହା ସହିତ ସ୍ୱାସ୍ଥ୍ୟ ଜନିତ ସମସ୍ୟାର ତ୍ୱରିତ୍ ଉପଶମ ପାଇଁ ଦୁଇଟି ଡାକ୍ତରୀ ଟିମ୍ ଏବଂ୪ ଜଣ ଏସ୍କର୍ଟ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିବା ଜଣାପଡ଼ିଛି । ସମ୍ବଲପୁର ଜିଲ୍ଲାର ରେଢାଖୋଲରୁ ୫ ଜଣ, ରେଢାଖୋଲ ପୌର ପରିଷଦରୁ ୫ ଜଣ, କୁଚିଣ୍ଡାରୁ ୧୫ ଜଣ, କୁଚିଣ୍ଡା ପୌର ପରିଷଦରୁ ୩ ଜଣ, ଧନକଉଡାରୁ ୪ଜଣ, ଜମନକୀରାରୁ ୧୦ ଜଣ, ରେଙ୍ଗାଲିରୁ ୮ ଜଣ, ଯୁଯୁମୁରାରୁ ୯ ଜଣ, ନାକଟିଦେଉଳ ରୁ ୬ ଜଣ ଓ ସମ୍ବଲପୁର ସହରରୁ ୯ ଜଣ ତୀର୍ଥଯାତ୍ରୀ ଅନ୍ତର୍ଭୁକ୍ତ ଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି ।

## ଜୟପୁରରେ ଛାତ୍ରଛାତ୍ରୀଙ୍କ ହରିତ ଅଭିଯାନ

# ଛାତ ବଗିଚା ଓ ସହରୀୟ ଉଦ୍ୟାନ ସମ୍ପର୍କିତ ସଚେତନତା ରାଲି

ଜୟପୁର: ସ୍ଥାୟୀ ଜୀବନ ଶୈଳୀ ଓ ସହରୀୟ ହରିତ ପରିବେଶକୁ ପ୍ରୋତ୍ସାହନ ଦେବା ପାଇଁ ଜୟପୁରରେ ଛାତ ବଗିଚା ଓ ସହରୀ ଉଦ୍ୟାନ ବିଷୟରେ ଦୁଇଟି ସଚେତନତା ରାଲି ସଫଳତାର ସହ ଆୟୋଜିତ ହୋଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କର ଉତ୍ସାହଭରା ଭାଗିଦାରି ଦେଖିବାକୁ ମିଳିଲା । ସକାଳ ସମୟରେ ଅମ୍ବାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଥିଲା, ଯେଉଁଠାରେ ଶ୍ରେଣୀ ୧ ରୁ ୧୧ ପର୍ଯ୍ୟନ୍ତ ପ୍ରାୟ ୧୦୦ ଛାତ୍ରଛାତ୍ରୀ ଓ ୧୫ ଜଣ ଶିକ୍ଷକ ଭାଗ ନେଇଥିଲେ । ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଓ ବ୍ୟାନର ଧରି ସ୍ଲୋଗାନ ଦେଇ ପରିବେଶ ସୁରକ୍ଷା ଓ ସହରରେ ଗଛ ଲଗାଇବାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲେ । ଏହି ରାଲି ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅପରାହ୍ନରେ ପ୍ରକାଶ ବିଦ୍ୟାଳୟ, ଜୟପୁରରେ ଦ୍ୱିତୀୟ ରାଲି ଆୟୋଜିତ ହୋଇଥିଲା, ଯେଉଁଠାରେ ଶ୍ରେଣୀ ୯ ରୁ ୧୨ ପର୍ଯ୍ୟନ୍ତ ୫୦ରୁ ଅଧିକ ଛାତ୍ରଛାତ୍ରୀ ଓ ୧୦ ଜଣ ଶିକ୍ଷକ ଭାଗ ନେଇଥିଲେ । ଏହି ରାଲି ବିଦ୍ୟାଳୟରୁ ଆରମ୍ଭ ହୋଇ ପ୍ରାୟ ୧ କି.ମି. ପରିସରର ସମସ୍ତ ଘରକୁ କଭର କରିଥିଲେ । ଛାତ୍ରଛାତ୍ରୀମାନେ ଘରେ ଘରେ ପତ୍ରିକା ବଣ୍ଟନ କରି ଛାତ ବଗିଚାର ଲାଭ ଓ ପ୍ରକ୍ରିୟା ବିଷୟରେ ସଚେତନତା ଜଣାଇଥିଲେ । ପୁରୁଷ ଓ ମହିଳା ଛାତ୍ରଛାତ୍ରୀମାନେ ଏକତ୍ର ସ୍ଲୋଗାନ ଦେଇ ସମଗ୍ର ପରିବେଶକୁ ଉତ୍ସାହିତ କରିଥିଲେ । ଏହି ରାଲି ପରେ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉଭୟ ବିଦ୍ୟାଳୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ରାଜ୍ୟ ପରିକଳ୍ପନା ନବୀନ ପ୍ରକଳ୍ପ – ଛାତ ବଗିଚା ଓ ସହରୀୟ ଉଦ୍ୟାନର ପ୍ରଧାନ ଅନୁସନ୍ଧାନକାରୀ ଓ ପ୍ରଧାନ ବୈଜ୍ଞାନିକ, ଉପସ୍ଥାପନା ଦେଇଥିଲେ । ସେ ଛାତ ବଗିଚାର ପରିବେଶୀୟ, ପୌଷ୍ଟିକ ଓ ଆର୍ଥିକ ଲାଭ ବିଷୟରେ ତଥ୍ୟ ଦେଇଥିବା ସହ ସହରୀୟ ପରିପ୍ରେକ୍ଷୀରେ ଏହାର ଉଦ୍ୟମିତା ସମ୍ଭାବନା ଓ ସାମଗ୍ରିକ ଉଦ୍ୟାନ ବିଜ୍ଞାନର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମଗୁଡ଼ିକୁ ସଫଳତାର ସହ ସମନ୍ୱୟ କରିଥିଲେ ଅମ୍ବାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନୀଲ ପଡ଼ିଓ ପ୍ରକାଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏନ ନିଶାଙ୍କୁ, ଯାହାଙ୍କର ପ୍ରୟାସ ଦ୍ୱାରା ଦୁଇଟି କାର୍ଯ୍ୟକ୍ରମ ସୁଚାରୁ ରୂପେ ସଂପନ୍ନ ହୋଇପାରିଥିଲା । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ମନରେ ଗଭୀର ପ୍ରଭାବ ପକାଇଥିଲା । ସେମାନେ ନିଜ ଘରେ ଗଛ ଲଗାଇବାକୁ ସଙ୍କଳ୍ପ କରିଥିବା ସହ ସ୍ୱ ଅଞ୍ଚଳରେ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଏହି ପ୍ରୟାସ ଯୁବପିଢ଼ୀଙ୍କ ମନରେ ପରିବେଶ ସଚେତନତା ବୃଦ୍ଧି କରିଥିବା ସହ ସେମାନଙ୍କୁ ଏକ ହରିତ ଓ ସ୍ଥାୟୀ ଭବିଷ୍ୟତ ଗଠନରେ ସକ୍ରିୟ ଭୂମିକା ନେବାକୁ ପ୍ରେରିତ କରିଛି ।

# ଜିଲ୍ଲା ଉନ୍ନୟନ ଓ ଗ୍ରାମୋଦୟ ବୈଠକ

ନୂଆପଡ଼ା: ନୂଆପଡ଼ା ଜିଲ୍ଲାର ସାମଗ୍ରିକ ଉନ୍ନୟନକୁ ତ୍ୱରାନ୍ୱିତ କରିବା ଓ ଅନ୍ତଃବିଭାଗ ସମନ୍ୱୟ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ସଭାବନା ସଭାଗୃହରେ ଜିଲ୍ଲା ଉନ୍ନୟନ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସମୀର ସାହୁ, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ୍ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ଏପିଡି କ୍ଷମାନିଧି ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏବଂ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୈଠକର ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଜିଲ୍ଲାପାଳ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓ୍ୱାସ୍ ମାଧ୍ୟମରେ ଅନଲାଇନ ଫାଇଲ ଓ ସମସ୍ତ ଚିଠିପତ୍ର ଆଦାନ ପ୍ରଦାନ ନିଶ୍ଚିତ କରିବାକୁ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉପ ନିର୍ଦ୍ଦେଶକ, ପରିସଂଖ୍ୟାନ ଦିଲେଶ୍ୱର ଧରୁଆ ବିଗତ ମାସର ବୈଠକର ବିବରଣୀ ଉପସ୍ଥାପନ କରିଥିଲେ । ବିଗତ ମାସରେ ଉନ୍ନୟନ କାର୍ଯ୍ୟରେ ଥିବା ବାଧା, ବିସଙ୍ଗତି ଓ ସେଗୁଡ଼ିକର ସମାଧାନ ଏବଂ ପ୍ରତ୍ୟେକ ବିଭାଗର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ବୈଠକରେ ପର୍ଯ୍ୟଟନ ବିଭାଗ ବିଭିନ୍ନ କାର୍ଯ୍ୟ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା । ସମସ୍ତ ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାକୁ ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ ଓ ଜାତୀୟ ରାଜପଥ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରୁ ଜଣାଗଲା ଯେ, ଜିଲ୍ଲାର ଚାକିରୀ ଆଶାୟୀଙ୍କ ପ୍ରଶାସନିକ, ବ୍ୟାଙ୍କିଂ, ଏସ୍‌ଏସ୍‌ସିଓ ଅନ୍ୟାନ୍ୟ ନିଯୁକ୍ତି ପରୀକ୍ଷା ପାଇଁ କୋଚିଂ ଗତ ୧୪ ତାରିଖରୁ ଆରମ୍ଭ ହୋଇଯାଇଛି । ସେହିପରି, ଜଳସେଚନ, ପଂଚାୟତିରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ରାସ୍ତା ଓ ଗୃହନିର୍ମାଣ, ଗ୍ରାମ୍ୟ ଉନ୍ନୟନ, ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ପ୍ରାଣୀ ସମ୍ପଦ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ଖଣି ଓ ପର୍ଯ୍ୟଟନ, ବିଜ୍ଞାପିତ ଅଂଚଳ ପରିଷଦ ସମେତ ସମସ୍ତ ବିଭାଗର କାର୍ଯ୍ୟ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ତହସିଲଦାର ମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ପ୍ରାଣୀ ଚିକିତ୍ସାଳୟ, ଅଙ୍ଗନବାଡ଼ିକେନ୍ଦ୍ର, ଖେଳ ପଡିଆ ମାନଙ୍କୁ ଜମିପଟ୍ଟା ଯୋଗାଇବା ସହ ନୂତନ କୋଠା ନିର୍ମାଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ବୈଠକ ଶେଷରେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଉତ୍ସର୍ଗୀକୃତ ମନୋଭାବ ସହିତ କାର୍ଯ୍ୟ କରି ଜିଲ୍ଲାକୁ ପ୍ରଗତି ପଥରେ ଦୃତ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ । ଏହାପରେ, ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗ୍ରାମଦୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବୈଠକରେ ବନଖଣ୍ଡ ଅଧିକାରୀ ଅଜିଜ୍ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଏପିଡି କ୍ଷମାନିଧି ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ଉପ ଜିଲ୍ଲାପାଳ ଶୂର୍ମି ସୋରେନ୍, ସମସ୍ତ ବିଡ଼ିଓ, ତହସିଲଦାର , ଜିଲ୍ଲା ସ୍ତରୀୟ ଅଧିକାରୀ, ଯନ୍ତ୍ରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଯୋଗ ଦେଇଥିଲେ ।

# ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

ବୌଦ୍ଧ,(ପିପିଏସ୍) : ବିରନରସିଂହପୁର ସାଧୁଚରଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ ସମାରୋହ ଅଧ୍ୟକ୍ଷ ଓମପ୍ରକାଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଯୋଗଦେଇ ବିଦ୍ୟାଳୟ ପ୍ରତି କେବଳ ଶରୀରରୁ ନୁହେଁ ମନରୁ ଭଲ ପାଇବା,



ଆନ୍ତରିକତାର ସହ କାର୍ଯ୍ୟକରିବା ଓ ବିଦ୍ୟାଳୟ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସମସ୍ତ ବ୍ୟାଚର ପୁରାତନ ଛାତ୍ର ଛାତ୍ରୀଙ୍କୁ ସ୍କୁଲ ସହିତ ଯୋଡିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ସମାଜସେବୀ ତଥା ପ୍ରତିଷ୍ଠାତା ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାକୁଡ଼ ମଂଚାସୀନ ଥିଲେ । କାର୍ଯ୍ୟକ୍ରମରେ କ୍ଲଷ୍ଟର ସଂଯୋଜକ ଅର୍ଜୁନ କଂହର, ଆଲୁମିନି କମିଟିର ସଭାପତି ଦେବେନ୍ଦ୍ର କୁମାର ସାହୁ, କେଲାକଟା ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା ପୁରାତନ ଛାତ୍ର ଦୁଃଖୁ ଗାଇଗରିଆ ଏବଂ ଆଲୁମିନି ସଦସ୍ୟ ଅଲେଖ ବଗର୍ତ୍ତୀ, ସୁଜ୍ଞାନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୨୦୨୭ ମସିହା ଜୁଲାଇ ୭ ରେ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବକୁ ସଫଳତାର ସହ ଆୟୋଜନ କରିବାକୁ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଏହାସହିତ ଆଲୁମିନି କମିଟିର ସଦସ୍ୟ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚକ୍ରରେ ବିଦ୍ୟାଳୟ ବିକାଶ,ଜିଲ୍ଲାର ମିଶନ ଏ ୱାନ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଛାତ୍ର ଛାତ୍ରୀଙ୍କୁ ସ୍ୱତନ୍ତ୍ର ପ୍ରସ୍ତୁତି ଏବଂ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇ ଖୁବ ଶୀଘ୍ର ପ୍ରସ୍ତୁତି ବୈଠକ ଡାକିବାକୁ ନିଷ୍ପତି ନିଆଯାଇଥିଲା । ବରିଷ୍ଠ ଶିକ୍ଷକ ତଥା ଆଲୁମିନି ସଦସ୍ୟ ନବକିଶୋର ଦୀପ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ବିଭୁତି ଭୂଷଣ ମହାକୁଡ଼ ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ରାଜୀବ କଂହର,କୃଷ୍ଣଚନ୍ଦ୍ର ସାହୁ, ଫଣି ଭୂଷଣ ବିଶ୍ୱାଳ , ଅଂଶୁମାନ ପଲିଆ, ଶ୍ରୀକାନ୍ତ କୁଅଁର, ସଚିନ୍ଦ୍ର କଂହର, ବ୍ରଜକିଶୋର ଜଗଦଲା, ସୁଧୀର ସାମନ୍ତରାୟ ଏବଂ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ପ୍ରଧାନ, ଶର୍ମି ଗୋଧୂଳିକା, ପ୍ରେମଲତା ମଲ୍ଲିକ, ପଦ୍ମିନୀ ସାହୁ,ସ୍ମିତାରାଣୀ ପୃଷ୍ଟି , କନିଷ୍ଠ ସହାୟିକା ଶୁଭସ୍ମିତା ପଟ୍ଟନାୟକ, କର୍ମଚାରୀ ପ୍ରତିଭା ପ୍ରଧାନ, ରୀନା ମହାନନ୍ଦିଆ ଓ ସରୋଜ ପ୍ରଧାନ କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଟାଉନ ବାଳିକା ଓ ବାଳକ ବିଦ୍ୟାଳୟରେ ସମସ୍ୟା ଶୁଣିଲେ ନରସିଂହ

ବଲାଙ୍ଗିର,(ପିପିଏସ୍) : ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ବଲାଙ୍ଗିର ସହର ସ୍ଥିତ ଟାଉନ ବାଳିକା ଏବଂ ଟାଉନ ବାଳକ ଉଚ୍ଚ ବିଦ୍ୟାଳୟରେ ପହଂଚି ସେଠାକାର ଶିକ୍ଷକ କର୍ମଚାରୀଙ୍କ ସହିତ ଉଚ୍ଚ ବିଦ୍ୟାଳୟର ସୁବିଧା ଅସୁବିଧା ସବୁ ପଚାରି ବୁଝିଥିଲେ ।



ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଯଦିଓ ମଂଜୁରିପ୍ରାପ୍ତ ସମସ୍ତ ପଦବୀ ରେ ଶିକ୍ଷକ ନାହାନ୍ତି ତଥାପି ମଧ୍ୟ ଶିକ୍ଷାଦାନ ଠିକ୍ ଭାବରେ ଚାଲିଥିବା ଆଲୋଚନା ରୁ ଜଣା ଯାଇଥିଲା । ସେଠାରେ ହିନ୍ଦି, ସଂସ୍କୃତ, ଗଣିତ ଏବଂ ଫିଜିକାଲ ଇନଷ୍ଟ୍ରକଟର ଶିକ୍ଷକ ଅଭାବ ଉପରେ ପ୍ରଧାନଶିକ୍ଷୟତ୍ରୀ ଶ୍ରୀ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ରାତ୍ରି ଜଗୁଆଳି ପଦ ଖାଲି ଥିବାରୁ ସ୍କୁଲର ନିରାପତ୍ତାକୁ ନେଇ ଶିକ୍ଷକମାନେ ଚିନ୍ତା ପ୍ରକଟ କରିଥିଲେ । ମେଟ୍ରିକ ପରୀକ୍ଷା ଫଳ କୁ ନେଇ ଶ୍ରୀ ମିଶ୍ର ସନ୍ତୁଷ୍ଟି ପ୍ରକାଶ କରିଥିଲେ । ଖେଳ ବିଭାଗରେ ମଧ୍ୟ ବିଶେଷ କରି ବ୍ୟାଡମିଣ୍ଟନ ଓ ଖୋଖୋରେ ସ୍କୁଲର ଖେଳାଳିମାନେ ଜାତୀୟ ସ୍ତର ପର୍ଯ୍ୟନ୍ତ ଭାଗ ନେଉଛନ୍ତି । ପରେ ଶ୍ରୀ ମିଶ୍ର ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ରେ ପହଂଚି ସେଠାକାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଏବଂ ଶିକ୍ଷକ ତଥା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଏଠାରେ ମଧ୍ୟ ମେଟ୍ରିକ ପରୀକ୍ଷା ଆଶାଅନୁରୁପ ଥିବା ଜଣା ପଡିଥିଲା । ଅଣ ଶିକ୍ଷକ କର୍ମଚାରୀ ଙ୍କ ଅଭାବ ଯୋଗୁଁ ଅନେକ ଗୁଡିଏ ଶିକ୍ଷା ଅନୁସଙ୍ଗିକ କାର୍ଯ୍ୟ ସୂଚାରୁ ରୂପେ ହୋଇ ନ ପାରୁଥିବା ଆଲୋଚନା ବେଳେ ଶିକ୍ଷକମାନେ ଜଣାଇଥିଲେ । ସ୍କୁଲ କୋଠାରେ ପାଣି ଗଳୁଥିବାରୁ ଏହି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ମିଶ୍ର ପ୍ରତିଶୃତି ଦେଇଥିଲେ । ତା ସହ ଖେଳ ପଡିଆରେ ଦରକାର ହେଉଥିବା ଟ୍ୟୁବ ୱେଲ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀଙ୍କ ସହ କଥା ହୋଇ ବହୁ ଶିଘ୍ର ଟ୍ୟୁବ ୱେଲ ସ୍ଥାପନ ପାଇଁ ଶ୍ରୀ ମିଶ୍ର କହିଥିଲେ । ପୂର୍ବତନ୍ତ୍ରୀ ମଧ୍ୟ ଉଭୟ ଟାଉନ ବାଳିକା ଓ ବାଳକ ଉଚ୍ଚ ବିଦ୍ୟାଳୟ ପୂର୍ବରୁ ଆଲୋଚନା ହୋଇଥିବା ପିଆର ହାଇସ୍କୁଲ ଖେଳ ପଡିଆରେ ଶୈଚାଳୟ ଏବଂ ସରକାରୀ ବାଳିକା ବିଦ୍ୟାଳୟ ରେ ଏକ ସେଡ୍ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କ ଅନୁରୋଧ କ୍ରମେ ସମ୍ମତି ପ୍ରକାଶ କରିଥିଲେ । ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀଙ୍କ ଅଭାବକୁ ନେଇ ଶିକ୍ଷା ବିଭାଗ ଙ୍କ ସହ ସେ ଶିଘ୍ର ଆଲୋଚନା କରିବେ ବୋଲି ନିଜ ପ୍ରତିକ୍ରିୟାରେ ଶ୍ରୀ ମିଶ୍ର କହିଛନ୍ତି । ଆଜିର ଏହି ପରିଦର୍ଶନ ସମୟରେ ଟାଉନ ବାଳକ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମିତା ଭୋଇ, ଯୋଗମାୟା ଷଡଙ୍ଗି, କଲ୍ୟାଣ ଉଦ୍‌ଗାତା, ଅନାକର ସାହୁ, ମଧୁସ୍ମିତା ସାହୁ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ଅରୁନ୍ଧତି ବଡେଇ, ଯଜାତି କେଶରୀ ପ୍ରଧାନ, ସତ୍ୟାନନ୍ଦ ବିଶ୍ୱାଲ, କୃଷ୍ଣଚନ୍ଦ୍ର ବାଗ, କବିତା ମିଶ୍ର ଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ଫୁଲବାଣୀରେ ଜିଲ୍ଲାସ୍ତରୀୟ ଦିଶା ଅଧିବେଶନ

କନ୍ଧମାଳ: ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ(ପଂଚାୟତ ଭବନ, ଫୁଲବାଣୀ) ଠାରେ ଅଧ୍ୟକ୍ଷ, ଦିଶା ଅଧିବେଶନ, କନ୍ଧମାଳ ତଥା ମାନ୍ୟବର ଲୋକସଭା ସଦସ୍ୟ, କନ୍ଧମାଳ ଶ୍ରୀ ସୁଶାନ୍ତ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଦ୍ୱିତୀୟ ଦିଶା ଅଧିବେଶନ ଆୟୋଜିତ ହୋଇଯାଇଛି । ମାନ୍ୟବର ସାଂସଦ ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ ଏହି ଦିଶା ବୈଠକ କନ୍ଧମାଳ ଜିଲ୍ଲାର ଉନ୍ନତି ଓ ପ୍ରଗତି ପାଇଁ ଦିଶା ଦେଖାଇବ । ବିଧାୟକ ଫୁଲବାଣୀ ଉମାଚରଣ ମଲ୍ଲିକ, ବିଧାୟକ, ବାଳିଗୁଡ଼ା ଚକ୍ରମଣି କହଁର, ବିଧାୟକ, ଜି ଉଦୟଗିରି ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଜିଲ୍ଲାପାଳ କନ୍ଧମାଳ ବେଦଭୂଷଣ, ଅଧ୍ୟକ୍ଷା, ଜିଲ୍ଲା ପରିଷଦ, କନ୍ଧମାଳ ନନ୍ଦିନୀ ମଲ୍ଲିକ ଜିଲ୍ଲାର ବିଭିନ୍ନ ବିଭାଗର ଯେପରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଜଳସେଚନ, ଜଙ୍ଗଲ ଓ ସାମାଜିକ ସୁରକ୍ଷା ଇତ୍ୟାଦିର ଲୋକ କଲ୍ୟାଣ ଯୋଜନା ଗୁଡ଼ିକର ସମୀକ୍ଷା କରିବା ସହିତ ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର ଉପରେ ଆଲୋଚନା କରିଥିଲେ ଏବଂ ତତ୍ପରତାର ସହିତ କାମକରି ଯୋଜନାକୁ ଲୋକଙ୍କ ପାଖରେ ପହଂଚାଇବା ନିମନ୍ତେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ କନ୍ଧମାଳ ଶ୍ରୀ ବେଦଭୂଷଣ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ(ପ୍ରଶାସନ), ଜିଲ୍ଲା ପରିଷଦ, କନ୍ଧମାଳ ନରେନ୍ଦ୍ର ନାୟକ, ଅଧ୍ୟକ୍ଷା, ବିଜ୍ଞାପିତ ଅଂଚଳ ପରିଷଦ, ଘୁ. ଉଦୟଗିରି, ଅଧ୍ୟକ୍ଷା, ବିଜ୍ଞାପିତ ଅଂଚଳ ପରିଷଦ, ବାଳିଗୁଡା, କନ୍ଧମାଳ ଜିଲ୍ଲାର ସମସ୍ତ ୧୨ ଗୋଟି ପଂଚାୟତ ସମିତିର ଅଧ୍ୟକ୍ଷା/ ଅଧ୍ୟକ୍ଷ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଉପଖଣ୍ଡ ସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ଲୋକ ଭବନରେ ବନ ମହୋତ୍ସବ

**ଭୁବନେଶ୍ୱର (ପିପିଏସ୍):** ଚଳିତ ବର୍ଷ ବନ ମହୋତ୍ସବ ଅବସରରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଓ ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଙ୍ଗଳବାର ଲୋକ ଭବନ ପରିସରସ୍ଥିତ ଶ୍ୟାମାନନ୍ଦ ପାର୍କରେ ବୃକ୍ଷରୋପଣ କରିଛନ୍ତି। ରାଜ୍ୟପାଳଙ୍କ କମିଶନରତଥା ଶାସନ ସଚିବ ଡ. ରୂପା ରୋଶନ ସାହୁଙ୍କ ସମେତ ଅଧିକାରୀମାନେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଲୋକ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସବୁଜିମାକୁ ବୃଦ୍ଧି କରିବା ସହ ପ୍ରକୃତି ସଂରକ୍ଷଣ ଏବଂ ପରିବେଶ ସନ୍ତୁଳନ ରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ନିମନ୍ତେ ଲକ୍ଷ୍ୟ ରଖା ଯାଇଛି।

## ଇଟିକିଲି ମିଟିକିଲି ପୁରସ୍କାର ପ୍ରଦାନ ସମାରୋହ

**ଭୁବନେଶ୍ୱର (ପିପିଏସ୍):** ଇଟିକିଲି ମିଟିକିଲିର ୩୧ତମ ପୁରସ୍କାର ପ୍ରଦାନ ସମାରୋହ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଛି। ପୁରସ୍କାର ପ୍ରଦାନ ସମାରୋହକୁ ଅର୍ଥନୀତିଜ୍ଞ ରାଜୀବ ଶେଖର ସାହୁଙ୍କ ସହିତ ଶୁଭସ୍ମିତା ନାୟକ, ଦିବ୍ୟାଂଶୀ ଷଡ଼ଙ୍ଗୀ, ଶର୍ମିଷ୍ଠା ମହାପାତ୍ର,



ଆର୍ ଶୁଭଦା, ଚେତନା ପାଢ଼ୀ ଓ ବିଭୂତି ପ୍ରସାଦ ବେହେରା ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମାରୋହରେ ପାରାଦ୍ୱୀପ ଫସ୍‌ଫେଟ୍‌ର କର୍ପୋରେଟ୍ ମୁଖ୍ୟ ବିଭୁଦତ୍ତ ପାଣିଗ୍ରାହୀ, ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମର ପୂର୍ବତନ ଓଡ଼ିଶା ମୁଖ୍ୟ ପ୍ରଭାସ ନାୟକ, ସୁଦେଷ୍ଣା ନାୟକ, ରୟାଲ କଲେଜର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବିଷ୍ଣୁମୋହନ ମହାନ୍ତି, ଭୂ-ବିଜ୍ଞାନୀ ଜେନାମଣି ସଞ୍ଜୀବ କୁମାର, ସାହିତ୍ୟିକା ଓ ସମାଜସେବୀ ପ୍ରତିଭା ମହାରଥୀ, ରାଜଧାନୀ ମହାବିଦ୍ୟାଳୟ ଇଂରାଜୀ ବିଭାଗ ଅଧ୍ୟାପିକା ପ୍ରଜ୍ଞା ପ୍ରଧାନ, ଶିଶୁ-ସାହିତ୍ୟିକା କମଳିନୀ ମଲ୍ଲିକ ଓ ତନୟା ଦାସ ଗୋସ୍ୱାମୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଉପସଭାପତି ଚିତ୍ତ ମହାପାତ୍ର ସ୍ୱାଗତ ସୂଚନା ପ୍ରଦାନ କରିଥିବାବେଳେ ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକ ଅନୁଷ୍ଠାନ ଦୀର୍ଘ ୩୧ ବର୍ଷ କିପରି ନିରବଚ୍ଛିନ୍ନ ଭାବରେ ବିଭିନ୍ନ କାର୍ଯ୍ୟଧାରା ବଜାୟ ରଖିଛି ପ୍ରକାଶ କରିଥିଲେ। ଏହି ଅବସରରେ ଜୟଦେବ ଭବନର କର୍ମଚାରୀ ଦୀପ୍ତିରଞ୍ଜନ ପରିଡ଼ାଙ୍କୁ ଇଟିକିଲି ମିଟିକିଲି ସେବା ସମ୍ମାନ ପ୍ରଦାନ କରାଯାଇଥିଲା।

## ନୃତ୍ୟଶାଳାର ୨୩ ତମ ବାର୍ଷିକ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ଓଡିଶୀ ନୃତ୍ୟାନୁଷ୍ଠାନ ନୃତ୍ୟଶାଳାର ୨୩ତମ ବାର୍ଷିକ ଉତ୍ସବ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ଅତିଥିଭାବେ ଓଡ଼ିଶୀ ସଂଗୀତ ବିଶାରଦ ବେହେଲା ବାଦକ ସୁରମଣି ରମେଶ ଚନ୍ଦ୍ର ଦାସ, ଓଡିଶୀ ନୃତ୍ୟ ଗୁରୁ ଭରତ ଚନ୍ଦ୍ର ଗିରି, ଓଡିଶୀ ସଂଗୀତ ଗୁରୁ ଡ. ଗୀତା ମଞ୍ଜରୀ ବେହେରା, ଗୁରୁ ତଥା ନିର୍ଦ୍ଦେଶକ ଅଶୋକ କୁମାର ଘୋଷାଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନୃତ୍ୟଶାଳାର ନିର୍ଦ୍ଦେଶକ ଗୁରୁ ଅଶୋକ କୁମାର ଘୋଷାଲ ଅତିଥିମାନଙ୍କୁ ସ୍ୱାଗତ ସହ ଅନୁଷ୍ଠାନର ପ୍ରତିଷ୍ଠା, କାର୍ଯ୍ୟଧାରା ଏବଂ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡିଶୀ ନୃତ୍ୟ ଶିକ୍ଷା ସହିତ ଏହାର ଗବେଷଣାତ୍ମକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମଙ୍ଗଳାଚରଣ ନୃତ୍ୟରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ନୃତ୍ୟ ଥିଲା ଅଭିନୟ ଶ୍ରୀଜୟଦେବଙ୍କ ରଚିତ 'ଶ୍ରୀତ କମଳା କୁଚ ମଣ୍ଡନ.. ଗୀତରେ ଭଗବାନ କୃଷ୍ଣଙ୍କ ବିଭିନ୍ନ ମହିମା ସମ୍ପର୍କରେ ବର୍ଣ୍ଣନା କରାଯାଇଥିଲା। ଭଗବାନ ବିଷ୍ଣୁଙ୍କ ଅବତାର ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଦିବ୍ୟପ୍ରେମ ଅନୁଭୁତି ଅତି ଚମତ୍କାର ଥିଲା।

## ସ୍ୱାଭିମାନ ଓଡ଼ିଶା ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟସ୍ତରୀୟ 'ବିକାଶ ସମ୍ମିଳନୀ'

**ଭୁବନେଶ୍ୱର (ପିପିଏସ୍):** ସ୍ୱାଭିମାନ ଓଡ଼ିଶା ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟସ୍ତରୀୟ 'ବିକାଶ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ 'ସ୍ୱାଭିମାନରୁ ସମୃଦ୍ଧି:ଶ୍ରେଷ୍ଠ ଓଡ଼ିଶା ଗଠନ ପାଇଁ ଜନଆନ୍ଦୋଳନ' ଶୀର୍ଷକ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବୁଦ୍ଧିଜୀବୀ ଓ ଫାଉଣ୍ଡେସନ୍ ସଭାପତି ଅମ୍ବିକା ପ୍ରସାଦ ପଣ୍ଡା ଯୋଗ ଦେଇଥିଲେ। ପ୍ରାରମ୍ଭରେ ଫାଉଣ୍ଡେସନ୍ ଉପସଭାପତି ଡ. ସୁନୀତି ମୁଣ୍ଡ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ, ଲେଖିକା ସୁଜାତା ନନ୍ଦ, ସମାଜସେବୀ ପ୍ରଶାନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ।

## ଆଇଆଇଏମ୍‌ଟିରେ ଜାତୀୟ କର୍ମଶାଳା ଉଦ୍‌ଘାଟିତ

**ଭୁବନେଶ୍ୱର (ପିପିଏସ୍):** ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମ୍‌ଟି), ଭୁବନେଶ୍ୱର ଠାରେ 'ଶିକ୍ଷଣ-ଫଳାଫଳ ଭିତ୍ତିକ ଶିକ୍ଷା ଏବଂ ଜାତୀୟ ମାନ୍ୟତା ପ୍ରଦାନ ବୋର୍ଡ (ଏନବିଏ) ମାନ୍ୟତା: ଗୁଣାତ୍ମକ ଇଞ୍ଜିନିୟରିଂ ଶିକ୍ଷା ଦିଗରେ ଏକ ରଣନୈତିକ ରୂପରେଖା' ଶୀର୍ଷକ ପାଞ୍ଚଦିନିଆ ଅନଲାଇନ୍ କର୍ମଶାଳାର ଶୁଭାରମ୍ଭ ହୋଇଯାଇଛି। ଆୟୋଜିତ ଏହି କର୍ମଶାଳାକୁ ଆଇଆଇଏମ୍‌ଟିର ଅଧ୍ୟକ୍ଷ ପ୍ରଫେସର ଶ୍ରୀକାନ୍ତ ପଟ୍ଟନାୟକ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଆଇଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ଜୟଦେବ କର, ଜିଏଲଏ ବିଶ୍ୱବିଦ୍ୟାଳୟ, ମଥୁରାର ଅନ୍ତର୍ଜାତୀୟ ସମ୍ପର୍କ ଏବଂ ଶୈକ୍ଷଣିକ ସହଯୋଗ ବିଭାଗର ଡିନ୍ ତଥା କମ୍ପ୍ୟୁଟର ଇଞ୍ଜିନିୟରିଂ ଏବଂ ପ୍ରୟୋଗ ବିଭାଗର ପ୍ରଫେସର ପ୍ରଫେସର ଦିଲୀପ କୁମାର ଶର୍ମା ପ୍ରମୁଖ ଯୋଗଦେଇ ଓବିଇ ଏବଂ ଏନବିଏ ମାନ୍ୟତା ସମ୍ପର୍କରେ ବ୍ୟାପକ ଉପସ୍ଥାପନା କରିଥିଲେ। କେବଳ ଇଞ୍ଜିନିୟରିଂ ଶିକ୍ଷା ନୁହେଁ, ପରିଚାଳନା ଶିକ୍ଷା କ୍ଷେତ୍ରରେ ମଧ୍ୟ ଗୁଣାତ୍ମକ ନିଶ୍ଚିତତାର ଭୂମିକା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରିଥିଲେ। କର୍ମଶାଳାକୁ ବାଣିଜ୍ୟ ପ୍ରଶାସନ ବିଭାଗର ସହକାରୀ ପ୍ରଫେସର ଆଲୋକ ଅରୁଣ ସଂଯୋଜନା କରିଥିଲେ।

## ସରସ୍ୱତୀ ଶିକ୍ଷା ମନ୍ଦିରରେ ବନ ମହୋତ୍ସବ

**ଭୁବନେଶ୍ୱର (ପିପିଏସ୍):** ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ୭୭ ତମ ବନ ମହୋତ୍ସବ ୨୦୨୬ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଗୋଲେଖ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗଛର ଉପକାରିତା ସଂପର୍କରେ ବିଦ୍ୟାଳୟର ଶିଶୁ ଭାଇ ଭଉଣୀ ମାନଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ବିଏମ୍‌ସି ୪ ନମ୍ବର ୱାର୍ଡ଼ର କର୍ପୋରେଟର ସୁକୁମାର ସାହୁ, ସମାଜସେବୀ ସାକ୍ଷର ରଞ୍ଜନ ମହାନ୍ତି ଓ ନିମାଇ ଚରଣ ବେହେରା ଓ ବିଦ୍ୟାଳୟର ସମ୍ପାଦକ ଓ ପ୍ରତିଷ୍ଠାତା ସୁରେନ୍ଦ୍ର କୁମାର ଖୁଣ୍ଟିଆ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରପ୍ରସାଦ ମିଶ୍ର, ସୁପ୍ରିୟା ନାୟକ, ସୌଭାଗୀନି ସାହୁ, ଲକ୍ଷ୍ମୀପ୍ରିୟା ଦାସ ଓ ସମସ୍ତ ଶିଶୁ ଭାଇ ଭଉଣୀ ଯୋଗ ଦେଇ 'ଗଛ ଲଗାଅ ଜୀବନ ବଞ୍ଚାଅ', 'ମା' ଆ ପାଇଁ ଗଛଟିଏ' ଓ ସ୍ଲୋଗାନ ଦେଇଥିଲେ। ଖେଳ ଗୁରୁଜୀ ବିଶ୍ୱଭୂଷଣ ବାରିକ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ରାମକୃଷ୍ଣ ଆଦର୍ଶ କଲୋନୀର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର (ପିପିଏସ୍):** ବିଏମସି ଅଧୀନସ୍ଥ ୱାର୍ଡ ନମ୍ବର ୪୧ ଶାନ୍ତିପଲ୍ଲୀଠାରେ ନିର୍ମାଣ ହେବ ୫୫ ଗୋଟି ଦୁଇ ମହଲା ବିଶିଷ୍ଟ ରାମକୃଷ୍ଣ ଆଦର୍ଶ କଲୋନୀ। ଯାହାକି ୧୧୦ ଜଣ ହିତାଧିକାରୀଙ୍କୁ ଆବଣ୍ଟନ କରାଯିବ। ଏଥିପାଇଁ ରାମକୃଷ୍ଣ ଆଦର୍ଶ କଲୋନୀର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିସନର ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା, ସ୍ଥାନୀୟ କର୍ପୋରେଟର କବିତା ସାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଲେପ୍ରୋସି ଆକ୍ରାନ୍ତ ପରିବାରଙ୍କୁ ଏହି ସୁବିଧା ଯୋଗାଇ ଦେବା ପାଇଁ ସରକାରଙ୍କ ନିଷ୍ପତ୍ତି କ୍ରମେ ବିଏମ୍‌ସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସଂପ୍ରତି ବିଏମ୍‌ସି ଅଞ୍ଚଳରେ ଲିଙ୍ଗରାଜ, ଗୋଖିବାବା ଲେପ୍ରୋସି କଲୋନୀରେ ହିତାଧିକାରୀମାନେ ବସବାସ କରୁଥିବା ବେଳେ ଗୋପବନ୍ଧୁ ଲେପ୍ରୋସି କଲୋନୀ ନିର୍ମାଣ କାର୍ଯ୍ୟ ଜାରି ରହିଛି।

# ତେଜୁଛି ରମାଦେବୀ ଛାତ୍ରୀ ଅଶାନ୍ତି, ଫାଟକରେ ତାଲା

**ଭୁବନେଶ୍ୱର (ପିପିଏସ୍):** ରମାଦେବୀ ବିଶ୍ୱବିଦ୍ୟାଳୟରେ ୨ଛାତ୍ରୀଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଯୋଗୁଁ ଛାତ୍ରୀ ଅଶାନ୍ତି ଲାଗିରହିଛି। ମହିଳା ବିଶ୍ୱବିଦ୍ୟାଳୟରେ ଭିତରେ ୧୨ଯୁବକ ପ୍ରବେଶ କରି ଆତଙ୍କ ଖେଳାଇଛନ୍ତି। ଉକ୍ତ ଯୁବକମାନେ ଛାତ୍ରୀମାନଙ୍କୁ ଗାଳିଗୁଲଜ କରିବା ସହ ଧମକଚମକ ଦେଇ କ୍ୟାମ୍ପସରେ ଶାନ୍ତି ଭଙ୍ଗ କରିଛନ୍ତି। ଏହାସହ ଏମାନେ ଭିସିଙ୍କ ରୁମ୍‌କୁ ଭିତରକୁ ଧସେଇ ପସିଥିଲେ। ଉପସ୍ଥିତ ଛାତ୍ରୀ ଏବଂ ପ୍ରଫେସରଙ୍କୁ ଗାଳିଗୁଲଜ କରିବା ଭଳି କାଣ୍ଡ ଭିଆଇଥିଲେ। ଯାହାର ପ୍ରତିବାଦରେ ଛାତ୍ରୀମାନେ ରମାଦେବୀ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷରୁ ଅଣଛାତ୍ର ପ୍ରବେଶ ନେଇ ଲିଖିତ ଭାବେ ଜଣାଇବା ସହ ମୁଖ୍ୟ ଫାଟକରେ ତାଲା ମାରି ଦେଇଛନ୍ତି। ଏହି ମାମଲାରେ କୁଳପତି ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଛନ୍ତି ପୁଲିସକୁ ଏନେଇ ଲିଖିତ ଭାବେ



ଜଣାଯାଇଛି। ମିଳିଥିବା ସୂଚନା ମୁତାବକ, ବ୍ୟାନର ପୋତାକୁ ନେଇ ଦୁଇ ଯୁବତୀଙ୍କ ମଧ୍ୟରେ ଦିନ ବେଳେ ପାଟିତୁଣ୍ଡ ହୋଇଥିଲା। କୁଳପତିଙ୍କ ପାଖକୁ ଏହି ଅଭିଯୋଗ ଯାଇଥିଲା। ଯାହାକୁ କୁଳପତି ସମାଧାନ କରିସାରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଯୁବକମାନେ ସିଧାସଳଖ ମହିଳା ବିଶ୍ୱବିଦ୍ୟାଳୟ ଭିତରକୁ ପ୍ରବେଶ କରିଥିଲେ। କେବଳ ବିଶ୍ୱବିଦ୍ୟାଳୟ ନୁହେଁ କୁଳପତିଙ୍କ ଚ୍ୟାମ୍ବର ଭିତରେ ପ୍ରବେଶ କରି ନିଜ ସମର୍ଥକଙ୍କ ସପକ୍ଷରେ ଯୁକ୍ତି ବାଢିବାକୁ ଲାଗିଲେ।

ମହିଳା ବିଶ୍ୱବିଦ୍ୟାଳୟରେ ପୁରୁଷ ପ୍ରବେଶକୁ ଛାତ୍ରୀମାନେ ବିରୋଧ କରିଥିଲେ। ହେଲେ ଏହି ଯୁବକମାନେ ଉଗ୍ର ହୋଇ ଛାତ୍ରୀମାନଙ୍କୁ ମାଡ ମାରିବାକୁ ହାତ ଉଠାଇଲେ। ଅଶାଳୀନ ଭାଷାରେ ଗାଳିଗୁଲଜ କଲେ। ଉପସ୍ଥିତ ପ୍ରଫେସରମାନଙ୍କୁ ଅଙ୍ଗୁଠି ଦେଖାଇ ଧମକଚମକ ଦେଲେ। ବାହାରକୁ ବାହାରିଲେ ଅବସ୍ଥା ଖରାପ କରିଦେବେ ବୋଲି ଧମକାଇଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପୁଲିସକୁ ତୁରନ୍ତ ଡାକିଥିଲେ। ଏହାପରେ କ୍ୟାମ୍ପସରେ ମହିଳା ପୁଲିସଙ୍କୁ ନିୟୋଜିତ କରାଯାଇଥିଲା। ଛାତ୍ରୀମାନେ ଅଣଛାତ୍ର ପ୍ରବେଶକୁ ବିରୋଧ କରି ଆନ୍ଦୋଳନ କରିବାକୁ ଲାଗିଲେ। ପ୍ରାୟ ସମସ୍ତ ଗେଟ୍‌କୁ ତାଲା ପକାଇ ଦେଇଥିଲେ। ମହିଳା ବିଶ୍ୱବିଦ୍ୟାଳୟରେ କ'ଣ ପାଇଁ ପୁରୁଷ ପ୍ରବେଶ କଲେ। ଯେଉଁମାନେ ଏଭଳି ସାହାସ କରିଛନ୍ତି ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ରୀମାନେ ଦାବି କରିଛନ୍ତି। ରମାଦେବୀ ବିଶ୍ୱବିଦ୍ୟାଳୟ କୁଳପତି ପୁଲିସକୁ ଲିଖିତ ଅଭିଯୋଗ କରିଛନ୍ତି। କ୍ୟାମ୍ପସରେ ସୁରକ୍ଷା ବଢାଇବାକୁ ପୁଲିସକୁ ଅନୁରୋଧ କରିଛନ୍ତି।

## ବେଙ୍ଗାଲୁରରେ ପହଞ୍ଚିଲା ଓଡ଼ିଶା କାରିଗରଙ୍କ ରଥ

**ଭୁବନେଶ୍ୱର (ପିପିଏସ୍):** ବେଙ୍ଗାଲୁର ମାରାଥାଲି ଠାରେ ଅବସ୍ଥିତ ବିକ୍ରେଡ୍ ସୋସାଇଟିରେ ପହଞ୍ଚିଛି ଓଡ଼ିଶାର ଛାତ୍ର କାରିଗାରମାନଙ୍କ ଦ୍ୱାରା ପ୍ରସ୍ତୁତ ୨୦ ଫୁଟିଆ ରଥ। ପ୍ରଥମ ଥର ଭୁବନେଶ୍ୱରର କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ରଥ ନିର୍ମାଣ କରାଯାଇ କୋରିୟର ମାଧ୍ୟମରେ ପଠାଯାଇଥିଲା। ରଥ ଠିକଣାରେ ପହଞ୍ଚିବା ପରେ କାରିଗରମାନେ ସେଠାରେ ରଥକୁ ସମ୍ପୂର୍ଣ୍ଣ ଭାବେ ଯୋଡ଼ିଛନ୍ତି। ସୂଚନା ଅନୁସାରେ ସାମାଜିକଗଣମାଧ୍ୟମରୁ ଦେଖି ଭୁବନେଶ୍ୱର ପାତ୍ରପଡ଼ାସ୍ଥିତ ଭଗବାନପୁରର କାରିଗର ସୁମିତ ଦାସଙ୍କ ନିକଟକୁ ରଥ ନିର୍ମାଣ ପାଇଁ ଅର୍ଡର ଆସିଥିଲା। ପ୍ରଥମ ଥର ରାଜ୍ୟ ବାହାରକୁ ଏତେ ଉଚ୍ଚର ରଥ ନିର୍ମାଣ କରି ପଠାଯିବା ସୁମିତ ଓ ତାଙ୍କ ସହଯୋଗୀଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲେ ମଧ୍ୟ ସମସ୍ତ କାରିଗରଙ୍କ ପ୍ରରିଶ୍ରମ ସଫଳ ହୋଇଥିବା ସୁମିତ କହିଛନ୍ତି।

## ବାଇକ୍ ଚୋରଙ୍କୁ ୯ ମାସ ଜେଲଦଣ୍ଡ

**ଭୁବନେଶ୍ୱର (ପିପିଏସ୍):** ଭରତପୁର ଥାନା ଅଞ୍ଚଳରେ ଘଟିଥିବା ଏକ ବାଇକ୍ ଚୋରି ଘଟଣାର ରାୟ ୪ ମାସରେ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ ର ବିଚାରପତ ଇତିଶ୍ରୀ ମହାପାତ୍ର ମାମଲାର ବିଚାର କରି ଆସାମୀ ଲିପୁନ ଦାସ ଓ ରାଜେନ୍ଦ୍ର ନାୟକ ଓରଫ ଲକିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।



ପୁଲିସ ସୂଚନାନୁଯାୟୀ, ତାରିଣୀ ମାର୍କେଟରେ ଦୋକାନ କରିଥିବା ମୁରଲୀଧର ସାହୁ ଗତ ମାର୍ଚ୍ଚ ମାସ ୧୭ ତାରିଖ ସନ୍ଧ୍ୟାରେ ଥିବା ତାଙ୍କ ଦୋକାନ ସାମ୍ନାରେ ପାର୍କିଂ କରିଥିଲେ। ଲିପୁନ ଓ ରାଜେନ୍ଦ୍ର ସୁଯୋଗ ଦେଖି ଗାଡ଼ିଟିକୁ ଚୋରି କରି ନେଇଥିଲେ। ରାତି ପ୍ରାୟ ୧୦ଟା ୧୫ ବେଳକୁ ଗାଡ଼ି ନପାଇବାରୁ ମୁରଲୀଧର ସେ ଭରତପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ କେସ୍ ନଂ-୨୦୮/୨୬, ଧାରା-୩୦୩(୨)/୩(୫) ବିଏନ୍‌ଏସ୍ ଅନୁଯାୟୀ ମାମଲା ରୁଜୁ କରିଥିଲା। ସବ୍ ଇନ୍ସପେକ୍ଟର ପାର୍ଥ ସାରଥି ସ୍ୱାଇଁ ଘଟଣାର ତଦନ୍ତ କରି ଲିପୁନ ଓ ରାଜେନ୍ଦ୍ରକୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସଂପୃକ୍ତ ୮ ଜଣ ସାକ୍ଷୀଙ୍କ ଜବାନବନ୍ଦି ଓ ପ୍ରାସଙ୍ଗିକ ୧୧ ଗୋଟି ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାରରେ ମାମଲାର ବିଚାର କରିଲିପୁନ ଓ ରାଜେନ୍ଦ୍ରକୁ ୯ ମାସ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ରାଜେନ୍ଦ୍ର ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ପୂର୍ବରୁ ବିଭିନ୍ନ ଥାନା ଅଧୀନରେ ଚୋରି, ଡକାୟତି ଓ ବେଆଇନ ନିଶା କାରବାର ସମ୍ବନ୍ଧୀୟ ୪ଟି ମାମଲାରେ ଜଡିତ ରହିଛି। ସରକାରଙ୍କ ପକ୍ଷରୁ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ଏହି ମାମଲାକୁ ପରିଚାଳନା କରିଥିଲେ।

## ନାବାଳକ ସହ ଅପ୍ରାକୃତିକ ଯୌନ ସମ୍ପର୍କ; ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର (ପିପିଏସ୍):** ନାବାଳକ ସହିତ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପାଣ୍ଡରା ଅଞ୍ଚଳର ଗଦାଧର ସୁବୁଦ୍ଧି (୫୦)। ପୁଲିସ ସୂଚନାନୁସାରେ, ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ଜଣେ ନାବାଳକ ପୁରୀରେ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ଗଦାଧର କିଛିମାସ ହେବ ନାବାଳକ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲା। ଘଟଣା ବିଷୟରେ କାହାରିକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଏମିତିକି ପୁରୀ ଯାଇ ସେଠାରେ ମଧ୍ୟ ସମ୍ପର୍କ ସ୍ଥାପନ କରିଥିଲା। ନିକଟରେ ନାବାଳକ ଜଣକ ଘରକୁ ଆସିଥିବା ବେଳେ ଗଦାଧର ପୁଣିଥରେ ତାଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲା। ଯନ୍ତ୍ରଣା ଅନୁଭବ କରିବାରୁ ନାବାଳକ ଜଣକ ଘଟଣା ବିଷୟରେ ଘରେ ଜଣାଇଥିଲେ। ପରେ ପରିବାର ଲୋକେ ମଞ୍ଚେଶ୍ୱର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଗଦାଧରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ରାସ୍ତା ସମ୍ପ୍ରସାରଣ ପୂର୍ବରୁ ଥଇଥାନ ବ୍ୟବସ୍ଥା ଦାବି

**ଭୁବନେଶ୍ୱର (ପିପିଏସ୍):** ଜୟଦେବ ବିହାର ଛକରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଉଚ୍ଛେଦ ହେବାକୁ ଥିବା ଉଠାଦୋକାନୀମାନେ ମଙ୍ଗଳବାର ବିଏମସିର ଡେପୁଟି କମିଶନର (ଭେଣ୍ଡିଂ ଜୋନ୍) ଅଜୟ ମହାନ୍ତିଙ୍କୁ ଭେଟି ଉଚ୍ଛେଦ ପୂର୍ବରୁ ଥଇଥାନ ବ୍ୟବସ୍ଥା କରିବାକୁ ଦାବି ଜଣାଇଛନ୍ତି। ରାଜ୍ୟ ସରକାର ସ୍ମାର୍ଟ ସିଟି ଯୋଜନା ଅନ୍ତର୍ଗତ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତାକୁ ସମ୍ପ୍ରସାରଣ ଓ ସୌନ୍ଦର୍ଯ୍ୟୀକରଣ କରିବାକୁ ଯୋଜନା କରିଛନ୍ତି। ଏଥିପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟବସାୟ କରୁଥିବା ପ୍ରାୟ ଏକ ହଜାରରୁ ଅଧିକ ଉଠାଦୋକାନୀ ଉଚ୍ଛେଦର ସମ୍ମୁଖୀନ ହେବେ। ବ୍ୟବସାୟୀମାନେ ଉଚ୍ଛେଦ ହେଲେ ସେମାନଙ୍କ ପରିବାର, ଅଟୋଚାଳକ ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କ ଜୀବିକା ପ୍ରଭାବିତ ହେବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ପ୍ରତିନିଧିମଣ୍ଡଳ ପକ୍ଷରୁ କୁହାଯାଇଛି ଯେ ସଂବିଧାନର ଧାରା



୧୯(୧)(ଛ) ଏବଂ ଉଠାଦୋକାନୀ ଆଇନ-୨୦୧୪ ଅନୁଯାୟୀ ସେମାନଙ୍କର ବ୍ୟବସାୟ କରିବାର ଅଧିକାର ରହିଛି। ତେଣୁ ଉଚ୍ଛେଦ ପୂର୍ବରୁ ବିକଳ୍ପ ସ୍ଥାନରେ ଥଇଥାନ ବ୍ୟବସ୍ଥା କରାଯିବାକୁ ସେମାନେ ଦାବି କରିଛନ୍ତି। ଆଲୋଚନା ପରେ ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି ଯେ ଆଇନ ଅନୁଯାୟୀ ସ୍ଥିତିର ସମୀକ୍ଷା କରାଯିବ ଏବଂ ଯେଉଁଠାରେ ସମ୍ଭବ ହେବ ଯୋଗ୍ୟ ଉଠାଦୋକାନୀଙ୍କୁ ବିକଳ୍ପ ସ୍ଥାନ ଯୋଗାଇ ଦିଆଯିବ। ପରେ ନିଖିଳ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂ ଜୋନ୍ ମହାସଂଘ ପକ୍ଷରୁ ବିଏମସି କମିଶନର ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅରୋଭାର ସଭାପତି ପ୍ରତାପ କୁମାର ସାହୁ, ନିରଞ୍ଜନ ପାଣ୍ଡେ, ରାଜେଶ ବିଶୋଇଙ୍କ ସମେତ ସଂଗଠନର ବିଭିନ୍ନ ପଦାଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ହେରୋଇନ୍ ଜବତ; ବାପା-ପୁଅଙ୍କ ସମେତ ୪ ଗିରଫ

**ଭୁବନେଶ୍ୱର (ପିପିଏସ୍):** ବିଜୟ କୁମାର ମହାନ୍ତିଙ୍କ ପରିବାର ଆର୍ଥିକ ସ୍ୱଚ୍ଛଳତା ନଥିଲା। ଏଣୁ ସେ ପ୍ରଥମେ ବସ୍ତିରେ ରହିଲେ। ପରେ ସରକାରୀ ଯୋଜାନାରେ ଆବାସ ଘର ହାତେଇ ନେଲେ। ହେଲେ ସବୁ ସୁବିଧା ହେଲା ପରେ ଆରମ୍ଭ ହେଲା କାରସାଦି। ଏହି ଘରେ ରହି ପରିବାର ଲୋକେ ଧଳା ଜହର ବ୍ୟବସାୟରେ ନିଜକୁ ନିୟୋଜିତ କଲେ। ଏବେ ପାଖରେ ଦାମୀ ଗାଡି ଆଉ ବହୁ ପରିମାଣରେ ସମ୍ପତ୍ତି। ନିଜକୁ ପେଟି କଣ୍ଟ୍ରାକ୍ଟର ବୋଲି ପରିଚୟ ଦେଉଥିବା ବିଜୟଙ୍କ ପ୍ରକୃତ ବ୍ୟବସାୟ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ବ୍ରାଉନସୁଗର କାରବାର ଅଭିଯୋଗରେ ମଇଁଷିଖାଲ ବସ୍ତିର ବାପା ବିଜୟ ମହାନ୍ତି ଓ ପୁଅ ଓମ ମହାନ୍ତିଙ୍କୁ ମଙ୍ଗଳବାର ଅବକାରୀ ବିଭାଗ ଗିରଫ କରିଛି। ବାପ ପୁଅଙ୍କ ସମେତ ଅନ୍ୟ ଦୁଇ ସହଯୋଗୀ ସୁଧିର ନାଏକ ଓ କିଶୋର ଲେଙ୍କାଙ୍କୁ ମଧ୍ୟ ଗିରଫ କରାଯାଇଛି। ଏମାନଙ୍କ ପାଖରୁ ମୋଟ ୨୫୭ ଗ୍ରାମର ବ୍ରାଉନ୍‌ସୁଗର ଜବତ ହୋଇଛି। ଅପରାଧରେ ବ୍ୟବହୃତ ଏକ ଦାମୀ କାର ମଧ୍ୟ ଜବତ କରାଯାଇଛି।

ମୁଖ୍ୟ ଅଭିଯୁକ୍ତ ବିଜୟ ମହାନ୍ତି ଜଣେ ଅଭ୍ୟାସଗତ ଅପରାଧୀ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବରୁ ବ୍ରାଉନସୁଗାର ମାମଲାରେ ବିଜୟକୁ ଅନେକ ଥର ଗିରଫ କରାଯାଇଛି। ବିଜୟର ପତ୍ନୀଙ୍କ ନାମରେ ରାଜୀବ ଗାନ୍ଧୀ ଆବାସ ଯୋଜନା ଅଧୀନରେ ଏହି ୨ବିଏଚ୍‌କେ ଘର ପ୍ରଦାନ କରାଯାଇଥିଲା। ବିଜୟ ଶ୍ରମିକ ଯୋଗାଉଥିବା ଜଣେ ଠିକାଦାର ବୋଲି ନିଜକୁ ପରିଚୟ ଦେଉଥିଲା ବେଳେ ତାଙ୍କ ପ୍ରକୃତ ବ୍ୟବସାୟ ବ୍ରାଉନ୍‌ସୁଗର କାରବାର ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ନିଜ ଘରଠାରୁ ପ୍ରାୟ ୩କିଲୋମିଟର ଦୂରରେ ବ୍ରାଉନସୁଗାର ରଖି ତାହାର ବେଆଇନ ବିକ୍ରି କରୁଥିଲେ। ମଇଁଷିଖାଲ ନିକଟସ୍ଥ ସରକାରୀ ଆପାର୍ଟମେଣ୍ଟକୁ ଡ୍ରଗ୍ସ କାରବାରର ଆଡ୍ଡା ଭାବେ ବ୍ୟବହାର କରୁଥିବା ସନ୍ଦେହ କରାଯାଉଛି। ଅବକାରୀ ବିଭାଗ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି।

## ବାଲିଅନ୍ତା ଭିଡ଼ ହତ୍ୟା; ୨୦ଙ୍କୁ କ୍ରାଇମ୍‌ବ୍ରାଞ୍ଚର ଜେରା

**ଭୁବନେଶ୍ୱର (ପିପିଏସ୍):** କ୍ରାଇମ୍‌ବ୍ରାଞ୍ଚ୍ ଡିଏସ୍‌ପି ତଥା ତଦନ୍ତ ଅଧିକାରୀ ରତ୍ନପ୍ରଭା ଶତପଥୀ ତାଙ୍କ ଟିମ୍ ସହ ଆଜି ଝାରପଡ଼ା ଜେଲ୍‌ରେ ୨୦ ଅଭିଯୁକ୍ତଙ୍କୁ ମାରାଥନ୍ ଜେରା କରିଛନ୍ତି। ପ୍ରାୟ ୪ଘଣ୍ଟାରୁ ଅଧିକ ସମୟ ଜେରାରେ ଅଭିଯୁକ୍ତଙ୍କ ନିକଟରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛି କ୍ରାଇମ୍‌ବ୍ରାଞ୍ଚ୍। ସେମାନଙ୍କ ବୟାନ ଓ ସଂଗୃହୀତ ତଥ୍ୟ ଆଧାରରେ କ୍ରାଇମ୍‌ବ୍ରାଞ୍ଚ୍ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିବ ବୋଲି ଜଣାପଡ଼ିଛି। କ୍ରାଇମ୍‌ବ୍ରାଞ୍ଚ୍ ଟିମ୍ ଦିନ ପ୍ରାୟ ୧୦ଟାରେ ଭୁବନେଶ୍ୱର ଝାରପଡ଼ା ସ୍ୱତନ୍ତ୍ର କାରଗାରରେ ପହଞ୍ଚିଥିଲା। ଘଟଣା ଦିନ ଦୁଇ ଯୁବତୀଙ୍କ ପ୍ରତି ଅସଦାଚରଣ ମାମଲାରେ ଜେରା କରିବା ପାଇଁ କୋର୍ଟରେ କ୍ରାଇମ୍‌ବ୍ରାଞ୍ଚ୍ ଆବେଦନ କରିଥିଲା। ପରେ କୋର୍ଟଙ୍କ ଅନୁମତି କ୍ରମେ ଆଜି କ୍ରାଇମ୍‌ବ୍ରାଞ୍ଚ୍ ସେମାନଙ୍କୁ ଜେଲ୍‌ରେ ପଚରାଉଚରା କରିବା ସହିତ ବୟାନ ରେକର୍ଡ କରି ଇ-ସାକ୍ଷ୍ୟ ସଂଗ୍ରହ କରିଥିଲା। ଏହାପରେ ସୌମ୍ୟ ହତ୍ୟା ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଜଣ ଜଣ କରି ଜେରା କରାଯାଇଥିବା ତଦନ୍ତ ଅଧିକାରୀ ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡରେ ସଂପୃକ୍ତ ଅଭିଯୁକ୍ତମାନେ ସେହି ସମୟରେ ଖବର ପାଇ ଯାଇ ବାଲିଅନ୍ତାରେ ରୁଣ୍ଡ ହୋଇଥିଲେ ନା ସୌମ୍ୟ ଓ ତାଙ୍କ ସାଙ୍ଗ ଓମ୍ ଯୁବତୀଙ୍କୁ ଅସଦାଚରଣ ଓ ମାରପିଟ୍ କରିବା ବେଳେ ସେମାନେ ସେଠାରେ ଉପସ୍ଥିତ ଥିଲେ ସେ ନେଇ ତନାଘନା କରିଥିଲା କ୍ରାଇମ୍‌ବ୍ରାଞ୍ଚ ଟିମ୍।

## ସହିଦ ନଗର ଲାକମୀ ଏକାଡେମୀରେ ମିସ୍ ୟୁନିଭର୍ସ ଓଡ଼ିଶା ୨୦୨୬ ପୁନମ୍ ମହାରଣା

**ଭୁବନେଶ୍ୱର(ପିପିଏସ୍):** ମିସ୍ ୟୁନିଭର୍ସ ଓଡ଼ିଶା ୨୦୨୬ର ବିଜେତା ପୁନମ୍ ମହାରାଣା, ଭୁବନେଶ୍ୱରର ସହୀଦନଗରସ୍ଥିତ ଲାକମୀ ଏକାଡେମୀ କେନ୍ଦ୍ରରେ ଏକ ସ୍ୱତନ୍ତ୍ର ସାକ୍ଷାତ ଏବଂ ଅଭିବାଦନ ଅଧିବେଶନରେ ୩ ଶହରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିଥିଲେ। ଏହି ଅବସରରେ ସଂସ୍ଥାର ପରିଚାଳନା ମୁଖ୍ୟ ରେଣୁପ୍ରଭା ପ୍ରଧାନ ଓ ଫ୍ରାଞ୍ଚାଇଜ ମୁଖ୍ୟ ପ୍ରଦୀପ୍ତ ପ୍ରଧାନ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆତ୍ମବିଶ୍ୱାସ, ସଶକ୍ତିକରଣ ଏବଂ କ୍ୟାରିଅର ଆକାଂକ୍ଷା ପାଳନ କରାଯାଇଥିଲା ଯାହା ଛାତ୍ରଛାତ୍ରୀମାନଙ୍କୁ ସୌନ୍ଦର୍ଯ୍ୟ ଏବଂ ଫ୍ୟାଶନ୍ ଶିଳ୍ପରେ ନିଜର ଛାପ ସୃଷ୍ଟି କରିଥିବା ଜଣେ ଗତିଶୀଳ କୃତିତ୍ୱପ୍ରାପ୍ତ ବ୍ୟକ୍ତିଙ୍କ ସହ ସଂଯୋଗ ସ୍ଥାପନ କରିବାର ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରିଥିଲା। ସାଧାରଣ ଆରମ୍ଭରୁ ରାଜ୍ୟସ୍ତରୀୟ ମାନ୍ୟତା ପର୍ଯ୍ୟନ୍ତ ତାଙ୍କର ଯାତ୍ରା ବାଣ୍ଟି, ପୁନମ୍ ସଫଳତା ହାସଲ କରିବାରେ ଆତ୍ମବିଶ୍ୱାସ, ଶୃଙ୍ଖଳା ଏବଂ ଜୀବନବ୍ୟାପୀ ଶିକ୍ଷାର ଶକ୍ତି ବିଷୟରେ କହିଥିଲେ। ସେ ବ୍ୟକ୍ତିଗତ ବ୍ରାଣ୍ଡିଂ, ଆତ୍ମବିଶ୍ୱାସ ଏବଂ ବୃତ୍ତିଗତ ନୀତିଶାସ୍ତ୍ର ଉପରେ ବ୍ୟବହାରିକ ମାର୍ଗଦର୍ଶନ ମଧ୍ୟ ବାଣ୍ଟିଥିଲେ। ଏହି ଅଧିବେଶନ ଦକ୍ଷତା, ଆତ୍ମବିଶ୍ୱାସ ଏବଂ ଉଦ୍ଦେଶ୍ୟ ସହିତ ନେତୃତ୍ୱ ନେଉଥିବା ଭବିଷ୍ୟତ ପାଇଁ ପ୍ରସ୍ତୁତ ସୌନ୍ଦର୍ଯ୍ୟ ବୃତ୍ତିଗତମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଲାକ୍‌ମେ ଏକାଡେମୀ ପାୱାରଡ୍ ବାଏ ଆପଟେକର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା।



## ମୁଖ୍ୟମନ୍ତ୍ରୀଙ୍କ ବିକୃତ ଫଟୋ ଭାଇରାଲ; ଜଣେ ଗିରଫ

**ଭୁବନେଶ୍ୱର(ପିପିଏସ୍):** ମୁଖ୍ୟମନ୍ତ୍ରୀ ବିକୃତ ଫଟୋ ଓ ଭିଡିଓ ଭାଇରାଲ କରିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଅନୁଗୋଳ ଜିଲା ବାଗେଡିଆ ଥାନା ପଟାକୁମୁଣ୍ଡ ଗାଁର ଅଞ୍ଚଳର ମନୋରଞ୍ଜନ ପ୍ରଧାନ (୧୯)। ପୁଲିସ ସୂଚନା ଅନୁଯାୟୀ, ମନୋରଞ୍ଜନ ଇନଷ୍ଟାଗ୍ରାମ୍‌ରେ 'ଫନି ବୟ ମନୋରଞ୍ଜନ' ଓ ଫେସବୁକରେ ମନୋରଞ୍ଜନ ପ୍ରଧାନ ନାମରେ ଦୁଇଟି ପ୍ରୋଫାଇଲ୍ ଖୋଲିଥିଲା। ଏଆଇ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ବିକୃତ ଫଟୋ ଓ ଭିଡିଓ ତିଆରି କରି ପୋଷ୍ଟ କରୁଥିଲା। ଏହାସହିତ ଅଶ୍ଳୀଳ କମେଣ୍ଟ ଓ ଆପତ୍ତିଜନକ ମନ୍ତବ୍ୟ ଦେଇ ଅନେକ ରିଲ୍ସ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରିବା ସହମିଛ ଅପପ୍ରଚାର କରୁଥିଲା। ଯେ କୌଣସି ଘଟଣାକୁ ବର୍ଣ୍ଣନା କରିବା ପାଇଁ ଅପମାନଜନକ ମନ୍ତବ୍ୟ ବ୍ୟବହାର କରିଥିଲେ। ସାମାଜିକ ଗଣମାଧ୍ୟମରେ ନକାରାତ୍ମକ ବାର୍ତ୍ତା ସେୟାର କରୁଥିଲା।ଏନେଇ ସାଇବର ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଅନୁଗୋଳରେ ଚଢ଼ଉ କରି ମନୋରଞ୍ଜନକୁ ଗିରଫ କରିବା ସହ ତା' ଠାରୁ ମୋବାଇଲ ଫୋନ୍ ଓ ଡିଜିଟାଲ ପ୍ରମାଣ ଜବତ କରିଛି।



## ଥମୁନି ମା' ହସ୍ତୀବାହିନୀଙ୍କ ବିଜେସ୍ଥଳୀ ପରିବର୍ତ୍ତନ ବିବାଦ

**ଭୁବନେଶ୍ୱର (ପିପିଏସ୍):** କଟକ ଗଡିରାଉତ ପାଟଣାର ଅଧିଷ୍ଠାତ୍ରୀ ଦେବୀ ମା' ହସ୍ତୀବାହିନୀଙ୍କ ବିଜେସ୍ଥଳୀ ପରିବର୍ତ୍ତନ ନେଇ ବିବାଦ ତେଜିବାରେ ଲାଗିଛି। ଗ୍ରାମସଭାରେ ଲୋକେ ଦେବୋତ୍ତର ବିଭାଗର ହସ୍ତକ୍ଷେପକୁ ବିରୋଧ କରିବା ସହ ଅନ୍ୟତ୍ର ନୂଆ ମନ୍ଦିର କରି ଠାକୁରାଣୀଙ୍କୁ ସ୍ଥାପନ କରିବାକୁ ବିରୋଧ କରିଛନ୍ତି। ଏହି ଅଣପାରମ୍ପରିକ ନିଷ୍ପତ୍ତି ପରିବର୍ତ୍ତନ ପାଇଁ ଗ୍ରାମବାସୀ ଦେବୋତ୍ତର ଭବନରେ ଦରଖାସ୍ତ ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, କଟକ ତହସିଲ, ମୌଜା-ଗଡ଼େଇ ଗଡିରାଉତ ପାଟଣା, ଖାତା ନମ୍ବର-୫୦୯, ପ୍ଲଟ ନଂ-୧୫୫୯ରେ ହସ୍ତୀବାହିନୀ ଠାକୁରାଣୀଙ୍କ ବିଜେସ୍ଥଳୀ। ତହସିଲ ରେକର୍ଡରେ ଏହାର କିସମ ଦେବସ୍ଥଳୀ ଭାବେ ଉଲ୍ଲେଖ ରହିଥିବା



ବେଳେ ଏହାର ମାର୍ଫତରେ ଖୋଦ ଦେବୋତ୍ତର କମିଶନର ଅଛନ୍ତି ଏବଂ ପରିଚାଳନା ପାଇଁ ଟ୍ରଷ୍ଟ ବୋର୍ଡ ମଧ୍ୟ ଗଠନ କରାଯାଇଛି। ତେବେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟକାଳ ଚଳିତ ବର୍ଷ ଜୁନ୍ ମାସ ୧୭ ତାରିଖରେ ଶେଷ ହୋଇଥିବା ବେଳେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟକାଳ ସରିବାର କିଛି ଦିନ ପୂର୍ବରୁ ସଦସ୍ୟମାନେ ମନ୍ଦିର ଅନ୍ୟତ୍ର ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଯାହାକି ଦେବୋତ୍ତର ଆଇନସିଦ୍ଧ ନୁହେଁ। ତଥାପି ଏହି ନିଷ୍ପତ୍ତିକୁ ଦେବୋତ୍ତର କର୍ତ୍ତୃପକ୍ଷ ମଞ୍ଜୁର କରିଦେଇଥିବାରୁ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଠାକୁରାଣୀଙ୍କ ନୂଆ ମନ୍ଦିର ଠାକୁରାଣୀଙ୍କ ବିଜେସ୍ଥଳୀରେ ନହୋଇ ଅନ୍ୟତ୍ର ଏକ ଘରବାରୀ କିସମ ଜମିରେ କରିବା କାହାର ସ୍ୱାର୍ଥ ବୋଲି ଗ୍ରାମସଭାରେ ପ୍ରଶ୍ନ ଉଠିବା ସହ ବିଜେସ୍ଥଳୀ ପରିବର୍ତ୍ତନକୁ ହାଟାଇବାକୁ ଦାବୀ ହୋଇଛି। ଏନେଇ ଦେବୋତ୍ତର ସହକାରୀ ଆୟୁକ୍ତ ରୋହିତ ରଞ୍ଜନ ମିଶ୍ର କହିଛନ୍ତି, ଠାକୁରାଣୀଙ୍କ ପୀଠ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବେଳେ ବର୍ଷାରେ ପୀଠରେ ପାଣି ଗଳୁଛି। ପୀଠର ମରାମତି କରିବା ଅସମ୍ଭବ ହୋଇଥିବାରୁ ନିକଟସ୍ଥ ଜମିରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ଠାକୁରାଣୀଙ୍କୁ ପ୍ରତିଷ୍ଠା କରାଯିବ। ସେହିପରି ବରିଷ୍ଠ ଦେବୋତ୍ତର ଆଇନଜୀବୀ ରବି ରାଉତରାୟ କହିଛନ୍ତି, ହସ୍ତବାନିହୀଙ୍କ ବିଜେସ୍ଥଳୀ ସୁରକ୍ଷିତ ଥିବାରୁ ବିଜେସ୍ଥଳୀ ଅନ୍ୟତ୍ର ପରିବର୍ତ୍ତନ ନକରି କିଛିଦିନ ପାଇଁ ବିଧି ଅନୁଯାୟୀ ଠାକୁରାଣୀଙ୍କୁ ସ୍ଥାନାନ୍ତରିତ କରାଯାଇ ବିଜେସ୍ଥଳୀରେ ମନ୍ଦିର ନିର୍ମାଣ କରି ଠାକୁରାଣୀଙ୍କୁ ବିଜେ କରାଯାଇପାରିବ।






### ପହଲଗାଓଁ ଆତଙ୍କବାଦୀ ଆକ୍ରମଣ ଘଟଣା

## ଏନ୍ଆଇଏ ଚାର୍ଜସିଟ୍‌ରେ ହାଫିଜ ସଇଦର ନାମ



ଜାମ୍ମୁ : ଗତବର୍ଷ ହୋଇଥିବା ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍ଆଇଏ) ତରଫରୁ ସୋମବାର ଜାମ୍ମୁସ୍ଥିତ ସ୍ୱତନ୍ତ୍ର ଅଦାଲତରେ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରାଯାଇଛି। ଏହି ଚାର୍ଜସିଟ୍‌ରେ ଅଭିଯୁକ୍ତ ଭାବେ ଲସ୍କର-ଇ-ତୋଇବାର ମୁଖ୍ୟ ହାଫିଜ୍ ସଇଦର ନାମ ରହିଛି। ଭାରତୀୟ ନ୍ୟାୟ ସଂହିତା ସହ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନର ବିଭିନ୍ନ ଦଫା ହାଫିଜ୍ ସଇଦ ଉପରେ ଏନ୍ଆଇଏ ତରଫରୁ ଲଗାଯାଇଛି। ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ସହ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବା ହାଫିଜ୍ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍ଆଇଏ ତରଫରୁ ଚାର୍ଜସିଟ୍‌ରେ ଉଲ୍ଲେଖ କରାଯାଇଛି। ସୂଚନାଥାଉ କି ୨୦୨୫ ଡିସେମ୍ବର ୧୫ରେ ଏନ୍ଆଇଏ ତରଫରୁ ଏହି ମାମଲାରେ ପ୍ରଥମ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଏଥିରେ ପାକିସ୍ତାନୀ ଆତଙ୍କବାଦୀ ସାଜିଦ୍ ଜାଟ୍‌କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା। ପହଲଗାଓଁ ଆତଙ୍କବାଦୀ ଆକ୍ରମଣ ପଛରେ ଲସ୍କର-ଇ-ତୋଇବା ଏବଂ ଦି ରେଜିଷ୍ଟାନ୍ସ ଫ୍ରଣ୍ଟର ହାତ ଥିବା ଚାର୍ଜସିଟ୍‌ରେ ଦର୍ଶାଯାଇଥିଲା। ଜାମ୍ମୁ-କାଶ୍ମୀରର ପହଲ୍‌ଗାଓଁରେ ୨୦୨୫ ଏପ୍ରିଲ୍ ୨୨ରେ ଏହି ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ୨୫ଜଣ ପର୍ଯ୍ୟଟକ ଓ ଜଣେ ସ୍ଥାନୀୟ ବାସିନ୍ଦାଙ୍କ ଜୀବନ ଯାଇଥିଲା। ଏହାକୁ ନେଇ ପହଲଗାଓଁ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାର ତଦନ୍ତ ପ୍ରଥମେ ଜାମ୍ମୁ-କାଶ୍ମୀର ପୁଲିସ କରୁଥିଲା। ପରବର୍ତ୍ତୀ ସମୟରେ ମାମଲାର ତଦନ୍ତ ଭାର ଏନ୍ଆଇଏ ହାତକୁ ଯାଇଥିଲା।

### ଅହମଦାବାଦ ବିସ୍ଫୋରଣ ମାମଲା

## ୩୮ ଦୋଷୀଙ୍କୁ ଫାଶୀ, ୧୧ ଜଣଙ୍କୁ ଆଜୀବନ ଦଣ୍ଡାଦେଶ କାଏମ



ଅହମ୍ମଦାବାଦ : ଅହମ୍ମଦାବାଦ ସିରିଏଲ ବୋମା ବିସ୍ଫୋରଣ ମାମଲାରେ ମଙ୍ଗଳବାର ଏକ ବଡ ଖବର ସାମ୍ନାକୁ ଆସିଛି। ମଙ୍ଗଳବାର ଦିନ ଗୁଜୁରାଟ ହାଇକୋର୍ଟ ୨୦୦୮ ଅହମ୍ମଦାବାଦ ସିରିଏଲ ବୋମା ବିସ୍ଫୋରଣ ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ହାଇକୋର୍ଟ ସ୍ୱତନ୍ତ୍ର କୋର୍ଟର ଆଦେଶକୁ ବଜାୟ ରଖିଛନ୍ତି ଓ ୩୮ ଜଣ ଆତଙ୍କବାଦୀଙ୍କ ମୃତ୍ୟୁଦଣ୍ଡକୁ ବଜାୟ ରଖିଛନ୍ତି। ୧୧ ଜଣ ଆତଙ୍କବାଦୀଙ୍କ ଆଜୀବନ କାରାଦଣ୍ଡ ବଜାୟ ରହିବ। ମଙ୍ଗଳବାର ଦିନ ଗୁଜୁରାଟ ହାଇକୋର୍ଟ ୨୦୦୮ ଅହମ୍ମଦାବାଦ ସିରିଏଲ ବୋମା ବିସ୍ଫୋରଣ ମାମଲାରେ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ହାଇକୋର୍ଟ ସ୍ୱତନ୍ତ୍ର କୋର୍ଟର ଆଦେଶକୁ ବଜାୟ ରଖି ୩୮ ଜଣ ଆତଙ୍କବାଦୀଙ୍କ ମୃତ୍ୟୁଦଣ୍ଡକୁ ବଜାୟ ରଖିଛନ୍ତି। ହାଇକୋର୍ଟ ପୀଡିତଙ୍କ ପାଇଁ କ୍ଷତିପୂରଣ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ୫୬ ଜଣଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ୨୦୦ ରୁ ଅଧିକ ଆହତଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବ।

## ଚାଟ୍‌ଜିପିଟି ସହାୟତାରେ ସାଇବର ଆକ୍ରମଣ



ଟୋକିଓ: କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ର ଅପବ୍ୟବହାରକୁ ନେଇ ଜାପାନରୁ ଏକ ଚଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଜାପାନର ଜଣେ ୧୫ ବର୍ଷୀୟ ହାଇସ୍କୁଲ ଛାତ୍ର ପ୍ରସିଦ୍ଧ ଆନିମେ ଷ୍ଟ୍ରିମିଂ ପ୍ଲାଟଫର୍ମ ''ବାନ୍ଦାଇ ଚାନେଲ'' ଉପରେ ସାଇବର ଆକ୍ରମଣ କରିବା ପାଇଁ ଏଆଇ 'ଚାଟଜିପିଟି'ର ସହାୟତା ନେଇଥିବା ଅଭିଯୋଗରେ ଟୋକିଓ ପୋଲିସ ଦ୍ୱାରା ଗିରଫ ହୋଇଛି। ଏହି ସାଇବର ଆଟାକ୍ ଯୋଗୁଁ କମ୍ପାନୀର ବ୍ୟବସାୟିକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହେବା ସହ ପ୍ରାୟ ୪୬,୮୧୨ ଜଣ ଗ୍ରାହକଙ୍କ ସଦସ୍ୟତା (ସବସ୍କ୍ରିପସନ୍) ସେମାନଙ୍କ ଅଜାଣତରେ ବାତିଲ ବା ଡିଲିଟ୍ ହୋଇଯାଇଥିଲା।

ଟୋକିଓ ମେଟ୍ରୋପଲିଟନ ପୋଲିସ ଅନୁଯାୟୀ, ଗତ ନଭେମ୍ବର ୨୦୨୫ରେ ଏହି ନାବାଳକ ଛାତ୍ର ଜଣକ ଉକ୍ତ ଆନିମେ ପ୍ଲାଟଫର୍ମର ସୁରକ୍ଷା ବ୍ୟବସ୍ଥାରେ ଥିବା ଏକ ବୈଷୟିକ ତ୍ରୁଟି ଖୋଜି ପାଇଥିଲା ଏବଂ ପରେ ସେଠାରୁ ଆକାଉଣ୍ଟ ଡିଲିଟ୍ କରିବା ପ୍ରକ୍ରିୟାକୁ ସ୍ୱୟଂଚାଳିତ କରିବା ପାଇଁ ଏକ ମାଲିସିଅସ୍ ସଫ୍ଟୱେର୍ ପ୍ରସ୍ତୁତ କରିଥିଲା। ପୋଲିସ ଜେରା ସମୟରେ ଅଭିଯୁକ୍ତ ଛାତ୍ରଜଣକ ନିଜର ଦୋଷ ସ୍ୱୀକାର କରି କହିଛି, 'ମୁଁ ନିଜେ ସଦସ୍ୟତା ପ୍ରତ୍ୟାହାର ପ୍ରକ୍ରିୟାର ସୋର୍ସ କୋଡ୍ ପ୍ରସ୍ତୁତ କରିଥିଲି, କିନ୍ତୁ ଏଥିରେ ଅଧିକ ସମୟ ଲାଗୁଥିବାରୁ ମୁଁ ଚାଟଜିପିଟିକୁ ଏକ ଭିନ୍ନ ପ୍ରୋଗ୍ରାମିଂ ଭାଷାରେ ଏହାକୁ ଶୀଘ୍ର ଶେଷ କରିବା ପାଇଁ ସହାୟତା ମାଗିଥିଲି।' ଗତ ନଭେମ୍ବର ୪, ୨୦୨୫ରେ ସେ କମ୍ପାନୀର ସର୍ଭରକୁ ଭୁଲ୍ କମାଣ୍ଡ ପଠାଇ ହଜାର ହଜାର ଆକାଉଣ୍ଟ ବନ୍ଦ କରିଦେଇଥିଲା, ଯାହାକୁ ସ୍ୱାଭାବିକ କରିବା ପାଇଁ କମ୍ପାନୀକୁ ଡିସେମ୍ବର ମାସ ପର୍ଯ୍ୟନ୍ତ ସମୟ ଲାଗିଥିଲା। ପୋଲିସ ଆହୁରି ମଧ୍ୟ କହିଛି ଯେ କମ୍ପାନୀ ତାର ଆକ୍ସେସ୍ ବ୍ଲକ୍ କରିବା ପରେ ମଧ୍ୟ ସେ ନିଜର ଆଇପି ଆଡ୍ରେସ୍ ପ୍ରାୟ ୩୦ ଥର ବଦଳାଇ ଏହି ସାଇବର ଆଟାକ୍ ଜାରି ରଖିଥିଲା।

ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ବେଳେ ଚତୁର୍ଥ ଶ୍ରେଣୀରୁ ନିଜ ଚେଷ୍ଟାରେ ପ୍ରୋଗ୍ରାମିଂ ଶିଖିଥିବା ଏହି ନାବାଳକର କମ୍ପାନୀ ପ୍ରତି କୌଣସି ବ୍ୟକ୍ତିଗତ ଶତ୍ରୁତା ନଥିଲା, ବରଂ ସହଜରେ ଅଧିକ ଆକାଉଣ୍ଟ ଲଗ୍-ଇନ୍ ହୋଇପାରୁଥିବାରୁ ସେ ଏହାକୁ ନିଜର ଟାର୍ଗେଟ୍ ବନାଇଥିଲା। ବର୍ତ୍ତମାନ ପୋଲିସ ଛାତ୍ରଙ୍କ ନାମ ଗୋପନ ରଖିବା ସହ ତାଙ୍କୁ ଗିରଫ କରି ନିଜ ହେପାଜତରେ ରଖିଛି। ସେପଟେ ବାନ୍ଦାଇ ନାମକୋ ଫିଲ୍ମୱାର୍କସ ପକ୍ଷରୁ ପ୍ରଭାବିତ ଗ୍ରାହକମାନଙ୍କୁ ଫିସିଂ ଇମେଲ୍ ପ୍ରତି ସତର୍କ ରହିବାକୁ କୁହାଯିବା ସହ ସେମାନଙ୍କର ସବସ୍କ୍ରିପସନ ଫି' ଫେରସ୍ତ କରାଯାଉଛି।

# ଭାରତରେ ସୃଷ୍ଟି ହୋଇପାରେ ବିଦ୍ୟୁତ୍ ସଙ୍କଟ



ନୂଆଦିଲ୍ଲୀ:ଚଳିତ ବର୍ଷ ସୃଷ୍ଟି ହୋଇଥିବା ଏଲ୍ ନିନୋର ନକାରାତ୍ମକ ପ୍ରଭାବ ଭାରତୀୟ କୃଷି କ୍ଷେତ୍ର ସହ ଶକ୍ତି ବ୍ୟବସ୍ଥା ଉପରେ ପଡ଼ିବାକୁ ଯାଉଛି। ଅନ୍ତର୍ଜାତୀୟ ଗବେଷଣା ସଂସ୍ଥା 'ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ୍ କ୍ଲିନ୍ ଏୟାର' (ସିଆର୍‌ଇଏ)ର ରିପୋର୍ଟରୁ ଏହି ଚେତାବନୀ ମିଳିଛି। ରିପୋର୍ଟ ଅନୁଯାୟୀ, ଏଲ୍ ନିନୋ ପ୍ରଭାବରେ ବିଶ୍ୱର ଅନ୍ୟ କୌଣସି ଦେଶ ତୁଳନାରେ ଭାରତ ସବୁଠାରୁ ବଡ଼ ସଙ୍କଟର ସାମ୍ନା କରିବ। ଏଲ୍ ନିନୋ ଯୋଗୁଁ ଦେଶରେ ପବନର ବେଗ କମିବା ସହ ବର୍ଷାର ପରିମାଣ ହ୍ରାସ ପାଇବ। ଫଳରେ ପବନଚାଳିତ ଟର୍ବାଇନ ଏବଂ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକରୁ ବିଦ୍ୟୁତ୍ ଉତ୍ପାଦନ ଅନେକାଂଶରେ କମିଯିବ। ଅନ୍ୟପଟେ ପ୍ରବଳ ଗରମ ଯୋଗୁଁ ଏୟାର କଣ୍ଡିସନର ବ୍ୟବହାର ବଢ଼ିବ ଏବଂ ବିଦ୍ୟୁତ୍ ଚାହିଦା ବହୁ ଅଧିକ ହେବ।

କେବଳ ଘର ଓ କାର୍ଯ୍ୟାଳୟକୁ ଥଣ୍ଡା ରଖିବା ପାଇଁ ବାର୍ଷିକ ଅତିରିକ୍ତ ୧୦ ଟେରାୱାଟ ଆୱାର (ଟିଡବ୍ଲ୍ୟୁଏଚ୍) ବିଦ୍ୟୁତ୍‌ର ଆବଶ୍ୟକତା ପଡ଼ିବ, ଯାହା ସମ୍ପୂର୍ଣ୍ଣ ଦିଲ୍ଲୀ ସହରର ବାର୍ଷିକ ବିଦ୍ୟୁତ୍ ବ୍ୟବହାରର ପ୍ରାୟ ଏକ ଚତୁର୍ଥାଂଶ ସହ ସମାନ।ସଂସ୍ଥାର ଆକଳନ ଅନୁଯାୟୀ, ଚଳିତ ଜୁଲାଇ ୨୦୨୬ରୁ ଜୁନ୍ ୨୦୨୭ ମଧ୍ୟରେ ଏଲ୍ ନିନୋର ଅଧିକ ପ୍ରଭାବ ଦେଖିବାକୁ ମିଳିବ। ଅକ୍ଷୟ ଶକ୍ତିର ଉତ୍ପାଦନ ହ୍ରାସ ଏବଂ ବିଦ୍ୟୁତ୍ ଚାହିଦା ବୃଦ୍ଧି ପାଇବା ଯୋଗୁଁ ଭାରତରେ ପ୍ରାୟ ୧୮ ଟେରାୱାଟ ଆୱାରର ଏକ ବଡ଼ ବିଦ୍ୟୁତ୍ ନିଅଣ୍ଟ ସ୍ଥିତି ସୃଷ୍ଟି ହୋଇପାରେ। ଏହି ସଙ୍କଟକୁ ମେଣ୍ଟାଇବା ପାଇଁ ଭାରତକୁ ପୁଣି ଥରେ କୋଇଲା ଭିତ୍ତିକ ବିଦ୍ୟୁତ୍ ପ୍ରକଳ୍ପ ଉପରେ ନିର୍ଭର କରିବାକୁ ପଡ଼ିବ, ଯଦ୍ୱାରା ପରିବେଶକୁ ପ୍ରାୟ ୧୭ ନିୟୁତ ଟନ୍ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗତ ହେବା ଆଶଙ୍କା ରହିଛି। ଯଦି ସ୍ଥିତି ଅଧିକ ଗମ୍ଭୀର ହୁଏ, ତେବେ କୋଇଲା ଜନିତ ଅତିରିକ୍ତ ବିଦ୍ୟୁତ୍ ଉତ୍ପାଦନ ୨୪ ଟେରାୱାଟ ଆୱାରରେ ପହଞ୍ଚିପାରେ।

ରିପୋର୍ଟର ତଥ୍ୟ ଅନୁଯାୟୀ ଭାରତ ନିକଟରେ ସର୍ବକାଳୀନ ଗରମ ଗ୍ରୀଷ୍ମଋତୁ ସାମ୍ନା କରିଛି, ଯାହା ଦେଶର ମୋଟ ବିଦ୍ୟୁତ୍ ଚାହିଦାକୁ ଗତ ମେ ମାସରେ ୨୭୦ ଗିଗାୱାଟର ସର୍ବକାଳୀନ ରେକର୍ଡ ସ୍ତରକୁ ନେଇଯାଇଥିଲା। ଏହି ଚାହିଦାକୁ ପୂରଣ କରିବା ପାଇଁ ଦେଶର ବିଦ୍ୟୁତ୍ ଗ୍ରୀଡ୍ ଉପରେ ପ୍ରବଳ ଚାପ ପଡୁଛି। ଏହା ସହିତ ଦେଶରେ ଜଳ ସଙ୍କଟ ଗମ୍ଭୀର ହେବା ସହ କୃଷିକ୍ଷେତ୍ର ଉପରେ ମଧ୍ୟ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବା ଆରମ୍ଭ ହୋଇଛି। ପ୍ରତି ୨ରୁ ୭ ବର୍ଷ ମଧ୍ୟରେ ଆସୁଥିବା ଏହି ସୁପର ଏଲ୍ ନିନୋ ଚାଲେଞ୍ଜକୁ ପ୍ରତିହତ କରିବାକୁ ହେଲେ ଭାରତକୁ ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନର ଲକ୍ଷ୍ୟ ହାସଲ କରିବା ସହ ବ୍ୟାଟେରି ଷ୍ଟୋରେଜ୍ ଏବଂ ଗ୍ରୀଡ୍‌ର ଆଧୁନିକୀକରଣ କାର୍ଯ୍ୟକୁ ତୀବ୍ରଗତିରେ କରିବାକୁ ହେବ।ଏହି ଜଟିଳ ସ୍ଥିତିରୁ ରକ୍ଷା ପାଇବା ପାଇଁ ସୌରଶକ୍ତି ସବୁଠାରୁ ବଡ଼ ବିକଳ୍ପ ଭାବେ ଉଭା ହୋଇଛି। ବର୍ତ୍ତମାନ ଦେଶର ଦିନ ସମୟର ମୋଟ ବିଦ୍ୟୁତ୍ ଚାହିଦାର ପ୍ରାୟ ୨୪ ପ୍ରତିଶତ କେବଳ ସୌରଶକ୍ତି ମାଧ୍ୟମରେ ପୂରଣ କରାଯାଉଛି। ଭାରତରେ ଯେତେ ଅଧିକ ସୋଲାର ପ୍ୟାନେଲ ଏବଂ ବ୍ୟାଟେରି ବ୍ୟବସ୍ଥା ସ୍ଥାପନ ହେବ, ଭବିଷ୍ୟତରେ ଏଭଳି ଚରମ ପାଣିପାଗ ସଙ୍କଟରୁ ଦେଶ ସେତେ ଅଧିକ ସୁରକ୍ଷିତ ରହିପାରିବ ବୋଲି ରିପୋର୍ଟରେ ଦର୍ଶାଯାଇଛି।

### ମଧ୍ୟପ୍ରାଚ୍ୟରେ ପୁଣି ବଢ଼ିଲା ଉତ୍ତେଜନା

## ଇରାନର ୮୦ରୁ ଅଧିକ ସ୍ଥାନରେ ଆମେରିକାର ଏୟାରଷ୍ଟ୍ରାଇକ୍



ୱାଶିଂଟନ/ତେହେରାନ: ମଧ୍ୟପ୍ରାଚ୍ୟରେ ପୁଣିଥରେ ଉତ୍ତେଜନା ବଢ଼ିଛି। ହୋର୍ମୁଜ ପ୍ରଣାଳୀରେ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଆମେରିକା ଇରାନର ୮୦ରୁ ଅଧିକ ଲକ୍ଷ୍ୟସ୍ଥଳ ଉପରେ ବଡ଼ଧରଣର ଏୟାରଷ୍ଟ୍ରାଇକ୍ କରିଥିବା ଦାବି କରିଛି। ଏହି ଆକ୍ରମଣରେ ଇରାନର ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରାଯାଇଥିବା ବେଳେ, ମାତ୍ର ୮ ସେକେଣ୍ଡ ମଧ୍ୟରେ କ୍ରମାଗତ ବିସ୍ଫୋରଣ ଘଟିଥିବା ଏକ ଭିଡିଓ ସାମ୍ନାକୁ ଆସିଛି।ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ ଏକ ଭିଡିଓ ସେୟାର କରିଛନ୍ତି। ଭିଡିଓରେ ପ୍ରାୟ ୮ ସେକେଣ୍ଡ ମଧ୍ୟରେ କ୍ରମାଗତ ୫ଟି ଶକ୍ତିଶାଳୀ ବିସ୍ଫୋରଣ ଦେଖିବାକୁ ମିଳୁଛି। ତେବେ ଭିଡିଓଟି ଇରାନର କେଉଁ ସ୍ଥାନର ବା ସେହି ଆକ୍ରମଣ ସହ ସମ୍ପୃକ୍ତ କି ନୁହେଁ, ସେନେଇ ଟ୍ରମ୍ପ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ଆମେରିକୀୟ କେନ୍ଦ୍ରୀୟ କମାଣ୍ଡର ଦାବି ଅନୁସାରେ, ହୋର୍ମୁଜ ପ୍ରଣାଳୀରେ ୩ଟି ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣର ଜବାବରେ ଏହି ସାମରିକ କାର୍ଯ୍ୟାନୁଷ୍ଠାନ କରାଯାଇଛି। ଆକ୍ରମଣରେ ଇରାନର ଏୟାର ଡିଫେନ୍ସ ସିଷ୍ଟମ, କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର, ଉପକୂଳ ରାଡାର, ଜାହାଜ ବିରୋଧୀ ମିସାଇଲ ବ୍ୟବସ୍ଥା ଏବଂ ଇସଲାମିକ୍ ରିଭୋଲ୍ୟୁସନରୀ ଗାର୍ଡ କର୍ପସର ୬୦ରୁ ଅଧିକ ସ୍ପିଡ୍‌ବୋଟ୍‌କୁ ଲକ୍ଷ୍ୟ କରାଯାଇଥିବା କୁହାଯାଇଛି। ଆମେରିକାର କହିବା ଅନୁଯାୟୀ, ଏହାର ଉଦ୍ଦେଶ୍ୟ ଇରାନର ସାମୁଦ୍ରିକ ଆକ୍ରମଣ କ୍ଷମତାକୁ ଦୁର୍ବଳ କରିବା।

## କେରଳରେ ଭୂସ୍ଖଳନ; ୨ ମୃତ



ଥିରୁବନନ୍ତପୁରମ୍ : କେରଳର ୱାୟାନାଡ ଜିଲ୍ଲାରେ ମଙ୍ଗଳବାର ଏକ ବଡ଼ ଭୂସ୍ଖଳନ ଘଟି ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ଭଗ୍ନାବଶେଷ ତଳେ ଅନେକ ଫସି ରହିଥିବା ଆଶଙ୍କା କରାଯାଉଛି। ଏହି ଘଟଣା ମୀନାକ୍ଷୀ ସେତୁ ନିକଟରେ ଘଟିଛି, ଯେଉଁଠାରେ ଆନାକମ୍ପୋଇଲ-ମେପାଡି ଟନେଲ୍ ରୋଡ୍ ପାଇଁ ନିର୍ମାଣ କାର୍ଯ୍ୟ ଚାଲିଛି। ଭୂସ୍ଖଳନ ଖବର ପାଇବା ମାତ୍ରେ କାଲପେଟାରୁ ଅଗ୍ନିଶମ ଏବଂ ଉଦ୍ଧାର ସେବା ଦଳ ଘଟଣାସ୍ଥଳକୁ ପହଞ୍ଚିଥିଲେ। ଉଦ୍ଧାରକାରୀ ଦଳ ଏକ ସନ୍ଧାନ ଅଭିଯାନ ଆରମ୍ଭ କରିଛନ୍ତି, ଅଧିକାରୀମାନେ ଏପର୍ଯ୍ୟନ୍ତ କେତେ ଲୋକ ଫସି ରହିଛନ୍ତି ତାହା ନିର୍ଣ୍ଣୟ କରିବାକୁ ଚେଷ୍ଟା କରୁଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ପ୍ରବଳ ବର୍ଷା ଯୋଗୁଁ ସୋମବାର ସୁଡ଼ଙ୍ଗ ସ୍ଥାନରେ କାମ ବନ୍ଦ ରଖାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଏହି ଅଞ୍ଚଳରେ ପ୍ରାୟ ୨୬୫ ମିମି ବର୍ଷା ହୋଇଛି ଏବଂ ଅଧିକାରୀମାନେ ବିଶ୍ୱାସ କରୁଛନ୍ତି ଯେ ଏହି ପ୍ରବଳ ବର୍ଷା ଭୂସ୍ଖଳନର କାରଣ ହୋଇପାରେ।

ଜରୁରୀକାଳୀନ ଦଳ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରୁ ତିନି ଜଣଙ୍କୁ ଉଦ୍ଧାର କରିଥିଲେ। ଅଧିକାରୀମାନେ କହିଛନ୍ତି ଯେ ଉଦ୍ଧାର କରାଯାଇଥିବା ଲୋକମାନେ ସୁଡ଼ଙ୍ଗ ରାସ୍ତା ପ୍ରକଳ୍ପରେ କାମ କରୁଥିବା ଶ୍ରମିକଙ୍କ ବାସସ୍ଥାନରେ ରହୁଥିଲେ। ଅଧିକାରୀମାନେ ଏପର୍ଯ୍ୟନ୍ତ ତଦନ୍ତ କରୁଛନ୍ତି ଯେ କୌଣସି ଶ୍ରମିକ କିମ୍ବା ନିକଟବର୍ତ୍ତୀ ବାସିନ୍ଦା ଭଗ୍ନାବଶେଷ ତଳେ ଫସି ରହିଛନ୍ତି କି ନାହିଁ। ଭୂସ୍ଖଳନ ନିକଟସ୍ଥ ଆବାସିକ ଘର ଏବଂ ହୋମଷ୍ଟେଗୁଡ଼ିକୁ ମଧ୍ୟ ପ୍ରଭାବିତ କରିଛି, ଯାହା ବାସିନ୍ଦାଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି।

## ଟ୍ରମ୍ପଙ୍କୁ କଡ଼ା ଜବାବ ଦେଲେ ଡେନମାର୍କ ପ୍ରଧାନମନ୍ତ୍ରୀ


ଗ୍ରିନଲାଣ୍ଡ: ନାଟୋ ସମ୍ମିଳନୀରେ ଟ୍ରମ୍ପଙ୍କୁ କଡ଼ା ଜବାବ ଦେଲେ ଡେନମାର୍କ ପ୍ରଧାନମନ୍ତ୍ରୀ ଆଙ୍କାରା: ତୁର୍କିର ଆଙ୍କାରାରେ ଆୟୋଜିତ ନାଟୋ ଶିଖର ସମ୍ମିଳନୀରେ ଡେନମାର୍କର ପ୍ରଧାନମନ୍ତ୍ରୀ ମେଟ୍ ଫ୍ରେଡେରିକ୍ସେନ ବୁଧବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଆମେରିକାକୁ ନାଟୋ ସହଯୋଗୀ ଡେନମାର୍କଠାରୁ ଗ୍ରିନଲାଣ୍ଡର ନିୟନ୍ତ୍ରଣ ନେବା ଉଚିତ ବୋଲି ଦୋହରାଯାଇଥିବା ଦାବିର କଡ଼ା ଜବାବ ଦେଇଛନ୍ତି। ଫ୍ରେଡେରିକ୍ସେନ ଦାବିକୁ ଖଣ୍ଡନ କରି ଟ୍ରମ୍ପଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ, ଗ୍ରିନଲାଣ୍ଡ ବିକ୍ରି ପାଇଁ ନୁହେଁ। ସେ କହିଛନ୍ତି, ଆମେ ଆଶା କରୁଛୁ ଯେ ସମସ୍ତ ସହଯୋଗୀ ରାଷ୍ଟ୍ର ସମେତ ସମସ୍ତେ ଗ୍ରୀନଲ୍ୟାଣ୍ଡ ଲୋକଙ୍କ ଆତ୍ମନିର୍ଣ୍ଣୟର ଅଧିକାରକୁ ସମ୍ମାନ ଦେବେ। ଆମେ ସାର୍ବଭୌମ ରାଷ୍ଟ୍ର ଏବଂ ଆମକୁ ସମସ୍ତେ ଆମର କ୍ଷେତ୍ରୀୟ ଅଖଣ୍ଡତା ଏବଂ ଆମର ସାର୍ବଭୌମତ୍ୱକୁ ସମ୍ମାନ ଦେବା ଆବଶ୍ୟକ। ଫ୍ରେଡେରିକ୍ସେନ କହିଛନ୍ତି ଯେ ଆକ୍ରମଣ ହେଲେ ଡେନମାର୍କ ଆମର ନିଜସ୍ୱ ଅଞ୍ଚଳ ସମେତ ନାଟୋର ପ୍ରତ୍ୟେକ ଇଞ୍ଚକୁ ରକ୍ଷା କରିବାକୁ ପ୍ରସ୍ତୁତ। ପରସ୍ପରକୁ ରକ୍ଷା କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ସମ୍ମାନ ଦେବା ପାଇଁ ଡେନମାର୍କ ନାଟୋ ସହଯୋଗୀଙ୍କ ଉପରେ ନିର୍ଭର କରିବ।

## ଚାରି ଦଶନ୍ଧି ତଳେ କାଶୀ ବିଶ୍ୱନାଥ ମନ୍ଦିରରେ ହୋଇଥିଲା ଚୋରି



ନୂଆଦିଲ୍ଲୀ: ଅଯୋଧ୍ୟା ରାମ ମନ୍ଦିରରେ ଚୋରି ଘଟଣା ସାରା ଦେଶକୁ ଆଶ୍ଚର୍ଯ୍ୟ ଚକିତ କରିଦେଇଥିବାବେଳେ ଦେଶରେ ମନ୍ଦିର ଚୋରି ଘଟଣାର ଏହା ପ୍ରଥମ ଉଦାହରଣ ନୁହେଁ। କିନ୍ତୁ ଚୋରି ଯେ, କେବଳ ସୁନା, ରୁପା, ନଗଦ ଅର୍ଥରାଶି କିମ୍ବା ମୂଲ୍ୟବାନ ସାମଗ୍ରୀକୁ ନେଇ ହୋଇନଥାଏ। ବରଂ ଏପରି ଘଟଣା ମନ୍ଦିର ପରିଚାଳନା କରୁଥିବା ଲୋକଙ୍କ ଉପରୁ ବିଶ୍ୱାସ ଉଠାଇ ଦେଇଥାଏ। ରାମ ଜନ୍ମଭୂମି ଆନ୍ଦୋଳନର ନେତୃତ୍ୱ ନେଇଥିବା ବିଭିନ୍ନ ସଂଗଠନ ମଧ୍ୟରୁ ଗୋଟିଏ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚପି) ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ କିଏ ପରିଚାଳନା କରିବ ସେ ବିଷୟରେ ନିଜର ମତ ସ୍ପଷ୍ଟ କରିଛି। ଭିଏଚ୍‌ପି କହିଛି ଯେ, ଶ୍ରୀ ରାମ ଜନ୍ମଭୂମି ମନ୍ଦିରକୁ ସରକାରୀ ନିୟନ୍ତ୍ରଣକୁ ଆଣିବାର ଯେକୌଣସି ପ୍ରୟାସକୁ ଏହା ବିରୋଧ କରିବ। ଭିଏଚପିର ଏହି ଦାବି ଦେଶର ଅନ୍ୟ ଏକ ପ୍ରସିଦ୍ଧ ମନ୍ଦିରକୁ ନେଇ ସ୍ମୃତି ଉଜାଗର କରିଛି। ଚାରି ଦଶନ୍ଧି ତଳେ କାଶୀ ବିଶ୍ୱନାଥ ମନ୍ଦିରରେ ଏକ ଚୋରି ଘଟଣା ଯୋଗୁ ମନ୍ଦିର ପରିଚାଳନା ଦାୟିତ୍ୱ ସରକାରଙ୍କୁ ହାତକୁ ଆସି ଯାଇଥିଲା। ଜାନୁଆରି ୧୯୮୩ ମସିହାରେ କାଶୀ ବିଶ୍ୱନାଥ ମନ୍ଦିରର ଗର୍ଭଗୃହ ଭିତରେ ବଡ଼ଧରଣର ଚୋରି ହୋଇଥିଲା। ମନ୍ଦିରରୁ ୨.୬ କିଲୋଗ୍ରାମ ଓଜନର ସୁନା ଅଳଙ୍କାର ଚୋରି ହୋଇଥିଲା। ଏହି ଘଟଣା ପରେ ଉତ୍ତର ପ୍ରଦେଶ ସରକାରଙ୍କୁ ଶ୍ରୀ କାଶୀ ବିଶ୍ୱନାଥ ମନ୍ଦିର ଆଇନ, ୧୯୮୩ ପ୍ରଣୟନ କରିବାକୁ ପଡ଼ିଥିଲା ଓ ମହନ୍ତମାନଙ୍କୁ (ପୂଜକମାନଙ୍କ) ସରକାରଙ୍କ ଦ୍ୱାରା ଗଠିତ ମନ୍ଦିରଟ୍ରଷ୍ଟକୁ ନିୟନ୍ତ୍ରଣ ହସ୍ତାନ୍ତର କରିବାକୁ ପଡ଼ିଥିଲା।

# ମୁମ୍ବାଇରେ ମାସକର ବର୍ଷା ୭ ଦିନରେ ବର୍ଷିଲା



ମୁମ୍ବାଇ: ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମୁମ୍ବାଇରେ ବିଳମ୍ବରେ ପହଞ୍ଚି ଥିଲେ ମଧ୍ୟ ଗତ ସପ୍ତାହ ହେଲା ଏତେ ଜୋରଦାର ବର୍ଷିଥିଲା ଯେ ମାସକର ରେକର୍ଡ଼ ଭାଙ୍ଗି ଦେଇଥିଲା। ୨୦୦୦ ମସିହା ପରଠାରୁ ମୁମ୍ବାଇରେ ଜୁନ୍ ଶେଷ ଭାଗରୁ ଜୁଲାଇ ୮ ତାରିଖ ମଧ୍ୟରେ ସବୁଠାରୁ ଅଧିକ ବର୍ଷା ରେକର୍ଡ ହୋଇଥିଲା। ଜୁଲାଇ ୬ ସୁଦ୍ଧା ମୋଟ ବର୍ଷାର ପରିମାଣ ପ୍ରାୟ ୧,୨୪୦ ମିମି ରେକର୍ଡ ହୋଇଥିଲା। ଜୁଲାଇ ପ୍ରଥମ ସପ୍ତାହରେ ହୋଇଥିବା ବର୍ଷା ସମଗ୍ର ମୁମ୍ବାଇ ମହାନଗରକୁ ପାଣିରେ ବୁଡ଼ାଇ ଦେଇଥିଲା। ତେବେ ଏଲ୍ ନିନୋ ବର୍ଷରେ ମୁମ୍ବାଇରେ କିପରି ଏତେ ବର୍ଷା ହେଲା ?କୋଲାବା ଅବଜରଭେଟୋରୀଠାରେ ସାଧାରଣତଃ ଜୁଲାଇ ମାସରେ ମାସିକ ହାରାହାରି ୭୬୮.୫ ମିମି ୭୯୧ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଚଳିତ ବର୍ଷ ୧ ଜୁଲାଇରୁ ୭ ଜୁଲାଇ ମଧ୍ୟରେ ୭୯୧ ମିମି ବର୍ଷା ରେକର୍ଡ଼ କରିଛି। ସେହିପରି ସାନ୍ତାକ୍ରୁଜ ଅବଜରଭେଟୋରୀଠାରେ ଜୁଲାଇ ମାସରେ ୯୧୯.୯ ମିମି ବର୍ଷା ରେକର୍ଡ଼ କରାଯାଉଥିବାବେଳେ ଜୁଲାଇ ପ୍ରଥମ ସପ୍ତାହରେ ୮୭୯ ମିମି ବର୍ଷା ରେକର୍ଡ଼ ହୋଇଛି। ଦକ୍ଷିଣ ମୁମ୍ବାଇ ପାଇଁ ଚଳିତ ଜୁଲାଇ ଗତ ୫୦ ବର୍ଷ ଭିତରେ ସବୁଠୁ ଅଧିକ ବର୍ଷା ଆଣିଥିଲା। ଜୁଲାଇ ୨ ତାରିଖରୁ ଜୁଲାଇ ୬ ତାରିଖ ମଧ୍ୟରେ ପ୍ରାୟତଃ ୩୫୦ ମିମି ବର୍ଷା ହେଉଥିବାବେଳେ ଚଳିତ ବର୍ଷ ଏହାର ଦୁଇଗୁଣରୁ ଅଧିକ ୭୫୦ ମିମି ବର୍ଷା ହୋଇଛି।

କେବଳ ଜୁଲାଇ ୫ ତାରିଖରେ ୨୨୫ ମିମିରୁ ଅଧିକ ବର୍ଷାରେକର୍ଡ ହୋଇଛି। ସାନ୍ତାକ୍ରୁଜ୍ ଅବଜରଭେଟୋରୀ ମଧ୍ୟ ୨୪ ଘଣ୍ଟା ମଧ୍ୟରେ ୨୬୮ ମିମି ବର୍ଷା ରେକର୍ଡ କରିଛି, ଯାହା ଗତ ୧୫ ବର୍ଷ ମଧ୍ୟରେ ଜୁଲାଇ ମାସରେ ଗୋଟିଏ ଦିନକ ଭିତରେ ଦ୍ୱିତୀୟ ସର୍ବାଧିକ ବର୍ଷା। ତେବେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ଜଳବାୟୁ ବୈଜ୍ଞାନିକ ବିଭିନ୍ନ କାରଣରୁ ଏଲ୍ ନିନୋ ସମୟରେ ବର୍ଷା ଅଧିକ ହେଉଥିବା କହିଛନ୍ତି। ବିଶେଷ କରି ଆରବ ସାଗର ଦ୍ରୁତ ଭାବେ ଉଷ୍ମ ହେବା, ଏକକାଳୀନ କାର୍ଯ୍ୟ କରୁଥିବା ଦ୍ୱୈତ-ସମୁଦ୍ର ପ୍ରଣାଳୀ ଓ ଗ୍ଲୋବାଲ ୱାର୍ମିଂ ଯୋଗୁ ପାଣିପାଗ ଢାଞ୍ଚାରେ ପରିବର୍ତ୍ତନ ଏହିସବୁର କାରଣ ବୋଲି କହିଛନ୍ତି।

ଚଳିତ ବର୍ଷ ଆରବ ସାଗରରେ ସମୁଦ୍ର ପୃଷ୍ଠର ତାପମାତ୍ରା ରେକର୍ଡ ଭାବେ ଅଧିକ ଉଚ୍ଚ ରହିଛି। ଉଷ୍ମ ଜଳ ଏକ ବିଶାଳ ଶକ୍ତି ଭଣ୍ଡାର ଭାବରେ କାର୍ଯ୍ୟ କରି ବାଷ୍ପୀଭବନ ବୃଦ୍ଧି କରିବା ଓ ବାୟୁମଣ୍ଡଳକୁ ନିରନ୍ତର ଆର୍ଦ୍ରତା ଯୋଗାଣ କରିବା ଦ୍ୱାରା ଉପକୂଳ ମହାରାଷ୍ଟ୍ରରେ ମେଘଖଣ୍ଡ ପୁନଃ ସଙ୍ଗଠିତ ହେଉଛି। ଏହାବାଦ୍ ବଙ୍ଗୋପସାଗର ଉପରେ ସକ୍ରିୟ ଲଘୁଚାପ ପ୍ରଣାଳୀ ଗତିପଥ ପରିବର୍ତ୍ତନ କରି ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ପରିବର୍ତ୍ତେ କେନ୍ଦ୍ରୀୟ ଭାରତ ଦେଇ ପଶ୍ଚିମ ଦିଗକୁ ଗତି କରୁଛି। ଉଭୟ ଆରବ ସାଗର ଓ ବଙ୍ଗୋପସାଗର ମୌସୁମୀ ବାୟୁକୁ ମୁଖ୍ୟତଃ ପ୍ରଚୁର ଆର୍ଦ୍ରତା ଯୋଗାଇଥିଲା, ସେହି ଆର୍ଦ୍ରତା ପଶ୍ଚିମ ଭାରତରେ ଏକତ୍ରିତ ହୋଇଥିଲା। ସେହିପରି ପଶ୍ଚିମ ଘାଟ ପର୍ବତମାଳାରେ ଏହି ଆର୍ଦ୍ରତା ରହିଥିବା ବାୟୁ ଉପରକୁ ଉଠିଯିବା ଫଳରେ ମୁମ୍ବାଇ ଉପରେ ଅଧିକ ମେଘ ସୃଷ୍ଟି ହୋଇଥିଲା। ଉଷ୍ମ ଜଳବାୟୁ ଅଧୀନରେ ଏଲ୍ ନିନୋ ଋତୁରେ ମୋଟ ବର୍ଷା ଦିନ ସଂଖ୍ୟାକୁ ହ୍ରାସ କରିପାରେ। ସେହିପରି ପ୍ରତି ୧ ଡିଗ୍ରି ସେଲସିୟସ୍ ତାପମାତ୍ରା ବୃଦ୍ଧି ପାଇଁ ବାୟୁମଣ୍ଡଳ ପ୍ରାୟ ୭% ଅଧିକ ଆର୍ଦ୍ରତା ଧରି ରଖିପାରେ। ଫଳସ୍ୱରୂପ କମ୍ ସମୟ ଭିତରେ ବାଦଲ ଫଟା ବର୍ଷା ବୃଦ୍ଧି ପାଉଛି। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, ଏଲ୍ ନିନୋକୁ ଆଉ ଜଳବାୟୁ ପରିବର୍ତ୍ତନଠାରୁ ପୃଥକ ଭାବରେ ଅଧ୍ୟୟନ କରାଯାଇପାରିବ ନାହିଁ, କାରଣ ଉଭୟଙ୍କ ମଧ୍ୟରେ ପାରସ୍ପରିକ କ୍ରିୟା କ୍ରମଶଃ ଅପ୍ରତ୍ୟାଶିତ ଓ ବିପଦପୂର୍ଣ୍ଣଭାବେ କମ୍ ସମୟ ଭିତରେ ଅଧିକ ବର୍ଷା କରି ସହରାଞ୍ଚଳରେ ବନ୍ୟା ସୃଷ୍ଟି କରୁଛି।

# କେନ୍ଦ୍ରାପଡ଼ା ରେଞ୍ଜରଙ୍କ ୪ଟି ସ୍ଥାନରେ ଭିଜିଲାନ୍ସ ଚଢଉ: କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ




କେନ୍ଦ୍ରାପଡ଼ା, (ପିପିଏସ୍)): କେନ୍ଦ୍ରାପଡ଼ା ଫରେଷ୍ଟ ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କ କେନ୍ଦ୍ରାପଡା କାର୍ଯ୍ୟାଳୟ ସମେତ ୪ଟି ସ୍ଥାନରେ ଭିଜିଲାନ୍ସ ଚଢାଉ ହୋଇଛି। କଟକ ଭିଜିଲାନ୍ସର ୪ଟି ଟିମ କେନ୍ଦ୍ରାପଡା ରେଞ୍ଜ କାର୍ଯ୍ୟାଳୟ, ଅସ୍ଥାୟୀ ବାସଗୃହ, ମୁଣ୍ଡୁଳି ଘର, ବାଙ୍କି ଜନ୍ମସ୍ଥାନ ଘର ଉପରେ ବୁଧବାର ଚଢାଉ କରାଯାଇଛି।

ଏହି ଚଢାଉରୁ କୋଟି କୋଟି ଟଙ୍କାର ଗୃହ, ଜମି, ଟଙ୍କା, ଅଳଙ୍କାର, ଆସବାପତ୍ର ଚିହ୍ନଟ କରାଯାଇଛି। କଟକ ଜିଲା ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡଳି ଗୋଡିସାହିରେ ୭୦୩୮ ବର୍ଗ ଫୁଟ୍‌ର ୪ ମହଲା କୋଠାଘର ଠାବ ହୋଇଛି। ସେହିପରି ବାଙ୍କି ସାହାଦପଡାରେ ଆଉ ଏକ କୋଠା ଠାବ ହୋଇଛି। ଏହାସହ କଟକ ଜିଲା ବାରଙ୍ଗରେ ୬ଟି ମୂଲ୍ୟବାନ ଜମି ରହିଛି। ତାଙ୍କ ଠାରୁ ନଗଦ ଦୁଇ ଲକ୍ଷ ୧୪ ହଜାର ଟଙ୍କା ଜବତ କରାଯାଇଛି। ସେହିପରି ବ୍ୟାଙ୍କରେ ୭୩ ଲକ୍ଷ ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଏହାସହ ତାଙ୍କ ଠାରୁ ବହୁ ପରିମାଣର ସୁନାଗହଣା ଜବତ କରାଯାଇଛି। ଘରେ କେବଳ ୧୮ ଲକ୍ଷ ଟଙ୍କାର ସୌକିନ ଜିନିଷ ରହିଛି। ତାଙ୍କ ପାଖରେ ଏକ ଦାମୀ କାର ସହିତ ୨ଟି ଦୁଇଚକିଆ ଗାଡି ରହିଛି। ସେ ୧୯୮୮ ମସିହାରେ ମାତ୍ର ଏକ ହଜର ଟଙ୍କାରେ ଫରେଷ୍ଟର ଚାକିରି ଆରମ୍ଭ କରିଥିଲେ। ୨୦୧୬ରେ ଡେପୁଟି ରେଞ୍ଜର, ୨୦୨୧ ମସିହାରେ ରେଞ୍ଜର ପଦବୀକୁ ପଦନ୍ନୋତି ପାଇଥିଲେ। ତାଙ୍କ ଚାକିରି କାଳ ମଧ୍ୟରେ ସେ ବାଲୁଗାଁ ବନଖଣ୍ଡ, ଚନ୍ଦକା ବନଖଣ୍ଡ, ଭୁବନେଶ୍ୱର, ମହାନଦୀ, ନୟାଗଡ଼ ବନଖଣ୍ଡ ଇତ୍ୟାଦିରେ କାର୍ଯ୍ୟ କରିଛନ୍ତି। କିନ୍ତୁ ଏହି ସମ୍ପତ୍ତି ମଧ୍ୟରେ ସେ କୋଟି କୋଟି ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିଥିଲେ। ବିଶେଷ ସୂତ୍ରରୁ ଭିଜିଲାନ୍ସ ଜାଣିବା ପରେ ତାଙ୍କର ବିଭିନ୍ନ ସ୍ଥାନରେ ଥିବା ଘରେ ଚଢାଉ କରିଛି। ଏହାସହ କେନ୍ଦ୍ରାପଡ଼ା କାର୍ଯ୍ୟାଳୟରେ ମଧ୍ୟ ଚଢଉ କରାଯାଇଛି। ଏହା ଜଣାପଡିବା ପରେ ଭିଜିଲାନ୍ସ ତାଙ୍କୁ ଗିରଫ କରି କଟକ ଭିଜିଲାନ୍ସ ଥାନାକୁ ନେଇଛି। ତାଙ୍କ ଠାରୁ ଆହରି ଅଧିକ ଆୟ ବହିର୍ଭୁତ ସମ୍ପତ୍ତି ଠାବ ହେବା ସମ୍ଭାବନା ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ଚଢଉରେ ୫ ଜଣ ଡିଏସପି, ୯ ଜଣ ଇନ୍ସପେକ୍ଟର, ୫ଜଣ ଏଏସଆଇ ଓ ଅନ୍ୟ ଷ୍ଟାଫମାନେ ସାମିଲ ହୋଇଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ତାଙ୍କ ସମ୍ପତ୍ତି ଯାଞ୍ଚ କରିବା ପାଇଁ ସର୍ଚ୍ଚ ୱାରେଣ୍ଟ ଜାରି କରିଥିଲେ।




କଟକ ସାଂସଦ ଡଃ. ଭର୍ତ୍ତୃହରି ମହତାବଙ୍କ ଚୌଦ୍ୱାର ଚାରିବାଟିଆରେ ଏୟାରପୋର୍ଟ ନିର୍ମାଣ ପ୍ରସ୍ତାବକୁ ସମର୍ଥନ କରି ପଦଯାତ୍ରା

## ସାଢେ ୪ ବର୍ଷ ପରେ ପାଣିଟାଙ୍କି ନିର୍ମାଣ ଅଧାପନ୍ତରିଆ

# ମର୍ଦ୍ଦରାଜପୁର ପଞ୍ଚାୟତ ବାସିନ୍ଦାଙ୍କୁ ମିଳିବନି ବିଶୁଦ୍ଧ ପାଣି



ଖଣ୍ଡପଡ଼ା, (ପିପିଏସ୍): ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଣିଟାଙ୍କି ନିର୍ମାଣ ଫାଉଣ୍ଡେସନରେ ସୀମିତ ଥିବା ଅଭିଯୋଗ ହୋଇଛି। ଫଳରେ ପାନୀୟ ଜଳ ଯୋଗାଇଦେବାକୁ ସରକାରୀ ଘୋଷଣା ପଞ୍ଚାୟତରେ ଫେଲ ମାରିବ ବୋଲି କହିଛନ୍ତି ଅଞ୍ଚଳ ବାସିନ୍ଦା। ମିଳିଥିବା ଅଭିଯୋଗ ଅନୁଯାୟୀ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ଲକ୍ଷରେ ୨୦୨୦ ମସିହାରେ ହାଇଦ୍ରାବାଦର କିରିପିଆର ଇଞ୍ଜିନିୟରିଂ ଲିମିଟେଡ ନାମକ ସଂସ୍ଥା ପ୍ରାୟ ୬୭୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ମୂଲ୍ୟରେ ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରିଥିଲା। ମାତ୍ର ବିଜନଗର ବିଷୟ ହେଲା ପ୍ରାୟ ଏକାଧିକ ପଞ୍ଚାୟତରେ ପାଣିଟାଙ୍କି ନିର୍ମାଣ ଶେଷ ହୋଇଥିବା ବେଳେ କିନ୍ତୁ ମର୍ଦ୍ଦରାଜପୁର ପଞ୍ଚାୟତରେ ଅଦ୍ୟାବଧି ଏହା ଫାଉଣ୍ଡେସନରେ ସୀମିତ ରହିଛି। ବର୍ଷ ବର୍ଷ ଧରି ପାଣିଟାଙ୍କି ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଅଭିଯୋଗ ହୋଇଆସୁଥିଲେ ସୁଦ୍ଧା କାମ ହାତେଇଥିବା ଠିକା ସଂସ୍ଥା ଏଥିପ୍ରତି ଆଖି ବୁଜିଦେଇଛି। ପଞ୍ଚାୟତ ଅଧୀନ ରେବତୀବଣିଆ ମୌଜାରେ ୨୦୨୧ ମସିହାରୁ ଏହାର କାମ ଆରମ୍ଭ ହୋଇଥିବା ବେଳେ ଏଥିପାଇଁ ବାହାର ଅଞ୍ଚଳର କେତେକ ଠିକାଦାରଙ୍କୁ ନିୟୁକ୍ତ କରାଯାଇଥିଲା। ତେବେ କାମ ହାତେଇଥିବା ଠିକାଦାର ଧୀର ମନ୍ଥର ଗତିରେ କାମ କରିବା ସହିତ ଏହାକୁ ଅଧାରେ ଛାଡି ଚାଲିଯାଇଥିବା ଅଭିଯୋଗ ହୋଇଥିଲା। ଏଭଳି ସ୍ଥିତିରେ ପ୍ରତି ଗାଁକୁ ପାନୀୟ ଜଳ ଯୋଗାଇଦେବାକୁ ଜିଲ୍ଲା ପ୍ରଶାସନଙ୍କୁ ପ୍ରତିଶ୍ରୁତି ଦେଇଥିବା କିରିପିଆର ଇଞ୍ଜିନିୟରିଂର ଘୋଷଣା ଧୂଆଁବାଣ ବୋଲି ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କହିବା ମୁତାବକ ଏକାଧିକ ପଞ୍ଚାୟତରେ ଏହି ପାଣିଟାଙ୍କି ନିର୍ମାଣ ଶେଷ ହୋଇଥିବା ବେଳେ ଏଠାରେ ପିଲାର ଉଠାଇ ଠିକାଦାର ନିଖୋଜ ହୋଇଯାଇଥିଲେ। ଅନ୍ୟପକ୍ଷରେ କାର୍ଯ୍ୟ ବିଳମ୍ବ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରେ ଜମି ସମସ୍ୟା ଯୋଗୁଁ ବିଳମ୍ବ ହେଉଥିବା ନେଇ ପ୍ରତିକ୍ରିୟା ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମାତ୍ର କେଇ ଶହ ମିଟର ଦୂରରେ ଥିବା ପଡୋଶୀ ବେଣୀରାଗିଆ ପଞ୍ଚାୟତର ବରଇଳି ମୌଜାରେ ଏହି ପାଣିଟାଙ୍କି ନିର୍ମାଣ କାମ ସରିଥିବା ଦେଖିବାକୁ ମିଳିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି ପଞ୍ଚାୟତ ବାସିନ୍ଦା।

# ଭାଗବତବାବୁଙ୍କ ୯୮ତମ ଜୟନ୍ତୀ




କେନ୍ଦ୍ରାପଡ଼ା,(ପିପିଏସ): ଯଶସ୍ୱୀ ରାଜନେତା,ରାଜନୀତିର ପିତାମହ ଭୀଷ୍ମ, ଆଧୁନିକ କେନ୍ଦ୍ରାପଡାର ବିନ୍ଧାଣୀ ଭାଗବତବାବୁଙ୍କ ୯୮ତମ ଜୟନ୍ତୀ ଉତ୍ସବ ସ୍ଥାନୀୟ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟର ସଭାପତି ଗୁରୁ ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇ ଭାଗବତବାବୁଙ୍କୁ ଜଣେ ମୂଲ୍ୟବୋଧ ଭିତ୍ତିକ ରାଜନେତା ଭାବରେ ଅଭିହିତ କରିଥିଲେ। ସଂପ୍ରତି ଗଣତନ୍ତ୍ରର ବିପନ୍ନ ସମୟରେ ଭାଗବତବାବୁଙ୍କ ଆଦର୍ଶ ଓ ମୂଲ୍ୟବୋଧହିଁ ଗଣତନ୍ତ୍ରର ରକ୍ଷାକବଚ ସାଜିବ। ସମ୍ମାନୀତ ଅତିଥି ଭାବେ ତିରୁପତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ହରେକୃଷ୍ଣ ଶତପଥୀ ଭାଗବତବାବୁ ଏକାଧାରରେ ଜଣେ ସାହିତ୍ୟିକ,ଆଧ୍ୟାତ୍ମବାଦୀ ଓ ସାଧାରଣ ଲୋକଙ୍କ ନେତା ଭାବରେ ଅଭିହିତ କରିଥିଲେ। ମୁଖ୍ୟବକ୍ତା ଭାବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ଭାଗବତବାବୁଙ୍କ ମୂଲ୍ୟବୋଧ ରାଜନୀତି ତାଙ୍କୁ ବହୁଳ ଭାବରେ ପ୍ରଭାବିତ କରିଛି ଏବଂ ରାଜନୀତିରେ ସେ ତାଙ୍କର ଗୁରୁ ବୋଲି ଅଭିହିତ କରିଥିଲେ। ତାଙ୍କର ଆଦର୍ଶ ଓ ନୈତିକ ମୂଲ୍ୟବୋଧ ହିଁ ସଂପ୍ରତି ବିପନ୍ନ ଗଣତନ୍ତ୍ରକୁ ରକ୍ଷା କରିପାରିପାରିବ ବୋଲି ବିଧାୟକ ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରବି ସାମଲ, ନନ୍ଦକିଶୋର ପରିଡା, ଭ୍ରମରବର ରାଉତ, ପ୍ରଫୁଲ୍ଲ ସାହୁ, ପ୍ରାକ୍ତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସୁଧୀର କୁମାର ମହାନ୍ତି, ବିଧାନ ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଟ୍ରଷ୍ଟର ଅନ୍ୟତମ ବରିଷ୍ଠ ସଦସ୍ୟ ସମାଜସେବୀ ଶରତ କୁମାର ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଭାବଗ୍ରାହୀ କଳାନିକେତନ ର କଳାକାରଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଟ୍ରଷ୍ଟର ସଦସ୍ୟ ବସନ୍ତ କୁମାର ସେଠୀ, ଫକୀର ଚରଣ ଖଟୁଆ, ସୁଶୀଲ କୁମାର ସାମଲ, ମୁକ୍ତାର ଖାଁ, ତରୁଣରଞ୍ଜନ ପ୍ରଧାନ, ଦୟାବିଧି ଜେନା, ରମେଶ ଚନ୍ଦ୍ର ଦାସ, କୃଷ୍ଣ ପ୍ରସାଦ ଦାସ, ସିଦ୍ଧାର୍ଥ ଶଙ୍କର ଜେନା, ମହେନ୍ଦ୍ର କୁମାର ପରିଡା, କଳିଙ୍ଗକେଶରୀ ବେହେରା, ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ଅଧକ୍ଷ, ପ୍ରାଧାପକ ଡ. ଚୈତନ୍ୟ ଚରଣ ପରିଡା, ନରେନ୍ଦ୍ର କୁମାର ମହାନ୍ତି, ସୁଜିତ କୁମାର ମହାନ୍ତି, ଗାୟତ୍ରୀ ମହାନ୍ତି, ପ୍ରଦୀପ ମହାନ୍ତି, ଭଞ୍ଜକିଶୋର ଜେନା, ଗୌତମ ପଟ୍ଟନାୟକ, କେଶବ ସାହୁ, ଭାଗ୍ୟଲକ୍ଷ୍ମୀ ପଣ୍ଡା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ସାହିତ୍ୟିକ, ଶିକ୍ଷାବିତ, ବିଭିନ୍ନ ଦଳର ରାଜନେତା, କାଉନସିଲର, ବିଭିନ୍ନ ଦଳର ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତିସଭ୍ୟମାନେ ଅଂଶଗ୍ରହଣ କରିଥିଲେ।

## ପଞ୍ଚମୁଖୀ ହନୁମାନ ମନ୍ଦିର ପାର୍ଶ୍ୱରେ ଉଚ୍ଛେଦ ଅଭିଯାନ

# ଜିଲ୍ଲା ପ୍ରଶାସନର କଡ଼ା ପଦକ୍ଷେପ

ଭଦ୍ରକ, (ପିପିଏସ୍):ଭଦ୍ରକ ସହରର ସାହାପୁରସ୍ଥିତ ପଂଚମୁଖୀ ହନୁମାନ ମନ୍ଦିର ପାର୍ଶ୍ୱବର୍ତୀ ଅଂଚଳରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ଉଚ୍ଛେଦ ଅଭିଯାନ ଚାଲିଥିଲା। ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ, ତହସିଲଦାର ସଂଗ୍ରାମ ପ୍ରିୟଦର୍ଶୀ ଖୁଂଟିଆ, ଡିଆଇବି ଅଧିକାରୀ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ଏବଂ ବିଭିନ୍ନ ବିଭାଗର ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଅଭିଯାନ ସମ୍ପନ୍ନ ହୋଇଥିଲା। ସୂଚନା ଅନୁଯାୟୀ, ପଂଚମୁଖୀ ହନୁମାନ ମନ୍ଦିର ପାର୍ଶ୍ୱରେ ସରକାରୀ ଜମି ଉପରେ କେତେକ ଘର ଓ ନିର୍ମାଣ ଦୀର୍ଘଦିନ ଧରି ଦଖଲ କରାଯାଇଥିବା ନେଇ ପ୍ରଶାସନ ନିକଟରେ ବିଭିନ୍ନ ସମୟରେ ଅଭିଯୋଗ ଆସୁଥିଲା। ଏହାର ଯାଂଚ ପରେ ପ୍ରଶାସନ ପକ୍ଷରୁ ଆଇନ ଅନୁଯାୟୀ ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଉଚ୍ଛେଦ ଅଭିଯାନ ସମୟରେ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ଏବଂ ସମଗ୍ର ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିଲା। ପ୍ରଶାସନ ପକ୍ଷରୁ ସରକାରୀ ଜମିକୁ ଦଖଲମୁକ୍ତ କରିବା ଏବଂ ଆଇନର ଶାସନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏଭଳି ଅଭିଯାନ ଆଗାମୀ ଦିନରେ ମଧ ଜାରି ରହିବ ବୋଲି ସୂଚନା ମିଳିଛି।

## ଦୀର୍ଘ ୨୧ ବର୍ଷ ମାମଲାର ଘଟିଲା ଅନ୍ତ

# ଝିଆଣିଆ ସତ୍ୱ ଉପରେ କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ଭଦ୍ରକ, (ପିପିଏସ୍): ଝିଆଣିଆ ସତ୍ୱ ଉପରେ ଭଦ୍ରକର ଅତିରିକ୍ତ ବରିଷ୍ଠ ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି ସ୍ୱର୍ଗତଃ ଭାଗୀରଥି ସାହୁଙ୍କର କନ୍ୟା ସ୍ୱର୍ଗତଃ ବାସନ୍ତୀ ବେହେରାଙ୍କ ଝିଅ ନିଜର ଭାଗ ୧/୪ ଅଂଶ ନେବା ପାଇଁ ଏକ ବଂଟନ ମକଦ୍ଦମା (ନଂ ୧୭୧/୨୦୦୫) ଆଗତ କରିଥିଲେ। ମାତ୍ର ଏଥିପୂର୍ବରୁ ବାସନ୍ତୀ ବେହେରାଙ୍କ ଭାଇ ଉମ୍ବରୁଧର ସାହୁ, ଭଉଣୀ ଓ ନିଜର ଭାଗ ବିକ୍ରମବୀର ଖେମ୍‌କାଙ୍କୁ ତଞ୍ଚକତା ପୂର୍ବକ ବିକ୍ରୟ କରିଦେଇଥିଲେ। ଯାହାକୁ ଭଦ୍ରକର ଅତିରିକ୍ତ ବରିଷ୍ଠ ଅଦାଲତ ବିଚାର କରି ଉକ୍ତ ଦଲିଲ୍‌ରୁ ମୃତ ବାସନ୍ତୀଙ୍କ ନ୍ୟାଯ୍ୟଦାବୀ ଅର୍ଥାତ୍ ୧/୪ ଅଂଶ ତାଙ୍କର କନ୍ୟା ରଶ୍ମିତା ବେହେରା, ସସ୍ମିତା ବେହେରା ଓ ତାଙ୍କର ସ୍ୱାମୀ କାଳନ୍ଦୀ ବେହେରାଙ୍କୁ ଦେବାକୁ ଗତ ଜୁନମାସ ୨୪ ତାରିଖରେ ରାୟ ପ୍ରଦାନ କରିଥିଲେ। ଏହି ମୋକଦ୍ଦମା ଦୀର୍ଘ ୨୧ ବର୍ଷ ଧରି ଚାଲିଥିବାବେଳେ ଅଦାଲତ ଗତମାସ ଉକ୍ତ ରାୟ ପ୍ରକାଶ କରିଛନ୍ତି। ଏହି ରାୟ ପ୍ରକାଶ ପାଇବା ପରେ ମୃତ ବାସନ୍ତୀଙ୍କର କନ୍ୟା ଓ ସ୍ୱାମୀ ଅଦାଲତଙ୍କୁ ବଧେଇ ଜଣାଇଛନ୍ତି। ବାଦୀଙ୍କ ତରଫରୁ ଓକିଲ ଜଗତବନ୍ଧୁ ଅଗସ୍ତି, ବିଶ୍ୱଭୂଷଣ ଅଗସ୍ତି, ଶୁଭଲକ୍ଷ୍ମୀ ପୋଥାଳ ଓ ପୂଜା ପ୍ରିୟଦର୍ଶନୀ ଦାସ ମାମଲା ପରିଚାଳନା କରୁଥିଲେ।

# ବିବାହର ପ୍ରଲୋଭନ ଦେଖାଇ ଦୁଷ୍କର୍ମ ଅଭିଯୋଗ

କଳିଙ୍ଗନଗର, (ପିପିଏସ): କଳିଙ୍ଗନଗର ଥାନା ଅଞ୍ଚଳରେ ଜଣେ ବୟସ୍କା ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରାଯାଇଥିବା ଭଳି ଏକ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ଏହି ଘଟଣାରେ ପୁଲିସ ଯାଜପୁର ରେଜିଷ୍ଟ୍ରି ଅଫିସରେ କାର୍ଯ୍ୟରତ ଜଣେ କ୍ଲର୍କଙ୍କ ବିରୋଧରେ ସଂଗୀନ ଦଫାରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ?ଅଭିଯୋଗ ଅନୁଯାୟୀ, କଳିଙ୍ଗନଗର ଥାନା ଅନ୍ତର୍ଗତ ଭାରଡ଼ାପଶି ଗ୍ରାମର ଜଣେ ଯୁବତୀଙ୍କୁ ଅଙ୍କରାପାଳ ଗ୍ରାମର ପ୍ରକାଶ ତାପେ ନାମକ ଜଣେ ଯୁବକ ବିବାହର ପ୍ରଲୋଭନ ଦେଖାଇଥିଲେ। ପ୍ରକାଶ ଯାଜପୁର ରେଜିଷ୍ଟ୍ରି ଅଫିସରେ ଜଣେ କ୍ଲର୍କ ଭାବେ କାର୍ଯ୍ୟ କରନ୍ତି। ଅଭିଯୁକ୍ତ ପ୍ରକାଶ ପୀଡ଼ିତାଙ୍କୁ ପାଣିକୋଇଲି ସ୍ଥିତ ଏକ ଲଜ୍‌କୁ ନେଇ ସେଠାରେ ରଖି ତାଙ୍କ ସହ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ପରବର୍ତ୍ତୀ ସମୟରେ ଏହି ଘଟଣା ସମ୍ପର୍କରେ ଯଦି ସେ କାହାକୁ କୁହନ୍ତି, ତେବେ ତାଙ୍କୁ ଜୀବନରୁ ମାରିଦେବା ସହ ତାଙ୍କ ଭାଇକୁ ମଧ ହତ୍ୟା କରାଯିବ ବୋଲି ଅଭିଯୁକ୍ତ ଜଣକ ଧମକ ଚମକ ଦେଇଥିଲେ। ଏଥିରେ ଭୟଭୀତ ନହୋଇ ପୀଡ଼ିତା ଜଣକ ଶେଷରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୀଡ଼ିତାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି କଳିଙ୍ଗନଗର ଥାନା ପୁଲିସ ଗତ ୦୭.୦୭.୨୦୨୬ ରିଖରେ କେସ୍ ନମ୍ବର ୧୮୮/୨୦୨୬ ରୁଜୁ କରିଛି। ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଧାରା ୬୪ (୨) (ଏମ), ୬୯, ୧୧୫(୨), ୨୯୬ ଏବଂ ୩(୫) ଅଧୀନରେ ମାମଲା ଦାୟର କରାଯାଇଛି। ପୁଲିସ ଘଟଣାର ସମସ୍ତ ଦିଗକୁ ଗମ୍ଭୀରତାର ସହ ନେଇ ଅଧିକ ତଦନ୍ତ ଚଳାଇଛି।


## ଜଳ ନିଷ୍କାସନ ପଥ ଅବରୋଧ ଘଟଣା

# ପ୍ରଶାସନର ହସ୍ତକ୍ଷେପ ପରେ ନିଷ୍କାଷିତ ହେଲା ବର୍ଷାଜଳ



ଖଣ୍ଡପଡ଼ା, (ପିପିଏସ): ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତ ଅଧୀନ ଚାଉପଲ୍ଲୀ ଗ୍ରାମବାସୀ ଜଳ ନିଷ୍କାସନ ସମସ୍ୟା ନେଇ ଅଭିଯୋଗ ପରେ ଚେତିଛି ତହସିଲ ପ୍ରଶାସନ। ଗତକାଲି ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ଉକ୍ତ କଲଭର୍ଟ ସ୍ଥାନକୁ ଉଚ୍ଛେଦ କରି ଜଳ ନିଷ୍କାଷନ ନିମନ୍ତେ ବାଟ କରାଯାଇଥିବା ସ୍ଥାନୀୟ ଗ୍ରାମବାସୀ ସୂଚନା ଦେଇଛନ୍ତି। ଗତ ୨ ଦିନ ହେବ ଜଳ ନିଷ୍କାସନ ପଥ ଅବରୋଧ ନେଇ ଅସନ୍ତୋଷ ପରେ ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଚାଉପଲ୍ଲୀ ଗ୍ରାମରେ ପହଞ୍ଚି ଜେସିବି ଯୋଗେ ଉଚ୍ଛେଦ କରାଇଥିଲେ। ଫଳରେ ଗତ ୫ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଚାଷ ଜମିରେ ଜମି ରହିଥିବା ଜଳ ନିଷ୍କାସନର ବାଟ ଫିଟିଥିଲା। ତେବେ ବାରମ୍ବାର ଏଭଳି ହେଉଥିବାରୁ ଲୋକେ ସ୍ଥାୟୀ ସମାଧାନ ନିମନ୍ତେ ଦାବି କରିଛନ୍ତି। ଗତବର୍ଷ ସମାନ ସମସ୍ୟା ନେଇ ଲୋକେ ରାସ୍ତା ଅବରୋଧ କରିଥିବା ବେଳେ ପ୍ରଶାସନ ପକ୍ଷରୁ ସ୍ଥାୟୀ ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ବର୍ଷେ ପରେ ସମାନ ସ୍ଥିତି ଉପୁଜିଛି। ଚାଉପଲ୍ଲୀ ଗ୍ରାମ ଉପକଣ୍ଠରେ ଥିବା ଉକ୍ତ କଲଭର୍ଟ ସ୍ଥାନକୁ ସଂପୂର୍ଣ୍ଣ ଜବରଦଖଲମୁକ୍ତ କରିବାକୁ ଦାବି ହୋଇଛି।

# ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ପରିପ୍ରେକ୍ଷୀରେ କଟକଣା



କଟକ: ହୀରାକୁଦ ଜଳଭଣ୍ଡାରରୁ ଆସନ୍ତାକାଲି (୯ ଜୁଲାଇ) ବନ୍ୟାଜଳ ନିଷ୍କାସନ ହେବାକୁ ଥିବାରୁ କଟକ ଜିଲ୍ଲାରେ କୃତ୍ରିମ ବନ୍ୟା ଏବଂ ନଦୀ ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ରହିଛି। ସାଧାରଣ ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ସହିତ କୌଣସି ଅଘଟଣକୁ ଏଡ଼ାଇବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଡିଡିଏମଏ)ର ଅଧକ୍ଷ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ବିପର୍ଯ୍ୟୟ ପରିଚାଳନା ଆଇନ–୨୦୦୫ର ଧାରା–୩୪ ଅନୁଯାୟୀ ବିଭିନ୍ନ କଟକଣା ଜାରି କରିଛନ୍ତି। ଜାରି ହୋଇଥିବା ଆଦେଶ ଅନୁଯାୟୀ ମହାନଦୀ ଏବଂ ଏହାର ସମସ୍ତ ଶାଖା ନଦୀରେ ଗାଧୋଇବା, ପହଁରିବା ଓ ଅନ୍ୟ କୌଣସି ମନୋରଞ୍ଜନମୂଳକ କିମ୍ବା ବ୍ୟବସାୟିକ କାର୍ଯ୍ୟକଳାପ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। କଟକ ମହାନଗର ନିଗମ (କେଏମସି) କମିଶନର ଏବଂ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ନଦୀ ଘାଟଗୁଡ଼ିକରେ ମାଇକ୍ ଯୋଗେ ସାଧାରଣ ଲୋକଙ୍କୁ ସଚେତନ କରିବା ସହ ନିରନ୍ତର ତଦାରଖ ପାଇଁ ନୋଡାଲ ଅଧିକାରୀ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସମ୍ପୃକ୍ତ ଥାନାର ସମସ୍ତ ଥାନା ଅଧିକାରୀ (ଆଇଆଇସି) ଏବଂ ପୁଲିସ ପାଟ୍ରୋଲିଂ ଟିମ୍କୁ ଏହି କଟକଣାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଏବଂ ଲୋକଙ୍କୁ ନଦୀ ଘାଟକୁ ଯିବାରୁ ବାରଣ କରିବାକୁ କୁହାଯାଇଛି। ଏଥିସହ ଜିଲ୍ଲାର ସମସ୍ତ ବାଲିଘାଟ ମାନଙ୍କର କାର୍ଯ୍ୟକଳାପ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରହିବ। ମହାନଦୀ ଏବଂ ଏହାର ଉପନଦୀ ଉପରେ ଥିବା ସମସ୍ତ ସେତୁ, ବ୍ୟାରେଜ (ମୁଣ୍ଡଳି ଓ ଯୋବ୍ରା ସମେତ) ଏବଂ ନଦୀବନ୍ଧ ଉପରେ ବନ୍ୟାଜଳ ଦେଖିବା, ସେଲ୍ଫି ନେବା, ଫଟୋ ଉଠାଇବା କିମ୍ବା ଭିଡିଓ ରେକର୍ଡିଂ କରିବା ଉଦ୍ଦେଶ୍ୟରେ ଭିଡ଼ ଜମାଇବା, ବୁଲାବୁଲି କରିବା କିମ୍ବା ବିପଦପୂର୍ଣ୍ଣ ଭାବେ ନଦୀକୂଳ ନିକଟକୁ ଯିବାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଏହି ଆଦେଶ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ର ଧାରା ୫୧ରୁ ୬୦ ଏବଂ ପ୍ରଯୁଜ୍ୟ ଅନ୍ୟାନ୍ୟ ଆଇନ ଅନୁଯାୟୀ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ‘ଜନଗଣନା ଓ ଓଡ଼ିଆ ଭାଷା’ ଶୀର୍ଷକ ଆଲୋଚନା ଓ ପ୍ରସ୍ତାବ

କଟକ : ଉତ୍କଳ ସାହିତ୍ୟ ସମାଜ ଓ ଓଡ଼ିଆ ଜନଗଣନା ଜାଗରଣ ସମିତି ପକ୍ଷରୁ ‘ଜନଗଣନା ଓ ଓଡ଼ିଆ ଭାଷା’ ଶୀର୍ଷକ ଆଲୋଚନା ଓ ପ୍ରସ୍ତାବ ଗ୍ରହଣ ପାଇଁ ବୁଦ୍ଧିଜୀବୀମାନଙ୍କର ଏକ ବିଶେଷ ଅଧିବେଶନ ଉତ୍କଳ ସାହିତ୍ୟ ସମାଜର ଶତାବ୍ଦୀ ଭବନଠାରେ ୩୧ ମେ ୨୦୨୬ ରବିବାର ପୂର୍ବାହ୍ଣ ୧୦ଟା ସମୟରେ ଆୟୋଜନ କରାଯାଇଛି । ଚଳିତ ଜନଗଣନା ପରିପ୍ରେକ୍ଷୀରେ ଓଡ଼ିଶା ଓ ପ୍ରବାସୀ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ବୁଦ୍ଧିଜୀବୀମାନେ ଏଥିରେ ଯୋଗ ଦେଇ ଏହି ଶୀର୍ଷକରେ ବିଚାର ବିମର୍ଶ କରି ପରବର୍ତ୍ତୀ ପଦକ୍ଷେପ ସଂପର୍କରେ ନିଷ୍ପତ୍ତି ଗ୍ରହଣ କରିବେ । ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ଝାଡ଼ଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଓ ଡାକ୍ତରୀ ଶିକ୍ଷା ମନ୍ତ୍ରୀ ଡାକ୍ତର ଦିନେଶ କୁମାର ଷଡ଼ଙ୍ଗୀଙ୍କ ଆହ୍ୱାନ କ୍ରମେ ଏହି ସ୍ୱତନ୍ତ୍ର ଅଧିବେଶନ ହେବ। ବୁଦ୍ଧିଜୀବୀଙ୍କ ବିଚାର ବିମର୍ଶ ପରେ ଏ କ୍ଷେତ୍ରରେ କି କି ପଦକ୍ଷେପ ନିଆଯିବ ତାହା ସ୍ଥିର କରାଯିବ ବୋରଲି ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଓ ସଂଗଠନ ସଂପାଦକ ଶଶିକାନ୍ତ ରାଉତ ଏକ ପ୍ରେସ୍‌ବାର୍ତ୍ତାରେ ଜଣାଇଛନ୍ତି।

# ରହଣିଆସାହି ସ୍କୁଲର ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ରହଣିଆସାହି ପ୍ରାଥମିକ ସ୍କୁଲର ସହକାରୀ ଶିକ୍ଷକ ପଂଚାନନ ବେହେରାଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ସ୍କୁଲ ପରିସରରେ ଶିକ୍ଷାବିତ ମଦନ ମୋହନ ନାୟକଙ୍କ ପୌରୋହିତ୍ୟ ଓ ଶିକ୍ଷକ ମନ୍ମଥ ଦାସଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା।ଏଥିରେ ମୁଖ୍ୟଅତିଥି ଭାବେ ଏବିଇଓ ଲକ୍ଷ୍ମୀପ୍ରିୟା ମାଝୀ ଯୋଗଦେଇ ସାମାଜିକ ସଂସ୍କୃତି ଅବସର ନିଃସଙ୍ଗତାକୁ ଦୂର କରିପାରେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସମ୍ପାଦକ ମନୋରଞ୍ଜନ ନାୟକ, ବରେଣ୍ୟ ଅତିଥି ଭାବେ ସରପଂଚ କିର୍ତୀଚନ୍ଦ୍ର ସେଠୀ, ପୂର୍ବତନ ବିଇଓ ମଧୁସୂଦନ ସେଣ୍ଠ, ପୂର୍ବତନ ଏବିଇଓ ଦାମୋଦର ଜେନା, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମାୟାଧର ସାହୁ, ସମ୍ପାଦକ ରମାକାନ୍ତ ଦାସ, ସଙ୍ଗଠନ ସମ୍ପାଦକ ଶ୍ରୀନାଥ ମଲିକ, କାର୍ଯ୍ୟକାରୀ ସମ୍ପାଦକ ବଂଶୀଧର ଦାସ, ଉପସଭାପତି କଲାମ ଖାଁ, ଜିଲା କୋଷାଧକ୍ଷ ଗିରିଧାରୀ ଚାନ୍ଦ, ଶିକ୍ଷା କମିଟି ସଭାପତି ମନୋଜ କୁମାର ନାୟକ, ସିଆରସିସି ବିଭୂତି ଭୂଷଣ ରାଉତ, ପୂର୍ବତନ ସିଆରସିସି ପ୍ରମୁଖ ଉପସ୍ଥିତ ଥିଲେ।




କଟକ ସହିଦ୍ ଭବନରେ ମହାନଗର ନିଗମର ୧୫୦ ତମ ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥିଗଣ


# ନିଷ୍ଠାର ସହ ସେବା କରୁଥିବା ଅଧିକାରୀଙ୍କୁ ସମ୍ମାନ ଦିଅନ୍ତୁ

ଅସ୍ତରଙ୍ଗ, (ପିପିଏସ୍) : ସରକାରୀ କାର୍ଯ୍ୟାଳୟ ମାନେ ଜନସେବାର ମନ୍ଦିର। ସେଠାରେ ବସି ଜଣେ କର୍ମଚାରୀ ଗରିବ ଲୋକଙ୍କ ଆବାସ, ରାସନ, ପାନୀୟ ଜଳ ପାଇଁ ଫାଇଲ ଦେଖନ୍ତି। କିନ୍ତୁ ସେହି ମନ୍ଦିର ଭିତରକୁ ଯଦି ଗୁଣ୍ଡାରାଜ ପଶିଯାଏ ତେବେ ସୁଶାସନର କଣ ହେବ ? ପୁରୀ ଜିଲ୍ଲା କାକଟପୁର ବ୍ଲକରେ ଘଟିଥିବା ଘଟଣା ଏହି ପ୍ରଶ୍ନକୁ ଆଉ ଥରେ ଉଠାଇଛି।

କିଛି ଦିନ ତଳେ କାକଟପୁର ବ୍ଲକ କାର୍ଯ୍ୟାଳୟରେ ଥିବା କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କକ୍ଷକୁ କିଛି ବ୍ୟକ୍ତି ପ୍ରବେଶ କରି ଅଶୋଭନୀୟ ବ୍ୟବହାର କରିଥିଲେ। କାଗଜପତ୍ର ଉଠାଇଥିଲେ ଏବଂ ଉଚ୍ଚ ସ୍ୱରରେ ଆବାଜ କରି ଧମକାଇଥିଲେ। ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ବୁଧବାର ପୂର୍ବାହ୍ନରେ କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ ଓ ବିଡିଓ ଶ୍ରୀଯୁକ୍ତ ନାରାୟଣ ଦୀକ୍ଷିତି ସାମ୍ବାଦିକ ସମ୍ମିଳନୀ କରି ଘଟଣାର ତୀବ୍ର ନିନ୍ଦା କରିଛନ୍ତି। ବିଡିଓ ଶ୍ରୀ ଦୀକ୍ଷିତି କହିଥିଲେ , ଆବାସ ଯୋଜନାରେ ହିତାଧିକାରୀ ଚୟନ ପାଇଁ ଅଭିଯୋଗ ପିରିୟଡ ଚାଲିଛି। ଯାହାଙ୍କ ନାମ ଅଛି ତାଙ୍କର ତଦନ୍ତ ହେଉଛି, ଯାହାଙ୍କ ନାମ ନାହିଁ ସେ ଆବେଦନ କଲେ ତଦନ୍ତ ହେବ। ନିୟମ ଅନୁସାରେ ଯୋଗ୍ୟ ଲୋକ ଘର ପାଇବେ। ଏଥିରେ ତୃତୀୟ ବ୍ୟକ୍ତିଙ୍କ ହସ୍ତକ୍ଷେପର କୌଣସି ଆବଶ୍ୟକତା ନାହିଁ। କିନ୍ତୁ ମୁଁ ତହସିଲ କାର୍ଯ୍ୟରେ ଥିବା ବେଳେ ସେମାନେ ସଂଘବଦ୍ଧ ଭାବେ ଅଫିସକୁ ପଶି ଯନ୍ତ୍ରୀଙ୍କୁ ମାନସିକ ନିର୍ଯାତନା ଦେଇଛନ୍ତି। ବ୍ଲକ କର୍ମଚାରୀ ଯଦି ନିଜକୁ ନିରାପଦ ମଣିବେ ନାହିଁ, ତେବେ ସେମାନେ କିପରି ନିରପେକ୍ଷ ଭାବେ ବିକାଶ କାର୍ଯ୍ୟ କରିବେ ?

ବ୍ଲକ ଅଧକ୍ଷ ଶ୍ରୀଧର ନାୟକ କହିଛନ୍ତି , କାକଟପୁର ହେଉଛି ନିର୍ବାଚନ ମଣ୍ଡଳୀ ହେଡକ୍ୱାଟର। ଏଠାରୁ ଲକ୍ଷାଧିକ ଲୋକଙ୍କ ଭାଗ୍ୟ ନିର୍ଦ୍ଧାରିତ ହୁଏ। ସରକାରଙ୍କ ପ୍ରତିଟି ଯୋଜନା ଏଠାରୁ ଲୋକଙ୍କ ପାଖରେ ପହଞ୍ଚେ। କିନ୍ତୁ କର୍ମରତ ଅଫିସରଙ୍କୁ କାର୍ଯ୍ୟାଳୟ ଭିତରେ ପଶି ଖରାପ କରିବା କେବେବି ଗ୍ରହଣୀୟ ନୁହେଁ। ସାମ୍ବାଦିକ ଭାବେ ଆମେ ପ୍ରଶ୍ନ ପଚାରିପାରିବା, କିନ୍ତୁ ସେଇଟା ସମ୍ମାନର ସହ ହେବା ଦରକାର। ଘଟଣା ପରେ ଆମେ ଜିଲ୍ଲାପାଳ, ପ୍ରକଳ୍ପ ଅଧିକାରୀ, ଏସପି ଓ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛୁ। ଏହି ଘଟଣାକୁ ନେଇ ଗତ ୭ତାରିଖ ରେ କାକଟପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକାରୀ ହେଉଛନ୍ତି ବ୍ଲକର ଜଣେ କର୍ମଚାରୀ। ଅଭିଯୋଗରେ ୮ଜଣ ବ୍ୟକ୍ତି ସମ୍ପୃକ୍ତ ଥିବା କୁହାଯାଇଛି। ଅଭିଯୋଗ ଆଧାରରେ କାକଟପୁର ଥାନା କେସ ନଂ ୨୫୮/୨୦୨୬ ରୁଜୁ ହୋଇ ବିଏନଏସ ୨୦୨୩ର ବିଭିନ୍ନ ଧାରାରେ ତଦନ୍ତ ଜାରି ରହିଛି।

ସରକାରୀ କର୍ମଚାରୀ ହେଉଛନ୍ତି ଗଣତନ୍ତ୍ର ମେରୁଦଣ୍ଡ। ସେମାନେ ଭୟମୁକ୍ତ ହୋଇ କାମ କରିପାରିଲେ ହିଁ ସରକାରଙ୍କ ଯୋଜନା ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚିବ। କାର୍ଯ୍ୟାଳୟ ହେଉଛି ସେବା କେନ୍ଦ୍ର, ନା ଯୁଦ୍ଧକ୍ଷେତ୍ର। ତେଣୁ କର୍ମଚାରୀଙ୍କୁ ସମ୍ମାନ ଦେବା ସହ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସମାଜ ଓ ପ୍ରଶାସନ ଉଭୟଙ୍କ ଦାୟିତ୍ୱ। ସାମ୍ବାଦିକତାର ଚତୁର୍ଥ ସ୍ତମ୍ଭ ହେଉଛି ଗଣତନ୍ତ୍ରର ଦର୍ପଣ। ଦର୍ପଣର କାମ ହେଉଛି ସତ୍ୟ ଦେଖାଇବା, ନା ପଥର ମାରିବା। ଅଫିସରଙ୍କୁ ପ୍ରଶ୍ନ କରନ୍ତୁ, ତଥ୍ୟ ଖୋଜନ୍ତୁ, ଅନିୟମିତ ଉଠାନ୍ତୁ। ସଂମ୍ମାନ ଶହ ପ୍ରଶ୍ନ କରନ୍ତୁ।କିନ୍ତୁ କାର୍ଯ୍ୟାଳୟ ଭିତରେ ପଶି ଉଚ୍ଚ ଶବ୍ଦ ରେ ପ୍ରଶ୍ନ କରିବା ଗ୍ରହଣୀୟ ନୁହେଁ,ତାହା ଅରାଜକତା। ଦାୟିତ୍ୱବାନ ସାମ୍ବାଦିକତା ହିଁ ସମାଜକୁ ଆଗକୁ ନେଇପାରେ। ପ୍ରଶାସନ ସ୍ପଷ୍ଟ କରିଦେଇଛି, ଯୋଗ୍ୟ ହିତାଧିକାରୀଙ୍କୁ ନ୍ୟାୟ ମିଳିବ। କିନ୍ତୁ ଆଇନକୁ ହାତକୁ ନେଲେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବ। କାକଟପୁର ଘଟଣା ସାରା ରାଜ୍ୟ ପାଇଁ ଏକ ସତର୍କ ସଙ୍କେତ।



## ଇଂଲଣ୍ଡ ବିପକ୍ଷରେ ଚତୁର୍ଥ ଟ୍ୱେଣ୍ଟି-୨୦

# ଭାରତ ପାଇଁ କର ବା ମର; ଫେରିପାରନ୍ତି ସାମ୍ସନ୍



ବ୍ରିଷ୍ଟଲ : ୟୁକେ ଗସ୍ତରେ ବିଜୟ ପାଇଁ ସଂଘର୍ଷ କରୁଥିବା ଶ୍ରେୟସ ଆୟରଙ୍କ ଭାରତୀୟ ଦଳ ଗୁରୁବାର ଏଠାରେ ଇଂଲଣ୍ଡ ବିପକ୍ଷରେ ଚତୁର୍ଥ ଟ୍ୱେଣ୍ଟି-୨୦ ଖେଳିବ। ଆୟର୍ଲାଣ୍ଡଠୁ ୦-୨ରେ ଶୃଙ୍ଖଳା ହାରିବା ପରେ ଇଂଲଣ୍ଡ ଗସ୍ତ କରିଥିଲା ଭାରତ। ଘରୋଇ ଦଳ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ଅଧାରୁ ବାତିଲ ହୋଇଥିଲା ବେଳେ ପରବର୍ତ୍ତୀ ୨ ମ୍ୟାଚ୍‌ରେ ଭାରତ ହାରିଯାଇଥିଲା। ଫଳରେ ଏହି ଶୃଙ୍ଖଳାରେ ଭାରତ ୦-୨ ପଛରେ ରହିଛି। ତେଣୁ ଦ୍ୱିତୀୟ ଟ୍ୱେଣ୍ଟି-୨୦ରେ ଲଜ୍ୟାଜନକ ୧୨୫ ରନ୍ ହାରିଥିବା ଭାରତ ପାଇଁ ଶୃଙ୍ଖଳାକୁ ଜୀବିତ ରଖିବା ଲାଗି ଚତୁର୍ଥ ମ୍ୟାଚ୍ କର ବା ମର ସଦୃଶ ହୋଇଯାଇଛି।

ୟୁକେ ଗସ୍ତର ପ୍ରଥମ ୩ ମ୍ୟାଚ୍‌ରେ ସଂଜୁ ସାମ୍ସନ୍ ବିଫଳ ହେବାରୁ ତାଙ୍କ ସ୍ଥାନରେ ୧୫ ବର୍ଷୀୟ ବାଳକ ବେଭବ ସୂର୍ଯ୍ୟବଂଶୀଙ୍କୁ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଓ ତୃତୀୟ ଟ୍ୱେଣ୍ଟି-୨୦ରେ ଖେଳାଯାଇଥିଲା। ଏହି ଦୁଇ ମ୍ୟାଚ୍‌ରେ ସୂର୍ଯ୍ୟବଂଶୀ ୧୪ ଓ ୧୩ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଏବେ ମୁଖ୍ୟ ପ୍ରଶିକ୍ଷକ ଗେତମ ଗମ୍ଭୀର ଚତୁର୍ଥ ମ୍ୟାଚ୍‌ରେ ସଂଜୁଙ୍କୁ ଫେରାଇବାକୁ ଚିନ୍ତା କରୁଛନ୍ତି। ଟ୍ରେଣ୍ଟ ବ୍ରିଜ୍‌ରେ ଘରୋଇ ଦଳ ସମ୍ମୁଖରେ ଆଶ୍ଚର୍ଯ୍ୟଜନକ ଭାରତଆତ୍ମସମର୍ପଣ କରି ଦେଇଥିଲା। ଏହି ମ୍ୟାଚ୍‌ରେ ଜୋଫ୍ରା ଆର୍ଚର ଓ ଜୋସ୍ ଟଙ୍ଗଙ୍କ ବୋଲିଂକୁ ସାମ୍ନାକରି ନପାରି ଭାରତ ମାତ୍ର ୭୬ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏହି ପ୍ରଦର୍ଶନ ଯୋଗୁଁ ଲଗାତାର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜେତା ଭାରତ ସମାଲୋଚନାର ଶିକାର ହୋଇଛି। ଏବେ ଦଳ ଚତୁର୍ଥ ଟ୍ୱେଣ୍ଟି-୨୦ ଜିତିବାକୁ ନୂଆ କୌଶଳ ସହ ପଡ଼ିଆକୁ ଓହ୍ଲାଇବାକୁ ଚିନ୍ତା କରୁଛି। ଦ୍ରୁତ ଆରମ୍ଭ ପାଇଁ ସୂର୍ଯ୍ୟବଂଶୀ ଓ ଅଭିଷେକ ଶର୍ମା ପୂର୍ବ ପରି ଓପନିଂ କରିବେ। ଉପଅଧିନାୟକ ତିଲକ ବର୍ମା ବିଫଳ ହେଉଥିବାରୁ ତାଙ୍କୁ ନେଇ ଦଳ ଚିନ୍ତାରେ ରହିଛି। ସାମ୍ସନ୍ ଫେରିଲେ ମଧ୍ୟକ୍ରମରେ ଅଦଳବଦଳ ହେବ। ଦ୍ରୁତ ବୋଲିଂ ବାହିନୀ ଭଲ କରୁଥିଲା ବେଳେ ସ୍ପିନ୍ ପ୍ରଦର୍ଶନ ଭଲ ରହିନି। ଏଥିରେ କିଛି ମଧ୍ୟ ବଦଳାଇପାରେ ଭାରତୀୟ ମାନେଜ୍‌ମେଣ୍ଟ। ଅନ୍ୟପକ୍ଷରେ ବିଜୟ ଜାରି ରଖିଥିବାରୁ ପୂର୍ବ ଚୂଡ଼ାନ୍ତ ଏକାଦଶରେ କେଣସି ପରିବର୍ତ୍ତନ କରି ନପାରେ ଘରୋଇ ଦଳ।

**ସମ୍ଭାବ୍ୟ ଭାରତୀୟ ଦଳ:** ବେଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ଈଶାନ କିଶନ (ୱିକେଟ୍‌ରକ୍ଷକ), ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା (ଉପଅଧିନାୟକ)/ସଞ୍ଜୁ ସାମ୍ସନ୍, ଶିବମ ଦୁବେ, ଅକ୍ଷର ପଟେଲ, ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରିନ୍ସ ଯାଦବ, ବରୁଣ ଚକ୍ରବର୍ତ୍ତୀ।

**ସମ୍ଭାବ୍ୟ ଇଂଲଣ୍ଡ ଦଳ:** ଫିଲ୍ ସଲ୍ଟ, ଜୋସ୍ ବଟଲର (ୱିକେଟ୍‌ରକ୍ଷକ), ହାରି ବ୍ରୁକ୍ (ଅଧିନାୟକ), ଜ୍ୟାକବ୍ ବେଥେଲ, ଟମ୍ ବାଣ୍ଟନ, ସାମ୍ କରନ, ୱିଲ୍ ଜ୍ୟାକ୍ସ, ଲିଅମ ଡ'ସନ୍, ଜୋଫ୍ରା ଆର୍ଚର, ଜୋସ ଟଙ୍ଗ, ଆଦିଲ ରସିଦ। ପ୍ରସାରଣ: ସୋନି ସ୍ପୋର୍ଟସ, ସୋନି ଲିଭ୍।

# ବ୍ରାଜିଲର ବିଶ୍ୱକପ୍ ବିଦାୟ ପରେ ନେମାରଙ୍କ ଅବସର ଘୋଷଣା



ନ୍ୟୁଜର୍ସି : ବ୍ରାଜିଲିୟ ଷ୍ଟାର ନେମାର ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ବ୍ରାଜିଲ ଫିଫା ବିଶ୍ୱକପ୍ ୨୦୨୬ରୁ ବିଦାୟ ନେବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଆଜି ନରୱେ ରାଉଣ୍ଡ ଅଫ୍ ୧୬ମ୍ୟାଚ୍‌ରେ ବ୍ରାଜିଲକୁ ୨-୧ ଗୋଲରେ ପରାସ୍ତ କରି ସେମାନଙ୍କର ଅଭିଯାନ ଶେଷ କରିଛି।

ସେ ମେଟଲାଇଫ୍ ଷ୍ଟାଡିୟମ (ନ୍ୟୁ ଜର୍ସି)ରେ ଖେଳି ତାଙ୍କ କ୍ୟାରିଅର ଆରମ୍ଭ କରିଥିଲେ। ସେ ସେହି ଗ୍ରାଉଣ୍ଡରେ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ମଧ୍ୟ ଖେଳିଥିଲେ। ୯୦ ମିନିଟ୍ ପରେ ଅତିରିକ୍ତ ସମୟ ଶେଷ ହେବାର କିଛି ସମୟ ପୂର୍ବରୁ ସେ ବ୍ରାଜିଲର ପ୍ରଥମ ଗୋଲ ସ୍କୋର କରିଥିଲେ। କିନ୍ତୁ ନରୱେ ପୂର୍ବରୁ ଦୁଇଟି ଗୋଲ ସ୍କୋର କରିସାରିଥିଲେ। ଅବସର ଘୋଷଣା କରି ନେମାର କହିଥିଲେ ଯେ ସେ କ୍ଳାନ୍ତ।

**ମୁଁ କ୍ଳାନ୍ତ ଅନୁଭବ କରୁଛି: ନେମାର**

ବ୍ରାଜିଲ ବନାମ ନରୱେ ମ୍ୟାଚ୍‌ର ଶେଷ ହୁଇସିଲ ବାଜିବା ପରେ ବ୍ରାଜିଲର ବିଶ୍ୱକପ୍ ବିଦାୟ ହୋଇଥିଲା। ନେମାର ଆନୁଷ୍ଠାନିକ ଭାବରେ ତାଙ୍କର ଅବସର ଘୋଷଣା କରିଥିଲେ। ମୁଁ ବହୁତ ଚେଷ୍ଟା କରିଥିଲି। କିନ୍ତୁ ସବୁକିଛି ଶେଷ ହୋଇଗଲା। ମୁଁ କ୍ଳାନ୍ତ, ମୁଁ କ୍ଳାନ୍ତ ଏବଂ ମୁଁ ମେଟଲାଇଫ୍ ଷ୍ଟାଡିୟମରେ ଆରମ୍ଭ କରିଥିଲି ଏବଂ ମୁଁ ଏଠାରେ ମୋର ଅନ୍ତର୍ଜାତୀୟ ଯାତ୍ରା ଶେଷ କରୁଛି, ସେ କହିଥିଲେ।

# ଜାତୀୟସ୍ତର ସ୍କେଟିଙ୍ଗ ପ୍ରତିଯୋଗିତାରେ ଚମକିଲେ ଓଡିଆ ପୁଅ ଦିବ୍ୟାଂଶୁ

ବ୍ରହ୍ମପୁର, (ପିପିଏସ୍): ରୋଲର୍ ସ୍କେଟିଙ୍ଗ ଫେଡେରେସନ ଅଫ୍ ଇଣ୍ଡିଆ ତରଫରୁ ଆନ୍ଧ୍ରପ୍ରଦେଶ ରୋଲର୍ ସ୍କେଟିଙ୍ଗ ଆସୋସିଏସନ୍ ଦ୍ୱାରା ଆୟୋଜିତ ତିନିଦିନିଆ ତଥା ଚଳିତ ମାସ ୩, ୪ ଓ ୫ ତାରିଖରେ ସର୍ବ ଭାରତୀୟ ପ୍ରତିଯୋଗିତାରେ ବ୍ରହ୍ମପୁରର ଦିବ୍ୟାନଶୁ ଦେବ ଜେନା ବ୍ରୋଞ୍ଜ ପଦକ ହାସଲ କରି ଏକ ବିରଳ କୃତିତ୍ୱ ହାସଲ କରିଛନ୍ତି। ଏହି ଅର୍ଟିଷ୍ଟିକ ପ୍ରତିଯୋଗୀତାରେ ଦେଶର କୋଣ ଅନୁକୋଣରୁ ପ୍ରତିଯୋଗି ମାନେ ଭାଗ ନେଇଥିବା ବେଳେ ୧୦ରୁ ୧୨ବର୍ଷ ପ୍ରତିଯୋଗୀତାରେ ଭାଗ ନେଇ ଦିବ୍ୟାନଶୁ ଏହି ସଫଳତାକୁ ହାତେଇଛନ୍ତି। ଦିବ୍ୟାନଶୁ ପୂର୍ବରୁ ତିନୋଟି ଜାତୀୟ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ବି ଏହି ପ୍ରତିଯୋଗୀତାରେ ମେଡାଲ ଆଣିବାରେ କୃତକାର୍ଯ୍ୟ ହୋଇପାରିଛନ୍ତି। ସେ ବ୍ରହ୍ମପୁରର କେସି ଗ୍ରୁପ୍ ଅଫ୍ ସ୍କୁଲରେ ପଞ୍ଚମ ଶ୍ରେଣୀରେ ପଢନ୍ତି ଏବଂ ଦ ସ୍ପୋର୍ଟସ ଏରିନା ଠାର ଗୁରୁ ତଥା ପିତା ବିଭୂତି ଭୂଷଣ ଜେନାଙ୍କ ଠାରୁ ଟ୍ରେନିଂ ନିଅନ୍ତି। ଏହି ସଫଳତା ପାଇଁ ସ୍କୁଲ ଅଧ୍ୟକ୍ଷ, ସାଥୀ ଖେଳାଳି ଅଭିବାବକ ଓ ବୁଦ୍ଧିଜୀବୀଙ୍କ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# କ୍ୱାର୍ଟରଫାଇନାଲ୍ ଲଢ଼େଇ ପୂର୍ବରୁ ଇଂଲଣ୍ଡ ଓ ନରୱେ ପ୍ରଧାନମନ୍ତ୍ରୀଙ୍କ ଜର୍ସି ଅଦଳବଦଳ



ନୂଆଦିଲ୍ଲୀ: ଚଳିତ ବିଶ୍ୱକପ୍‌ର ଶୁକ୍ରବାର ମିଆମିରେ ଖେଳାଯିବାକୁ ଥିବା କ୍ୱାର୍ଟରଫାଇନାଲ୍‌ରେ ଇଂଲଣ୍ଡ ଓ ନରୱେ ମୁହାଁମୁହିଁ ହେବେ। ଏହି ମ୍ୟାଚ୍ ପୂର୍ବରୁ ୟୁକେ ପ୍ରଧାନମନ୍ତ୍ରୀ କେଇର ଷ୍ଟାର୍ମର ଓ ନରୱେ ପ୍ରଧାନମନ୍ତ୍ରୀ ଜୋନାସ ଗାର ଷ୍ଟୋର ନିଜ ନିଜ ଦେଶର ଫୁଟ୍‌ବଲ୍ ଜର୍ସି ଅଦଳବଦଳ କରିଛନ୍ତି। ତୁର୍କିରେ ଚାଲିଥିବା ନାଟୋ ଶିଖର ସମ୍ମିଳନୀ ଅବସରରେ ଏମାନଙ୍କ ବନ୍ଧୁତ୍ୱପୂର୍ଣ୍ଣ ଜର୍ସି ଆଦାନପ୍ରଦାନ ଫୁଟବଲ୍ ପ୍ରଶଂସକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସାମାଜିକ ଗଣମାଧ୍ୟରେ ପୋଷ୍ଟ ହୋଇଥିବା ଭିଡିଓରେ ନରୱେର ପ୍ରସିଦ୍ଧ 'ରୋର' ଉତ୍ସବ ଷ୍ଟୋର ପାଳନ କରୁଥିବାର ଦେଖଯାଇଛି। ଦୁଇ ପ୍ରଧାନମନ୍ତ୍ରୀ ଫୁଟ୍‌ବଲ୍ ଜର୍ସି ପିନ୍ଧି ରାଜନୀତିକୁ ଫୁଟ୍‌ବଲ୍ ସହିତ ଯୋଡ଼ିଛନ୍ତି। ଏହି ଅବସରରେ ଷ୍ଟାମରଙ୍କୁ ଷ୍ଟୋର ନରୱେ ଫୁଟ୍‌ବଲ୍‌ର କିଛି ଅଭୁଲା ମୁହୂର୍ତ୍ତ ବିଷୟରେ କହିଛନ୍ତି।

ସେ କହିଛନ୍ତି, 'ଆପଣ ଜାଣିଛନ୍ତି, ୪୫ ବର୍ଷ ତଳେ ନରୱେ ଯୋଗ୍ୟତା ପର୍ଯ୍ୟାୟରେ ଇଂଲଣ୍ଡ ସହ ଖେଳିଥିଲା। ଏହି ମ୍ୟାଚ୍ ଆମେ ଜିତିଥିଲୁ। ସେତେବେଳେ ରେଡିଓ ଭାଷ୍ୟକାର କହିଥିଲେ, 'ମାଗି ଟାର୍ଚର ଆପଣ ମୋତେ ଶୁଣିପାରୁଛନ୍ତି ଆପଣଙ୍କ ପୁଅମାନେ ବଡ଼ଧରଣର ପରଜାୟର ସମ୍ମୁଖୀନ କରିଛନ୍ତି'। ଆମ ଦଳକୁ ଦୁର୍ବଳ ମନେ କରୁନ୍ତୁନି। ୫ ଥରର ବିଶ୍ୱବିଜେତାକୁ ହରାଇ ଆମେ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଛୁ'। ଏହାର ମଜାଦାର ପ୍ରତିକ୍ରିୟା ରଖି ଷ୍ଟାର୍ମର କହିଥିଲେ, 'ହଁ, ଆପଣ ଭୁଲି ଯାଉଛନ୍ତି, ଇଂଲଣ୍ଡ ୧୯୬୬ରେ ଲେବର ସରକାର ଅଧୀନରେ ବିଶ୍ୱକପ୍ ଜିତିଥିଲା। ତେଣୁ ଏଥର ଅମ ସମୟ'। ପଛରେ ନ ପଡ଼ିବା ପାଇଁ ଷ୍ଟୋର୍ର ହସିହସି ଜର୍ସିରେ ସ୍ୱାକ୍ଷର କରି କହିଥିଲେ, ଅପେକ୍ଷା କର ଓ ଦେଖ। ଏହା ଏକ ବଡ଼ ମ୍ୟାଚ୍ ହେବ। ଆପଣଙ୍କ ସହ ମିଶି ଖୁସି ଲାଗିଲା। ସୂଚନାଯୋଗ୍ୟ, ନରୱେ ୨-୧ରେ ବ୍ରାଜିଲ୍‌କୁ ଏବଂ ଇଂଲଣ୍ଡ ୩-୨ରେ ସହଆୟୋଜକ ମେକ୍ସିକୋ ହରାଇ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଛନ୍ତି।


## ସପ୍ତାହର ଶେଷରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୫-୧୧ ଜୁଲାଇ ୨୦୨୬ ପିଲାଙ୍କ ବହିରେ ତ୍ରୁଟି




**ଜାତୀୟ:** ଟିଏମ୍‌ସିର କମାଣ କାହା ହାତରେ
**ଅନ୍ତର୍ଜାତୀୟ:** ପରମାଣୁ ଯୁଦ୍ଧ ମୁହଁରେ ବିଶ୍ୱ !
**ବିଶେଷ ପ୍ରସଙ୍ଗ:** ଖସିଯିବେ କି ଦୋଷୀ
**କ୍ଷୁଦ୍ରଗଳ୍ପ :** ଅବ୍ୟକ୍ତ ଯନ୍ତ୍ରଣା
**ନାରୀ :** କାର୍ଗୋ ପ୍ୟାଣ୍ଟ ଫ୍ୟାଶନ
**ଚଳଚ୍ଚିତ୍ର :** ଏବେ ଚିକେନ୍ ବିକୁଛନ୍ତି ପେରିଜାଦ ଜୋରାବିଆନ
**ଖେଳ:** ଇତିହାସ ରଚିଲେ ଜୋ ରୁଟ୍
**ଭର୍ତ୍ତୃହରି ମହତାବଙ୍କ ଶେଷପୃଷ୍ଠା:** ଅଧିକାଂଶ ଦଳ ଭାଙ୍ଗୁଛି କାହିଁକି
**ଏଥିରେ ଅଛି ମୀନାବଜାର :** ମୀନାବଜାର: ଫୁଲଟିଏ ତୋଳିଲା, ଶାସ୍ତି ପାଇଲା, ଚର୍ଚ୍ଚାରେ: ଫ୍ରାନ୍ସର ଭର୍ସେଲ୍ସ ପ୍ୟାଲେସ୍, ବିଜ୍ଞାନ: ନାଇଟ୍ ଭିଜନରେ ସବୁକିଛି ସବୁଜ, ପର୍ଯ୍ୟଟନ: ପର୍ଯ୍ୟଟନର ଗନ୍ତାଘର ବୌଦ୍ଧ ଜିଲ୍ଲା, ଜାଣନ୍ତି କି : କେଉଁ ସାଂସଦଙ୍କୁ ମିଳେ ଅଧିକ ଦରମା, ସ୍ୱାସ୍ଥ୍ୟ: ବର୍ଷାରେ କେମିତି ରହିବେ ଫିଟ, ଧର୍ମ: ତୁଳସୀ ମାଳ ଚଢ଼ାଇଲେ କାହିଁକି ପ୍ରସନ୍ନ ହୁଅନ୍ତି ବଜରଙ୍ଗବଲୀ କବିତା: ବରଷାକୁ ନାହିଁ ଭରସା ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ପର୍ତ୍ତୁଗାଲକୁ ହରାଇ କ୍ୱାର୍ଟରଫାଇନାଲରେ ସ୍ପେନ୍



ଡାଲାସ୍ : ଚଳିତ ଫିଫା ଫୁଟ୍‌ବଲ ବିଶ୍ୱକପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି ସ୍ପେନ୍। ସୋମବାର ରାତିରେ ଖେଳା ଯାଇଥିବା ପ୍ରିକ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ପର୍ତ୍ତୁଗାଲ୍‌କୁ ୧-୦ ଗୋଲ୍‌ରେ ସ୍ପେନ୍ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟ ସରିବାକୁ କେଇ ମିନିଟ ବାକିଥିବା ବେଳେ ସ୍ପେନ୍‌ର ମିକେଲ ମେରିନୋ ଗୋଲ୍‌ଦେଇ ଦଳକୁ ଶେଷ ୮ଟି ଦଳଙ୍କ ମଧ୍ୟରେ ସ୍ଥାନ ଦେଇଛନ୍ତି। ୨୦୧୦ ପରେ ସ୍ପେନ୍ ବିଶ୍ୱକପ୍‌ର କ୍ୱାର୍ଟରଫାଇନାଲରେ ପହଞ୍ଚିଛି। ଅନ୍ୟପକ୍ଷରେ ତାଙ୍କର ଅନ୍ତିମ ବିଶ୍ୱକପ୍ ଖେଳୁଥିବା ପର୍ତ୍ତୁଗାଲର ତାରକା ଷ୍ଟ୍ରାଇକର କ୍ରିଷ୍ଟିଆନୋ ରୋନାଲ୍‌ଡୋ ନିରାଶାର ସହ ବିଦାୟ ନେଇଛନ୍ତି।

୨୦୧୦ରେ ବିଶ୍ୱକପ୍ ଚମ୍ପିଆନ୍ ହୋଇଥିବା ସ୍ପେନ୍ ଆରମ୍ଭରୁ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିବାର ପ୍ରୟାସ କରିଥିଲା। ୮ ମିନିଟରେ ସ୍ପେନ୍‌ର ଗୋଲ୍‌ଦେବାର ପ୍ରଥମ ସୁଯୋଗ ମିଳିଥିଲା। ଡାନି ଓଲ୍‌ମୋ ଦେଇଥିବା ଚମତ୍କାର ପାସ୍‌ରୁ ମିକେଲ ଓୟାରଜାବାଲ ମାରିଥିବା ସଟ୍ ଗୋଲ୍‌ପୋଷ୍ଟର ସାମାନ୍ୟ ବାହାରେ ଚାଲି ଯାଇଥିଲା। ୧୨ ମିନିଟରେ ବ୍ରୁନୋ ଫର୍ଣ୍ଣାଣ୍ଡେଜ୍‌ଙ୍କ ପାସ୍‌ରୁ ପର୍ତ୍ତୁଗାଲର ତାରକା ଖେଳାଳି କ୍ରିଷ୍ଟିଆନୋ ରୋନାଲ୍‌ଡୋ ସଟ୍ ମାରିଥିଲେ ହେଁ ସ୍ପେନ୍ ଗୋଲ୍‌ରକ୍ଷକ ଉନାଇ ସାଇମନ୍ ଏହାକୁ ରୋକି ଦେଇଥିଲେ। ୧୬ ମିନିଟରେ ପର୍ତ୍ତୁଗାଲ୍ ଗୋଲ୍‌ରକ୍ଷକ ଡିଏଗୋ କୋଷ୍ଟା ଦୁଇ ଥର ଗୋଲ୍ ବଞ୍ଚାଇଥିଲେ। ଲାମିନ୍ ୟାମାଲଙ୍କ ସଟ୍‌କୁ ରୋକି ଦେଇଥିଲେ। ଆଲେକ୍ସ ବାଏନା ବଲ୍ ପାଇ ସଟ୍ ମାରିଥିଲେ ହେଁ ଏହାକୁ ମଧ୍ୟ କୋଷ୍ଟା ରୋକିଥିଲେ। ୩୦ ମିନିଟରେ ସ୍ପେନ୍ ପୁଣି ଏକ ସୁଯୋଗ ଛାଡ଼ିଥିଲେ। ପେଡ୍ରିଙ୍କ ପାସ୍‌ରୁ ଡାନି ଓଲ୍‌ମୋ ମାରିଥିବା ସଟ୍‌କୁ ଡିଏଗୋ କୋଷ୍ଟା ରୋକି ଦେଇଥିଲେ। ୩୭ ମିନିଟରେ ସ୍ପେନ୍‌ର ଗୋଲ୍‌ରକ୍ଷକ ଉନାଇ ସାଇମନ ଦୁଇ ଥର ଗୋଲ୍ ବଞ୍ଚାଇଥିଲେ। ପର୍ତ୍ତୁଗାଲର ଜାଓ ଫେଲିକ୍ସଙ୍କ ସଟ୍‌କୁ ସାଇମନ୍ ରୋକିବା ପରେ ରୋନାଲ୍‌ଡୋଙ୍କ ସଟ୍‌କୁ ମଧ୍ୟ ରୋକିଥିଲେ। ୪୧ ମିନିଟରେ କର୍ଣ୍ଣର କିକ୍‌ରୁ ବଲ୍ ପାଇ ପେଡ୍ରୋ ପୋରୋ ହେଡ୍ କରିଥିଲେ ହେଁ ବଲ୍ ବାରେ ବାଜିଥିଲା। ଏହିପରି ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା। ୪୯ ମିନିଟରେ ନ୍ୟୁନୋ ଗୋମ୍‌ସଙ୍କ ପାସ୍‌ରୁ ପର୍ତ୍ତୁଗାଲର ବ୍ରୁନୋ ଫର୍ଣ୍ଣାଣ୍ଡେଜ୍ ଦୁର୍ବଳ ସଟ୍ ମାରିଥିଲେ; ଯାହାକୁ ଉନାଇ ସାଇମନ୍ ସହଜରେ ଧରି ନେଇଥିଲେ। ୫୯ ମିନିଟରେ ରୋନାଲ୍‌ଡୋ ପୁଣି ଏକ ସୁଯୋଗ ଛାଡ଼ିଥିଲେ। ମ୍ୟାଚ୍‌ର ଶେଷ ୨୦ ମିନିଟରେ ଉଭୟ ଦଳ ବିଜୟସୂଚକ ଗୋଲ୍ ପାଇଁ ପ୍ରୟାସ କରିଥିଲେ। ୭୬ ମିନିଟରେ ପର୍ତ୍ତୁଗାଲର ବ୍ରୁନୋ ଫର୍ଣ୍ଣାଣ୍ଡେଜ୍ ଗୋଲ୍ ସମ୍ମୁଖରେ ବଲ୍ ପାଇ ଦିଶାହୀନ ସଟ୍ ମାରିଥିଲେ। ୭୯ ମିନିଟରେ ବଦଳ ଖେଳାଳି ଫେରାନ୍ ଟରେସ୍ ମଧ୍ୟ ବଲ୍‌କୁ ଗୋଲ୍‌ପୋଷ୍ଟ ବାହାରକୁ ମାରିଥିଲେ। ପରେ ମିକେଲ ଓୟାରଜାବାଲଙ୍କ ପାସ୍‌ରୁ ଡାନି ଓଲ୍‌ମୋ ଗୋଲ୍‌ପୋଷ୍ଟକୁ ସଟ୍ ମାରିଥିଲେ ହେଁ ରୁବେନ୍ ଡିଆସ୍ ଡାଇଭ୍ ମାରି ବ୍ଲକ୍ କରିଥିଲେ। ମ୍ୟାଚ୍ ଅତିରିକ୍ତ ସମୟ ଆଡ଼କୁ ଯାଉଥିବା ବେଳେ ଅତିରିକ୍ତ ସମୟରେ ଗୋଲ୍ ଦେଇ ସ୍ପେନ୍ ଆଗୁଆ ହୋଇ ଯାଇଥିଲା। ୯୦+୧ ମିନିଟରେ ଫେରାନ୍ ଟରେସ୍‌ଙ୍କ ପାସ୍‌ରୁ ମିକେଲ୍ ମିରୋନା ଗୋଲ୍‌ଦେଇ ସ୍ପେନ୍‌କୁ ବିଜୟୀ କରିଥିଲେ।

## ଫିଫା ବିଶ୍ୱକପ୍‌ରେ ପ୍ରିକ୍ୱାର୍ଟରଫାଇନାଲ୍ ପର୍ଯ୍ୟାୟ ଶେଷ

# ଶ୍ରେଷ୍ଠ ଯୁବ ଖେଳାଳି ଦୌଡ଼ରେ ବେଆଡ଼ି, ଡୁଏ, ଓ'ରିଲି



ନୂଆଦିଲ୍ଲୀ : ଚଳିତ ଫିଫା ବିଶ୍ୱକପ୍‌ରେ ପ୍ରିକ୍ୱାର୍ଟରଫାଇନାଲ୍ ପର୍ଯ୍ୟାୟ ଶେଷ ହୋଇଛି। ୨୦୦୫ ଜାନୁଆରି ୧ ପରେ ଜନ୍ମ ଗ୍ରହଣ କରିଥିବା ଚଳିତ ବିଶ୍ୱକପ୍‌ର ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ଫିଫା ଯୁବ ଖେଳାଳି ପୁରସ୍କାର ପ୍ରଦାନ କରିବ। ପ୍ରିକ୍ୱାର୍ଟରଫାଇନାଲ୍ ଶେଷ ଭିତରେ ଏହି ପୁରସ୍କାର ଦୌଡ଼ରେ ୪ ଜଣ ଆୟୁବ ବେଆଡ଼ି, ଡିସିରେ ଡୁଏ, ନିକୋ ଓ'ରିଲି ଓ ଲାମିନେ ୟାମାଲ ରହିଛନ୍ତି। ଏବେ ଏମାନେ କ୍ୱାର୍ଟରଫାଇନାଲ୍‌ରେ କିଛି ଚମତ୍କାରିତା ଦେଖାଇବା ଲାଗି ଉତ୍ସାହିତ ଅଛନ୍ତି।

ଆୟୁବ ବେଆଡ଼ି (ମରକ୍କୋ): ମରକ୍କୋକୁ କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ନେବାରେ ମିଡ୍‌ଫିଲ୍‌ଡର ବେଆଡ଼ିଙ୍କ ବଡ଼ ଅବଦାନ ରହିଛି। ପଡ଼ିଆ ଭିତରେ ଓ ବାହାରେ ବେଆଡ଼ିଙ୍କ ବୁଦ୍ଧି ଅତି ଚମତ୍କାର। ୧୫ ବର୍ଷ ବୟସରେ ଏକ ଭାଷଣ ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ। ୧୬ ବର୍ଷ ବୟସରେ ସ୍କୁଲ୍ ଶିକ୍ଷା ଶେଷ କରିଥିଲେ। ଏବେ ସେ ଗଣିତରେ ଡିଗ୍ରୀ କରୁଛନ୍ତି। ବିଶ୍ୱକପ୍‌ରେ ବ୍ରାଜିଲ ବିପକ୍ଷରେ ପଦାର୍ପଣ କରିଥିବା ବେଆଡ଼ି କାନାଡ଼ା ବିପକ୍ଷ ପ୍ରିକ୍ୱାର୍ଟରଫାଇନାଲ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ।

ଡିସିରେ ଡୁଏ (ଫ୍ରାନ୍ସ): ମରକ୍କୋ ବିପକ୍ଷରେ କ୍ୱାର୍ଟରଫାଇନାଲ୍ ଖେଳିବ ଫ୍ରାନ୍ସ। ଏଥିରେ ଦୁଇ ତାରକା ଖେଳାଳି କିଲିଆନ୍ ଏମ୍‌ବାପେ ଓ ମାଇକେଲ ଓଲିସ୍‌ଙ୍କ ଉପରେ ସମସ୍ତଙ୍କ ନଜର ରହିବ। ହେଲେ ଡୁଏଙ୍କୁ କେହି ଅଣଦେଖା କରିପାରିବେନି। ଏହି ପ୍ୟାରିସ ସେଣ୍ଟ ଜର୍ମାନ ଖେଳାଳିଙ୍କ ଲଢ଼େଇ ଯୁବ ଖେଳାଳି ପୁରସ୍କାର ଲାଗି ବେଆଡ଼ିଙ୍କ ସହ ହେବ। ଏହି ୨୧ ବର୍ଷୀୟ ଖେଳାଳି ଦଳର ୫ ମ୍ୟାଚ୍‌ରୁ ୩ଟିରେ ପ୍ରଥମ ଏକାଦଶରେ ଥିବା ବେଳେ ଗୋଟିଏ ଗୋଲ୍ କରିବାକୁ ସକ୍ଷମ ହୋଇଛନ୍ତି। ସେ ନିଜର ବିଶ୍ୱକପ୍‌ର ପ୍ରଥମ ଗୋଲ୍ ନରୱେ ବିପକ୍ଷରେ ଦେଇଛନ୍ତି।

ନିକୋ ଓ'ରିଲି (ଇଂଲଣ୍ଡ): ଏହି ମାଞ୍ଚେଷ୍ଟର ସିଟି ଲେଫ୍ଟ ବ୍ୟାକ୍ ଖେଳାଳି ଚଳିତ ବିଶ୍ୱକପ୍‌ରେ ଇଂଲଣ୍ଡ ଜିତିଥିବା ସମସ୍ତ ମ୍ୟାଚ୍‌ରେ ଆରମ୍ଭ ଏକାଦଶରେ ରହିଥିଲେ। କେବଳ ଘାନା ସହ ଗୋଲ୍‌ଶୂନ୍ୟ ଡ୍ର' ମ୍ୟାଚ୍‌ରେ ସେ ପ୍ରଥମ ଏକାଦଶରେ ନଥିଲେ। ଏହି ୨୧ ବର୍ଷୀୟ ଖେଳାଳିଙ୍କ ନାଁ ପାସ୍ ଦେଇଥିବା ଶୀର୍ଷ ଖେଳାଳିଙ୍କ ମଧ୍ୟରେ ତୃତୀୟ ଏବଂ ସଫଳ ଟାକେଲ୍‌ରେ ଦ୍ୱିତୀୟରେ ରହିଛି। ସେ ନିଜର ପ୍ରଥମ ବିଶ୍ୱକପ୍ ଗୋଲ୍ ସହଆୟୋଜକ ମେକ୍ସିକୋ ବିପକ୍ଷରେ କରିଛନ୍ତି। ଲାମିନେ ୟାମାଲ (ସ୍ପେନ୍): କାବେ ବର୍ଡେ ବିପକ୍ଷ ମ୍ୟାଚ୍‌ରେ ୧୮ ବର୍ଷୀୟ ୟାମାଲ ବେଞ୍ଚ୍‌ରୁ ଉଠି ଖେଳିଥିଲେ। ଏହାପରେ ସେ ଦଳର ସମସ୍ତ ମ୍ୟାଚ୍‌ରେ ପ୍ରଥମ ଏକାଦଶରେ ରହି ପଡ଼ିଆକୁ ଓହ୍ଲାଇଛନ୍ତି। ରାଉଣ୍ଡ-୩୨ରେ ଅଷ୍ଟ୍ରିଆ ବିପକ୍ଷରେ ବିଶ୍ୱକପ୍‌ର ପ୍ରଥମ ଗୋଲ୍ କରିଥିବା ୟାମାଲଙ୍କୁ ସ୍ପେନ୍ ରାଉଣ୍ଡ-୧୬ରେ ପର୍ତ୍ତୁଗାଲ ବିପକ୍ଷରେ ପୂରା ୯୦ ମିନିଟ୍ ଖେଳାଇଥିଲା। ଏବେ ସେ ୨୦୧୦ ବିଜେତା ବେଲ୍‌ଜିୟମ୍ ବିପକ୍ଷ କ୍ୱାର୍ଟରଫାଇନାଲ୍ ଖେଳିବାକୁ ପୂରା ପ୍ରସ୍ତୁତ ଅଛନ୍ତି।

ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583